


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ♦ISSUE-281 ♦THURSDAY ♦09 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୮୧ ♦ଗୁରୁବାର ♦୦୯ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

# ଆଜି ଆସାମ, କେରଳ, ପୁଡୁଚେରୀରେ ମତଦାନ



■ ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ଆସାମ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ପାଇଁ ଆସନ୍ତାକାଲି ମତଦାନ ହେବାକୁ ଯାଉଛି। କେରଳରେ ୧୪୦ଟି ଆସନ ପାଇଁ ମତଦାନ ହେବାକୁ ଯାଉଥିବା ବେଳେ ଆସାମରେ ୧୨୬ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଆସାମରେ କଂଗ୍ରେସ ଓ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ କେରଳରେ ୧୦ ବର୍ଷ ଧରି ଶାସନରେ ଥିବା ବାମ ସାମ୍ମୁଖ୍ୟକୁ କଡ଼ା ଟକ୍କର ଦେଉଛି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ନେତୃତ୍ୱରେ ବାମପନ୍ଥୀ ମେଣ୍ଟ ଏଲ୍‌ଡିଏଫ୍ କ୍ରମାଗତ ତୃତୀୟଥର ପାଇଁ କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛି। ଏଲ୍‌ଡିଏଫ୍ ୧୦ ବର୍ଷର ଜନକଲ୍ୟାଣକାରୀ ଶାସନକୁ ନେଇ ପ୍ରଚାର କରିଥିବା ବେଳେ, କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ପରିବର୍ତ୍ତନର ଆହ୍ୱାନ ଦେଇଛି। ନିର୍ବାଚନରେ ଏହି ଦୁଇ ମେଣ୍ଟ ମଧ୍ୟରେ ତୀବ୍ର ମୁକାବିଲା ହେବାକୁ ଯାଉଛି। ନିର୍ବାଚନରେ ୟୁଡିଏଫ୍ ଏଥର ଭଲ ସ୍ଥିତିରେ ଥିବା କୁହାଯାଉଛି। ରାଜ୍ୟରେ ବିଜେପି ସ୍ଥିତି ଦୁର୍ବଳ ରହିଛି। ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ କେରଳରେ ଏଲଡିଏଫ୍ ଠାରୁ ୟୁଡିଏଫ୍ କ୍ଷମତା ଛଡ଼ାଇନେବାର ସମ୍ଭାବନା ରହିଛି।



ସେହିପରି ଆସାମରେ ୧୨୬ଟି ଆସନରେ ମତଦାନ ହେବ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିଜର ଦ୍ୱିତୀୟ ଓ ଏନ୍‌ଡିଏ ମେଣ୍ଟ କ୍ରମାଗତ ତୃତୀୟ ପାଳି ପାଇଁ ବିଜୟୀ ହେବାକୁ ଆଶାବାଦୀ। ତେବେ ତାଙ୍କୁ କଡ଼ା ଟକ୍କର ଦେଉଛି କଂଗ୍ରେସ। ସାଂସଦ ଗୌରବ ଗୋଗଇଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛି। ପରାଜୟ ଭୟରେ ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା ସାଂପ୍ରଦାୟିକ ପ୍ରସଙ୍ଗ ଉଠାଇବା ସହିତ ରାଜ୍ୟରେ ସଂପ୍ରଦାୟ ଭିତ୍ତିରେ ଭୋଟ୍ ପାଇଁ ଅଭିଯାନ ଚଳାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ତାଙ୍କର ବିଭିନ୍ନ ପ୍ରକାର ବିବାଦୀୟ ମନ୍ତବ୍ୟ ଏବେ କୋର୍ଟରେ ପହଞ୍ଚିଛି। କେବଳ ଏତିକି ନୁହେଁ, ଏହି ନିର୍ବାଚନରେ ବ୍ୟକ୍ତିଗତ ସ୍ତରକୁ ଓହ୍ଲାଇଆସିଛନ୍ତି ଦୁଇ ଦଳର ନେତା। ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା କଂଗ୍ରେସ ନେତା ଗୋଗଇ ତଥା ତାଙ୍କ ପତ୍ନୀଙ୍କ ବିରୋଧରେ ବ୍ୟକ୍ତିଗତ ଆକ୍ଷେପ କରିଥିବା ବେଳେ ବିଶ୍ୱଶର୍ମାଙ୍କ ପତ୍ନୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ପବନ ଖେରା। ଏହାକୁ ନେଇ ଦୁଇ ନେତା ମୁହାଁମୁହିଁ ହୋଇଛନ୍ତି। ରାଜ୍ୟରେ ▶ପୃଷ୍ଠା-୭

# ଅନିଶ୍ଚିତତାରେ ଯୁଦ୍ଧବିରତି

## ଇସ୍ରାଏଲର 'ଏଟର୍‌ନାଲ୍ ଡାର୍କନେସ'; ପୁଣି ହର୍ମୁଜ ବନ୍ଦ କଲା ଇରାନ

■ ୱାସିଂଟନ/ତେହରାନ, ୮।୪ (ଏଜେନ୍ସି): ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣ ଏବଂ ଯୁଦ୍ଧବିରତିକୁ ନେଇ ଏବେ ବିଚିତ୍ର ସ୍ଥିତିରେ ପହଞ୍ଚିଛି। ସକାଳେ ଯୁଦ୍ଧବିରତି ପାଇଁ ଆମେରିକା ଓ ଇରାନ ସମ୍ମତ ହୋଇଥିଲେ ହେଁ ଅପରାହ୍ନ ସୁଦ୍ଧା ପୁଣି ପରିସ୍ଥିତି ବଦଳିଯାଇଛି। ଆମେରିକା ପକ୍ଷରୁ ଆକ୍ରମଣ ବନ୍ଦ ହୋଇଥିଲେ ମଧ୍ୟ ଇରାନ ଓ ଏହାଦ୍ୱାରା ପରିଚାଳିତ ଛାୟା ସଂଗଠନଗୁଡ଼ିକୁ ଧ୍ୱଂସ କରିବାକୁ ଇସ୍ରାଏଲ୍ ପୁଣି ଆରମ୍ଭ କରିଛି 'ଏଟରନାଲ ଡାର୍କନେସ' ନାମରେ ସାମରିକ କାର୍ଯ୍ୟାନୁଷ୍ଠାନ। ଏହା ପଛରେ ଉଭୟ ଆମେରିକା ଓ ଇସ୍ରାଏଲ୍‌ର ଯୋଜନାବଦ୍ଧ ରଣନୀତି ଥିବା କୁହାଯାଉଛି। ସେହିପରି ଲେବାନନ୍‌ରେ ଇରାନର ସମର୍ଥକ ଗୋଷ୍ଠୀ ହେଜବୁଲ୍ଲା ଉପରେ ମଧ୍ୟ ଇସ୍ରାଏଲ ପ୍ରଚଣ୍ଡ ଆକ୍ରମଣ ଚଳାଇଛି। ପ୍ରଥମେ ଇରାନ ଏବଂ ପରେ ଲୋବନନ୍ ଉପରେ ଇସ୍ରାଏଲର ଘନ ଘନ ଆକ୍ରମଣ ବହୁପ୍ରତୀକ୍ଷିତ ଯୁଦ୍ଧବିରତିକୁ ସଙ୍କଟ ଭିତରକୁ ଠେଲିଦେଇଛି।



### ଇସ୍ରାଏଲ୍ ଆକ୍ରମଣରେ ଲେବାନନ୍‌ରେ ଶତାଧିକ ମୃତ

### ୟୁଏଇ, କୁଏତ ଉପରେ ଇରାନର ୧୭ କ୍ଷେପଣାସ୍ତ୍ର ମାଡ଼

ଇସ୍ରାଏଲର ଏଭଳି ଆକ୍ରମଣରେ କ୍ଷୁବ୍ଧ ଇରାନ ଯୁଦ୍ଧବିରତିରୁ ଓହରିଯିବାକୁ ଧମକ ଦେଇଛି। ଏହାସହିତ ହର୍ମୁଜ ସମୁଦ୍ର ପଥକୁ ପୁଣିଥରେ ବନ୍ଦ କରିଦେଇଛି। ଏହି ପଥରେ କୌଣସି ଜାହାଜ ଆସିଲେ ତାକୁ ଆକ୍ରମଣ କରି ଧ୍ୱଂସ କରିଦିଆଯିବ ବୋଲି ଧମକ ଦେଇଛି ଇରାନ।

ଯୁଦ୍ଧବିରତି ନାମରେ ଇରାନକୁ ୧୪ ଦିନ ଶାନ୍ତ ରଖି ଏହାଦ୍ୱାରା ପରିଚାଳିତ ଛାୟା ସଂଗଠନଗୁଡ଼ିକୁ ନଷ୍ଟ କରିବାକୁ ଆମେରିକା ଓ ଇସ୍ରାଏଲ୍ ମିଳିତ ଯୋଜନା କରିଥିବା ଇରାନର ଶାସନଭାର ହାତକୁ ନେଇଥିବା ଆଇଆର୍‌ଜିସି ସନ୍ଦେହ କରୁଛି। ପରିଣତିସ୍ୱରୂପ ସକାଳେ ହର୍ମୁଜ ପ୍ରଣାଳୀ ଖୋଲିବାକୁ ସମ୍ମତ ହୋଇଥିବା ଇରାନ୍ କୌଣସି ପରିସ୍ଥିତିରେ ଆଉ କୌଣସି ଦେଶ ପାଇଁ ନ ଖୋଲିବାକୁ ନିଷ୍ପତ୍ତି ନେଇଛି ଓ ଆକ୍ରମଣର ପ୍ରତି ଜବାବ ଆକ୍ରମଣରେ ଦେବାକୁ ଘୋଷଣା କରିଛି। ଫଳରେ ପାରସ୍ୟ ଉପସାଗରରେ ଅଟକି ରହିଥିବା ତିନି ହଜାରରୁ ଅଧିକ ତୈଳବାହୀ ଜାହାଜ ଆଗକୁ ବଢ଼ି ପାରୁ ନାହାନ୍ତି। ଇରାନର ନୌସେନା ପକ୍ଷରୁ ସେମାନଙ୍କୁ ଧମକପୂର୍ଣ୍ଣ ବାର୍ତ୍ତା ଦିଆଯାଇଛି।

ଇରାନ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଯୁଦ୍ଧବିରତି ବୁଝାମଣାରେ ସ୍ପଷ୍ଟ ଭାବେ କୁହାଯାଇଥିଲା ଯେ ଲେବାନନ ଉପରେ ମଧ୍ୟ ଆକ୍ରମଣ ହେବନାହିଁ। କିନ୍ତୁ ଏହାସତ୍ତ୍ୱେ ଇସ୍ରାଏଲ ଆଜି ଲେବାନନ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି ଏବଂ ଏଥିରେ ୯୦ରୁ ଅଧିକ ଲୋକ ନିହତ ହେଲେଣି ଏବଂ ୮୦୦ରୁ ଅଧିକ ଆହତ ହୋଇଛନ୍ତି। ଲେବାନନରେ ▶ପୃଷ୍ଠା-୭

## ୟୁଏଇ ବିଶ୍ୱର ପ୍ରଥମ '୧୦ ଗିଗା' ରାଷ୍ଟ୍ର

■ ଦୁବାଇ, ୮।୪ (ଏଜେନ୍ସି): ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ବିଶ୍ୱର ଡିଜିଟାଲ୍ ଭିତ୍ତିଭୂମି କ୍ଷେତ୍ରରେ ଐତିହାସିକ ସଫଳତା ହାସଲ କରିଛି। ଦୁବାଇଠାରେ ଅନୁଷ୍ଠିତ 'ସାମେନା କାଉନସିଲ୍ ଲିଡର୍ସ ସମିଟ୍ ୨୦୨୬' ଅବସରରେ ୟୁଏଇ ବିଶ୍ୱର ପ୍ରଥମ ବ୍ୟବସାୟିକ ୟୁ୬ ଗିଗାହର୍ଜ ଇଣ୍ଟରନେଟ୍ ନେଟୱାର୍କ ଶୁଭାରମ୍ଭ କରିଥିବା ଘୋଷଣା କରିଛି। ଏହି ଯୁଗାନ୍ତକାରୀ ପଦକ୍ଷେପ ସହିତ ୟୁଏଇ ବିଶ୍ୱର ପ୍ରଥମ '୧୦ ଗିଗା' ରାଷ୍ଟ୍ର ଭାବେ ଉଭା ହୋଇଛି।

**ବିଶ୍ୱର ପ୍ରଥମ ବ୍ୟବସାୟିକ ୟୁ୬ଗିଗାହର୍ଜ ଇଣ୍ଟରନେଟ୍ ଉନ୍ମୋଚିତ**

**କ'ଣ ଏହି ୟୁ୬ ଗିଗାହର୍ଜ:** ୟୁଏଇର ଟେଲିକମ୍ ଆଣ୍ଡ ଡିଜିଟାଲ୍ ଗଭର୍ମେଣ୍ଟ ରେଗୁଲେଟୋରୀ ଅଥରିଟି (ଟିଡିଆର୍‌ଏ) ଦ୍ୱାରା ପରିଚାଳିତ ଏହି ନୂତନ ନେଟୱାର୍କ ୬୪୨୫-୭୧୨୫ ମେଗାହର୍ଜ ଫ୍ରିକ୍ୱେନ୍ସି ମଧ୍ୟରେ କାର୍ଯ୍ୟ କରେ। ଏହାକୁ ବିଶେଷଜ୍ଞମାନେ 'ଗୋଲ୍ଡେନ୍ ସ୍ପେକ୍ଟ୍ରମ୍' ବୋଲି ଅଭିହିତ କରିଥାନ୍ତି। କାରଣ ଏହା ବ୍ୟାପକ କଭରେଜ୍ ସହିତ ଅଧିକ ଡାଟା ପରିଚାଳନା କ୍ଷମତା ପ୍ରଦାନ କରିବାରେ ସକ୍ଷମ। ଏହି ନେଟୱାର୍କ ମାଧ୍ୟମରେ ବ୍ୟବହାରକାରୀମାନେ ୧୦ ଗିଗାବିଟ୍‌ର ଡାଉନଲୋଡ୍ ଏବଂ ୧ ଗିଗାବିଟ୍‌ର ଅପଲୋଡ୍ ବେଗ ▶ପୃଷ୍ଠା-୭

## ଚାଷୀଙ୍କୁ ମିଳିବ ସାର ସବ୍‌ସିଡି

■ ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଭାରତର ସାର କ୍ଷେତ୍ର ଉପରେ ଜୋରଦାର ଅନୁଭୂତ ହେବାରେ ଲାଗିଛି। ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା କାରଣରୁ ଭାରତୀୟ ବଜାରରେ ସାର ଏବଂ କୀଟନାଶକର ଘୋର ଅଭାବ ଦେଖାଦେଇଛି। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଫସଫେଟ୍ ଓ ପଟାସ୍ ସାର ଉପରେ ପୋଷକ ତତ୍ତ୍ୱ ଆଧାରିତ ସବ୍‌ସିଡି ପ୍ରଦାନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଚାଷୀମାନଙ୍କୁ ରିଆତି ମୂଲ୍ୟରେ ସାର ଯୋଗାଇ ଦିଆଯିବ। ଏଥିପାଇଁ ଖରିଫ୍ ଋତୁ ନିମନ୍ତେ

**କେନ୍ଦ୍ର କ୍ୟାବିନେଟ୍‌ରେ ୪୧ ହଜାର କୋଟି ମଞ୍ଜୁର**

ଆନୁମାନିକ ବଜେଟ୍ ଆବଶ୍ୟକତା ପାଖାପାଖି ୪୧,୫୩୩.୮୧ କୋଟି ଟଙ୍କା ହେବ। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଖରିଫ୍ ଋତୁ ପାଇଁ ଫସଫେଟ୍ ଓ ପଟାସ୍ ସାର ଉପରେ ପୋଷକ ତତ୍ତ୍ୱ ଆଧାରିତ ସବ୍‌ସିଡି ପ୍ରଦାନ କରିବା ଲାଗି ▶ପୃଷ୍ଠା-୭

**ଆର୍‌ବିଆଇ ମୁଦ୍ରାନୀତି ବୈଠକ**

# ମହଙ୍ଗା ହେବନି ଋଣ, ବଢ଼ିବନି ଇଏମ୍‌ଆଇ

■ ମୁମ୍ବଇ, ୮।୪ (ଏଜେନ୍ସି): ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିରେ ବିଶ୍ୱ ବଜାରରେ ଅସ୍ଥିରତା ଜାରି ରହିଛି। ଆମେରିକା-ଇରାନ ଯୁଦ୍ଧବିରତି ସତ୍ତ୍ୱେ ଭାରତରେ ମୁଦ୍ରାସ୍ଫୀତି ବୃଦ୍ଧି ଆଶଙ୍କା ଏ ପର୍ଯ୍ୟନ୍ତ ଟଳିନାହିଁ। ତେଣୁ ଏହାକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନୂଆ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ସୁଧ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ନିଷ୍ପତ୍ତି ପରେ ବଜାରରେ ଭାରତୀୟଙ୍କ ପାଇଁ ଆଉ ଋଣ ମହଙ୍ଗା ହେବନି କି ଇଏମ୍‌ଆଇ ମଧ୍ୟ ବଢ଼ିବନି। ବୁଧବାର

### ୫.୨୫ ପ୍ରତିଶତରେ ସୁଧ ହାର ଅପରିବର୍ତ୍ତିତ

### ୪ ଥରରେ ସୁଧହାର ୧.୨୫% ହ୍ରାସ ହୋଇଛି

ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏମପିସି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

୨୦୨୬-୨୭ ଆର୍ଥିକବର୍ଷର ପ୍ରଥମ ଏମ୍‌ପିସି ବୈଠକ ଏପ୍ରିଲ ୬-୮ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ସବୁଠାରୁ ବଡ଼ କଥା ହେଲା ପଶ୍ଚିମ ଏସିଆରେ ଯୁଦ୍ଧ ସଙ୍କଟ ସମୟରେ ଦେଶ ଆଗରେ ଏକାଧିକ ଅର୍ଥନୈତିକ ଆହ୍ୱାନ ସୃଷ୍ଟି ହୋଇଛି। ଏକାଧିକ ଚ୍ୟାଲେଞ୍ଜ ଯଥା- ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ ଟଙ୍କାର ମୂଲ୍ୟ ହ୍ରାସ ଘଟିଥିଲା। ଏହା ସତ୍ତ୍ୱେ ବି ଆରବିଆଇ ରେପୋ ହାର ୫.୨୫ ପ୍ରତିଶତରେ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି। ଏହାପୂର୍ବରୁ ଫେବୃଆରୀରେ ରେପୋ ହାର ଅପରିବର୍ତ୍ତିତ ରହିଥିଲା। ଏହା ପୂର୍ବରୁ ଫେବୃଆରୀରେ ରେପୋ ହାର ଅପରିବର୍ତ୍ତିତ ରହିଥିଲା। ଏପୂର୍ବରୁ ▶ପୃଷ୍ଠା-୭

# ବୁଲିବୁଲି ପୁଣି ସେଇ ଅଗଣା !

## ସ୍କୁଲ ପିଲାଙ୍କୁ ପୋଷାକ ଯୋଗାଇବେ ପୁରୁଣା ଏଜେନ୍ସି

■ ଭୁବନେଶ୍ୱର, ୮।୪ (ସମିସ): ୨୦୨୫-୨୬ ଶିକ୍ଷାବର୍ଷ ଶେଷ ସୁଦ୍ଧା ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ହୋଇ ପାରିଲା ନାହିଁ। ଏହାକୁ ନେଇ ସରକାର ଓ ଗଣଶିକ୍ଷା ବିଭାଗ ଯାବତୀୟ ସମାଲୋଚିତ ହେଲେ। ଏହାପରେ ସରକାରଙ୍କ ନିଦ ଭାଙ୍ଗିଛି। ଚଳିତ ଶିକ୍ଷାବର୍ଷରେ ଖରାଛୁଟି ହେବା ପୂର୍ବରୁ ଅର୍ଥାତ୍ ଆସନ୍ତା ୨୭ ତାରିଖ ସୁଦ୍ଧା ପୋଷାକ ବଣ୍ଟନ ପ୍ରକ୍ରିୟା ସାରିବାକୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା

**୨୭ ତାରିଖ ସୁଦ୍ଧା ପୋଷାକ ବଣ୍ଟନ**

କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବା ସହ ସଠିକ୍ ସମୟରେ କାର୍ଯ୍ୟାନ୍ୱୟନ କରିବାକୁ ଗୁରୁତ୍ୱ ଦିଆଯାଇଛି।

ସୂଚନା ଅନୁସାରେ ଚଳିତ ବର୍ଷ ପୋଷାକ ବଣ୍ଟନ ପାଇଁ ନୂତନ ଭାବେ କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ବା ଏଜେନ୍ସିକୁ ଚୟନ କରାଯିବ ନାହିଁ। ପୂର୍ବବର୍ଷ ଅର୍ଥାତ୍ ୨୦୨୫-୨୬ ଶିକ୍ଷାବର୍ଷରେ ପୋଷାକ ଯୋଗାଇଥିବା ସଂସ୍ଥା ଚଳିତ ବର୍ଷ ମଧ୍ୟ ପୋଷାକ ଯୋଗାଇବେ। କଳା ତାଲିକା ଭୁକ୍ତ ହୋଇଥିବା ସଂସ୍ଥାକୁ ବିଚାରକୁ ନିଆଯିବ ନାହିଁ। ଜିଲ୍ଲାପାଳଙ୍କ ▶ପୃଷ୍ଠା-୭

## ୧୦ରେ ଦିଲ୍ଲୀ ଯିବେ ନବୀନ



■ ଭୁବନେଶ୍ୱର, ୭।୪ (ସମିସ): ଆସନ୍ତା ୧୦ ତାରିଖରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଯିବେ। ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ ପଟ୍ଟନାୟକଙ୍କର ଗତ ମଙ୍ଗଳବାର ଏକ ଜଟିଳ ହାର୍ଟ ସର୍ଜରୀ (ହୃତ୍‌ପିଣ୍ଡ ଅସ୍ତ୍ରୋପଚାର) ହୋଇଛି। ନବୀନ ତାଙ୍କୁ ନୂଆଦିଲ୍ଲୀରେ ଭେଟିବେ ବୋଲି ଜଣାପଡ଼ିଛି।

## ଏ ବର୍ଷ ୬ ପ୍ରତିଶତ କମ୍ ବର୍ଷା

■ ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ଏବର୍ଷ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୌସୁମୀର ୪ ମାସ ମଧ୍ୟରେ ଦେଶରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇପାରେ। ସମଗ୍ର ଋତୁରେ ହାରାହାରି ବର୍ଷା ସ୍ୱାଭାବିକ୍‌ଠାରୁ ୬ ପ୍ରତିଶତ କମ୍ ହେବ ବୋଲି ଆକଳନ କରାଯାଇଛି। ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଏହି ପୂର୍ବାନୁମାନ କରି ରିପୋର୍ଟ ପ୍ରକାଶ କରିଛି। ଏଥିରେ ଚଳିତ ବର୍ଷ ଭାରତରେ ସାମାନ୍ୟଠାରୁ ୬% କମ୍ ବର୍ଷା ହେବାର ସମ୍ଭାବନା ରହିଛି।



**ରାଜସ୍ଥାନ, ପଞ୍ଜାବ, ହରିୟାଣାରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହେବ**

ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦେଶରେ ସାମାନ୍ୟ ବୃଷ୍ଟିପାତ ହାରହାରି ୬୮୬.୬ ମିଲିମିଟର ଥିବା ବେଳେ, ଏହି ବର୍ଷ ଏହା ମାତ୍ର ୯୪ ପ୍ରତିଶତ ରହିପାରେ। ଜୁନ୍ ମାସରେ ମୌସୁମୀର ଆରମ୍ଭ ଭଲ ହେବ ଓ ସାମାନ୍ୟ (୧୦୧%) ବର୍ଷା ହେବ। କିନ୍ତୁ ଜୁଲାଇ ମାସରେ ବର୍ଷା କମିବା ଆରମ୍ଭ ହେବ ଅର୍ଥାତ ୯୫ ପ୍ରତିଶତ ବର୍ଷା ହେବ। ସେହିପରି ଅଗଷ୍ଟ ଓ ସେପ୍ଟେମ୍ବରରେ ମୌସୁମୀ ସବୁଠାରୁ ଦୁର୍ବଳ ରହିବାର ଆଶଙ୍କା ରହିଛି। ଅଗଷ୍ଟରେ ୯୨ ଓ ସେପ୍ଟେମ୍ବରରେ ୮୯ ପ୍ରତିଶତ ବର୍ଷା ହେବ। ବିଶେଷ କରି ମଧ୍ୟପ୍ରଦେଶ, ରାଜସ୍ଥାନ, ▶ପୃଷ୍ଠା-୭

**ଓଡ଼ିଶାକୁ କମିଲା କେନ୍ଦ୍ରୀୟ ଅନୁଦାନ**

# ଖରାଦିନେ ମିଳିବନି ପାଇପ୍ ପାଣି

■ ଭୁବନେଶ୍ୱର, ୮।୪ (ସମିସ): ରାଜ୍ୟରେ ଜଳ ଜୀବନ ମିଶନ ୨.୦କାର୍ଯ୍ୟକାରୀ କରିବା ପାଇଁ କିଛିଦିନ ତଳେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷବର୍ଷ ଧରି ଅଧାପନ୍ତରିଆ ପଡ଼ି ରହିଥିବା ପାଇପ୍ ଜଳ ପ୍ରକଳ୍ପଗୁଡ଼ିକ ଏ ବର୍ଷ ବି ସରିବ ନାହିଁ ଓ ପାଇପ୍ ଯୋଗେ ପାନୀୟ ଜଳ ରାଜ୍ୟଗୁଡ଼ିକ ପରି ଓଡ଼ିଶା ସରକାର ମଧ୍ୟ ଅସମଞ୍ଜସ ସ୍ଥିତିରେ ପଡ଼ିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ୨୦୨୪-୨୫ ଆର୍‌ଠଥକ ବର୍ଷରେ ଯୋଜନା ଅଧିନରେ



### ୨୦୨୪-୨୫ରେ ୨୪୫୬ କୋଟି ବଦଳରେ ମିଳିଲା ୩୬୮ କୋଟି

### ୨୦୨୫-୨୬ରେ ରାଜ୍ୟକୁ ଆସିଲା ନାହିଁ ଟଙ୍କାଏ ବି କେନ୍ଦ୍ର ଅନୁଦାନ

### ଧାର୍ଯ୍ୟ ସମୟରେ ସରିବ ନାହିଁ ଜଳ ଜୀବନ ମିଶନ ଦ୍ୱିତୀୟ ପର୍ଯ୍ୟାୟ

ଏହି ବୁଝାମଣାପତ୍ର ଅନୁଯାୟୀ ଆସନ୍ତା ୨୦୨୮ ମସିହା ସୁଦ୍ଧା ଓଡ଼ିଶାରେ ଗ୍ରାମାଞ୍ଚଳରେ ସମସ୍ତଙ୍କ ଘରକୁ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାପ ସଂଯୋଗ ଯୋଗାଇ ଦିଆଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଯେଉଁ କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପରେ ସହଭାଗିତା ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି, ସେହି କେନ୍ଦ୍ର ସରକାର ଜଳଜୀବନ ମିଶନରେ ଓଡ଼ିଶାକୁ ଅନୁଦାନ ପ୍ରଦାନରେ ଟାଳଟୁଳ ନୀତି ମିଳିବ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

୨୦୧୯ ମସିହାରେ ସାରା ଦେଶରେ ଜଳ ଜୀବନ ମିଶନ କାର୍ଯ୍ୟକ୍ଷମ ହୋଇଥିଲା। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ପ୍ରାୟ ୭୭ ପ୍ରତିଶତ ଗ୍ରାମାଞ୍ଚଳ ପରିବାରକୁ ଟ୍ୟାପ ସଂଯୋଗ ଯୋଗାଇ ଦିଆଯାଇଛି। ବଳକା ସଂଯୋଗ ୨୦୨୮ ସୁଦ୍ଧା ଯୋଗାଇ ଦିଆଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏପରି ସମୟରେ କେନ୍ଦ୍ର ସରକାରଙ୍କ ସହଯୋଗକୁ ନେଇ ଅନ୍ୟ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରାୟ ୨୪୫୬ କୋଟି ଟଙ୍କା ଜଳଜୀବନ ମିଶନ ପାଇଁ ପ୍ରଦାନ କରିବା କଥା। ମାତ୍ର ବର୍ଷ ଶେଷକୁ କେନ୍ଦ୍ର ମାତ୍ର ୩୬୮.୩୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ୨୦୨୫-୨୬ରେ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ଏହି ଯୋଜନାରେ ଓଡ଼ିଶାକୁ ଗୋଟିଏ ଟଙ୍କା ମଧ୍ୟ କେନ୍ଦ୍ର ଅନୁଦାନ ଦେଇନାହିଁ। କେନ୍ଦ୍ର ସରକାର ଯୋଜନା ଅଧିନରେ ଅର୍ଥ ପ୍ରଦାନ କରୁନଥିବାରୁ ରାଜ୍ୟ ସରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅର୍ଥ ପ୍ରାପ୍ତିରେ ବିଳମ୍ବ କାରଣରୁ ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି। ଏହି ଆହ୍ୱାନକୁ ଦୂର କରିବା ପାଇଁ ରାଜ୍ୟ ସରକାର ଏବେ ନିଜ ଅଂଶଧନ ସହ କେନ୍ଦ୍ର ସରକାରଙ୍କ ଭାଗ ମଧ୍ୟ ରାଜ୍ୟ ରାଜକୋଷରୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୩୪ ତମ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ସୁତରାଂ ଜଳ ଜୀବନ ଜୀବନର ପ୍ରଥମ ପର୍ଯ୍ୟାୟ ପରି ଦ୍ୱିତୀୟ ପର୍ଯ୍ୟାୟର ସମଦଶା ହେବନାହିଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଜଳ ଜୀବନ ମିଶନ ୨.୦ ଅଧିନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ନିକଟରେ ଓଡ଼ିଶାକୁ ମାତ୍ର ୬୫.୩୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସମାନ ସମୟରେ ଉତ୍ତର ପ୍ରଦେଶକୁ ୭୯୨.୯୩ କୋଟି, ଛତିଶଗଡ଼କୁ ୫୩୬.୫୩ କୋଟି, ମଧ୍ୟପ୍ରଦେଶକୁ ୧୫୪ କୋଟି ଟଙ୍କା ମିଳିଛି।

## ଖର୍ଚ୍ଚ କମୁଥିବା ଯୋଗୁଁ ଗାଁ ଗାଁରେ ଠପ୍ ହେଲାଣି ବିକାଶ କାମ

# ସଞ୍ଚୟ ନା ଅପାରଗତା ?

■ ଭୁବନେଶ୍ୱର, ୮।୪ (ସମିସ): ବିତ୍ତୀୟ ପରିଚାଳନା ପାଇଁ ତତ୍‌କାଳୀନ ବିଜେଡି ସରକାର ଦେଶରେ ପ୍ରଶଂସିତ ହେଉଥିଲା। ନିତି ଆୟୋଗଠାରୁ ଆରମ୍ଭ କରି କେନ୍ଦ୍ର ସରକାର ଏହାକୁ ବିଭିନ୍ନ ସମୟରେ ଓଡ଼ିଶାକୁ ପ୍ରଶଂସା କରିଥିଲେ। ଏପରିକି ବିତ୍ତୀୟ ସଂସ୍କାରରେ ସଫଳତା ପାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଶୀର୍ଷସ୍ଥାନ ଦଖଲ କରିଥିଲା। ସେତେବେଳର ଆର୍ଥିକ ସଂସ୍କାରର ସଫଳତା ଧାରା ବଜାୟ ରଖିବାରେ କିନ୍ତୁ ଏବର ରାଜ୍ୟ ସରକାର ବିଫଳ ହୋଇଛନ୍ତି। ବଜେଟ୍ ଅର୍ଥ ଖର୍ଚ୍ଚ ନ କରିପାରିବା ପାଇଁ ବିଭିନ୍ନ ବିଭାଗ ସହ ରାଜ୍ୟ ସରକାର ନିନ୍ଦିତ ହୋଇଛନ୍ତି। ରାଜ୍ୟରେ ବିକାଶମୂଳକ କାମଗୁଡ଼ିକ ବନ୍ଦ ହୋଇ ଯାଇଛି ଏବଂ ସଠିକ୍ ଢ଼ଙ୍ଗରେ କାମ ହେଉ ନ ଥିବା ଓ ବିନିଯୋଗପତ୍ର ପ୍ରଦାନରେ ବିଳମ୍ବ ଯୋଗୁଁ କେନ୍ଦ୍ରୀୟ ଅନୁଦାନ ମଧ୍ୟ ହ୍ରାସ ପାଇଛି। ଏହି ଅପାରଗତା ଲୁଚାଇବା ପାଇଁ ରାଜ୍ୟ ସରକାର ଯେତେ ଫନ୍ଦି ଫିକର କଲେ ମଧ୍ୟ ତାହା ଲୁଚିପାରୁ ନାହିଁ। ନିକଟରେ ସିଏଜି ରିପୋର୍ଟରେ ସରକାରଙ୍କ ଏହି ଅପାରଗତା ଜଳଜଳ ଦିଶୁଛି। ବଜେଟ୍ ବରାଦ ବ୍ୟୟରେ ଅସଫଳତାକୁ ସରକାର ସଞ୍ଚୟ ବୋଲି ଦର୍ଶାଇବାକୁ ଯେତେ ଚେଷ୍ଟା କରିଥିଲେ ହେଁ ତାହା ସରକାରୀ ଅପାରଗତାକୁ ସ୍ପଷ୍ଟ କରିଦେଇଛି।

### କାମ ହେଉ ନ ଥିବାରୁ କମୁଛି କେନ୍ଦ୍ରୀୟ ଅନୁଦାନ

### ଅଯଥା ବରାଦ, କ୍ଷମତା ହସ୍ତାନ୍ତରରେ ବାଧାକୁ ନେଇ ଉଠିଲା ପ୍ରଶ୍ନ

୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ମୋଟ୍ ବଜେଟ୍ ୨ ଲକ୍ଷ ୮୭ ହଜାର ୭୭୦ କୋଟି ଟଙ୍କା ରହିଥିଲା। ମାତ୍ର ଏଥି ମଧ୍ୟରୁ ରାଜ୍ୟ ସରକାର ୨ ଲକ୍ଷ ୩୧ ହଜାର ୬୧୩ କୋଟି ଟଙ୍କା ଖର୍ଚ୍ଚ କରିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ବଜେଟ ବରାଦର ୧୯.୫% ଅର୍ଥାତ୍ ପ୍ରାୟ ୫୬ ହଜାର ୧୫୭ କୋଟି ଟଙ୍କାକୁ ସରକାର ସଞ୍ଚୟ କରିପାରିଛନ୍ତି ବୋଲି ଦର୍ଶାଇ ନିଜ ପିଠି ଆପୁଡ଼ାଇଥିଲେ ହେଁ ସିଏଜି ଧରିଛନ୍ତି ଅପାରଗତାର ଗଣ୍ଠି। ପାଣ୍ଠି ବିନିଯୋଗରେ ପର୍ଯ୍ୟାପ୍ତ କ୍ଷମତାର ଅଭାବ ଓ ଅଯଥା ବରାଦ ପ୍ରତି ସିଏଜି ଅଙ୍ଗୁଳିନିର୍ଦ୍ଦେଶ କରିଛନ୍ତି।

ବଜେଟ୍ ଅର୍ଥ ଖର୍ଚ୍ଚ କରିବାରେ ସରକାରଙ୍କ ବିଫଳତାକୁ ନେଇ ବିରୋଧୀ ବାରମ୍ବାର ସରକାରଙ୍କ ▶ପୃଷ୍ଠା-୭

## ମାଦକଦ୍ରବ୍ୟର କୁପ୍ରଭାବ ଉପରେ ସଚେତନତା



ଦେବଗଡ,୮।୪(ସମିସ): ତିଲେଇବଣି ବ୍ଲକ ସୁଗୁଡା ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେବଗଡ ଆଦର୍ଶ ଥାନା ପୁଲିସ ପକ୍ଷରୁ ଆଜି ମାଦକଦ୍ରବ୍ୟର କୁପ୍ରଭାବ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ କୁମାର ମାହାନା ଏବଂ ଉପଆରକ୍ଷୀ ନିରୀକ୍ଷକ ଅସିତ କୁମାର ସାହୁ ଯୋଗଦେଇ ନିଶା ସେବନ ଭଳି କୁଅଭ୍ୟାସରୁ ନିବୃତ୍ତ ରହି ଭଲ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଲବଣୀକାନ୍ତ ପ୍ରଧାନ, ସିଆରସିସି ପ୍ରାଣବନ୍ଧୁ ଘଡେଇ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ କ୍ରୀଡା ଶିକ୍ଷକ ସୂର୍ଯ୍ୟକାନ୍ତ ମହନ୍ତ, ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପୁଲିସ ବିଭାଗ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚକଲେଟ ଦେଇ ଉତ୍ସାହିତ କରାଯାଇଥିଲା। ସିଆରସିସି ପ୍ରାଣବନ୍ଧୁ ଘଡେଇ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,୮।୪(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଭାଲୁପତ୍ରା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗଙ୍ଗାଧର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାଦୋବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିଶେଶ୍ୱର ଜୟପୁରିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷାଧିକାରୀ ଜୟନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଶିକ୍ଷକ ତ୍ରିଲୋକ୍ୟନାଥ ମହାପାତ୍ର ମୁଖ୍ୟବକ୍ତା, ଏବିଇଓ ହିରଣ୍ୟ ରୋହିଦାସ, ପିଏମଶ୍ରୀ କିର୍ମିରା ହାଇସ୍କୁଲ ପ୍ରଧାନଶିକ୍ଷକ ସୌରନାରାୟଣ ସିଂହ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ବନ୍ଧପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟେଲ, ଅଡର୍ା ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ଜୈତିମୟ ସଦୁଆଲ, ବାଗଡ଼ିହି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା କିସାନ, ଭଉଁରା ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ମେହେର, ଭାଲୁପତ୍ରା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରିନାରାୟଣ ମହାନ୍ତି, ସ୍କୁଲର ଅବସରଶିକ୍ଷକ ଚିତ୍ରକର ରଣା ଉପସ୍ଥିତ ଥିଲେ। ଖେଳଶିକ୍ଷକ ଅକ୍ଷୟ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସ୍କୁଲ କର୍ମଚାରୀ ଲକ୍ଷ୍ମଣ ନାଏକ ଅନ୍ୟବାଦ ଦେଇଥିଲେ।

## ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ଦେବଗଡ଼, ୮।୪(ସମିସ): ଭଗବାନ ପର୍ଶୁରାମଙ୍କ ପବିତ୍ର ଜୟନ୍ତୀ ପାଳନ ପାଇଁ ଆଜି ଜିଲ୍ଲା ବରିଷ୍ଠ ନାଗରିକ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ବାହିନୀ ଜିଲ୍ଲା ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ୧୯ ତାରିଖ ଦିନ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ତିଥିରେ ପୁରୁଣାପୋଷ୍ଟ ଅଫିସ ଛକଠାରେ ଭଗବାନ ପର୍ଶୁରାମଙ୍କ ମୂର୍ତ୍ତି ସ୍ଥାପନ ପାଇଁ ଭୂମୀ ପୂଜନ ଓ ଧ୍ୱଜା ସ୍ଥାପନ କାର୍ଯ୍ୟକ୍ରମ ସହ ନଗରରେ ଧାର୍ମିକ ଶୋଭାଯାତ୍ରା ଓ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଏହି ବୈଠକରେ ସମ୍ପାଦକ ସୁରଞ୍ଜିତ ମହାପାତ୍ର, ଉପ ସଭାପତି ଦେବାଶିଷ କର, ଆଇନ ପରାମର୍ଶଦାତା ସିଦ୍ଧେଶ୍ୱର ଗୁରୁ ଓ ତରଣିକାନ୍ତ ଦାଶ, ବାମଣ୍ଡା ବ୍ରାହ୍ମଣ ସମାଜ ସଭାପତି ଅଶୋକ କୁମାର ମିଶ୍ର, ସମ୍ପାଦକ ଗୌରହରି ଷଡ଼ଙ୍ଗୀ, ଡ. ରାମଚନ୍ଦ୍ର ମହାପାତ୍ର, ଯୁଧିଷ୍ଠିର ଦାଶ, ପ୍ରଣବ କିଶୋର ଗୁରୁ, ମାନସ ଦ୍ୱିବେଦୀ, ଅଶୋକ କୁମାର ଗୁରୁ, ବିରେନ କୁମାର ନାୟକ ଓ ସରୋଜ କୁମାର ପାଢ଼ୀଙ୍କ ସମେତ ଜିଲ୍ଲା ପର୍ଶୁରାମ ବାହିନୀର ବହୁ କର୍ମକର୍ତ୍ତା ଓ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ; ଜଣେ ଗିରଫ

ଇବଥର୍ମାଲ,୮।୪(ସମିସ): ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅଧୀନ ଟେମ୍ପରୀପଡ଼ା ଗ୍ରାମର ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଆଜି ବନହରପାଲି ପୁଲିସ କୁମ୍ଭାରବନ୍ଧ ଗ୍ରାମର ଚକାନୟନ ବିଶ୍ୱାଳ(୩୩)ଙ୍କୁ ଗିରଫ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। ଅଭିଯୋଗ ଅନୁସାରେ ପୀଡ଼ିତା ଜଣକ ଚାଉଳ ନେବାକୁ କୁମ୍ଭାର ବନ୍ଧ ପଞ୍ଚାୟତ ଅଫିସ୍ ଆସିଥିଲେ। ଚାଉଳ ନେଇ ସନ୍ଧ୍ୟାରେ ଫେରୁଥିବା ବେଳେ କୁମ୍ଭାରବନ୍ଧ ସମଲେଇ ମନ୍ଦିର ନିକଟ ଚିଙ୍ଗିରାବନ୍ଧ (ପୋଖରୀ) ପାଖରେ ଅଭିଯୁକ୍ତ ଚକାନୟନ ତାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲା। ଯୁବତୀ ଜଣକ ଘରକୁ ଫେରି ସବୁକଥା ତାଙ୍କ ମାଁ ଙ୍କୁ କହିଥିଲେ। ସେହିଦିନ ରାତିରେ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଆଜି ଚକାନୟନକୁ ଗିରଫ କରି ମେଡିକାଲ ଯାଞ୍ଚ କରିବାପରେ କୋର୍ଟଚାଲାଣ କରିଥିବା ବନହରପାଲି ଆଇଆଇସି ବିନୋଦ କୁମାର ରାଓଙ୍କ ପ୍ରକାଶ କରିଛନ୍ତି।

### ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମୀକ୍ଷା ବୈଠକ

# ଗର୍ଭବତୀଙ୍କ ଟିବି ସ୍କ୍ରିନିଂ ଓ ପୁଷ୍ଟିହୀନତା ଦୂର ପାଇଁ ଗୁରୁତ୍ୱ

ଝାରସୁଗୁଡ଼ା,୮।୪(ସମିସ)




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟକରିବା ଉପରେ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗାର୍ଡିଆ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସମନ୍ୱୟରେ ଜିଲ୍ଲାରେ ଚାଲିଥିବା ମାତୃ ଓ ଶିଶୁ ମଙ୍ଗଳ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାରେ ଫେବୃଆରୀ ମାସରେ ରିପୋର୍ଟ ହୋଇଥିବା ଜଣେ ମାତୃ ମୃତ୍ୟୁ ଏବଂ ଫେବୃଆରୀ ଏବଂ ମାର୍ଚ୍ଚ ମାସରେ ରିପୋର୍ଟ ହୋଇଥିବା ୭ ଜଣ ଶିଶୁ ମୃତ୍ୟୁ ଘଟଣାର ତଦନ୍ତ କରାଯାଇଥିଲା। ଜିଲ୍ଲାପାଳ ତୃଣମୂଳସ୍ତରରେ କାର୍ଯ୍ୟକୁ ଅଧିକ ଜୋର୍ କରିବାକୁ ପରାମର୍ଶ ଦେଇଥିଲେ। ବିପଦପୂର୍ଣ୍ଣ ଗର୍ଭବତୀଙ୍କ ଏକ ସଠିକ୍ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ନିୟମିତ ଟ୍ରାକିଂ କରିବା ସହ ସମସ୍ତ ଗର୍ଭବତୀ ମହିଳା ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ବାଧ୍ୟତାମୂଳକ ଯକ୍ଷ୍ମା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ସର୍ଭିକାଲ୍ କ୍ୟାନ୍ସର ପ୍ରତିରୋଧ ପାଇଁ ଏଚ୍ପିଭି ଟିକାକରଣ କାର୍ଯ୍ୟକ୍ରମର ବ୍ୟାପକ ପ୍ରସାର ଓ ସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପୁଷ୍ଟିହୀନତା ଦୂରୀକରଣ କ୍ଷେତ୍ରରେ ବିଭିନ୍ନ ଶ୍ରେଣୀର ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ତୁରନ୍ତ ଏନ୍.ଆର୍.ସି କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେବା ସହ ମାଆ ଓ ଶିଶୁଙ୍କ ପାଇଁ ପୃଥକ ପୃଥକ ଟେକ୍ ହୋମ୍ ରାସନ ପ୍ୟାକେଜିଂ ବ୍ୟବସ୍ଥା ଆରମ୍ଭ କରିବାକୁ ସେ ଗୁରୁତ୍ୱ ଦେଇଥିଲେ।

## ପାଉଁଶପୋଖରୀ ନିର୍ମାଣ ପାଇଁ ଜନ ଶୁଣାଣି



ଝାରସୁଗୁଡ଼ା,୮।୪(ସମିସ): ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ପଞ୍ଚାୟତ ଅଧୀନ ତିଲେଇମାଲ ଗ୍ରାମରେ ଏନ୍ଟିପିସି ଲିମିଟେଡ ଦର୍ଲିପାଲି ପକ୍ଷରୁ ପ୍ରସ୍ତାବିତ ପାଉଁଶ ପୋଖରୀ ନିର୍ମାଣ ପାଇଁ ସାମାଜିକ ଆକଳନ ସମ୍ବନ୍ଧୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହ ପଞ୍ଚାୟତ ଅଧୀନ ତିଲେଇମାଲ ଗ୍ରାମରେ ଏନ୍ଟିପିସି ଦର୍ଲିପାଲି ପକ୍ଷରୁ ପ୍ରସ୍ତାବିତ ପାଉଁଶ ପୋଖରୀ ନିର୍ମାଣ ସକାଶେ ଜମି ଅଧିଗ୍ରହଣ ପାଇଁ ସାମାଜିକ ଆକଳନ ସମ୍ବନ୍ଧୀୟ ଜନ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏହି ପାଉଁଶ ପୋଖରୀ ପାଇଁ ଝାରସୁଗୁଡ଼ା ତହସିଲ ଅଧୀନ ତିଲେଇମାଲ ଗ୍ରାମରେ ପାଉଁଶ ପୋଖରୀ ନିର୍ମାଣ ପାଇଁ ୬୮.୪୮ ଏକର ଘରୋଇ ଜମି ଅଧିଗ୍ରହଣ ହେବ। ଏଥିପାଇଁ ପରିବେଶ ଗତ ମଞ୍ଜୁରୀ ମିଳି ସାରିଥିବାବେଳେ ସାମଜିକ ପ୍ରଭାବ ବିଷୟରେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡ଼ି ପକ୍ଷରୁ କରାଯାଇଥିବା ଆକଳନର ସମୀକ୍ଷା କରାଯାଇଛି। ବିଶେଷ କରି ତିଲେଇମାଲ ମୌଜାକୁ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ କରିବା, ତିଲେଇମାଲରୁ ଜାତୀୟ ରାଜପଥ -୪୯ କୁ ଚାରି ଲେନ୍ ବିଶିଷ୍ଟ ବାଇପାସ ରାସ୍ତା ନିର୍ମାଣ କରିବା, ନିର୍ମାଣ ହେବାକୁ ଥିବା ପାଉଁଶ ପୋଖରୀ ଚାରି ପାଖରେ ଗ୍ରୀନ୍ ଫେନସିଂ କରିବା, ଏହା ସହ ତିଲେଇମାଲ ଏବଂ ଲୋଇସିଂହ ପଞ୍ଚାୟତ ଓ ପ୍ରଭାବିତ ଅଞ୍ଚଳରେ ଆଲୋକୀକରଣ, ପାନୀୟ ଜଳ ବ୍ୟବସ୍ଥା, ପୋଖରୀ, ରାସ୍ତା ନିର୍ମାଣ ପରି ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟକରିବା ପାଇଁ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ସମାଜିକ ପ୍ରଭାବ ଆକଳନ ତଥା ଏସଆଇଏ ରିପୋର୍ଟକୁ ସାର୍ବଜନୀନ କରାଯିବା ପରେ ଏହି ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏନ୍ଟିପିସି କମ୍ପାନୀ ଲିମିଟେଡ଼ ଦରଲିପାଲି ପକ୍ଷରୁ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି, ପ୍ରଦୂଷଣ ନିୟନ୍ତ୍ରଣ ଆଦିକୁ ନେଇ ସ୍ଥାନୀୟ ଜନସାଧାରଣ ଉପସ୍ଥାପନ କରିଥିଲେ। ଏହି ଜନଶୁଣାଣି ଝାରସୁଗୁଡା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ଝାରସୁଗୁଡା ଜମି ଅଧିଗ୍ରହଣ ଅଧିକାରୀ, ପ୍ରୋଜେକ୍ଟ ଡାଇରେକ୍ଟର(ଆର ଏଣ୍ଡ ଆର)ଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ଏନ୍ଟିପିସି ଏବଂ ପ୍ରଭାବିତ ଅଞ୍ଚଳର ଅନେକ ଜନସାଧାରଣ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ଏହାକୁ ଲୋଇସିଂହ, ରାଜପୁର, ଚାନ୍ଦନିମାଲ, ଗୌଡ଼ମାଲ ସରପଞ୍ଚ ବିରୋଧ କରିଛନ୍ତି।

## ଜୀବିକା ରକ୍ଷା ପାଇଁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ ଠିକାଦାର



ଦେବଗଡ଼, ୮।୪(ସମିସ): ଦେବଗଡ ଡିଷ୍ଟ୍ରିକ୍ଟ କଣ୍ଟ୍ରାକ୍ଟର୍ସ ୟୁନିଅନ ପକ୍ଷରୁ ସ୍ଥାନୀୟ ଠିକାଦାରଙ୍କ ଜୀବିକା ସୁରକ୍ଷିତ ରଖିବା ଏବଂ ଜିଲ୍ଲାର ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ରାସ୍ତା ଓ ଗୃହ ବିଭାଜନ, ଗ୍ରାମ୍ୟ ଉନ୍ନୟନ ବିଭାଜନ, ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ର ମାଧ୍ୟମରେ ସଂଘ ପକ୍ଷରୁ ଜିଲ୍ଲାରେ ହେଉଥିବା ୨୦ କୋଟି ଟଙ୍କା ପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ବାହାର ଜିଲ୍ଲାର ଠିକାଦାରଙ୍କୁ ଅନୁମତି ନଦେବା ପାଇଁ ବିଭାଗୀୟ ମୁଖ୍ୟଙ୍କୁ ଅନୁରୋଧ କରାଯାଇଛି। ଜିଲ୍ଲା ମଧ୍ୟରେ ଏକ ସନ୍ତୁଳିତ ଏବଂ ସ୍ଥାୟୀ ଠିକାଦାରୀ ପରିବେଶ ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ଅତ୍ୟନ୍ତ ଆବଶ୍ୟକ ବୋଲି ସଙ୍ଘର ସଭାପତି ଇଂ ସୁଜିତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

ଝାରସୁଗୁଡ଼ା,୮।୪(ସମିସ): ଓଡ଼ିଆ ଭାଷା ପକ୍ଷ-୨୦୨୬' ପାଳନ ଅବସରରେ ଆଜି ଝାରସୁଗୁଡ଼ା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି। ଏହି ଅବସରରେ ଅତିଥିମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ସଂକଳ୍ପବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଟିମ୍ ଏବଂ ମହାବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ଓଡ଼ିଆ ସାହିତ୍ୟର ବିଭିନ୍ନ ସ୍ଲୋଗାନ ଓ ପୋଷ୍ଟର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା।




## ଗାଁ ଲୋକଙ୍କ ତାଗିଦ ପରେ ନଇଁଲା ଗେଲ୍ ଇଣ୍ଡିଆ

### ପାଣି ପାଇପ ବିଛାଇବା ପାଇଁ ଛାଡ଼ିଲା ରାସ୍ତା



କୁଣ୍ଡେଇଗୋଲା,୮।୪(ସମିସ): ରିଆମାଳ ବ୍ଲକରେ ମେଗା ଜଳ ଯୋଗାଣ ପ୍ରକଳ୍ପରେ ପିଇବା ପାଣି ଯୋଗାଣ କାର୍ଯ୍ୟ ବିଳମ୍ବିତ ହୋଇ ଚାଲିଛି। ଆଜକୁ ଚାରିମାସ ହେବ ନାଉଲିପଡା ପଞ୍ଚାୟତସ୍ଥିତ ଗେଲ ଇଣ୍ଡିଆ କମ୍ପାନୀ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ବଳିଦେଇ ମାତ୍ର ୧୫ ମିଟର ରାସ୍ତା ପାଇଁ ଜଗା ନ ଛାଡି ନାଲି ଆଖି ଦେଖେଇ ଆସୁଥିଲା। ଅଞ୍ଚଳବାସୀଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ଗେଲ ଇଣ୍ଡିଆ ଅଧିକାରୀ ମାନେ ଆଦୌ କର୍ଣ୍ଣପାତ କରୁ ନ ଥିଲେ। ଓଲଟା ପୁଲିସ ଓ ଅଦାଲତର ଧମକ ଦେଇ ଆସୁଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାଦାଗିରି ବିରୋଧରେ ବୁଧବାର ବହୁ ସଂଖ୍ୟକ ମହିଳା ପୁରୁଷ ଉକ୍ତ ସ୍ଥାନକୁ ଆସିବା ସହିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପାଣି ପାଇପ ବିଛାଇବା ପାଇଁ କହିଥିଲେ। ଗ୍ରାମବାସୀଙ୍କ ଏକତା ଦେଖି ଗେଲ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ବାଧ ହୋଇ ପାଇପ ବିଛାଇବା ପାଇଁ ରାଜି ହୋଇଥିଲେ।

ସୂଚନା ଯୋଗ୍ୟ, ପାଇପ ବିଛା କାମ ସରିବା ପରେ ରେଙ୍ଗାଲି ଜଳ ଭଣ୍ଡାରରୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପିଇବା ପାଣି ରିଆମାଳ ସଦର ସମେତ ବ୍ଲକର ବହୁ ଅଞ୍ଚଳର ଜନସାଧାରଣ ସୁବିଧାରେ ପାଇପାରିବେ। ଏହାଦ୍ୱାରା ବହୁ ଦିନରୁ ଲାଗି ରହିଥିବା ପାନୀୟ ଜଳ ସଙ୍କଟ ଉକ୍ତ ଅଞ୍ଚଳରୁ ଦୂରହୋଇ ପାରିବ। ଆଜି ଉକ୍ତ ସ୍ଥାନରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଜନ୍ମେଜୟ ହାଁସଦାଙ୍କ ସମେତ କମ୍ପାନୀର ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି

# ୪୯୨ ଜଳଛତ୍ର, ୫୪୯ ସ୍ଥାନରେ ପାଣି ଯୋଗାଣ ପାଇଁ ବ୍ୟବସ୍ଥା

ଝାରସୁଗୁଡ଼ା,୮।୪(ସମିସ)

ଜିଲ୍ଲାରେ ବଢୁଥିବା ତାପମାତ୍ରା ଓ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଏସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଡି.ଏମ୍.ଏଫ୍ ଅଡିଟୋରିୟମ୍ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ପଥିକ ଓ ସାଧାରଣ ଜନତାଙ୍କ ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ମୋଟ ୪୯୨ଟି ଜଳଛତ୍ର ଖୋଲାଯିବ।



ସେହିପରି ଜଳାଭାବ ଅନୁଭୂତ ହେଉଥିବା ୫୪୯ଟି ସ୍ଥାନରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ୧୯୨ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଓ ୭୭୭୭ଟି ନଳକୂପକୁ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ ସେବାକୁ ବ୍ୟାହତ ନକରିବା ପାଇଁ ୧୩,୫୦୦ଟି ଟ୍ରାନ୍ସଫର୍ମର କାର୍ଯ୍ୟ କରୁଥିବାବେଳେ ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର ବଦଳାଇବା ପାଇଁ ୭୦ଟି ଅତିରିକ୍ତ ଟ୍ରାନ୍ସଫର୍ମର ମହଜୁଦ ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଡାକ୍ତରଖାନାରେ ସ୍ୱତନ୍ତ୍ର 'ହିଟ୍ ଷ୍ଟ୍ରୋକ ରୁମ୍' ପ୍ରସ୍ତୁତ କରାଯାଇଛି ଏବଂ ଅଙ୍ଗନବାଡ଼ି କର୍ମୀ ଓ ବିଦ୍ୟାଳୟଗୁଡ଼ିକୁ ପ୍ରର୍ଯ୍ୟାପ୍ତ ପରିମାଣର ଓ.ଆର.ଏସ ଯୋଗାଇ ଦିଆଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ସମୟ ନିର୍ଦ୍ଧାରିତ କରାଯାଇଛି। ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଚଳାଚଳ ଉପରେ କଡ଼ା ନଜର ରଖାଯିବ। ସଚେତନତା ସୃଷ୍ଟି ପାଇଁ ୪୦୦୦ ପୋଷ୍ଟର ଓ ୧୫୦ ବ୍ୟାନର ବଣ୍ଟନ କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନ ଓ ରକ୍ତଦାନ ଶିବିର



ଦେବଗଡ଼,୮।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅଷ୍ଟମ ଦିବସରେ ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠା ପରିସରସ୍ଥିତ ରକ୍ତ ଭଣ୍ଡାରଠାରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥିଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନୁର୍ଜୟ ମହନ୍ତ ଯୋଗଦେଇ ଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୨୨ଜଣ ରକ୍ତଦାତାଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ, ଡେପୁଟି କଲେକ୍ଟର ପ୍ରିୟା ତିର୍କି, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ପୁଲିସ ସହ ମୁହାଁମୁହିଁ ପରେ କଣ୍ଟାମାଲ ପୁରୁଷଶୂନ୍ୟ

# ପୁଲିସ ଛାଉଣୀରେ କାଶୀପୁର, କଣ୍ଟାମାଲ ଅଞ୍ଚଳ




ରାୟଗଡ଼ା,୮।୪(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସୁଙ୍ଗେର ଗ୍ରାମ ପଞ୍ଚାୟତର ସିଜିମାଳି ଖଣି ଖନନକୁ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରି ଆସୁଥିବା ବେଳେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରଲାଙ୍ଗ ଠାରୁ ଶାଗବାରୀ ଘାଟି ପର୍ଯ୍ୟନ୍ତ ଦୀର୍ଘ ୩କିମି ରାସ୍ତା ନିର୍ମାଣ ପାଇଁ ଉଦ୍ୟମ ହୋଇଛି। ଯାହାକୁ ନେଇ ପ୍ରଶାସନ ପକ୍ଷରୁ ଚଳିତ ମାସ ଗତ ୩ ତାରିଖ ଠାରୁ ଉକ୍ତ ଅଞ୍ଚଳରେ ବିଏନଏସ ୧୬୩ ଧାରା ଏକ ମାସ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ରାସ୍ତା କାମ ଆରମ୍ଭ କରିବା ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରିବାକୁ ଉଦ୍ୟମ କରାଯାଇଥିବା ବେଳେ ଅଞ୍ଚଳରେ ତୀବ୍ର ବିରୋଧ ଦେଖିବାକୁ ମିଳିଥିଲା। ଏପ୍ରିଲ ୭ ତାରିଖ ମଙ୍ଗଳବାର ଦିନ ରାୟଗଡ଼ା ଏସ୍‌ପିଙ୍କ ନେତୃତ୍ୱରେ କାଶୀପୁର ଥାନା କେସ ନମ୍ବର ୮୩ ପ୍ରକାରେ ସୁବାଷ ସିଂ ମାଝି ନାମକ ଜଣେ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ କଂଟାମାଳ ଗ୍ରାମକୁ ଭୋର ସମୟରେ ଯାଇଥିବା ବେଳେ ସେଠାରେ ଗ୍ରାମବାସୀଙ୍କ ସହ ଖଣ୍ଡ ଯୁଦ୍ଧ ହୋଇଥିଲା। ପୁଲିସର ପଦକ୍ଷେପକୁ ଅସନ୍ତୋଷ ଜାହିର କରି କଂଟାମାଳ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳବାସୀ ବିରୋଧ କରିଥିବା ବେଳେ ପୋଲିସ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉଭୟ ପକ୍ଷରୁ ଆକ୍ରମଣ ଘଟଣା ଘଟିଥିଲା। ଯେଉଁଥିରେ ପୁଲିସ ସୁରକ୍ଷା ବଳର ୫୮ ଜଣ ଆହତ ହୋଇଥିବା ବେଳେ ୬ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେହିପରି ୮ରୁ ଅଧିକ ଗ୍ରାମବାସୀ ମଧ ଏଥିରେ ଆହାତ ହୋଇଥିଲେ। ତେବେ ପୁଲିସକୁ ଆକ୍ରମଣ କରି ଗିରଫ ଭୟରେ ଆଜି ବୁଧବାର ଦିନ କଂଟାମାଳ,ବଣ୍ଡେଲ ଓ ସିଜିମାଳି ପାହାଡ଼ବର୍ତ୍ତୀ ଗାଁଗୁଡିକ ପୁରୁଷ ଶୂନ୍ୟ ହୋଇ ଖାଁ ଖାଁ ହୋଇପଡିଥିବା ଜଣାପଡିଛି। ତେବେ ସିଜିମାଳିକୁ ସୁରକ୍ଷା ଦେବା ପାଇଁ ଆନ୍ଦୋଳନକାରୀମାନେ ଜଗି ବସିଥିବା ଜଣାପଡିଛି। ଅପରପକ୍ଷେ ପ୍ରଶାସନ ଗ୍ରାମବାସୀଙ୍କ ସହ ବିନା ଆଲୋଚନାରେ ଖଣି ଖନନ ନିଷ୍ପତି ନେଉଥିବାରୁ କମ୍ପାନୀ ସ୍ୱାର୍ଥକୁ ଦେଖୁଛି, କିନ୍ତୁ ଆମକୁ ଦେଖୁନାହିଁ। ତେଣୁ ଖଣି ଖନନ ପୂର୍ବରୁ ଆମ ସହିତ ଆଲୋଚନ କରନ୍ତୁ, କାରଖାନା ସ୍ଥାପନା କରନ୍ତୁ, ଅଞ୍ଚଳବାସୀଙ୍କୁ କାମ ଦିଅନ୍ତୁ, ତେବେ ଯାଇ ଆମେ ପୂର୍ଣ୍ଣ ସମର୍ଥନ କରିବୁ, ନଚେତ୍ ମରିବୁ ପଛେ ଭିଟାମାଟି ଛାଡିବୁ ନାହିଁ, ସିଜିମାଳି ପାଇଁ ଜୀବନ ଦେବୁ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ଶାନ୍ତି ବଜାୟ ରହିଛି ବୋଲି ରାୟଗଡା ଉପଜିଲ୍ଲାପାଳ ରମେଶ ଜେନା ଗଣମାଧ୍ୟମକୁ କହିଛନ୍ତି। ଦକ୍ଷିଣାପଶ୍ଚିମାଂଚଳ ଡିଆଇଜି କନୱର ବିଶାଳ ସିଂ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଆହତ ପୁଲିସ ଅଧିକାରୀ ଓ ଯବାନମାନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ପରେ ଆଜି କାଶୀପୁର ଥାନା ଅଞ୍ଚଳ ଗସ୍ତ କରିଛନ୍ତି। ସେଠାରେ ବର୍ତମାନର ପରିସ୍ଥିତିକୁ ଯାଞ୍ଚ କରିଥିବା ବେଳେ କାଶୀପୁର ସମେତ କଣ୍ଟାମାଳ ଅଞ୍ଚଳ ପୁରା ପୁଲିସ ଛାଉଣୀରେ ଭରି ରହିଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ସିପିଆଇ(ଏମଏଲ) ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଓ ଅନ୍ୟମାନେ ନିନ୍ଦା କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଆଲୋଚନା କରିବାକୁ ସରକାରଙ୍କୁ ଜଣାଇଛନ୍ତି।

## ଶାନ୍ତି ସ୍ଥାପନା ହେଉ : ସାଂସଦ ସପ୍ତଗିର

ରାୟଗଡ଼ା,୮।୪(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ସୁଙ୍ଗେର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିଜିମାଳି ଅଞ୍ଚଳରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଗତ ଦୁଇ ଦିନ ଧରି ଯେଉଁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି, ଏହି ପ୍ରସଙ୍ଗରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ସିଜିମାଳିରେ ପ୍ରଥମେ ଉତେଜନା ହ୍ରାସ ପାଇଁ ଶାନ୍ତି ସ୍ଥାପନା ହେଉ ବୋଲି କହିଛନ୍ତି। ଜଳ,ଜଙ୍ଗଲ ଓ ଜମି ପାଇଁ ଆମର ନ୍ୟାୟ ସଙ୍ଗତ ଦାବି ପାଇଁ ସଂଗ୍ରାମ ଜାରି ରହିବ। ହିଂସାରୁ ଦୂରେଇ ରହିବାକୁ ସମସ୍ତଙ୍କୁ ସେ ଅନୁରୋଧ କରିବା ସହ ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ ଏବଂ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ଓ ସମ୍ବିଧାନର ମର୍ଯ୍ୟାଦା ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଛନ୍ତି।

## କାଳବୈଶାଖୀ ପୀଡ଼ିତଙ୍କୁ ଭେଟିଲେ ବ୍ଲକ୍ କଂଗ୍ରେସ ସଭାପତି

ଟିକିରି,୮।୪(ସମିସ): କାଳବୈଶାଖୀ ଝଡ଼ର ତାଣ୍ଡବରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ୟାପକ କ୍ଷତି ସୃଷ୍ଟି ହୋଇଛି। ବିଶେଷକରି ମାଇକଞ୍ଚ ପଞ୍ଚାୟତର ମାଇକଞ୍ଚ, ନୂଆଗାଁ, ପଡ଼ାପଦର, କାକିଡ଼ିପଦର ଏବଂ ରେଙ୍ଗା ପଞ୍ଚାୟତର ଚମ୍ପାଯୋଡି, ତେଲଗିରି, ପୋଟାମୁଣ୍ଡେଇ ଗ୍ରାମଗୁଡ଼ିକରେ ଅନେକ ଘର ଭାଙ୍ଗିପଡ଼ିଥିବା ସୂଚନା ମିଳିଛି। ତୀବ୍ର ପବନ ସହିତ ବର୍ଷା ଯୋଗୁଁ ଗ୍ରାମାଞ୍ଚଳରେ ବିଦ୍ୟୁତ ସେବା ମଧ୍ୟ ବିଚ୍ଛିନ୍ନ ହୋଇଥିବାରୁ ସ୍ଥାନୀୟ ଲୋକମାନେ ଅସୁବିଧାର



ସମ୍ମୁଖୀନ ହେଉଛନ୍ତି। ଏହି ଘଟଣା ସମ୍ପର୍କରେ ଖବର ପାଇ କାଶୀପୁର ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ଦୁରିଆ ତୁରନ୍ତ ପୀଡ଼ିତ ଗ୍ରାମଗୁଡ଼ିକୁ ପହଞ୍ଚି ପରିସ୍ଥିତିର ଅନୁସନ୍ଧାନ କରିଥିଲେ। ଶ୍ରୀ ଦୁରିଆ କହିଥିଲେ ଯେ, ଏହି ପ୍ରାକୃତିକ ବିପଦରେ ପୀଡ଼ିତ ପରିବାରମାନଙ୍କୁ ଶୀଘ୍ର ସରକାରୀ ସହାୟତା ମିଳିବା ଅତ୍ୟାବଶ୍ୟକ। ସ୍ଥାନୀୟ ଲୋକମାନେ ମଧ୍ୟ ତୁରନ୍ତ ଘର ପୁନର୍ନିର୍ମାଣ ସହିତ ବିଦ୍ୟୁତ ସେବା ପୁନରୁଦ୍ଧାର ପାଇଁ ପ୍ରଶାସନଙ୍କୁ ଦାବି କରୁଛନ୍ତି।

## ଟ୍ରାକ୍ଟର ଦୁର୍ଘଟଣା, ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ରାୟଗଡ଼ା,୮।୪(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଗାରଲିମା ଗାଁ ନିକଟରେ ସିକରପାଇ-କାଶୀପୁର ଯିବା ମୁଖ୍ୟ ରାସ୍ତାରେ ଆଜି ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଏକ ପୋଲ ନିକଟରେ ଖସି ପଡି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ଟ୍ରାକ୍ଟର ଡ୍ରାଇଭର ଆହାତ ହୋଇଥିବା ସୂଚନା ମିଳିଛି। ତେବେ ଡ୍ରାଇଭରଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ଟ୍ରାକ୍ଟରଟି ଦ୍ରୁତ ଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇବାରୁ ପୋଲର ଆପ୍ରୋଚ ରାସ୍ତା ନିକଟରେ ତଳକୁ ଖସି ପଡିଥିଲା। ଫଳରେ ଟ୍ରାକ୍ଟରଟିର ଡାଲା ରାସ୍ତା ମଝିରେ ରହିଯିବାରୁ ଉକ୍ତ ରାସ୍ତାରେ ଦୀର୍ଘ ୬ ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଉପୁଜିଥିବା ଜଣାପଡିଛି। ପରେ ସ୍ଥାନୀୟ ଲୋକେ ଓ ଟ୍ରାକ୍ଟର ମାଲିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟରଟିକୁ ବାହାର କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡିଛି।

## କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଯୁଗ୍ମ ସଚିବଙ୍କ କୋରାପୁଟ ଗସ୍ତ



କୋରାପୁଟ/ସେମିଳିଗୁଡ଼ା,୮।୪(ସମିସ): କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଯୁଗ୍ମ ସଚିବ ତଥା କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ପ୍ରଭାରୀ ସତ୍ୟଜିତ ମିଶ୍ର ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ ସହ ବିଭାଗୀୟ ଅଧିକାରୀଙ୍କୁ ନେଇ ଉଚ୍ଚ ସ୍ତରୀୟ ସମୀକ୍ଷା କରିଛନ୍ତି। କୋରାପୁଟରେ ପହଞ୍ଚିବା ପରେ ପ୍ରଥମେ ଗାନ୍ଧିନଗର ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ରୋଗୀ ଓ ଡାକ୍ତରଙ୍କ ସହ ହସ୍ପିଟାଲରେ ଉପଲବ୍ଧ ସ୍ୱାସ୍ଥ୍ୟ ସୁବିଧା ବିଷୟରେ ଆଲୋଚନା କରିଥିଲେ। ପରେ ପୂଜାରୀପୁଟରେ ଥିବା ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ର ଏବଂ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ସେମିଳିଗୁଡ଼ା ବ୍ଲକର ରାଜପୁଟ ମିଲେଟ ପ୍ରକ୍ରିୟାକରଣ ୟୁନିଟ, ଦଳେଇଗୁଡ଼ାରେ କଫି ନର୍ସରୀ, ପଟାଙ୍ଗି ବ୍ଲକ କରଞ୍ଜିଗୁଡ଼ାର ଷ୍ଟ୍ରବେରି ଚାଷ, ଦେଓମାଳୀ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିଥିଲେ। ଭାରତ ମାଳା ପ୍ରକଳ୍ପର ଓଡ଼ିଶା ମଧ୍ୟରେ ଥିବା ଟନେଲ ମଧ୍ୟ ପରିଦର୍ଶନ କରିଥିଲେ ଏବଂ ପ୍ରକଳ୍ପର ସ୍ଥିତି ସମୀକ୍ଷା କରିଥିଲେ। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର,କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ ପ୍ରମୁଖ ଯୁଗ୍ମ ସଚିବଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ସଦ୍‌ଭାବନା ସଭା ଗୃହରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସମସ୍ତ ସୂଚକର ସମୀକ୍ଷା କରିଥିଲେ। ଆଗାମୀ ଦିନରେ ଆକାଂକ୍ଷା ଜିଲ୍ଲାର ପାରାମିଟରରେ ଥିବା କେନ୍ଦ୍ରୀୟ ଯୋଜନାକୁ କିପରି ସଫଳ କରାଯିବ ତାକୁ ସମୀକ୍ଷାରେ ଗୁରୁତ୍ୱ ଦେଇଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲି ଓ ଗୋଡ଼ି ଭର୍ତ୍ତି ୧୫ ଗାଡ଼ି ଜବତ

ଲକ୍ଷ୍ମୀପୁର,୮।୪(ସମିସ): କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରତି ଦିନ ଚାଲିଥିଲା ବାଲି ଓ ଗୋଡି ଚୋରା ଚାଲାଣ। ଏହି ଖବର ପାଇ ମାଇନିଙ୍ଗ କର୍ମଚାରୀ ଓ ଲକ୍ଷ୍ମୀପୁର ପୋଲିସ ମିଳିତ ଭାବେ ଚଢଉ କରି ୬ ଗାଡ଼ି ବାଲି ଓ ୯ ଗାଡ଼ି ଚିପ୍ସ ବୋଝେଇ ଟ୍ରକ୍‌କୁ ଜବତ କରିଛି। ବୁଧବାର ରାତିରେ କୌଣସି ସୂତ୍ରରୁ ଏହି ଚୋରା ଚାଲାଣ ହେଉଥିବା ଖବର ପାଇ ରାସ୍ତାରେ ଜଗି ରହିଥିଲେ ଉଭୟ ପୁଲିସ ଓ ମାଇନିଙ୍ଗ କର୍ମଚାରୀ। ରାୟଗଡ଼ାର ଏକ ବାଲି ଖାଦାନରୁ ୬ ଗାଡ଼ି ବାଲି ଲୋଡ ହୋଇ ରାତିରେ ନିର୍ମାଣାଧୀନ କାରାଖାନାକୁ ଯାଉଥିଲା। ସେହିଭଳି ଗୋଡି ବୋଝେଥ ଟ୍ରକ୍ ସେମିଳିଗୁଡା ଠାରୁ ଲକ୍ଷ୍ମୀପୁର ଦେଇ ଚାଲାଣ ହେଉଥିବା ସମୟରେ ଉଭୟଙ୍କ ନଜରକୁ ଆସି ଥିଲା। ପରେ ଜବତ କରି ଲକ୍ଷ୍ମୀପୁରରେ ୧୫ଟି ଗାଡ଼ିକୁ ରଖାଯାଇଛି। ଗାଡ଼ି ଗୁଡ଼ିକ ଲକ୍ଷ୍ମୀପୁର ରାସ୍ତା ପାଶ୍ୱର୍ରେ ଠିଆ ହୋଇଥିବା ଦେଖିବାକୁ ମିଳିଛି।

## ବାଇକ୍ ଚୋର ଗିରଫ, ବାଇକ୍ ଉଦ୍ଧାର

କାଳିମେଳା,୮।୪(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ବେଜଙ୍ଗୀୱାଡା ଗ୍ରାମ ନିକଟରୁ ଚୋରି ହୋଇଥିବା ଏକ ବାଇକ୍ ଉଦ୍ଧାର କରାଯିବା ସହ କାଳିମେଳା ପୁଲିସ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ବେଜଙ୍ଗୀୱାଡା ସ୍କୁଲର ଶିକ୍ଷକ ସହଦେବ ସାହୁ ବେଜଙ୍ଗୀୱାଡା ଠାରେ ଏକ ଭଡ଼ା ଘରେ ରହୁଥିଲେ। ଘର ଆଗରେ ନିଜର ବାଇକ ରଖିଥିଲେ। ବାଇକ୍‌ଟି ଗତ ରବିବାର ରାତିରେ ଚୋରି ହୋଇଯାଇଥିଲା। ଶିକ୍ଷକ ସହଦେବ ଏ ବାବଦରେ କାଳିମେଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ତଦନ୍ତ ଆରମ୍ଭ କରି ବେଜଙ୍ଗୀୱାଡା ଗ୍ରାମର ଡି ପ୍ରକାଶ ରାଓକୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ଏକ ହୋଣ୍ଡା ଲିଭୋ ବାଇକ ଓଡି୩୫ଏଫ୨୦୧୩ ଏବଂ ୫୦,୦୦୦ ଟଙ୍କା ଜବତ କରିଥିଲେ। ଏ ବାବଦରେ କାଳିମେଳା ଥାନାରେ କେସ ନମ୍ବର ୭୬/୨୬ ରେ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରାଯାଇଥିବା କାଳିମେଳା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ଶିବିର



ରାୟଗଡ଼ା, ୮।୪(ସମିସ ): ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ (ରାୟଗଡ଼ କ୍ୟାମ୍ପସ) ଅନ୍ତର୍ଗତ "ସ୍କୁଲ ଅଫ୍ ନର୍ସିଂ" ପକ୍ଷରୁ କୋଲନାରା ବ୍ଲକ ଖେଦାପଡ଼ା ଗ୍ରାମ ଠାରେ ଚାଲିଥିବା ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମର ତୃତୀୟ ଦିନରେ ଶିବିର ଆୟୋଜିତ ହୋଇଥିଲା। ବହୁ ସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଚକ୍ଷୁ ଚିକିତ୍ସା ଓ ସ୍ୱଳ୍ପ ମୂଲ୍ୟରେ ସେବା ପ୍ରଦାନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା। ଶିବିରରେ ୧୦୯ ଜଣ ରୋଗୀ ପଞ୍ଜିକୃତ ହୋଇ ଚିକିତ୍ସିତ ହୋଇଥିଲେ। ଏଥିରେ ୧୦୧ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥଲା। ୯୮ ଜଣଙ୍କୁ ତୁରନ୍ତ ଚଷମା ବଣ୍ଟନ କରାଯାଇଥିଲା। ସେହିପରି ୮୪ ଜଣଙ୍କର ସୁଗାର ଏବଂ ୧୦ ଜଣଙ୍କର ରକ୍ତହୀନତା ପରୀକ୍ଷା କରାଯାଇ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା। ନର୍ସିଂ ଛାତ୍ରଛାତ୍ରୀମାନେ ସ୍ଥାନୀୟ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ କରିଥିଲେ। ହାତ ଧୋଇବା ପ୍ରଣାଳୀ, ପୁଷ୍ଟିକର ଖାଦ୍ୟରେ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ପନିପରିବା ଓ ଫଳର ଉପକାରିତା, ଋତୁସ୍ରାବ ସ୍ୱାସ୍ଥ୍ୟରେ କିଶୋରୀମାନଙ୍କୁ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ରକ୍ଷା ବିଷୟରେ ଶିକ୍ଷା, ଦାନ୍ତର ଯତ୍ନ ପାଇଁ ସଠିକ୍ ଭାବେ ବ୍ରଶ୍ କରିବାର ଶୈଳୀ ପ୍ରଦର୍ଶନ କରାଯାଇଥିଲା। ନୂଆ ଚଷମା ପାଇ ଗ୍ରାମର ବୃଦ୍ଧବୃଦ୍ଧାଙ୍କ ମୁହଁରେ ହସ ଫୁଟିଥିଲା। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ନର୍ସିଂ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କର ଏହି ନିରନ୍ତର ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

## କୋରାପୁଟ ଜିଲ୍ଲା ଅଣ୍ଡର ୧୬ କ୍ରିକେଟ ଦଳର ଖେଳାଳି ଚୟନ

ଜୟପୁର,୮।୪(ସମିସ): ଓଡିଶା କ୍ରିକେଟ ସଂଘ ପକ୍ଷରୁ ଆନ୍ତଃ ଜିଲ୍ଲା ଅଣ୍ଡର ୧୬ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ କୋରାପୁଟ ଜିଲ୍ଲା ଦଳ ଚୟନ କରାଯାଇଛି। ସୁନାବେଡା ଷ୍ଟାଡିୟମ ଠାରେ ଆୟୋଜିତ ୨ ଦିନିଆ ଚୟନ ପ୍ରକ୍ରିୟାରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନର ଖେଳାଳୀ ମାନେ ଭାଗ ନେଇଥିଲେ। ଏଥିରେ ୧୫ ଜଣିଆ ଖେଳାଳୀଙ୍କ ମଧ୍ୟରେ ହିମାଂଶୁ ଚପାଡି, ଅଧିନାୟକ, ଅର୍ଜୁନ ରାଉତ, ନେତିକ ନନ୍ଦନ ବେହେରା, କ୍ରିଭି କୁମାର ସାହୁ,ରୋସନ ବେହେରା, ପ୍ରେମ ଖୋରା, ଲିଖିତ କୁମାର ପାଣିଗ୍ରାହୀ, ଡି. ସାରିକ, ସୁଭ୍ରାଂଶୁ ଷଡଙ୍ଗୀ, ତନ୍ମୟ କୁମାର ପାତ୍ର, ସଂଗ୍ରାମ ନାଚିକା, ଓମ ବାହାଦୁର ଲାମା, ବ୍ଲେସଦ କୁସାଲ, ଅସିତ କୁମାର ବେହେରା ଓ ଶିବାନନ୍ଦ ଅଧିକାରୀଙ୍କୁ ମନୋନୀତ କରାଯାଇଛି। ଦଳର ମ୍ୟାନେଜର ଭାବେ ୱାଇ. ପ୍ରସାଦ ଏବଂ କୋଚ ଭାବେ ଏସ.ଲୋହିତ କୁମାରଙ୍କ ନାମ ଓସିଏ ପକ୍ଷରୁ ଚୟନ କରାଯାଇଛି। କୋରାପୁଟ ଅଣ୍ଡର ୧୬ ଦଳ ପ୍ରଥମ ମ୍ୟାଚ ଆସନ୍ତା ୧୦ ତାରିଖରେ ନବରଙ୍ଗପୁର, ୧୧ ତାରିଖରେ କଟକ, ୧୨ ତାରିଖରେ ବୌଦ୍ଧ, ୧୪ ତାରିଖରେ ମାଲକାନଗିରି ଏବଂ ୧୫ ତାରିଖରେ ଯାଜପୁର ସହ ଖେଳିବା ନେଇ ସୂଚୀ ପ୍ରସ୍ତୁତ ହୋଇଛି।

## ଦୁଇ ଘରୁ ଟଙ୍କା, ସୁନା ଅଳଙ୍କାର ଚୋରି

ଜୟପୁର,୮।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଚୋର ମାନଙ୍କ ପ୍ରାଦୁର୍ଭାବ କମିବାରେ ନାମ ନେଉନାହିଁ। ପୁଲିସ ଧରପକଡର କିଛି ଦିନ ପରେ ପୁଣି ଚୋର ମାନେ ପୁନଃର୍ବାର ଚୋରି ଆରମ୍ଭ କରିବା ସହିତ ପୁଲିସକୁ ଏକପ୍ରକାର ଚ୍ୟାଲେଞ୍ଜ କରୁଛନ୍ତି। ଗତକାଲି ରାତିରେ ଖ୍ରୀଷ୍ଟିଆନ ସାହିର ୩ୟ ଲାଇନର ଏମ.ଡି ଗୁଞ୍ଜନାଙ୍କ ସଂଧ୍ୟା ୮ଟା ସମୟରେ କିଏ ନଥିବାର ସୁଯୋଗ ନେଇ ଚୋରମାନେ ଗୃହର ତାଲା ଭାଙ୍ଗି ପ୍ରବେଶ କରିବା ସହିତ ଆଲମାରୀ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଏବଂ ୫ହଜାର ଟଙ୍କା ଲୁଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେହିପରି ଉକ୍ତ ସାହିର ପ୍ରଥମ ଲାଇନର ମହିଳା ମୁନି ସର୍ଦ୍ଦାରଙ୍କ ଗୃହରେ ରାତ୍ରୀରେ କିଏ ନଥିବାର ସୁଯୋଗ ନେଇ ତାଲା ଭାଙ୍ଗି ଗୃହରେ ପ୍ରବେଶ କରିବା ସହିତ ୧୦ଲକ୍ଷଟଙ୍କା ଆଲମାରି ଭାଙ୍ଗି ଲୁଟ କରିଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ଏଥିନେଇ ପୁଲିସ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରାଯାଇଛି ବୋଲି ଥାନା ପକ୍ଷରୁ ପ୍ରକାଶ କରାଯାଇଛି।

## ହିରୋ ମଟର୍ସ ଗ୍ଲାମର-ଏକ୍ସ ବାଇକ୍‌ର ସନ୍ତୁଷ୍ଟ ଗ୍ରାହକ କାର୍ଯ୍ୟକ୍ରମ




ଜୟପୁର,୮।୪(ସମିସ): ବିଶ୍ୱର ବଡ ବାଇକ କମ୍ପାନୀ ହିରୋ ମଟର୍ସ ପକ୍ଷରୁ ଓଡିଶାରେ ୧୦ ହଜାର ଗ୍ଲାମର ଏକ୍ସ ବାଇକର ସନ୍ତୁଷ୍ଟ ଗ୍ରାହକଙ୍କୁ ନେଇ ସାରା ରାଜ୍ୟର ୨୦୦ ହିରୋ ବାଇକ ଡିଲର ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହିପରି ଜୟପୁର ସହରର ଡିଲର ସୁପ୍ରିମ ସେଲସ ହିରୋ ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକ ସୋରୁମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୁତି ବିଭାଗର ବିଶେଷଜ୍ଞ ଡାକ୍ତର ଜଗଦିଶ ବେହେରା ଯୋଗଦେଇ ନୂତନ ଗ୍ରାହକ ମାନଙ୍କୁ ଚାଲା ପ୍ରଦାନ କରିଥିଲେ। ଏହି ଅବସରରେ ସୋରୁମ ମାଲିକ ଅମନ ଖୁରାନା ଏହି ୧୨୫ ସିସି ବିଶିଷ୍ଟ ବାଇକ ଉପକାରିତା ନେଇ ସୂଚନା ପ୍ରଦାନ ସହିତ ଦେଶରେ ୮୦ ଲକ୍ଷ ଗ୍ରାହକ ରହିଥିବା ବେଳେ ଉନ୍ନତମାନର ବୈଷୟିକ ଜ୍ଞାନ କୌଶଳରେ ଏହାର ନିର୍ମାଣ କରାଯାଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ସୋରୁମ ମ୍ୟାନେଜର ପ୍ରହଲ୍ଲାଦ ପରିଡା ପରିଚାଳନା କରିଥିଲେ।

## ଗାୟତ୍ରୀ ପରିବାରର ଜିଲ୍ଲାସ୍ତରୀୟ ମହିଳା ସମ୍ମିଳନୀ

ଦାମନଯୋଡି/ସେମିଳିଗୁଡା, ୮।୪ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ନିକଟସ୍ଥ ଭେଜାପୁଟଠାରେ ଗାୟତ୍ରୀ ପ୍ରଜ୍ଞାପୀଠ ଦ୍ୱାରା ଜିଲ୍ଲାସ୍ତରୀୟ ମହିଳା ସମ୍ମିଳନୀର ଆୟୋଜନ କରାଯାଇଥିଲା।। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ବିକାଶ ପ୍ରକଳ୍ପ ଅଧିକାରୀ ସ୍ନିଗ୍ଧାରାଣୀ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜୟପୁର ପ୍ରଜ୍ଞାପୀଠର ଜିଲ୍ଲା ମହିଳା ସଂଯୋଜିକା ସ୍ୱାଧୀ ବଡୁମ୍ବରା, ବିଜେଡି ନେତ୍ରୀ ଲତା ରାୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ଯୋଗ ଦେଇଥିଲେ। ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ବିଚିତ୍ରାନନ୍ଦ ଧଳ, ବାଲ୍ମିକୀ ପ୍ରଧାନ,ଶ୍ରୀମତୀ ଧଳ,ଉଷାରାଣୀ,ସୂର୍ଯ୍ୟମିତା, ସରିତା ଭଉଣୀ କାର୍ଯ୍ୟକ୍ରମରେ ଭାଗ ନେଇ ଦିଗଦର୍ଶନ ଦେଇଥିଲେ। ଜିଲ୍ଲାର କୋଣ ଅନୁକୋଣରୁ ମହିଳାମାନେ ଶହଶହ ସଂଖ୍ୟାରେ ଯୋଗ ଦେଇଥିଲେ।

### ● ଜୟପୁର କ୍ରିକେଟ ଲିଗ୍

## ଚତୁର୍ଥ ଦିବସରେ ବିଶ୍ୱନାଥ ସୁପର ଏବଂ ଇଭିନିଂ କ୍ଲବ ବିଜୟୀ

ଜୟପୁର, ୮।୪(ସମିସ): ଜୟପୁର ଦଶହରା ପଡିଆରେ ଚାଲିଥିବା ଜୟପୁର କ୍ରିକେଟ ଲିଗର ଆଜି ଚତୁର୍ଥ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଦେଓମାଳି ରାଇଡର୍ସ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ ୧୫ ଓଭରରେ ୯୬ ରନ ସଂଗ୍ରହ କରିଥିଲେ। ବିଜୟ ଲକ୍ଷ୍ୟ ନେଇ ବିଶ୍ୱନାଥ ସୁପର ଷ୍ଟ୍ରାଇକର୍ସ ଦଳ ମାତ୍ର ୯.୪ ଓଭରରେ ୩ଟି ୱିକେଟ ହରାଇ ୯୭ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଟୁର୍ଣ୍ଣାମେଣ୍ଟ ଆୟୋଜକ ଇଭିନିଂ କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲେ ଏବଂ ୧୫ ଓଭରରେ ୭ଟି ୱିକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଖେଳାଳି ସନ୍ଦିପ ପଟ୍ଟନାୟକଙ୍କ ମାତ୍ର ୪୫ଟି ବଲରେ ଶତକ ହାସଲ କରିଥିଲେ। ବିପକ୍ଷ ଦଳ ବ୍ରାଣ୍ଡେଡ ବୟସ ଦଳ ୧୫ ଓଭରରେ ୬ଟି ୱିକେଟ ହରାଇ ୧୪୭ ରନ ସଂଗ୍ରହ କରିବା ସହିତ ପରାଜିତ ହୋଇଥିଲେ। ପ୍ରଥମ ମ୍ୟାଚରେ ବିଜୟୀ ଦଳର ଖେଳାଳି ବିଜୟ ବୁରୁଡି ଏବଂ ଦ୍ୱିତୀୟ ମ୍ୟାଚରେ ଖେଳାଳି ସନ୍ଦିପ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଏମ୍ପାୟର ଭାବେ ଦେବ ବହାଦୁର,ଅନୀଲ କୁମାର ଓ ଲଇଛନ ଜାନୀ ମ୍ୟାଚକୁ ପରିଚାଳନା କରିଥିଲେ। ଆୟୋଜକ ଇଭିନିଂ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଟିସି ମିଳୁନି, ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ



ମାଲକାନଗିରି, ୮।୪(ସମିସ): ମାଲକାନଗିରି ସଦର ବ୍ଲକ ଏମ୍‌ଭି- ୯ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଟିସି ମିଳୁନଥିବା ଅଭିଯୋଗ କରି ତାଲା ପକାଇଲେ ଛାତ୍ରଛାତ୍ରୀଙ୍କ ଅଭିଭାବକ। ସୁଚନା ମୁତାବକ ଏହି ବିଦ୍ୟାଳୟରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାମନ୍ତରାୟ ଗତ କିଛିମାସ ପୂର୍ବରୁ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରା ଯାଇଥିଲା। ନିଲମ୍ବନ ସତ୍ତ୍ୱେ ମଧ୍ୟ ନୂତନ ଦାୟିତ୍ୱ ନେଇଥିବା ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନଥିଲେ। ଶିକ୍ଷା ବିଭାଗ ତରଫରୁ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ନିୟୋଜିତ କରାଯାଇ ଅତିରିକ୍ତ ତହସିଲଦାର ଓ ପୁଲିସ ପ୍ରଶାସନର ଉପସ୍ଥିତିରେ ତାଲା ଭାଙ୍ଗି ନୂତନ ଦାୟିତ୍ୱ ନେଇଥିବା ଶିକ୍ଷୟିତ୍ରୀ ସରସ୍ୱତୀ ପୁଜାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଗତ ସେପ୍ଟେମ୍ବର ମାସରେ ଦାୟିତ୍ୱ ହସ୍ତାନ୍ତର କରିବା ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଓ ସିଆରସିଙ୍କ ଉପସ୍ଥିତିରେ ସମସ୍ତ ନଥିପତ୍ର ହସ୍ତାନ୍ତର କରା ଯାଇଥଲା। ଛାତ୍ରଛାତ୍ରୀଙ୍କ ପ୍ରବେଶିକା ରେଜିଷ୍ଟର ହସ୍ତାନ୍ତର ହୋଇ ନଥିଲା। ଏହି ବିଦ୍ୟାଳୟରେ ୪୬ଜଣ ଛାତ୍ରଛାତ୍ରୀ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ତେବେ ଏହି ଛାତ୍ରଛାତ୍ରୀ ମାନେ ଅଷ୍ଟମ ଶ୍ରେଣୀକୁ ଉତୀର୍ଣ୍ଣ ହୋଇ ଅନ୍ୟ ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ଟିସି ତଥା ବଦଳି ପ୍ରମାଣ ପତ୍ର ପାଇଁ ବାରମ୍ବାର ବିଦ୍ୟାଳୟକୁ ଗଲେ ମଧ୍ୟ ତାହା ପାଇଁ ପାରୁନାହାନ୍ତି। ଏ ସମ୍ବନ୍ଧରେ ଗତ କିଛିଦିନ ପୂର୍ବରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଜାରୀ ଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାର କୌଣସି ସମାଧାନ ହୋଇ ପାରିନଥିଲା। ଆଜି ବାଧ୍ୟ ହୋଇ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କୁ ବସାଇ ଧାରଣା ଦେଇଥିଲେ। ଖବର ପାଇ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରି ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ହୋଇଥିଲା।

## ଜୟ ସଦ୍‌ଗୁରୁ ଯୁବକ ସଂଘ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ରାୟଗଡ଼ା, ୮।୪(ସମିସ): ଆଜି ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍‌ର କାର୍ଲାକଣା ପଞ୍ଚାୟତର ଅଙ୍ଗୁରୁ ଗ୍ରାମରେ ଜୟ ସଦଗୁରୁ ଯୁବକ ସଂଘ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜୟ ସଦଗୁରୁ ଯୁବକ ସଂଘ ଦ୍ୱାରା ଆୟୋଜିତ ହୋଇଯାଇଛି। ୩୨ ଗୋଟି ଯୁବକ ସଂଘର ସଦସ୍ୟ ମାନଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ବିଜୁ ଜନତା ଦଳର ରାୟଗଡ ବ୍ଲକ ସଭାପତି ପ୍ରତାପ ପେଦେଣ୍ଟି ଏବଂ ରାୟଗଡ଼ା ଜିଲ୍ଲାର ବିଜୁ ଛାତ୍ର ଜନତା ଦଳର ସଭାପତି ଉଦୟ କୁମାର ହିମିରିକା, ରାଜ୍ୟ ସାଧାରଣ ସମ୍ପାଦକ ବିନାୟକ ପଲେଇ, ସମାଜସେବୀ ତଥା ଯୁବ ସାମ୍ବାଦିକ ସଦାନନ୍ଦ ପେଦେଣ୍ଟି, ଚାନ୍ଦିଲି ପଞ୍ଚାୟତ ଜେକେପୁର ମଣ୍ଡଳର ଯୁବ ନେତା ଇଶ୍?ର ରାଓ ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପ୍ରେରଣା ଦେଇଥିଲେ ଏବଂ ଜୟ ସଦଗୁରୁ ଯୁବକ ସଂଘର ସମସ୍ତ ସଭ୍ୟସଭ୍ୟା ମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଜି ପ୍ରଥମ ମ୍ୟାଚ୍ ରାମପୁର ଯୁବକ ସଂଘ ଏବଂ ବଡ ଚାନ୍ଦିଲି ଟାଇଗର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ ଚାନ୍ଦିଲି ଟିମ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯୩ରନ ସଂଗ୍ରହ କରିଥିବା ବେଳେ ୧୧. ୪ ଓଭରରେ ୬ ଉଇକେଟରେ ରାମପୁର ଟିମ ୯୪ ରନ କରି ବିଜୟୀ ହୋଇଥିଲେ। ସମସ୍ତ ଯୁବକ ଭାଇମାନେ କ୍ରୀଡା ଏବଂ ଖେଳକୁଦ ଆମ ଦୈନନ୍ଦିନ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆମକୁ ସୁସ୍ଥ ରଖିବା ପାଇଁ ଏହା ଏକ ଭଲ ଅଭ୍ୟାସ ଅଟେ। ଏକ ସୁଖୀ ଏବଂ ସଫଳ ଜୀବନଯାପନ କରିବାକୁ ଶାରୀରିକ ଏବଂ ମାନସିକ ସୁସ୍ଥତା ନିହାତି ଦରକାର। ଜଣେ ବ୍ୟକ୍ତି ଯଦି ଶାରୀରିକ ସ୍ୱରରେ ଦୁର୍ବଳ ତେବେ ସେ ମାନସିକ ସ୍ୱରରେ କଦାପି ଶକ୍ତିଶାଳୀ ହୋଇପାରିବ ନାହିଁ। ତେଣୁ ସମସ୍ତେ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଧ୍ୟାନ ଦେବା ଉଚିତ୍। ଖେଳ ଏବଂ କ୍ରୀଡ଼ାରେ ଅଂଶଗ୍ରହଣ କରି ଜଣେ ନିଜ ଶରୀରକୁ ସୁସ୍ଥ କରିପାରିବ ବୋଲି ସମସ୍ତ ଦଳର ଖେଳାଳି ମାନଙ୍କୁ ପ୍ରତାପ ପେଦେଣ୍ଟି ବାର୍ତ୍ତା ମାଧ୍ୟମରେ ଉତ୍ସାହିତ କରିଥିଲେ। ଗ୍ରାମର ଯୁବଗୋଷ୍ଠୀ ଏବଂ ଜୟ ସଦଗୁରୁ ଯୁବକ ସଂଘର ଯୁବକମାନେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବା ବେଳେ କ୍ରିକେଟ ପ୍ରେମୀ ମାନେ ତଥା ବହୁ ସଂଖ୍ୟାରେ ଦର୍ଶକ ମାନେ ଉପସ୍ଥିତ ରହିଥିଲେ।

## ସହାୟତା ପାଇଁ ଆକୁଳ କାଳବୈଶାଖୀ କ୍ଷତିଗ୍ରସ୍ତ

# କ୍ଷତିପୂରଣ ଦାବିରେ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ରାସ୍ତାରୋକ







> ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ପ୍ରଶାସନିକ ବ୍ୟବସ୍ଥା ଫେଲ୍
> ୮ ପଞ୍ଚାୟତର ୫୨ରୁ ଅଧିକ ଗାଁର ୧୦ ହଜାର ଲୋକ ପ୍ରଭାବିତ
> ଶହ ଶହ କାର୍-ବାଇକ୍ ଚୂରମାର, ଘରର ଆଜବେଷ୍ଟସ କଣା
> ଦୁଇ ଦିନ ହେଲା ବେହାଲ୍ ପାଟଣା-ସାହାରପଡ଼ା ବ୍ଲକ୍ ଅଞ୍ଚଳ

ତୁରୁମୁଙ୍ଗା, ୮।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ଓ କୁଆପଥର ମାଡ଼ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏନେଇ ସହାୟତା ବିଳମ୍ବକୁ ନେଇ ବୁଧବାର ସକାଳୁ ପାଟଣା ବ୍ଲକ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। କ୍ଷତିପୂରଣ ଓ ପଲିଥିନ ଯୋଗାଇବା ଦାବିରେ କ୍ଷତିଗ୍ରସ୍ତ ଲୋକେ ବିଭିନ୍ନ ସ୍ଥାନରେ ରାସ୍ତାରୋକ କରି ପ୍ରତିବାଦ କରିଥିଲେ। ଅଞ୍ଚଳରେ ଶହ ଶହ ଘରର ଟାଇଲ ଓ ଆଜବେଷ୍ଟସ ଛପର କଣା ହୋଇଯାଇଛି। ପାଟଣା ବ୍ଲକ ୮ଟି ପଞ୍ଚାୟତର ୫୨ରୁ ଅଧିକ ଗାଁ ପ୍ରଭାବିତ ହୋଇଥିବା ବେଳେ ପ୍ରାୟ ୧୦ ହଜାର ଲୋକ ଏହି ବିପର୍ଯ୍ୟୟରେ ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଦାବିରେ ଦକ୍ଷିଣପଶି, ସ୍ୱାମ ଛକ, ପାଟଣା ବ୍ଲକ ଛକ, ପାଟଣା ବାଇପାସ, ପାଟଣା ମନ୍ଦିର, କୁଆପଶି ଏରେଣ୍ଡେଇ ଭଳି ପ୍ରାୟ ୧୦ଟି ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ରାସ୍ତାରୋକ କରିଥିଲେ। ସ୍ୱାମ ହନୁମାନ ଛକ ନିକଟରେ ଟାୟାର ଜାଳି ପ୍ରତିବାଦ କରାଯାଇଥିଲା। ଏହାଫଳରେ କିଛି ସମୟ ପାଇଁ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ବଡ଼ପାଟଣା ପଞ୍ଚାୟତବାସୀଙ୍କୁ ପଲିଥିନ ଯୋଗାଇ ଦିଆଯାଇ ନଥିବା ଓ ପ୍ରଶାସନ କ୍ଷତିଗ୍ରସ୍ତଙ୍କ ନିକଟକୁ ପହଞ୍ଚି ନଥିବା ଅଭିଯୋଗ କରି ଲୋକେ ଆନ୍ଦୋଳନକୁ ତୀବ୍ର କରିଥିଲେ। କ୍ଷତିଗ୍ରସ୍ତମାନେ ପ୍ରତ୍ୟେକ ପରିବାରକୁ ତୁରନ୍ତ ପଲିଥିନ ଓ କ୍ଷତିପୂରଣ ଯୋଗାଇବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ଓ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ ପହଞ୍ଚି ପ୍ରଶାସନକୁ ଯଥାଶୀଘ୍ର ସହାୟତା ଯୋଗାଇବାକୁ ଅଧିକାରୀଙ୍କୁ ଅବଗତ କରିଥିଲେ। ଏଥିସହ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ସହାୟତା ସହ ପଲିଥିନ ଯୋଗାଇବାକୁ ନେଇ ଆନ୍ଦୋଳନକାରୀଙ୍କୁ ସମର୍ଥନ କରିଥିଲେ। ଡିଏମଏଫ ଫଣ୍ଡରୁ ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ଘର ଯୋଗାଇବା ସହ ଏକ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ସ୍ୱାମ ଶାସନ ବାସିନ୍ଦା ତଥା କୃଷକ ନେତା ରାଜବଲ୍ଲଭ ମିଶ୍ର ଦାବି କରିଛନ୍ତି। କାଳବୈଶାଖୀ ପରେ ଅନେକ ପରିବାର ଖୋଲା ଆକାଶ ତଳେ ରହୁଥିବା ବେଳେ ସହାୟତା ବିଳମ୍ବକୁ ନେଇ ଅସନ୍ତୋଷ ବଢ଼ିଚାଲିଛି। ଅପରାହ୍ଣରେ ବଡ଼ପାଟଣା ପଞ୍ଚାୟତବାସୀ ପଲିଥିନ ପାଇଁ ତହସିଲ କାର୍ଯ୍ୟାଳୟକୁ ଆସିଥିବା ବେଳେ ତହସିଲ କର୍ମଚାରୀମାନେ ପଲିଥିନ ନାହିଁ କହିଥିଲେ ହେଲେ ତହସିଲରେ ପଲିଥିନ ଥିବା ଦେଖି ପଲିଥିନକୁ ରାସ୍ତା ଉପରକୁ ଟାଣି ଆଣି ପାଟଣା କେନ୍ଦେଇପଶି ମୁଖ୍ୟରାସ୍ତାର ତହସିଲ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ପାଟଣା ତହସିଲଦାର ଅଶ୍ୱିନୀ ନାଏକଙ୍କ ସୂଚନା ଅନୁସାରେ, ୯ଟି ପଞ୍ଚାୟତର ୪୭ରୁ ଊର୍ଦ୍ଧ୍ୱ ଗାଁ ବ୍ୟାପକ ଭାବରେ ପ୍ରଭାବିତ ହୋଇଛି। ବ୍ୟାଙ୍କ ସହାୟତାରେ ଡିବିଟି ମାଧ୍ୟମରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି। କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଯୋଗାଇ ଦେବାକୁ ପାଟଣା ବିଧାୟକ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ୫ଟି ସ୍ଥାନରେ ରୋଷେଇ କରି ୧୬୦୦ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ତହସିଲଦାର କହିଛନ୍ତି। ସନ୍ଧ୍ୟା ସୁଦ୍ଧା ଅଢ଼େଇ ହଜାର ଲୋକଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିବା ତହସିଲ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ବର୍ଷା ପବନରେ ପାଟଣା ମୁଖ୍ୟାଳୟ ଜିଏନ ହାଇସ୍କୁଲ ସମସ୍ତ ୧୦ଟି ଶ୍ରେଣୀ ଗୃହର ଛପର ଉଡିଯାଇଥିବାରୁ ବୁଧବାର ଶିକ୍ଷାଦାନ ବନ୍ଦ ରହିଛି। ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେଇ ଛାଡିଦିଆଯାଇଥିଲା। ସେହିପରି ବିଭିନ୍ନ ଅଞ୍ଚଳରେ ଏକର ଏକର ପନିପରିବା ସହ ତରଭୁଜ ଚାଷ ନଷ୍ଟ ହୋଇଛି। ଗୁଲୁଦିପଶିଠାରେ ଥିବା ଥିବା ସୁଲୋଚନା କୁକୁଡ଼ା ଫାର୍ମର ସମସ୍ତ ଛପର କଣା ହେବା ସହ କୁଆପଥର ମାଡ଼ରେ ଶହ ଶହ କୁକୁଡ଼ା ଓ ଚିଆଁ ମୃତ୍ୟୁ ହୋଇଛି। ଋଣ କରଜ କରି ଚାଷ ଓ ଫାର୍ମ କରିଥିବା କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଛି। କାଳବୈଶାଖୀ କ୍ଷୟକ୍ଷତି ନେଇ ଅଞ୍ଚଳରେ ଅସନ୍ତୋଷ ବଢୁଥିବା ବେଳେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗକୁ ଆହୁରି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଅନ୍ୟପଟେ, ଭାଲୁଘର ଗ୍ରାମକୁ କ୍ଷୟକ୍ଷତି ଆକଳନ ପାଇଁ ଯାଇଥିବା ସମୟରେ ପାଟଣା ବିଡ଼ିଓ ଏବଂ ତହସିଲଦାରଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଥିଲେ। ପୁଲିସ ପହଞ୍ଚିବା ପରେ ଲୋକଙ୍କଠାରୁ ଉଦ୍ଧାର ପାଇଥିଲେ। ସେପଟେ, ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ କ୍ଷତିଗ୍ରସ୍ତ ଅଞ୍ଚଳରେ ଅନୁଧ୍ୟାନ କରିଥିଲେ। ପଲିଥିନ ଅଭାବ ଯୋଗୁଁ ଅନ୍ୟ ତହସିଲ ଏବଂ ରାଜ୍ୟରୁ ପଲିଥିନ ମଗାଯାଉଛି। ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଗତକାଲି କ୍ଷୟକ୍ଷତି ଥମି ନଥିବା ବେଳେ ସାହାରପଡା ବ୍ଲକ ଅଞ୍ଚଳରେ ବୁଧବାର ଭୋରରୁ ବର୍ଷା ପବନ ସହ କୁଆପଥର ବୃଷ୍ଟି ଯୋଗୁଁ ଜନଜୀବନ ବେହାଲ ହୋଇପଡିଛି। ସିଆଳିଯୋଡ଼ା ଗ୍ରାମରେ ପବନର ବେଗ ଜୋର ଯୋଗୁଁ ଚାରି ବଖରା ଘରର ଆଜବେଷ୍ଟସ ଛପର ଉଡ଼ିଯାଇଛି। ଗାଁର ଡମ୍ବରୁଧର ମହାନ୍ତଙ୍କ ସ୍ତ୍ରୀ ମନୋରମା ରାତିରେ ଶୋଇଥିବା ଅବସ୍ଥାରେ ଗୁରୁତର ଆହତ ହୋଇଛନ୍ତି। ଭୋରରୁ କଳା ହାଣ୍ଡିଆ ମେଘ ମାଡି ଆସିବା ସହ ହଠାତ୍ ଜୋରଦାର ପବନ ସହ ଆରମ୍ଭ ହେଲା ବର୍ଷା ଓ କୁଆପଥର ମାଡ଼। କାଳବୈଶାଖୀର ପ୍ରଭାବରେ ସମଗ୍ର ଅଞ୍ଚଳରେ ଦେଖାଦେଇଛି ଭୟାବହ ପରିସ୍ଥିତି। ସିଆଳିଯୋଡ଼ା ଗ୍ରାମରେ ଚନ୍ଦ୍ରଶେଖର ମହାନ୍ତଙ୍କ ଘରର ଆଜବେଷ୍ଟସ ଛପର ଉଡ଼ିଯାଇଥିଲା। ଆମ୍ବୁଲାନ୍ସ ସହାୟତାରେ ଚିକିତ୍ସା ପାଇଁକୁ ଆହତଙ୍କୁ ମେଡିକାଲକୁ ପଠାଯାଇଛି। ଏହା ସହ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବାର ଜଣାପଡିଛି। ସ୍ଥାନୀୟ ଜଗନ୍ନାଥ ନାଏକଙ୍କ କହିବାନୁସାରେ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ସରକାର ଓ ପ୍ରଶାସନ ଫେଲ୍ ମାରିଛନ୍ତି। ଦୁଇ ଦିନ ହେଲାଣି ଗାଇଗୋରୁ ଭଳି ପୀଡ଼ିତମାନେ ଜୀବନ ବିତାଉଥିବା ବରିଷ୍ଠ କଂଗ୍ରେସ ନେତା ବିନୋଦ ବିହାରୀ ନାଏକ ଅଭିଯୋଗ କରିଛନ୍ତି।

















● ହାଇମାଷ୍ଟ ଲାଇଟ୍ ଲଗାଇଲା ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ୩ ଗୁରୁତର

ଯୋଡ଼ା, ୮।୪ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ୱାର୍ଡ ନମ୍ବର ୫ ଅନ୍ତର୍ଗତ ଭୁଣ୍ଡାହଟିଂଠାରେ ପୌରପାଳିକା ପକ୍ଷରୁ ଏକ ହାଇମାଷ୍ଟ ଲାଇଟ୍ ଲଗାଇଲା ବେଳେ ଏକ ଅଘଟଣ ଘଟି ୩ ଗୁରୁତର ହୋଇଛନ୍ତି। ପୂର୍ବାହ୍ନ ସମୟରେ ଲାଇଟ୍‌ଟିକୁ ଲଗାଯାଉଥିଲା। ଖୁଣ୍ଟ ନିକଟରେ ଏକ ହାଇଟେନ୍ସନ ଟାୱାର ଲାଇନ ବିଦ୍ୟୁତ୍ ତାର ଯାଇଥିବା ବେଳେ ଏହାକୁ ଅଣଦେଖା କରି ଏହି କାର୍ଯ୍ୟ ଚାଲିଥିଲା। ଉପରେ କାମ କରୁଥିବା ୨ ଜଣ ଠିକା ଶ୍ରମିକଙ୍କୁ ଅଚାନକ ବିଦ୍ୟୁତ କରେଣ୍ଟ ଲାଗିଥିଲା। ସେମାନେ ତଳେ ପଡ଼ିଯାଇଥିଲେ। ଦେହରେ ନିଆଁ ଲାଗି ଫୋଟକା ହୋଇଯାଇଥିଲା। ପରେ ସେମାନଙ୍କୁ ତରବରିଆ ଭାବେ ଡାକ୍ତରଖାନାକୁ ନିଆଯାଇଥିଲା। ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ହୋଇଥିଲା। ବିଦ୍ୟୁତ୍ କାର୍ଯ୍ୟକୁ ଅନଭିଜ୍ଞ ଠିକାଦାର ହାତରେ ଟେକିଦେବା ହେତୁ ଏହି ଦୁର୍ଘଟଣା ହେଲା ବୋଲି ୫ ନମ୍ବର ୱାର୍ଡର ଭୁଣ୍ଡା ହଟିଂ ଅଞ୍ଚଳବାସୀ କହିଛନ୍ତି। ସମ୍ପୃକ୍ତ ଠିକାଦାରଙ୍କର କୌଣସି ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ଗୁରୁତର ପୌରପାଳିକା ଠିକା ଶ୍ରମିକଙ୍କ ପରିଚୟ ଦେବା ପାଇଁ ପୌରପାଳିକାର ବିଦ୍ୟୁତ୍ ଅଧିକାରୀ ହରିଶଙ୍କର ଛତିଆ ଅନିଚ୍ଛା ପ୍ରକାଶ କରିଥିଲେ। ପୌରପାଳିକା ଠିକା ଶ୍ରମିକ ସୁନୀଲ ବୋଲି ଜଣାପଡ଼ିଛି। ଉକ୍ତ ସ୍ଥାନ ନିକଟରେ ଥିବା ଘରର ଗୃହକର୍ତ୍ତା ସାନୁ ବିରୁଆଙ୍କ ଭାଇ ଅନାମ ବିରୁଆ ସେଠାରେ ଠିଆ ହୋଇ କାର୍ଯ୍ୟକୁ ଦେଖୁଥିବା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହେବା ସହ ଘରର ବିଦ୍ୟୁତ୍ ସରଞ୍ଜାମ ଓ ୱାରିଂ ଜଳି ଯାଇଥିଲା। ଟିପିଏନଓଡିଏଲର ଯୋଡ଼ା ଏସଡିଓ କହିଛନ୍ତି ଯେ ଏହି ହାଇ ଟେନ୍ସନ ଲାଇନ ଗ୍ରୀଡ ଟୁ ଗ୍ରୀଡ ଅର୍ଥାତ୍ ଯୋଡ଼ା ଗ୍ରୀଡରୁ କେନ୍ଦୁପୋସି ଗ୍ରୀଡକୁ ୨୨୦ କିଲୋ ଭୋଲ୍ଟ ଲାଇନ ସଂଯୋଗ ରହିଛି। ଏଣୁ ଏହାର ତଳେ କୌଣସି ବି କାର୍ଯ୍ୟ କରାଗଲେ ଗ୍ରୀଡକୁ କହି ସଟ ଡାଉନ୍ କରିବା ଉଚିତ୍। ଏ କ୍ଷେତ୍ରରେ କ'ଣ ହୋଇଛି ସେ କହି ପାରିଲେ ନାହିଁ। ପୌର ବିଦ୍ୟୁତ୍ ଠିକାଦାର ଚିକିତ୍ସା କରାଇବେ ଏବଂ ଘରେ ହୋଇଥିବା କ୍ଷୟକ୍ଷତିର ନିର୍ମାଣ କରାଇବେ ବୋଲି ଗୃହକର୍ତ୍ତା ସାନୁ ବିରୁଆ କହିଛନ୍ତି। ପୌରପାଳିକାର ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଖବର ପାଇ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ ତଦନ୍ତ କରିଛନ୍ତି।

## ଆଦିବାସୀ ଓ ଜୁଆଙ୍ଗ ଛାତ୍ରଛାତ୍ରୀ ସ୍କୁଲ ନାମଲେଖାରୁ ବଞ୍ଚିତ

# ବ୍ଲକ୍ ଘେରିଲେ ଅଭିଭାବକ-ଛାତ୍ରଛାତ୍ରୀ

ତେଲକୋଇ, ୮।୪(ସମିସ): ତେଲକୋଇ ବ୍ଲକ ଅଞ୍ଚଳରେ ଥିବା ଆଦିବାସୀ ଜୁଆଙ୍ଗ ଜନଜାତି ଛାତ୍ରଛାତ୍ରୀମାନେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଶତାଧିକ ଅଭିଭାବକ ଓ କୋମଳମତି ଛାତ୍ରଛାତ୍ରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଚଳିତ ବର୍ଷ ଜୁଆଙ୍ଗ ଜନଜାତି ଓ କେତେକ ଆଦିବାସୀ ଛାତ୍ରଛାତ୍ରୀ ନିକଟସ୍ଥ ବିଦ୍ୟାଳୟରେ ନାଁ ଲେଖାଇବା ପାଇଁ ଫର୍ମ ଦାଖଲ କରିଥିଲେ। ମାତ୍ର ବିଦ୍ୟାଳୟଗୁଡ଼ିକରେ



ଫର୍ମ ଦାଖଲ କରିଥିବା ଛାତ୍ରଛାତ୍ରୀ ଆଜି ଯାଏଁ ନାଁ ଲେଖାଇ ପାରିନାହାନ୍ତି। ଅଞ୍ଚଳର ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ ଏଠାରେ ଶିକ୍ଷା ବିଭାଗ ଆଦିବାସୀ ଓ ଜୁଆଙ୍ଗ ଜନଜାତିଙ୍କୁ ଉପେକ୍ଷା କରୁଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏହାର ସମାଧାନ କରି ଆଦିବାସୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ନାଁ ଲେଖାଇ ପାଠ ପଢ଼ିବାର ସୁଯୋଗ ଦେବା ପାଇଁ ଅଭିଭାବକ ମହଲରୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ଅଭିଭାବକ ରମାକାନ୍ତ ଜୁଆଙ୍ଗ, ରଇବାରୀ ଜୁଆଙ୍ଗ, ମଙ୍ଗୁଲୁ ଜୁଆଙ୍ଗ, ସେବତୀ ଜୁଆଙ୍ଗ, ସ୍ମୃତି ଜୁଆଙ୍ଗ, ସବିତା ଜୁଆଙ୍ଗ, ଡ଼ଲି ଜୁଆଙ୍ଗ, ସୋମାରି ଜୁଆଙ୍ଗ, ଲିଲି ଜୁଆଙ୍ଗ, ମହେଶ୍ୱର ଜୁଆଙ୍ଗ, ଲଳିତା ଜୁଆଙ୍ଗଙ୍କ ସମେତ ଶତାଧିକ ଅଭିଭାବକ ଚେତାବନୀ ଦେଇଛନ୍ତି।

# ପରିବା ମାର୍କେଟରେ ଅଗ୍ନିକାଣ୍ଡ; ଜଳିଗଲା ୫ ଦୋକାନ





ରାଉରକେଲା, ୮।୪(ସମିସ): ସ୍ଥାନୀୟ ଟ୍ରାଫିକ ଗେଟ୍ ପରିବା ମାର୍କେଟରେ ମଙ୍ଗଳବାର ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୫ଟି ଦୋକାନ ଜଳି ଯାଇଛି। ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇ ଯାଇଥିବାରୁ ବ୍ୟବସାୟୀଙ୍କର ଲାକ୍ଷାଧିକ ଟଙ୍କା କ୍ଷତି ହୋଇଛି। ପ୍ଲାଣ୍ଟସାଇଟ୍ ଥାନା ଟ୍ରାଫିକ ମାର୍କେଟସ୍ଥିତ ତାରିଣୀ ମନ୍ଦିର ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରଥମେ ହଠାତ୍ ଗୋଟିଏ ଦୋକାନରେ ନିଆଁ ଲାଗି ଯାଇଥିଲା। ଦେଖୁ ଦେଖୁ ଅନ୍ୟ ୪ଟି ଦୋକାନକୁ ନିଆଁ ବ୍ୟାପି ଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାର ସକ୍ଷମ ହୋଇଥିଲେ। ଏକ ପୂଜା ଦୋକାନ ଓ ୪ଟି ପନିପରିବା ଦୋକାନର ସାମଗ୍ରୀ ପୋଡି ଧ୍ୱଂସ ହୋଇଥିବା ବେଳେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇପାରି ନାହିଁ।

## ୬ କୁକୁର ଛୁଆ ଦଗ୍ଧ

ଏହି ଅଗ୍ନିକାଣ୍ଡରେ ୬ଟି କୁକୁର ଛୁଆ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ନିଜ ଛୁଆଙ୍କୁ ହରାଇ ମା' କୁକୁରଟି ବାରଣ୍ଡାରେ ବସିରହିଛି। ହଠାତ୍ ନିଆଁ ଲାଗି ଯିବାରୁ ନିଆଁ କବଳରୁ ନିଜ ଛୁଆଙ୍କୁ ବାହାର କରି ପାରିନଥିଲା ମା' କୁକୁର। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖିବା ପାଇଁ ଆଜି ଭୋରୁ ଟ୍ରାଫିକ ଗେଟ ନିକଟରେ ବେଶ୍ ଭିଡ଼ ଜମିଥିଲା। ମଣିଷ ହେଉ କି କୁକୁର ମା'ର ବାତ୍ସଲ୍ୟ ମମତା ସବୁଠି ସମାନ।

# ୧୧ ଓ ୧୨ରେ କାନଭାସ୍ ପକ୍ଷରୁ ରାଉରକେଲା ଦିବସ

ରାଉରକେଲା, ୮।୪(ସମିସ)




- ବଲିଉଡ ଓ ଓଲିଉଡ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିବେ
- ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ଗ୍ୟାଲେରୀ ହେବ ମୁଖ୍ୟ ଆକର୍ଷଣ
- 'କାନଭାସ' କୌଣସି ରାଜନୈତିକ ଅନୁଷ୍ଠାନ ନୁହେଁ : ସୁରେଶ

ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ସେକ୍ଟର-୧୩ ମେଳଣ ପଡ଼ିଆରେ 'କାନଭାସ୍' ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ 'ରାଉରକେଲା ଦିବସ'। ଆୟୋଜିତ ଏକ ବିରାଟ ରଙ୍ଗୀନ ମଞ୍ଚରେ ବଲିଉଡ ଓ ଓଲିଉଡ କଣ୍ଠଶିଳ୍ପୀଙ୍କ ଗୀତରେ ରାଉରକେଲାବାସୀ ଝୁମିବା ସହ ରାଉରକେଲା ସହର ପାଇଁ ବିଶେଷ ସମର୍ପିତ ରହିଥିବା ବିଶିଷ୍ଟ ଦିବଂଗତ ସଂଗଠକ, ବ୍ୟକ୍ତିବିଶେଷଙ୍କର ଫଟୋ ଗ୍ୟାଲେରୀ ଚଳିତବର୍ଷ ମୁଖ୍ୟ ଆକର୍ଷଣ ହେବ ବୋଲି ସୂଚନା ଦେଇ 'କାନଭାସ' କୌଣସି ରାଜନୈତିକ ଅନୁଷ୍ଠାନ ନୁହେଁ ବୋଲି କହିଛନ୍ତି ଅନୁଷ୍ଠାନର ଆବାହକ ସୁରେଶ ପ୍ରଧାନ। ବୁଧବାର ସେକ୍ଟର-୧ କମ୍ୟୁନିଟି ସେଣ୍ଟରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପାଧ୍ୟକ୍ଷ ହରିହର ରାଉତରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏ ସମ୍ପର୍କରେ ଆବାହକ ସୁରେଶ ପ୍ରଧାନ କହିଲେ ୧୯୫୪ ରାଉରକେଲା ଇସ୍ପାତ କାରଖାନାର ପ୍ରତିଷ୍ଠା ଦିବସକୁ ରାଉରକେଲା ସହରର ଜନ୍ମଦିବସ ଅର୍ଥାତ୍ ରାଉରକେଲା ଦିବସ ଭାବେ କାନଭାସ ପକ୍ଷରୁ ପାଳନ କରାଯାଉଛି। ଜାତି, ଧର୍ମ, ଦଳମତ ନିର୍ବିଶେଷରେ ଏହା ଏକ ସମ୍ପୂର୍ଣ୍ଣ ସାମାଜିକ ଅନୁଷ୍ଠାନ ଯାହା ରାଉରକେଲା ମାଟିର ଗୌରବ, ସଂସ୍କୃତି, ପରମ୍ପରା, ଐତିହ୍ୟ, ବୈଭବକୁ କେବଳ ରାଉରକେଲାବାସୀ ନୁହେଁ ରାଜ୍ୟ ତଥା ଦେଶବାସୀଙ୍କ ନିକଟରେ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ ଜାରିରଖିଛି। ସୂଚନାଯୋଗ୍ୟ ଯେ ରାଉରକେଲା ଦିବସ ପାଳନ ସମାରୋହର ପ୍ରଥମ ଦିନ କାର୍ଯ୍ୟକ୍ରମକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥି ଭାବରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଉରକେଲା ଦିବସର ପ୍ରଥମ ସନ୍ଧ୍ୟାରେ ମୁମ୍ବାଇର ସୁପ୍ରସିଦ୍ଧ ଓଲିଉଡ ଗାୟିକା ଶ୍ରଦ୍ଧା ମିଶ୍ର ସଙ୍ଗୀତ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ଦିନ କାର୍ଯ୍ୟକ୍ରମର ଅତିଥି ଭାବରେ ରାଜ୍ୟ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ କାନଭାସର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୨ ତାରିଖ ଦିନ ପୂର୍ବାହ୍ନ୧୧ଟା ସମୟରେ ରାଉରକେଲାରୁ ବେଦବ୍ୟାସ ପୀଠକୁ ହେବାକୁ ଥିବା ପାଦଚଲା ପୋଲକୁ ରାଜ୍ୟ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିସହିତ ୧୨ ତାରିଖ ସନ୍ଧ୍ୟା ରାଉରକେଲା ଜନ୍ମଦିନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଋକ୍ ସୁନା, ବିଷ୍ଣୁମୋହନ କବି ଏବଂ ହାସ୍ୟ ଅଭିନେତା ପପୁ ପମପମ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଛନ୍ତି କେନଭାସର ଆବାହକ ସୁରେଶ ପ୍ରଧାନ। ନଚିକେତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ମହାନ୍ତି, ଅରବିନ୍ଦ ଦାସ, ଭବାନୀଶଙ୍କର କବି, ପ୍ରଶାନ୍ତ ନାୟକ ମଞ୍ଚାସୀନ ଥିବାବେଳେ ନରେନ ଦାସ, ସୁଦର୍ଶନ ଜେନା, ଅଜୟ ମହାନ୍ତି, ସଂଗ୍ରାମ ମହାନ୍ତି, ମୀନକେତନ ରାଉତ, ପ୍ରଭାତ କୁମାର ଭୋଳ, ମୁକ୍ତିକାନ୍ତ ବେହେରା, ବିରାଜ ବିଶ୍ୱାଳ, ସଞ୍ଜୀବ ନାୟକ, ଦେବାଶିଷ ମହାନ୍ତି, ବନୋଜ ପରିଡ଼ା, ଏସ୍‌କେ ଭଞ୍ଜଦେଓ, ମନୋଜ ବେହେରା, ଶୁଭେନ୍ଦୁ ବିକାଶ ମାଝୀ, ଟୁନା ପାଢ଼ୀ, ଗୋପାଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଲୁ କାମୁଡ଼ାରେ ଯୁବକ ଗୁରୁତର

କୋଇଡା, ୮।୪(ସମିସ): କୋଇଡ଼ା ବ୍ଲକ ଅଧୀନ ଚୋରଧରା ଗ୍ରାମରେ ମଙ୍ଗଳବାର ସକାଳେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଖବର ମିଳିଛି। ଆହତ ଯୁବକଙ୍କ ନାମ ରାମ ମୁଣ୍ଡା (୫୧)। ସୂଚନା ଅନୁଯାୟୀ, ରାମ ମୁଣ୍ଡା ଓ ସେଲାଇ ମୁଣ୍ଡା (୫୬) ସକାଳ ପ୍ରାୟ ୯ଟା ସମୟରେ ପାଖ ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଦୁଇଟି ଭାଲୁ ଆସି ରାମ ମୁଣ୍ଡାଙ୍କୁ ଆକ୍ରମଣ କରିଥିଲେ। ଭାଲୁ ଆକ୍ରମଣରେ ସେ ଗୁରୁତର ଆହତ ହୋଇପଡ଼ିଥିଲେ।



ସାଙ୍ଗରେ ଥିବା ସେଲାଇ ମୁଣ୍ଡା ସାହସ ଦେଖାଇ ଏକ ଗଛଡାଳ ଭାଙ୍ଗି ଭାଲୁମାନଙ୍କୁ ପିଟିଥିଲେ। ତାଙ୍କର ପ୍ରତିରୋଧ ଦେଖି ଭାଲୁ ଦୁଇଟି ଜଙ୍ଗଲ ଭିତରକୁ ପଳାଇଯାଇଥିଲେ। ପରେ ସେଲାଇ ମୁଣ୍ଡା ଗୁରୁତର ଆହତ ରାମ ମୁଣ୍ଡାଙ୍କୁ ଜଙ୍ଗଲରୁ ଉଦ୍ଧାର କରି ଘରକୁ ଆଣିଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଲୁହାପଥର ବୋଝେଇ ୩ ହାଇୱା ଜବତ

- ୩ ଚାଳକ ଗିରଫ



ଲହୁଣୀପଡ଼ା, ୮।୪(ସମିସ): ପୁଲିସ ପାଟ୍ରୋଲିଂ ବେଳେ ତିନି ଲୁହାପଥର ବୋଝଇ ହାଇୱାକୁ ଜବତ କରିବା ସହିତ ତିନି ଚାଳକଙ୍କୁ ଗିରଫ କରି କୋର୍ଟଚଲାଣ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଲହୁଣୀପଡ଼ା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ୩ ଲୁହାପଥର ବୋଝେଇ ହାଇୱାକୁ ରଜାମୁଣ୍ଡା ବାଇପାସ୍ ଛକ ନିକଟରେ ଅଟକାଇ କାଗଜପତ୍ର ଯାଞ୍ଚବେଳେ ଚାଳକମାନେ ସଠିକ୍ କାଗଜପତ୍ର ଦେଖାଇ ପାରି ନ ଥିଲେ। ତିନୋଟି ଗାଡ଼ିରେ ପ୍ରାୟ ୧୦୦ ଟନ୍ ଲୁହଗୁଣ୍ଡ ଲୋଡ୍ ଥିବା ଜଣାପଡ଼ିଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବବୋଲି ଜଣାପଡ଼ିଛି।

ପୁଲିସ ଗାଡ଼ି ଗୁଡ଼ିକୁ ଜବତ କରିବା ସହିତ ଝାରଖଣ୍ଡ ଅଞ୍ଚଳ ର ନାରାୟଣ ନାଏକଙ୍କ ପୁଅ ମୋତିଲାଲ ନାଏକ (୩୪), ଗୁଲାବ ମୁଣ୍ଡାଙ୍କ ପୁଅ ସାଗର ମୁଣ୍ଡା (୨୩)ଓ ଶରତ ଦାସ ଙ୍କ ପୁଅ ପ୍ରକାଶ ଦାସ (୩୪)ଙ୍କୁ ଗିରଫ କରି କୋର୍ଟ ଚଲାଣ କରିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଲହୁଣୀପଡ଼ା ପୁଲିସ ପୃଥକ ପୃଥକ ୩ଟି ମାମଲା ରୁଜୁ କରିଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ଗୁରୁତର, ୨ ଆହତ

ବଣାଇଁ, ୮।୪(ସମିସ): ବଣାଇଁ ଥାନା ଅଧୀନ କେନାଭେଟା କଲେଜ ଛକନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହେବାସହ ଅନ୍ୟ ଦୁଇଜଣ ଆହତ ହୋଇଥିବା ଖବର ମିଳିଛି।

## ଡାଇଭର୍ସନ ନିର୍ମାଣ ପାଇଁ ରାଜପଥ ଅବରୋଧ



ସୂଚନା ଅନୁସାରେ, କେନାଭେଟା ଗ୍ରାମର ଗଙ୍ଗାଧର ମହାକୁଳ (୫୮) ନିଜ ବାଇକ୍‌ରେ ଘରୁ କଲେଜ ଛକ ଦିଗକୁ ଯାଉଥିବା ବେଳେ ବଣାଇଁ ପଟୁ ଆସୁଥିବା ଏକ ପଲ୍‌ସର ବାଇକ୍‌ରେ ଦୁଇଜଣ ବ୍ୟକ୍ତି ସରସରା ଗ୍ରାମକୁ ଯାଉଥିଲେ। ଏହି ସମୟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଥିଲା। ଘଟଣାରେ ଗଙ୍ଗାଧର ମହାକୁଳ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇଜଣ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏହି ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସହିତ ଡାଇଭରସନ ନିର୍ମାଣକୁ ନେଇ କେନାଭେଟା ଓ ପାଖପାଖି ଗ୍ରାମବାସୀ କ୍ଷୋଭ ପ୍ରକାଶ କରି ୧୪୩ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବରପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତଲୋକଙ୍କୁ ବୁଝାଇ ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ନୃତ୍ୟାଳୟ କଥକ କଳାକେନ୍ଦ୍ର ପକ୍ଷରୁ 'ନୃତ୍ୟ ତରଙ୍ଗ' କାର୍ଯ୍ୟକ୍ରମ

ରାଉରକେଲା, ୮।୪(ସମିସ): ସ୍ଥାନୀୟ ରାଉରକେଲା କ୍ଲବରେ ନୃତ୍ୟାଳୟ କଥକ କଳାକେନ୍ଦ୍ର ପକ୍ଷରୁ 'ନୃତ୍ୟ ତରଙ୍ଗ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜର୍ମାନରୁ ଆସିଥିବା ଗୁରୁ ବିଦୁଷୀ ଦୁର୍ଗା ଆର୍ଯ୍ୟା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୁରୁ ଦୁର୍ଗା ଆର୍ଯ୍ୟାଙ୍କ ନୃତ୍ୟ ସମସ୍ତ ଦର୍ଶକ ମଣ୍ଡଳୀଙ୍କୁ ବିମହିତ କରିଥିଲା। ବଂଶୀ ବାଦନରେ ଗୁରୁଶ୍ରୀ ନରେନ୍ଦ୍ର ନାୟକ, ତବଲାରେ ଗୁରୁଶ୍ରୀ ଅଭୟକାନ୍ତ ଚୌଧୁରୀ, ଯୁବ କଳାକାର ଆରାଧ୍ୟା ପଣ୍ଡା, ଦିବ୍ୟତେଜ ମହନ୍ତ, ସାଇକୃଷ୍ଣ ଶ୍ରୀଚନ୍ଦନ ଏବଂ ଜ୍ୟୋତି ରଞ୍ଜନ ଦାସ ସହଯୋଗ କରିଥିଲେ। ଗୁରୁ ପି. ସୌଜନ୍ୟା ଏବଂ ତାଙ୍କ ଅନୁଷ୍ଠାନର କଳାକାରମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଗତ ଅପ୍ରେଲ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ନୃତ୍ୟେ ତରଙ୍ଗ କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କଥକ କଳାକାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନୃତ୍ୟାଳୟର କଳାକାର କାଞ୍ଚନ ଧର ଏବଂ କନକଲତା ମିଶ୍ର ପରିଚାଳନା କରିଥିଲେ।



# ବର୍ଜ୍ୟଜଳର ଗୁଣବତ୍ତା ନିମନ୍ତେ ଲାଗୁନ୍ ଓ ସ୍ଲୁଇସ୍ ଗେଟ୍ ମରାମତି

ରାଉରକେଲା, ୮।୪(ସମିସ): ରାଉରକେଲା ଇସ୍ପାତ କାରଖାନା ଏହାର ବର୍ଜ୍ୟଜଳ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ଲାଗୁନ୍ ଏବଂ ସ୍ଲୁଇସ୍ ଗେଟ୍‌ଗୁଡ଼ିକରୁ ପଙ୍କୋଧାର କରିବା ସହିତ ମରାମତି କାର୍ଯ୍ୟ ଆରମ୍ଭ କରିଛି। ଏହି କାର୍ଯ୍ୟ ବର୍ତ୍ତମାନ ଜଳ ପରିଚାଳନା ବିଭାଗର ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି। ଲାଗୁନ୍‌କୁ ପରିଷ୍କାର କରିବା ଦ୍ୱାରା କାରଖାନାରୁ ନିର୍ଗତ ଜଳର ଗୁଣବତ୍ତା ବଜାୟ ରଖିବାରେ ଯଥେଷ୍ଟ ସହାୟତା ମିଳିବ। ଏହା ବ୍ୟତୀତ, ସ୍ଲୁଇସ୍ ଗେଟ୍‌ଗୁଡ଼ିକରେ ଆବଶ୍ୟକୀୟ ମରାମତି ମଧ୍ୟ କରାଯିବ ଯାହା ମୌସୁମୀ ବର୍ଷା ସମୟରେ କାରଖାନା ପରିସରରେ ଜଳ ପ୍ଲାବନକୁ ରୋକିବାରେ ସାହାଯ୍ୟ କରିବା ସହ କାର୍ଯ୍ୟ ସୁରକ୍ଷା ନିଶ୍ଚିତ କରିବ ବୋଲି ଜଣାପଡ଼ିଛି।



ସୂଚନାଯୋଗ୍ୟ ଯେ, ଏହି ମରାମତି କାର୍ଯ୍ୟଭାର ଏନ୍‌ବିସିସିକୁ ୪.୭୫ କୋଟି ଟଙ୍କା ବ୍ୟୟ ଅଟକଳରେ ଦିଆଯାଇଛି। ଏହି ପ୍ରକଳ୍ପର ପ୍ରମୁଖ ପରିସର ମଧ୍ୟରେ ୧, ୨୭, ୫୦୦ ଘନ ମିଟର ପଙ୍କ ଉଦ୍ଧାର, ୮୦, ୦୦୦ ବର୍ଗ ମିଟର ଅଞ୍ଚଳରୁ ଦଳ ନିଷ୍କାସନ ସହ ତିନୋଟି କ୍ଷତିଗ୍ରସ୍ତ ସ୍ଲୁଇସ୍ ଗେଟ୍‌ର ପରିବର୍ତ୍ତନ ଅନ୍ତର୍ଭୁକ୍ତ ଅଟେ।

# ବଣାଇଁଗଡ଼ ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର

ବଣାଇଁ, ୮।୪(ସମିସ): ବଣାଇଁଗଡ଼ ମହାବିଦ୍ୟାଳୟ ପରିସରରେ ବୁଧବାର ଓଡ଼ିଶା ପକ୍ଷ ଅବସରରେ ଏନଏସଏସ୍ ଓ ରେଡକ୍ରସ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅଭିଯାନରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜେନମଣି ସାହୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ବିଜୟ ବେହେରା ଓ ସହାୟକ କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତ ବେହେରା, ରେଡକ୍ରସ ଅଧିକାରୀ ହେମନ୍ତ ବା ଉପସ୍ଥିତ ଥିଲେ। ଉପଖଣ୍ଡ ଚିକିତ୍ସାଳୟର ଡା ମୁର୍ମୁ ଓ ତାଙ୍କର ସହାୟକ କର୍ମଚାରୀ ଉପସ୍ଥିତ ଥିଲେ।




# ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଦିବସ



କୁତ୍ରା, ୮।୪(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିଆର ରେଡ୍‌କ୍ରସ ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଡ. ଅମରେଶ ସାହୁ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ପର୍କରେ ଅବଗତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ତଥା ଜୁନିଅର ରେଡ୍‌କ୍ରସ କାଉନସିଲର ସାନିକା ଖାଲଖୋ ପିଲାମାନଙ୍କୁ ପ୍ରାଥମିକ ଚିକିତ୍ସା ଏବଂ ବ୍ୟକ୍ତିଗତ ସ୍ୱଚ୍ଛତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବିଶ୍ୱସ୍ୱାସ୍ଥ୍ୟ ଦିବସର ବିଷୟବସ୍ତୁ ମାନବିକତାକୁ ଜୀବନ୍ତ ରଖିବା ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ତୁନମୁରା ଗ୍ରାମ ପରିକ୍ରମା କରିଥିଲା। ଅନ୍ୟମାନଙ୍କୁ ସାହାଯ୍ୟ କରିବା ଓ ସମାଜରେ ସ୍ୱାସ୍ଥ୍ୟସେବା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଶପଥ ପାଠ କରାଯାଇଥିଲା। କାଉନସିଲର କରିସ୍ମା କେର୍କେଟା ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ, ହରେକୃଷ୍ଣ ସାହୁ, ମନଭାଙ୍ଗୀ ନାଏକ, ଏର୍ବିଲ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଜିଏଚ୍‌ରେ ଅଗ୍ନିନିର୍ବାପନ ଓ ଉଦ୍ଧାର ପ୍ରଦର୍ଶନୀ

ରାଉରକେଲା, ୮।୪(ସମିସ)



ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧୀନସ୍ଥ ଇସ୍ପାତ ଜେନେରାଲ ହୋସ୍ପିଟାଲ (ଆଇଜିଏଚ) ରେ ଜରୁରୀକାଳୀନ ଅଗ୍ନି ପରିସ୍ଥିତିରେ ହସ୍ପିଟାଲ କର୍ମଚାରୀଙ୍କ ପ୍ରସ୍ତୁତି ଏବଂ କ୍ଷମତା ମୂଲ୍ୟାଙ୍କନ ନିମନ୍ତେ ପୁରୁଷ ସର୍ଜିକାଲ୍ ୱାର୍ଡ୍‌ରେ ଏକ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡ. ଜୟନ୍ତ ଆଚାର୍ଯ୍ୟ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହିରାଲାଲ ମହାପାତ୍ର, ଆଡିସନାଲ୍ ସିଏମଓ ଡ. ସୁଶୀଲ କୁମାର, ଡ. ଏ ମିଞ୍ଜ୍, ଡେପୁଟି ସିଏମଓ ଡ. କେସି ତାଣ୍ଡି, ଡ. ଶାହିଦ ୟାହ୍ୟାଙ୍କ ସମେତ ଏମ୍‌ଆଣ୍ଡ ଏଚ୍‌ଏସ୍‌ର ବହୁ ବରିଷ୍ଠ ଡାକ୍ତର, ନର୍ସ, କର୍ମଚାରୀ ଏବଂ ବିଭିନ୍ନ ୱାର୍ଡର ବହୁ ସଂଖ୍ୟକ ଆରୋଗ୍ୟ ଆଶାୟୀ ଏବଂ ଦର୍ଶକ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନରେ କର୍ମଚାରୀମାନେ ଅଗ୍ନିଶମନ, ଉଦ୍ଧାର ଏବଂ ସମରକାଳୀନ ଦଳ ଭଳି ବିଭିନ୍ନ ଦଳରେ ବିଭକ୍ତ ହୋଇ ରୋଗୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ସଫଳତାର ସହିତ ଅଭ୍ୟାସ ସମାପ୍ତ କରିଥିଲେ। ଏହି ପ୍ରଦର୍ଶନରେ ସତର୍କତା, ସ୍ଥାନାନ୍ତରଣ ପ୍ରକ୍ରିୟା, ଅଗ୍ନି ନିରାପତ୍ତା ଉପକରଣର ବ୍ୟବହାର ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ପରୀକ୍ଷା କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଯାହା ଦ୍ୱାରା ରୋଗୀ, ଆଟେଣ୍ଡାଣ୍ଟ ଏବଂ କର୍ମଚାରୀଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷିତ ଭାବରେ ପରିଚାଳନା କରାଯାଇ ପାରିଥିଲା। ପ୍ରାରମ୍ଭିକ ପ୍ରତିକ୍ରିୟା ସମୟରେ ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ ଏବଂ ପରିଚାଳନା କରିବା ସହ କର୍ମଚାରୀଙ୍କ କ୍ଷମତାକୁ ସୁଦୃଢ଼ କରିବା ଏହି ଅଭ୍ୟାସର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ପ୍ରଦର୍ଶନକୁ ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶୁଭବ୍ରତ ସାହୁଙ୍କ ନେତୃତ୍ୱରେ ସଂଯୋଜନା କରାଯାଇ ଥିଲା ବେଳେ ଏହାକୁ ଆଇଜିଏଚର ବରିଷ୍ଠ ପରାମର୍ଶଦାତା ଡ. ରିତା ସୁରିତ ପରିଚାଳନା କରିଥିଲେ।

# ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟସ୍ଥଳରେ ସ୍ୱଚ୍ଛତା ଅଭିଯାନ

ବଣାଇ, ୮।୪(ସମିସ): ବଣାଇଗଡ଼ ବ୍ଲକ ପ୍ରଶାସନ ତରଫରୁ ବଣାଇଗଡ଼ ବ୍ଲକ ମୁଖ୍ୟାଳୟ, ୧୩ଟି ପଞ୍ଚାୟତ ତଥା ରାଜସ୍ୱ ଗ୍ରାମ ଗୁଡ଼ିକରେ ଦେବାଳୟ ଓ ଐତିହ୍ୟସ୍ଥଳୀ ଗୁଡ଼କ୍ରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବଣାଇଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବଣାଇଗଡ଼ ମୁଖ୍ୟାଳୟରେ ଥିବା ବାବା ବାଣେଶ୍ୱର ମନ୍ଦିର, ରୁଗୁଡ଼ା ଜଗନ୍ନାଥ ମନ୍ଦିର, ମା' ବଲାଣୀପାଟ ମନ୍ଦିର, ଗୋଗୁଆ ଶିବ ମନ୍ଦିର, ମହୁଲଡିଆ ଶିବ ମନ୍ଦିର, ତଳିତା ଶିବ ମନ୍ଦିର, ସରସରା ଜଗନ୍ନାଥ ମନ୍ଦିର ଆଦି ବିଭିନ୍ନ ମନ୍ଦିର ଦେବାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ବଣାଇଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ବ୍ଲକ କନିଷ୍ଠ ଯନ୍ତ୍ରୀ ନନ୍ଦକିଶୋର ସାହୁ, ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ, ରୁଗୁଡା ପିଇଓ ସୁଜିତ କୁମାର ସାହୁ, ଗୋଗୁଆ ପିଇଓ ଭୁବନେଶ୍ୱର ଖରସେଲ, ବଣାଇଁଗଡ଼ ପିଇଓ ରୋମିଓ ରଞ୍ଜନ ପ୍ରଧାନ ଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ, ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବଣାଇଗଡ଼ ବିଡିଓ ଶ୍ରୀ ଜୟପୁରିଆ କାର୍ଯ୍ୟକ୍ରମରେ ଯୋଗଦାନ କରି ସ୍ୱଚ୍ଛତା ଅଭିଯାନକୁ ସଫଳ କରିଥିବାରୁ ବ୍ଲକ ପ୍ରଶାସନ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ।



# କଟକ ସିଟି



### ଉତ୍କଟ ହେଉଛି ଏଲ୍‌ପିଜି ସଂକଟ

# କନ୍ଦେଇଲାଣି ୫ କେଜି ସିଲିଣ୍ଡର୍



କଟକ,୮ ।୪(ସମିସ):

ସହରରେ ଉତ୍କଟ ହେବାରେ ଲାଗିଛି ଏଲ୍‌ପିଜି ସଂକଟ। ରାଜ୍ୟ ସରକାର ୫କେଜି ସିଲିଣ୍ଡର୍ ଉପରେ କଟକଣା ଲଗାଇବା ପରେ ହଷ୍ଟେଲ୍ ଅନ୍ତେବାସୀ, ଫାଷ୍ଟଫୁଡ୍ ଦୋକାନୀ, ଛୋଟ ହୋଟେଲ୍, ଶ୍ରମିକଶ୍ରେଣୀର ଲୋକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ସେମାନେ ରାନ୍ଧିବା ପାଇଁ ୫କେଜିର ସିଲିଣ୍ଡର୍ ବ୍ୟବହାର କରୁଥିଲେ। ସହରରେ ଥିବା ଭେଣ୍ଡରମାନେ ବଡ଼ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଆଣି ୫କେଜି ସିଲିଣ୍ଡରରେ ରିଫିଲିଙ୍ଗ୍ କରୁଥିଲେ। ଏବେ ଏସବୁରୁ ନିବୃତ୍ତ ରହିବାକୁ ଜିଲ୍ଲା ଖାଉଟି ଓ ଯୋଗାଣ ବିଭାଗ କଡ଼ା ନିର୍ଦ୍ଦେଶ ଦେବା ପରେ ଏହାର ଗଭୀର ପ୍ରଭାବ ନିମ୍ନମଧ୍ୟବିତ୍ତ ଏବଂ ଗରୀବଙ୍କ ଉପରେ ପଡ଼ିଛି। ସରକାର ଯେଉଁ ୫କେଜିର ଗ୍ୟାସ୍ ନେବାକୁ ଇ-କେୱାଇସି କରିବା ବାଧ୍ୟତାମୂଳକ କରିଛନ୍ତି, ତାହା କରିବାକୁ ଅନ୍ତେବାସୀ, ଛୋଟ ଦୋକାନୀ ଓ ଶ୍ରମିକଶ୍ରେଣୀର ଲୋକ ଅମଙ୍ଗ ହେଉଛନ୍ତି। ଏହି ଇ-କେୱାଇସି କରିବାକୁ କେବଳ ଆଧାର କାର୍ଡ ଓ ଓଟିପି ବାଧ୍ୟତାମୂଳକ ହୋଇଥିବା ବେଳେ ଗ୍ୟାସ୍ ଭେଣ୍ଡରମାନେ ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଇଲେକ୍ଟ୍ରିକ୍ ବିଲ୍ ଭଳି ଡକ୍ୟୁମେଣ୍ଟ ମାଗୁଛନ୍ତି। ହଷ୍ଟେଲ୍‌ରେ ରହୁଥିବା ଛାତ୍ରଛାତ୍ରୀ, ମୂଲ ଲାଗୁଥିବା ଦିନ ମଜୁରିଆ, ଉଠା ଦୋକାନୀ, ଫାଷ୍ଟଫୁଡ୍ ଦୋକାନୀଙ୍କ ପାଇଁ ଇ-କେୱାଇସି ନିମନ୍ତେ ଆବଶ୍ୟକ ପଡୁଥିବା କାଗଜପତ୍ର ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ଯାହାଫଳରେ ୫କେଜି ଗ୍ୟାସ୍ ରିଫିଲିଙ୍ଗ୍ ହୋଇ ପାରୁନାହିଁ।

ସୂଚନା ଅନୁସାରେ, ପଞ୍ଜିକୃତ ଭେଣ୍ଡରଙ୍କୁ ବାଦ୍ ଦେଲେ ସାରା ସହରରେ ବେଆଇନ୍ ଗ୍ୟାସ୍ ରିଫିଲିଙ୍ଗ୍ ଦୋକାନ ଛତୁ ଫୁଟିଲା ଭଳି ରହିଛି। ଏସବୁ ଦୋକାନକୁ ଯାଇ ସହଜରେ ଅନ୍ତେବାସୀଙ୍କ ଠାରୁ ଛୋଟ ହୋଟେଲ୍ ମାଲିକମାନେ ୫କେଜିର ଗ୍ୟାସ୍ ଭର୍ତ୍ତି କରନ୍ତି। ଏବେ ବଡ଼ ଗ୍ୟାସ୍ ଉପଲବ୍ଧ ନହେବାରୁ ସେମାନେ ଦୋକାନ ବନ୍ଦ କରି ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସରକାରଙ୍କ ନୂଆ ନିୟମ ଅନୁସାରେ ଇ-କେୱାଇସି କରିବା ପରେ ପ୍ରତ୍ୟେକ ୫କେଜି ଗ୍ୟାସ୍ କ୍ରୟ କରିବାକୁ ଚାହୁଁଥିବା ଗ୍ରାହକମାନେ ୧୬୦୦ଟଙ୍କା ଟାଙ୍କି ବାବଦରେ ଡିପୋଜିଟ୍ କରିବେ। ଘରେ ପୁରୁଣା ୫କେଜି ଗ୍ୟାସ୍ ଟାଙ୍କି ଥାଇ, କାହିଁକି ଜଣେ ନୂଆ ଗ୍ୟାସ୍ ଟାଙ୍କ କିଣିବ, ତାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଗରୀବ ଲୋକ, ଛାତ୍ର/ଛାତ୍ରୀ, ଛୋଟ ଦୋକାନୀଙ୍କୁ ଇକେୱାଇସି ଆଳରେ ଶୋଷଣ କରାଯାଉଥିବା ଅଭିଯୋଗ ଉଠିଛି।

- ଗ୍ୟାସ୍ ସଂକଟରେ ଘାଣ୍ଟି ହେଉଛନ୍ତି ଫାଷ୍ଟଫୁଡ୍ ବ୍ୟବସାୟୀ ଓ ହୋଟେଲ୍ ମାଲିକ
- ଇ-କେୱାଇସି ପାଇଁ ଅମଙ୍ଗ ହଷ୍ଟେଲ୍ ଅନ୍ତେବାସୀ
- ପୁରୁଣା ଟାଙ୍କି ଥାଇ ୧୬୦୦ ଟଙ୍କା ଖର୍ଚ୍ଚ କରିବାକୁ ସମସ୍ତେ ନାରାଜ୍

ସହରରେ ୧୫ହଜାରରୁ ଅଧିକ ଲୋକ ଫାଷ୍ଟଫୁଡ୍ ଦୋକାନ ତଥା ଛୋଟ ହୋଟେଲ୍ କରି ପରିବାର ଚଳାଉଛନ୍ତି। ଏବେ ଏହି ସମସ୍ୟା ଦେଖାଦେବାରୁ ସେମାନେ କେମିତି ରୋଷେଇ କରି ଖାଇବେ, ତାହା ଚିନ୍ତାର ବିଷୟ ପାଲଟିଛି। ଅନ୍ୟପଟେ ରାଜ୍ୟ ସରକାର ଗ୍ୟାସ୍ ମହଜୁଦ୍ ଥିବା କହୁଥିବା ବେଳେ ବାସ୍ତବରେ ସ୍ଥିତି ସଂଗୀନ ହୋଇପଡ଼ିଲାଣି। ଗ୍ୟାସ୍ ପୂର୍ବ ଭଳି ମିଳୁନଥିବାରୁ ଏହା ବ୍ୟବସାୟୀ ଓ ସାଧାରଣ ଖାଉଟିଙ୍କ ପାଇଁ ମୁଣ୍ଡ ବ୍ୟାଥର କାରଣ ପାଲଟିଛି। ଏଭଳି ପରିସ୍ଥିତିରେ ଗ୍ୟାସ୍ ବୁକିଂ ନିମନ୍ତେ ୩ଟି ପ୍ରମୁଖ ରାଷ୍ଟ୍ରାୟତ କମ୍ପାନୀ ମୋବାଇଲ୍ ନମ୍ବର ଜାରି କରିଥିବା ବେଳେ ତାହା ବିଫଳ ହୋଇଛି। ଇଣ୍ଡେନ୍, ଭାରତ ଓ ଏଚ୍‌ପି ଦ୍ୱରିତ ଗ୍ୟାସ୍ ସିଲିଣ୍ଡର୍ ବୁକିଂ ଏବଂ ଏହା ପରେ ଗ୍ୟାସ୍ ଯୋଗାଇବା ନିମନ୍ତେ ଯେଉଁ ମୋବାଇଲ ନମ୍ବର ଜାରି କରିଥିଲେ, ତାହା କାର୍ଯ୍ୟକ୍ଷମ ହେଉନାହିଁ। କେବଳ ଯେଉଁ ଗ୍ୟାସ୍ ବିତରକ ସଂସ୍ଥା ଅନଲାଇନ୍ ଏବଂ ଆପ୍ ମାଧ୍ୟମରେ ବୁକିଂ ସୁବିଧା ରଖିଛନ୍ତି, ସେମାନଙ୍କ ପେଜ୍ ସ୍କ୍ରିନ୍‌ରେ ଖୋଲୁଚି ସତ କିନ୍ତୁ ବୁକିଂ ହେବା ସମ୍ଭବପର ହେଉନାହିଁ। ଏଭଳି ସ୍ଥିତିରେ ଗ୍ୟାସ୍ ବୁକିଂ ନହୋଇ ପାରିବାରୁ ସାଧାରଣ ଖାଉଟି ଏବେ ଚିନ୍ତାରେ। ଏହି ଗ୍ୟାସ୍ ସଙ୍କଟ ଲାଗି ରହିଲେ, ରୋଷଶାଳାରେ ଏହାର ଗୁରୁତର ପ୍ରଭାବ ପଡ଼ିବ।

## ରେଭେନ୍ସା ବିଶ୍ୱବିଦ୍ୟାଳୟର ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ



କଟକ,୮।୪(ସମିସ): ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଆଜି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ବିଧିବଦ୍ଧ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଆଜି ପୂର୍ବାହ୍ନରେ ସେ ବିଶ୍ୱବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ଶିକ୍ଷା ପରିଷଦ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, କୁଳସଚିବ କାହ୍ନୁଚରଣ ମଲ୍ଲିକ ଏବଂ କୁଳପତିଙ୍କ ବ୍ୟକ୍ତିଗତ ସଚିବ ମନୋରଞ୍ଜନ ସେଠୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ପ୍ରଫେସର ଦାସ ମହାପାତ୍ର ବିଶ୍ୱବିଦ୍ୟାଳୟର ବରିଷ୍ଠ ପଦାଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇଥିଲେ। ଏଥିରେ ବିତ୍ତ ନିୟନ୍ତ୍ରକ, ପରୀକ୍ଷା ନିୟନ୍ତ୍ରକ, ଛାତ୍ରାବାସ ମୁଖ୍ୟ ତତ୍ତ୍ୱାବଧାରକ, ଆଇକ୍ୟୁଏସି ନିର୍ଦ୍ଦେଶକ ଏବଂ ଉନ୍ନୟନ ଅଧିକାରୀଙ୍କ ସହ ଶିକ୍ଷା ଓ ପ୍ରଶାସନିକ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଶେଷ କରି ମହାନଦୀ କ୍ୟାମ୍ପସର ସ୍ଥିତି ଏବଂ ଏହାର ଭବିଷ୍ୟତ ଉନ୍ନତିମୂଳକ କାର୍ଯ୍ୟ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଅପରାହ୍ନରେ କୁଳପତି ସମସ୍ତ ବିଭାଗର ମୁଖ୍ୟମାନଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରିଥିଲେ। ପ୍ରତ୍ୟେକ ବିଭାଗର ସୁବିଧା ଅସୁବିଧା ବୁଝିବା ସହ ଶୈକ୍ଷିକ ମାନଦଣ୍ଡରେ ବୃଦ୍ଧି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ରେଭେନ୍ସାର ଗାରିମାକୁ ବଜାୟ ରଖିବା ପାଇଁ ସମୂହ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ପ୍ରଫେସର ଦାସ ମହାପାତ୍ର ଆଗାମୀ ଚାରି ବର୍ଷ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟ କରିବେ।

## ମତଦାତା ସହାୟତା କେନ୍ଦ୍ର ଉଦ୍‌ଘାଟିତ

କଟକ,୮।୪(ସମିସ): ମତଦାତାମାନଙ୍କୁ ନିର୍ବାଚନ ସମ୍ପର୍କିତ ସମସ୍ତ ସେବା ଯୋଗାଇଦେବା ଲକ୍ଷ୍ୟରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ମତଦାତା ସହାୟତା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ କମଳଜିତ ଦାସ ଆଜି ଏହି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଆସନ୍ତା ନିର୍ବାଚନ ପାଇଁ




ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିହୀନ କରିବା ଜିଲ୍ଲା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ଏହି ଅବସରରେ କୁହାଯାଇଛି। ଏହି ସହାୟତା କେନ୍ଦ୍ର ମାଧ୍ୟମରେ ମତଦାତାମାନେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରିବେ। ବିଶେଷ କରି ଭୋଟର ତାଲିକାରେ ନୂତନ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ଭଳି ସେବା ଏଠାରେ ସହଜରେ ଉପଲବ୍ଧ ହେବ। ସହାୟତା କେନ୍ଦ୍ରରେ ପ୍ରଶିକ୍ଷିତ କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କୁ ମାର୍ଗଦର୍ଶନ କରୁଥିବା ବେଳେ ଅନଲାଇନ ସହାୟତା ପାଇଁ "ଇସିଆଇ ନେଟ୍"ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି କେନ୍ଦ୍ରର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି "ବୁକ୍ ଏ କଲ୍ ୱିଥ୍ ବିଏଲଓ" ସୁବିଧା। ଏହା ମାଧ୍ୟମରେ ମତଦାତାମାନେ ସିଧାସଳଖ ନିଜ ଅଞ୍ଚଳର ବୁଥସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କରିପାରିବେ। ଏହି ଏସଆଇଆର ମ୍ୟାପିଂ ଅଭିଯାନରେ ସଠିକ ତଥ୍ୟ ପ୍ରଦାନ କରି ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ନିବେଦନ କରାଯାଇଛି।

## ବାଲେଶ୍ୱରରୁ ନିଖୋଜ ନାବାଳିକା ଉଦ୍ଧାର

କଟକ,୮।୪(ସମିସ): ପରିବାର ଲୋକଙ୍କ ଗାଳିଗୁଲଜରେ ଅତିଷ୍ଠ ହୋଇ ଘରୁ ନିଖୋଜ ହୋଇଯାଇଥିବା ଜଣେ ନାବାଳିକାକୁ ମାଲଗୋଦାମ ଥାନା ପୁଲିସ ବାଲେଶ୍ୱରରୁ ସକୁଶଳେ ଉଦ୍ଧାର କରିଛି। ସିଡବ୍ଲୁସିକୁ ଅବଗତ କରାଇବା ପରେ ନାବାଳିକାକୁ ତାଙ୍କ ପରିବାର ଜିମା ଦିଆଯାଇଛି। ସୂଚନା ଅନୁଯାୟୀ, ଯୋବ୍ରା ଦାସ ସାହି ଅଞ୍ଚଳର ଏହି ନାବାଳିକା ଜଣକ ପାଠପଢ଼ା ଛାଡ଼ି ଅଧିକାଂଶ ସମୟ ଟିଭି ଓ ମୋବାଇଲ୍‌ରେ ବ୍ୟସ୍ତ ରହୁଥିବାରୁ ମଙ୍ଗଳବାର ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ମର୍ମାହତ ହୋଇ ସେ କାହାରିକୁ କିଛି ନ କହି ସନ୍ଧ୍ୟାରେ ଘରୁ ପଳାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ସନ୍ଧାନ ନ ମିଳିବାରୁ ପରିବାର ଲୋକେ ବିଳମ୍ବିତ ରାତି ପ୍ରାୟ ୧ଟାରେ ମାଲଗୋଦାମ ଥାନାରେ ଏତଲା ଦେଇଥିଲେ। ପୁଲିସ ତୁରନ୍ତ ଏକ ଟିମ୍ ଗଠନ କରି ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡ ଭଳି ବିଭିନ୍ନ ସ୍ଥାନରେ ରାତିତମାମ ଖୋଜାଖୋଜି କରିଥିଲା। ପରେ ନାବାଳିକାଙ୍କ ମୋବାଇଲ୍‌କୁ ଟ୍ରାକିଂ କରିବାରୁ ତାଙ୍କର ଅବସ୍ଥିତି ବାଲେଶ୍ୱର ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ସକାଳେ ସେ ବାଲେଶ୍ୱରସ୍ଥିତ ତାଙ୍କ ମାଉସୀ ଘରେ ଥିବା ଖବର ମିଳିବା ପରେ ପୁଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କଟକ ଆଣିଥିଲା। ପ୍ରାୟ ୧୨ ଘଣ୍ଟା ମଧ୍ୟରେ ପୁଲିସ ନାବାଳିକାକୁ ଠାବ କରିବାରେ ସଫଳ ହୋଇଥିବାରୁ ପରିବାର ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

## ଜେଲ୍‌ରୁ ଫେରି ପତ୍ନୀଙ୍କୁ ନିର୍ଯାତନା: ଅଭିଯୁକ୍ତ ସ୍ୱାମୀ ଗିରଫ

କଟକ,୮।୪(ସମିସ): ପତ୍ନୀଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ମଧୁପାଟଣା ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛନ୍ତି ନୟାଗଡ଼ ଜିଲ୍ଲାର ପ୍ରଦୀପ୍ତ ପଟ୍ଟନାୟକ (୪୫)। ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ମଧୁପାଟଣା ଥାନା ଅନ୍ତର୍ଗତ ବାଲିସାହି ଅଞ୍ଚଳର ରାଜଲକ୍ଷ୍ମୀ ସିଂହଙ୍କୁ ପ୍ରଦୀପ୍ତ ବିବାହ କରିଥିଲେ। ମାତ୍ର ବିବାହର କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ଦାମ୍ପତ୍ୟ କଳହ ସୃଷ୍ଟି ହୋଇଥିଲା, ଯାହା ଫଳରେ ସେମାନେ ଅଲଗା ରହୁଥିଲେ। ପୂର୍ବରୁ ମଧ୍ୟ ପତ୍ନୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପ୍ରଦୀପ୍ତ ଗିରଫ ହୋଇ ଜେଲ୍ ଯାଇଥିଲେ। ମାତ୍ର ୧୫ ଦିନ ତଳେ ଜେଲରୁ ଜାମିନରେ ବାହାରିବା ପରେ ପ୍ରଦୀପ୍ତଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ସେ ପୁଣି ଥରେ ପତ୍ନୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏଥିରେ ଅତିଷ୍ଠ ହୋଇ ରାଜଲକ୍ଷ୍ମୀ ଗତ ମାର୍ଚ୍ଚ ୩୦ ତାରିଖରେ ମଧୁପାଟଣା ଥାନାରେ ଲିଖିତ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଛି।

● ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା

## ବିକ୍ରମ ପଣ୍ଡାଙ୍କ ଜାମିନ ଶୁଣାଣି ୧୫ରେ

କଟକ,୮ ।୪(ସମିସ): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଆଜି ଅସମ୍ପୂର୍ଣ୍ଣ ରହିଛି। ଆଜି ଉଭୟ ଆବେଦନକାରୀ ଓ ସରକାରଙ୍କ ତରଫରୁ ଏହି ମାମଲାରେ ଯୁକ୍ତି ଉପସ୍ଥାପନ ହୋଇଥିଲା ବେଳେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୫ତାରିଖକୁ ସ୍ଥିର କରିଛନ୍ତି ଅଦାଲତ। ଶ୍ରୀ ପଣ୍ଡାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ପୂର୍ବତନ ବିଧାୟକ ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ସାଂସଦ ଓ ବିଧାୟକଙ୍କ ମାମଲା ପାଇଁ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠରେ କରାଯାଉଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ତଥା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁ ଓ ମଦନ ମୋହନ ଦଳାଇଙ୍କ ଜାମିନ ଆବେଦନକୁ ଏଥିରୁ ପୃଥକ କରାଯାଇଛି। ଏହି ହତ୍ୟା ଘଟଣାରେ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ବ୍ରହ୍ମପୁର ଅତିରିକ୍ତ ଦୌରା ଜଜ ଅଦାଲତ ଖାରଜ କରିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ଧୂପକାଠି ବେପାର ଆଳରେ ବାଇକ୍ ଚୋରି

## ୨ ଆନ୍ତଃଜିଲ୍ଲା ଚୋର ଗିରଫ, ୨ ଗାଡ଼ି ଉଦ୍ଧାର

କଟକ,୮।୪(ସମିସ): ଧୂପକାଠି ବିକ୍ରି କରିବା ବାହାନାରେ ସହରର ବିଭିନ୍ନ ସ୍ଥାନରୁ ଗାଡ଼ି ଚୋରି କରୁଥିବା ଏକ ଆନ୍ତଃଜିଲ୍ଲା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି କ୍ୟାଣ୍ଟନମେଣ୍ଟ ଥାନା ପୁଲିସ। ଏହି ମାମଲାରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ଚୋରି ବାଇକ୍ ଓ ଗୋଟିଏ ସ୍କୁଟି ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳର ଦିଲ୍ଲୀପ ତରାଇ (୩୩) ଏବଂ ଶଶିକାନ୍ତ ସାହୁ (୩୨)। ଉଭୟ ବର୍ତ୍ତମାନ କଟକର ନୂଆପଡ଼ା ଓ ଘାଟକୂଳ ଅଞ୍ଚଳରେ ରହୁଥିଲେ। ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୨୫ ତାରିଖରେ ବକ୍ସିବଜାର ଅଞ୍ଚଳରୁ ସୂର୍ଯ୍ୟକାନ୍ତ ବାରିକ ନାମକ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଥିଲା। ଏହି ଅଭିଯୋଗ ଆଧାରରେ ଥାନା ଅଧିକାରୀ ମୋତିଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ବୁଧବାର ଭୋର ସମୟରେ ପୁଲିସ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ଘରୁ ଚୋରି ହୋଇଥିବା ଗାଡ଼ିଗୁଡ଼ିକୁ ଜବତ କରିଛି। ଅଭିଯୁକ୍ତମାନଙ୍କ ଚୋରି କରିବାର ଶୈଳୀ ପୁଲିସକୁ ଚକିତ କରିଛି। ସେମାନେ ଦିନବେଳା ଧୂପକାଠି ବିକ୍ରି କରିବା ଆଳରେ ଘର ଘର ବୁଲି ଗାଡ଼ି ଚାଳକଙ୍କ ଗତିବିଧି ଉପରେ ନଜର ରଖୁଥିଲେ। ଗହଳି ସ୍ଥାନରେ ଚାଳକ ଅନ୍ୟମନସ୍କ ଥିବା ଦେଖିଲେ ମାତ୍ର କିଛି ମିନିଟ୍ ମଧ୍ୟରେ ହ୍ୟାଣ୍ଡେଲ୍ ଲକ୍ ଭାଙ୍ଗି ଗାଡ଼ି ଚୋରାଇ ନେଉଥିଲେ। ଗତ ଦୁଇ ମାସ ମଧ୍ୟରେ ସେମାନେ ୫ଟି ଗାଡ଼ି ଚୋରି କରି ସାରିଥିବା ସ୍ୱୀକାର କରିଛନ୍ତି। ବିକ୍ରି ହୋଇସାରିଥିବା ଅନ୍ୟ ୩ଟି ଗାଡ଼ିକୁ ଉଦ୍ଧାର କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଗାଡ଼ି ନମ୍ବର ପ୍ଲେଟ୍‌ରେ ଷ୍ଟିକର୍ ଓ ଲୋଗୋ ମନା

କଟକ,୮ ।୪(ସମିସ): ଦୁଇ ଚକିଆ ହେଉ କି ଚାରିଚକିଆ ଗାଡିର ଏଚଏସଆରପି ନମ୍ବର ପ୍ଲେଟରେ ବେଆଇନ ଭାବେ ବିଭିନ୍ନ ସଂସ୍ଥା ତଥା ବୃତ୍ତିଗତ ଷ୍ଟିକର ଓ ଲୋଗୋ ବ୍ୟବହାର କରୁଥିବା ଗାଡ଼ି ଚାଳକଙ୍କ ପାଇଁ ସତର୍କ ଘଣ୍ଟି। ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ଏହା ବିରୋଧରେ ଏନଫୋର୍ସମେଣ୍ଟ କଡ଼ାକଡି କରାଯାଇଛି। କଟକ ସହରରେ ଏଭଳି ନିୟମ ଉଲ୍ଲଘଂନକାରୀଙ୍କ ଗାଡି ଜବତ କରାଯାଉଛି। ପରିବହନ ବିଭାଗ ପକ୍ଷରୁ ପୂର୍ବରୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ବେଳେ ଏହା ବିରୋଧରେ ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିଲା। ତେବେ କେତେକ ବ୍ୟକ୍ତିଗତ ଗାଡ଼ିର ନମ୍ବର ପ୍ଲେଟରେ 'ପୁଲିସ' ଏବଂ 'ଓଏଚଆରସି' ବା ମାନବାଧିକାର କମିସନ ଭଳି ଅନଧିକୃତ ଲୋଗୋ ବ୍ୟବହାର କରାଯାଇଆସୁଛି।

**ପରିବହନ ବିଭାଗ ଓ ପୁଲିସର ଏନଫୋର୍ସମେଣ୍ଟ କଡ଼ାକଡ଼ି**

ବିଶେଷକରି କେତେକ ଏନଜିଓ ପକ୍ଷରୁ ଉପରେ ରୋକ ଲଗାଯାଇଛି। ପରିବହନ ନିର୍ଦ୍ଦେଶନାମା ଅନୁଯାୟୀ, ଗାଡ଼ିର ନମ୍ବର ପ୍ଲେଟରେ କେବଳ ସରକାରୀ ଭାବେ ପ୍ରଦାନ କରାଯାଇଥିବା ପଞ୍ଜୀକରଣ ନମ୍ବର ହିଁ ରହିପାରିବ। ରାଜ୍ୟରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିବ, ଯେଉଁଥିରେ ଅନଧିକୃତ ଲୋଗୋ ଓ ଷ୍ଟିକର ଥିବା ଗାଡ଼ିଗୁଡ଼ିକୁ ଚିହ୍ନଟ କରାଯିବ। ଦୁଇଚକିଆ ଓ ଚାରଚକିଆ ବ୍ୟକ୍ତିଗତ ଗାଡିର ନମ୍ବର ପ୍ଲେଟରେ ପୁଲିସ, ପ୍ରେସ, ଆର୍ମି, ମାନବାଧିକାର ସଂସ୍ଥା ଲେଖାଯାଉଛି ଏହିଭଳି ଲେଖା ଉପରେ କଟକଣା ଲଗାଯାଇଛି। ନମ୍ବର ପ୍ଲେଟରେ ନମ୍ବର ବ୍ୟତୀତ କୌଣସି ଅତିରିକ୍ତ ଲେଖା, ଲୋଗୋ କିମ୍ବା ଚିହ୍ନ ବ୍ୟବହାର କରିବା ସମ୍ପୂର୍ଣ୍ଣ ନିଷେଧ। ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ମୋଟରଯାନ ଆଇନ ଅନୁଯାୟୀ ଜରିମାନା କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ବୋଲି କୁହାଯାଇଛି। କଟକ ସହରରେ ଗତ ଦୁଇ ଦିନ ମଧ୍ୟରେ ଏଭଳି ଶତାଧିକ ଗାଡିକୁ ଜରିମାନା କରାଯାଇଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଡାକ୍ତର ପଦ ପୂରଣ ଦାବିରେ ନାଗରିକ ଧାରଣା

କଟକ,୮ ।୪(ସମିସ): କଟକ ବଡ ମେଡିକାଲ ସମେତ ସମସ୍ତ ଡାକ୍ତରଖାନା ଗୁଡିକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ୬୦ ଭାଗ ଡାକ୍ତର ପଦ ଖାଲି ପଡିଛି। ଏହି ଗୁରୁତର



ସମସ୍ୟା ଗୁଡିକୁ ଯୁଦ୍ଧକାଳୀନ ଭିତିରେ ସମାଧାନ ଦାବିରେ ବିଭିନ୍ନ ନାଗରିକ ଅନୁଷାନ ପକ୍ଷରୁ ନାଗରିକ ଧାରଣା କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣାରେ ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ବିଶ୍ୱାବସୁ ଦାସ, ଇଂ କ୍ଷିରୋଦ ମହାପାତ୍ର, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, ପ୍ରତାପ ଦାସ, ବିଶ୍ୱଜିତ ଘୋଷ, ଡଲି ଦାଶ, ଅନିମା ରାୟ, ବିରଞ୍ଚି ନାରାୟଣ ନାୟକ, ନିର୍ମଳ ସାମଲ, ଅକ୍ଷୟ ରାଉଳ, ରଞ୍ଜନ ଲେଙ୍କା, ବି ମିଶ୍ର, ଇନ୍ଦୁଭୂଷଣ ବେହେରା, ରୁଦ୍ରେଶ ଦାଶ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଉଚିତ ଥିଲା। ଯଦି ସେ ଇସ୍ତଫା ନିଜ ତରଫରୁ ଦେଉ ନାହାନ୍ତି ତା'ହେଲେ ମନ୍ତ୍ରୀମଣ୍ଡଳରୁ ତାଙ୍କୁ ବରଖାସ୍ତ କରାଯାଉ ବୋଲି ନେତୃବୃନ୍ଦ ଦାବି କରିଥିଲେ। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଆର୍ଥିକ ସହାୟତା ଏବଂ ଆହତଙ୍କୁ ଉନ୍ନତ ଏବଂ ମାଗଣା ଚିକିତ୍ସା ପ୍ରଦାନ ସହ ଉପଯୁକ୍ତ ସହାୟତା ଦିଆଯିବା, ସମସ୍ତ ସରକାରୀ ହସ୍ପିଟାଲରେ ତୁରନ୍ତ ଅଗ୍ନି ନିରାପତ୍ତା ତଦାରଖ କରାଯିବା ସହ ବଡ ମେଡିକାଲରେ ଖାଲି ଥିବା ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ ଅନ୍ୟାନ୍ୟ କର୍ମଚାରୀ ପଦବି ଅବିଳମ୍ବେ ପୂରଣ କରାଯିବା ଆଦି ୧୨ ଦଫା ସମ୍ବଳିତ ଦାବିପତ୍ରକୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି।

## ମିଶନ ରୋଡ ସେଣ୍ଟ ଜେଭିଅର୍ସ ହାଇସ୍କୁଲର 'ସ୍ପେସ୍ କା ସଫର୍'

କଟକ,୮।୪(ସମିସ): ମିଶନ ରୋଡ ସ୍ଥିତ ସେଣ୍ଟ ଜେଭିଅର୍ସ ହାଇସ୍କୁଲରେ ବିଶେଷ ବୈଜ୍ଞାନିକ କାର୍ଯ୍ୟକ୍ରମ 'ମହାକାଶ ଯାତ୍ରା ଓ ବ୍ରହ୍ମାଣ୍ଡକୁ ସ୍ୱାଗତ' କସ୍ମୋସ ଡୋମ ପ୍ଲାନେଟାରିୟମ ଦ୍ୱାରା ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତରୀକ୍ଷ ବିଜ୍ଞାନ ପ୍ରତି ଆଗ୍ରହ ବଢ଼ାଇବା ଓ ନୂତନ ତଥ୍ୟ ଜ୍ଞାନ ଦେବା ଉପରେ ଆଧାରିତ ଥିଲା। ବିଶେଶ କରି ଗୁଗୁଲ୍ ଏବଂ ଇସ୍ରୋ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜଣେ



ଏଆଇ ଶିକ୍ଷକ ଥିଲେ ଶ୍ରୀ ଚିତାଂଶ ମୌର୍ଯ୍ୟ ଯିଏ କି ଏହି କାର୍ଯ୍ୟକ୍ରମ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନେ ନାସାର ଅନ୍ତରୀକ୍ଷ ଅଭିଯାନ, ଉପଗ୍ରହ ପ୍ରକଳ୍ପ ଓ ଅନ୍ୟାନ୍ୟ ବୈଜ୍ଞାନିକ ପ୍ରୟୋଗ ସମ୍ପର୍କରେ ଜାଣିଥିଲେ। ସେଣ୍ଟ ଜାଭିୟର ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଭୁ ଚରଣ ମହାନ୍ତି, ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହକାରୀ ନିର୍ଦ୍ଦେଶିକା ଆୟଶା ଦାସ ଏବଂ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ବୈଜ୍ଞାନିକ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକମଣ୍ଡଳୀ ଏହି ପ୍ରକାରର କାର୍ଯ୍ୟକ୍ରମ ଆୟୋଜନର ଗୁରୁତ୍ୱ ବିଷୟରେ ପିଲାମାନଙ୍କୁ କହିଥିଲେ।

# ମେଟ୍ରୋ ପ୍ରକଳ୍ପ ବନ୍ଦ ବିରୋଧରେ ବିଜେଡିର ଗର୍ଜନ

କଟକ,୮ ।୪(ସମିସ):

କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହେବା ପ୍ରତିବାଦରେ ଆଜି କଟକ ସହରରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଙ୍କ ଓଡ଼ିଶା ପ୍ରତି ଥିବା ବୈମାତୃକ

**ପ୍ରତିବାଦ ସଭାରେ ବିଜେପି ସରକାରକୁ ସମାଲୋଚନା**

**ତୁରନ୍ତ ଅର୍ଥ ମଞ୍ଜୁର ସହ କାର୍ଯ୍ୟ ଆରମ୍ଭ ଦାବି**




ମନୋଭାବକୁ ବିରୋଧ କରି ବକ୍ସି ବଜାର ଗୋଲେଇ ଛକ ନିକଟରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର କେନ୍ଦ୍ର ସରକାର ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି ଏବଂ ବଜେଟରେ ମେଟ୍ରୋ ପ୍ରକଳ୍ପ ପାଇଁ କୌଣସି ଅର୍ଥ ବ୍ୟୟବରାଦ କରିନାହାନ୍ତି। ସେହିଭଳି ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଭୁବନେଶ୍ୱର-କଟକ ମେଟ୍ରୋ ପ୍ରକଳ୍ପକୁ ରାଜ୍ୟର ବର୍ତ୍ତମାନର ବିଜେପି ସରକାର ବାତିଲ କରିଦେଇଥିବା ବିଜେଡି ଅଭିଯୋଗ କରିଛି। ଭାରତର ୨୫ଟି ରାଜ୍ୟରେ ମେଟ୍ରୋ ବ୍ୟବସ୍ଥା ଥିବା ବେଳେ ଓଡ଼ିଶାରେ କାହିଁକି ଏହା ହୋଇପାରିବ ନାହିଁ ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। ଓଡ଼ିଶାରୁ ୨୦ ଜଣ ଲୋକସଭା ସାଂସଦ ନିର୍ବାଚିତ ହୋଇଥିବା ବେଳେ କେନ୍ଦ୍ର ରେଳମନ୍ତ୍ରୀ ମଧ୍ୟ ଓଡ଼ିଶାରୁ ରାଜ୍ୟସଭାକୁ ଯାଇଛନ୍ତି ତଥାପି ଓଡ଼ିଶାବାସୀଙ୍କୁ ବିଶ୍ୱାସଘାତକତା କରାଯାଇଛି ବୋଲି ଦଳ କହିଛି। ବିଜୁ ଜନତା ଦଳ ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁଆରୀ ୧ ତାରିଖରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ନିଜସ୍ୱ ପାଣ୍ଠିରୁ ପ୍ରାୟ ୬୨୫୫ କୋଟି ଟଙ୍କା ବ୍ୟୟରେ ୪ ବର୍ଷ ମଧ୍ୟରେ ଏହା ଶେଷ ହେବାର ଲକ୍ଷ୍ୟ ଥିଲା। ୨୦୨୪ ନିର୍ବାଚନ ପୂର୍ବରୁ ପ୍ରାୟ ୩୯୩ କୋଟି ଟଙ୍କା ବ୍ୟୟ କରାଯାଇ ଦେଢ଼ ବର୍ଷ ଧରି କାର୍ଯ୍ୟ ଜାରି ରହିଥିଲା ବେଳେ ଏହାକୁ ବନ୍ଦ କରିବାକୁ ନେଇ ବିଜେପି ସରକାରକୁ ସମାଲୋଚନା କରିଛନ୍ତି ବିଜେଡି ନେତୃବୃନ୍ଦ। କଟକ ମେୟର ତଥା ରାଜ୍ୟ ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଏ .ଶ୍ରୀଦେବୀ, ମୋନାଲିସା ଦାସ, ପ୍ରକାଶ ସିଂ, ରମଜାନ ଖାନ, ଏକ୍ରାମ ହୁସେନ, ନନ୍ଦଲାଲ୍ ସିଂହ, ଦେବେନ୍ଦ୍ର କାହାଳୀ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ବିକାଶ ବେହେରା, ପ୍ରଦୀପ କୁମାର ସାହୁ, ନିମାଇଁ ବିଶ୍ୱାଳ, ମିତାଲି ଭଞ୍ଜ, ବନଲତା ପ୍ରଧାନ, ଇତିଶ୍ରୀ ଦାସ, ସଂଗୀତା ଦାସ, ନମିତା ବାରିକ, ଅର୍ଦ୍ଧେନ୍ଦୁ ଶେଖର ମାଝି ଓ ସୌମ୍ୟ ଦାସ ପ୍ରମୁଖ ନେତୃବୃନ୍ଦଙ୍କ ସହ ଶତାଧିକ କର୍ମୀ ଯୋଗଦେଇ ମେଟ୍ରୋ ପ୍ରକଳ୍ପ ପାଇଁ ତୁରନ୍ତ ଅର୍ଥ ପ୍ରଦାନ ଓ କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ଦାବି କରିଥିଲେ।

# ସରିଲା ରାମଲୀଳା; ମୁଗ୍ଧକଲା ଶ୍ରୀରାମଙ୍କ ଅଭିଷେକ



ତରଭା,୮ ।୪(ସମିସ)

ତରଭା ବ୍ଲକ୍ ସରଗଜ ରାମଲୀଳା କଳାସଂସଦ ଆନୁକୂଲ୍ୟରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ରାମଲୀଳା ନାଟକ ଉତ୍ସବ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ରାମଙ୍କ ଅଭିଷେକରେ ରାମଲୀଳା ଉତ୍ସବ ଉଦ୍‌ଯାପିତ ହୋଇଛି । ରାମ ଅଭିଷେକ ଦୃଶ୍ୟ ଦେଖିବାକୁ ଦର୍ଶକଙ୍କ ପ୍ରବଳ ଭିଡ଼ ହୋଇଥିଲା । ଶ୍ରୀରାମ ଜନ୍ମ, ଶିବଧନୁ ଭଗ୍ନ, ସୀତା ବିବାହ, ପର୍ଶୁରାମ ଦର୍ପଦଳନ, ରାମ ବନବାସ, ଭରତ ମିଳନ, ସୀତାଙ୍କ ବାଲିପିଣ୍ଡ, ସୁର୍ପଣଖା ନାଶା ଛେଦନ, ତ୍ରିଶିରା ବଧ, ସୀତା ଚୋରି, ବାଳି ବଧ, ସୀତା ଠାବ, ଲଙ୍କାପୋଡି, ସେତୁବନ୍ଧ ପ୍ରତିଷ୍ଠା, ବିଭୀଷଣ ଶରଣ, କୁମ୍ଭକର୍ଣ୍ଣ ବଧ, ସୀତାଙ୍କ ଅଗ୍ନି ପରୀକ୍ଷା, ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାମଙ୍କ ରାଜ୍ୟାଭିଷେକ ପରେ ଉତ୍ସବ ଶେଷ ହୋଇଛି । ଶ୍ରୀରାମଙ୍କ ଭୂମିକାରେ ତ୍ରିନାଥ ରଣା, ଲକ୍ଷ୍ମଣ ଭୂମିକାରେ ପିଙ୍କଲ ମିଶ୍ର, ବିଭୀଷଣ ଭୂମିକାରେ ଦୀପକ ମିଶ୍ର, ଭରତ ଭାବେ ଯଦୁନାଥ ରଣା, ହନୁମାନ ଭୂମିକାରେ ପୁରୁଣା କଳାକାର ଶିବ ପ୍ରସାଦ ମିଶ୍ର ଅଭିନୟ କରିଥିଲେ । ସେହିଭଳି ଭବାନୀ ଶଙ୍କର ମିଶ୍ର, ବୁଲୁ ମିଶ୍ର, ଅଜିତ ମିଶ୍ର, ଚିତ୍ତ ରଞ୍ଜନ ମିଶ୍ର ପ୍ରମୁଖ ଅନ୍ୟାନ୍ୟ ଭୂମିକାରେ ନିଖୁଣ ଅଭିନୟ କରିଥିଲେ । ବାବାଜୀ ମନହିରାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ନାଟକକୁ ଅଧିକ ଜୀବନ୍ତ କରିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ । ସଙ୍ଗୀତରେ ମୁଚୁକୁନ୍ଦ ମିଶ୍ର, ଦୁଃଖିଶ୍ୟାମ ମନହିରା, ଚନ୍ଦ୍ରମୋହନ ତ୍ରିପାଠୀ, ଶ୍ରୀକାନ୍ତ ନନ୍ଦଙ୍କ ସହ ସମସ୍ତ କଳାକାର ନିଖୁଣ ଅଭିନୟରେ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ । ରାମାୟଣ ପାଠରେ କର୍ତ୍ତା ଭାବେ ଚିତ୍ତରଞ୍ଜନ ମିଶ୍ର ଓ ପୂଜକ ଭାବେ ରାମ ଶଙ୍କର ମିଶ୍ର, ଗୌରୀଶଙ୍କର ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ । ସରଗଜ ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ଗ୍ରାମବାସୀ କଳସ ସ୍ଥାପନ କରି ପୂଜାର୍ଚ୍ଚନା କରି ରାମ ସେନାଙ୍କୁ ସ୍ୱାଗତ କରିଥିଲେ ।

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଶ୍ରୀଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳା ନାଟକ ସହ ରାବଣ ପୋଡି ସହ ଉଦ୍‌ଯାପିତ ହୋଇଛି । ମହିରାବଣ ବଧ, ରାବଣ ବଧ, ରାବଣପୋଡ଼ି ଉତ୍ସବ, ସତୀସୀତାଙ୍କ ଅଗ୍ନି ପରୀକ୍ଷା ସହ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଉତ୍ସବ ନାରାୟଣନଗର ହାଟପଦା ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ରାମ ଜନ୍ମଠାରୁ ରାଜ୍ୟାଭିଷେକ ପର୍ଯ୍ୟନ୍ତ ନାଟକ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ରାମଙ୍କ ସହ ବନରଗଣ ଜହ୍ନାପଙ୍କ ହନୁମାନ ମନ୍ଦିରରୁ ବାହାରି ତ୍ରିବେଣୀ ଛକ, ସାହୁଗଳି, ଗଙ୍ଗାଧର ଛକ, ଦୈନିକ ବଜାର ଦେଇ ନାଟକ ମଣ୍ଡପକୁ ଆସିଥିଲେ । ରାବଣ ସହ ଅସୁର ଦଳ ଜଗନ୍ନାଥ ମନ୍ଦିରରୁ ବାହାରି ହରିବଂଶ ଛକ, ଗଙ୍ଗାଧର ଛକ, ସାହୁଗଳି, ସ୍କୁଲପଡା, ଦୈନିକବଜାର, ଚାଷୀ ସାହି ଦେଇ ରାମଲୀଳା ମଣ୍ଡପରେ ପହଞ୍ଚିଥିଲେ । ବିଭିନ୍ନ ଛକରେ ଉଭୟ ବନର ଦଳ ଓ ଦାନବ ଦଳ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା । ହାଟପଦାଠାରେ ୩୦ ଫୁଟ୍ ବିରାଟ ରାବଣ ପ୍ରତିମୂର୍ତ୍ତି ନିର୍ମିତ ହୋଇଥିଲା । ବୁଧବାର ସକାଳେ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ ସହ ଆତସବାଜି ପ୍ରଦର୍ଶିତ ହୋଇଥିଲା । ପରେ ଠାକୁରଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ରାଜ୍ୟାଭିଷେକ କରାଯାଇଥିଲା । ସାଂସ୍କୃତିକ ପରିଷଦର ଉପଦେଷ୍ଟା ଭୋଲାଗିରି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିକେସନ ପ୍ରଧାନ, ମନ୍ଦିର କମିଟି ଉପସଭାପତି ଉପେନ୍ଦ୍ର ମେହେର, ସମ୍ପାଦକ ଗୋପାଳକୃଷ୍ଣ ମେହେର, କୋଷାଧକ୍ଷ ପିତାମ୍ବର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ସହ ସମ୍ପାଦକ ବିଜୟ ସାହୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ନୃତ୍ୟ ପରିବେଷଣ କରିଥିବା ସ୍କୁଲ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ରବୀନ୍ଦ୍ର ମେହେର, ଜଗନ୍ନାଥ ସାହୁ ପରିଚାଳନା କରିଥିଲେ । ନେପାଳ ମେହେର, ବୁଦ୍ଧଦେବ ମେହେର ସଂଯୋଜନା କରିଥିଲେ । ନବକିଶୋର ମେହେର, ଶୁକ୍ର ମେହେର, ରଂଜିତ ମେହେର ପ୍ରମୁଖ ସହଯୋଗ କରିଥିଲେ । ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲ, ଜହ୍ନାପଙ୍କ ହାଇସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ଲକ୍ଷ୍ମୀପ୍ରସାଦ ୟୁପି ସ୍କୁଲ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା ।



## ବୌଦ୍ଧ ରାମଲୀଳାରେ ଲକ୍ଷ୍ମଣ ଶକ୍ତିଭେଦ



ବୌଦ୍ଧ,୮ ।୪(ସମିସ): ବୌଦ୍ଧ ରରାମଲୀଳାରେ ଲକ୍ଷ୍ମଣ ଶକ୍ତିଭେଦ ମଞ୍ଚସ୍ଥ ହୋଇଯାଇଛି । ରାମ ଭୂମିକାରେ ଶିରିଶ ବେହେରା, ଲକ୍ଷ୍ମଣ ଭୂମିକାରେ ଜନାର୍ଦ୍ଦନ ମିଶ୍ର, ସୀତା ଭୂମିକାରେ ବିଶ୍ୱାମିତ୍ର ସାହୁ, ତ୍ରିଜଟା ଭାବେ ସିପୁନ ସାହୁ, ରାବଣ ଭାବେ ସନ୍ତୋଷ ବାଘ, ହନୁମାନ ଭାବେ ଶାନ୍ତନୁ ବେହେରା, ସୁଗ୍ରୀବ ଭାବେ ଦିବାକର ଜେନା, ବିଭୀଷଣ ଭାବେ ନାରାୟଣ ବାରିକ, କାଳନେମୀ ଭାବେ ଚକ୍ରଧର ସାହୁ, ପ୍ରସସ୍ତ ଭାବେ ଟୁକୁ ପୁରୋହିତ, ପ୍ରମିଳା ଭାବେ ରଞ୍ଜନ ବାରିକ ଅଭିନୟ କରିଥିଲେ । କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବହୁ ସମୟ ଧରି ବାନ୍ଧି ରଖିଥିଲା ।

## ମହିଳାଙ୍କ ଆତ୍ମହତ୍ୟା ଘଟଣାରେ ପ୍ରେମିକ ଗିରଫ

ବୌଦ୍ଧ,୮ ।୪ (ସମିସ): ବୌଦ୍ଧ ସହର ନୂଆସାହିର ଜଣେ ମହିଳାଙ୍କ ମୃତ୍ୟୁର ୨୦ ଦିନ ପରେ ତାଙ୍କ ପ୍ରେମିକ ଗିରଫ ହୋଇଛି । ଅଭିଯୁକ୍ତ ହେଉଛି ଏନ୍‌ଏସି ନିକଟରେ ରହୁଥିବା ଛକ ସଂଜୀବ ସାହୁ ।

ପ୍ରବୀଣାଙ୍କ ଆତ୍ମହତ୍ୟା ଉପରୁ ପୁଲିସ ରହସ୍ୟ ଉନ୍ମୋଚନ କରିଛି । ତଦନ୍ତ ପରେ ଏହା ପଛରେ ଲୁଚିଥିବା ସତ୍ୟ ସାମ୍ନାକୁ ଆସିଛି । ପ୍ରେମ ସମ୍ପର୍କଜନିତ ଅସହ୍ୟ ମାନସିକ ଚାପ ଓ ନିର୍ଯାତନା ଯୋଗୁ ପ୍ରବୀଣା ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଛି । ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି । ଘଟଣାର ତଦନ୍ତ ପରେ ପ୍ରେମିକଙ୍କ ବିରୋଧରେ ପ୍ରମାଣ ମିଳିଛି । ନୂଆସାହିରେ ବିବାହ କରିଥିବା ପ୍ରବୀଣା ଓ ଏନଏସି ଛକ ନିକଟରେ ରହୁଥିବା ସଂଜୀବଙ୍କ ମଧ୍ୟରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରହିଥିଲା; କିନ୍ତୁ ଏହି ସମ୍ପର୍କ ପରିବାର ଓ ସମାଜରେ ଜଣାପଡିବା ପରେ ପ୍ରବୀଣା ଏଭଳି ପଦକ୍ଷେପ ନେଇଥିଲେ । ମୃତ୍ୟୁ ପରେ ପ୍ରବୀଣାଙ୍କ ବାପ ଘର ଲୋକେ ପ୍ରଥମେ କିନ୍ତୁ ପ୍ରବୀଣାଙ୍କ ଶାଶୂଘର ପରିବାର ଲୋକଙ୍କୁ ଦୋଷାରୋପ କରିଥିଲେ । ପୁଲିସ ଏହାର ତଦନ୍ତ କରି ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିଲା । ଘଟଣାକୁ ପୁଲିସ ଗମ୍ଭୀର ଭାବେ ପର୍ଯ୍ୟାୟକ୍ରମେ ତଦନ୍ତ କରିବା ସହ ପ୍ରମାଣ ସଂଗ୍ରହ କରିଥିଲା । ଏହି ସବୁ ପ୍ରମାଣ ଆଧାରରେ ସଂଜୀବର ଭୂମିକା ସ୍ପଷ୍ଟ ହୋଇଥିବାରୁ ତାକୁ ଗିରଫ କରାଯାଇଛି । ଆତ୍ମହତ୍ୟା ପାଇଁ ପ୍ରେରିତ କରିବା ଅଭିଯୋଗରେ ପ୍ରେମିକ ବିରୋଧରେ ମାମଲା ରୁଜୁ ହୋଇଛି । ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଲରେନ୍ସ ରାଉତରାୟ ଉପସ୍ଥିତ ଥିଲେ ।

## ଫୁଲଚରା ଗାଁରେ ଗୋଷ୍ଠୀ ସଂଘର୍ଷ

### ୫ ଡାକ୍ତଖାନାରେ ଭର୍ତ୍ତି

ବୀରମହାରାଜପୁର,୮ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବାଗବର ପଞ୍ଚାୟତ ଫୁଲଚରା ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି । ଏଥିରେ ଗୋଟିଏ ଗୋଷ୍ଠୀର ୨ଜଣ ବୃଦ୍ଧାଙ୍କ ସମେତ ୫ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ମାଲିଆ ଭୋଇ (୭୫), ଅନୁରୀ ଭୋଇ (୬୫), ଅଭାଗିନି ଭୋଇ (୭୦), ଉପେନ୍ଦ୍ର ଭୋଇ (୩୮) ଓ ପୀତବାସ ଭୋଇ (୨୬) । ସେମାନଙ୍କୁ ବୀରମହାରାଜପୁର ଡାକ୍ତଖାନାରେ ଭର୍ତ୍ତି କରାଯାଇଛି । ଉପେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ଗାଁରେ ରାମଲୀଳା ଉତ୍ସବ ପାଳିତ ହେଉଛି । ପାଣି ଦିଆ ନିଆକୁ ନେଇ ସେମାନଙ୍କ ଅନ୍ୟ ଗୋଷ୍ଠୀର କେତେଜଣଙ୍କ ସହ କଥା କଟାକଟି ହୋଇଥିଲା । କ୍ରମେ ଏହା ଗୋଷ୍ଠୀ ସଙ୍ଘର୍ଷର ରୂପ ନେଇଥିଲା । ଅପର ଗୋଷ୍ଠୀର ୧୫ରୁ ୨୦ଜଣ ଉତ୍ତ୍ୟକ୍ତ ହୋଇ ତାଙ୍କ ଘରକୁ ପଶି ତାଙ୍କ ବୃଦ୍ଧ ବାପାମା ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଠେଙ୍ଗାରେ ପିଟି ଥିଲେ । ଏଥିରେ ଉପେନ୍ଦ୍ରଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତା ହୋଇଛି । ସେଇଭଳି ଅନୁରି, ମଲିଆ, ଅଭାଗିନୀ ଓ ପୀତବାସଙ୍କୁ ମଧ୍ୟ ଆକ୍ରମଣ କରିଥିବାରୁ ସମସ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ହେଇଛି । ଖବର ପାଇ ବୀରମହାରାଜପୁର ଥାନା ଅଧିକାରୀ ପୁଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ । ଗାଁରେ ଉତ୍ତେଜନା ଦେଖା ଦେଇଥିବାରୁ ପୁଲିସ ତୀକ୍ଷ୍ଣ ଦୃଷ୍ଟି ରଖିଛି ।

## ବିବାଦରେ ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

ବୌଦ୍ଧ,୮ ।୪(ସମିସ): ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି । କନ୍ଧମାଳଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସଂଘ ଏହି ଅଭିଯୋଗ କରି



ଅସନ୍ତୋଷ ବ୍ୟକ୍ତ କରିଛି । ନିକଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ନିଯୁକ୍ତି ନେଇ ଘୋଷଣା ଯାଇଛି । ବୌଦ୍ଧ ଜିଲ୍ଲାର ଅଧ୍ୟକ୍ଷ ଦାୟିତ୍ୱ ପାଇଥିବା ଆଦିବାସୀ ନେତା ତମ୍ବରୁଧର କହଁରଙ୍କ ନାମକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାର ବିଭିନ୍ନ ଆଦିବାସୀ ସମାଜ ସଂଗଠନ ଯଥା କନ୍ଧ ସମାଜ, ବିଂଝାଲ ସମାଜ, ଗଣ ସମାଜ, ସହରା ସମାଜ, କୁଡା ସମାଜ ଭଳି ସମସ୍ତ ଅଗ୍ରଣୀ ସଂଗଠନ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବା ସ୍ଥଳେ ଅପରାଧିକ ପୃଷ୍ଠଭୂମି ଥିବା ଜଣେ ବ୍ୟକ୍ତିଙ୍କୁ କିଭଳି ଭାବେ ଏପରି ଗୁରୁ ଦାୟିତ୍ୱ ଦିଆଗଲା ବୋଲି ପ୍ରଶ୍ନ କରାଯାଇଛି । ଶ୍ରୀ କହଁରଙ୍କ ନାଁରେ ୨୦୧୬ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ୧୪ରୁ ଅଧିକ ଅପରାଧିକ ମାମଲା ରହିଛି । ଚୋରି, ଡକାୟତି, ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ, ମହିଳାଙ୍କୁ ଅସଦାଚରଣ, ଧାର୍ମିକ ମେଳିରେ ବ୍ୟାଘାତ ପ୍ରକଟ କରିବା, ସଂଘବଦ୍ଧ ଆକ୍ରମଣ ଓ ଡକାୟତି କରିବା, ଗଂଜେଇ ଚୋରାଚାଲାଣ ଭଳି ପାଖାପାଖି ୩୦ଟି ସଂଗୀନ ଦଫା ରହିଛି । ଗଂଜେଇ ଚୋରା ଚାଲାଣ କରୁଥିବା ସମୟରେ ଧରାପଡ଼ି ୧ ବର୍ଷରୁ ଅଧିକ ସମୟ ଜେଲ୍ ଦଣ୍ଡ ଭୋଗିଥିବା ଜଣେ ଅପରାଧୀକୁ କିଭଳି ଏ ଗୁରୁ ଦାୟିତ୍ୱ ଦିଆଗଲା ବୋଲି ସଂଘ ପ୍ରଶ୍ନ କରିଛି । ଗଂଜେଇ ମାମଲାରେ ଧରା ପଡିବା ପରେ ଆଦିବାସୀ ସମାଜରୁ ଶ୍ରୀ କହଁରଙ୍କୁ ବହିଷ୍କାର କରା ଯାଇଛି । ଏଭଳି ଜଣେ ବ୍ୟକ୍ତି ଆଦିବାସୀ ସମାଜର କ'ଣ ମଙ୍ଗଳ କରିବ ବୋଲି ସଂଘ କହିଛି । ଅନ୍ୟପକ୍ଷେ ଏହି ପଦବୀ ସାଧାରଣତଃ ଶାସକ ଦଳର ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଦିଆଯାଇଥାଏ । ଶ୍ରୀ କହଁର ଆଜି ପର୍ଯ୍ୟନ୍ତ କୌଣସି ରାଜନୈତିକ ଉପଲବ୍‌ଧି ମଧ୍ୟ ପାଇ ନାହାନ୍ତି । ଶ୍ରୀ କହଁର ଗତ ପଞ୍ଚାୟତ ନିର୍ବାଚନରେ ନିଜ ସ୍ତ୍ରୀଙ୍କୁ ସରପଞ୍ଚ ପ୍ରାର୍ଥୀ ଭାବରେ ଛିଡା କରାଇ ୨ଶହ ଭୋଟ ମଧ୍ୟ ପାଇ ନ ଥିଲେ । ରାଜ୍ୟ ସରକାର ଏହାର ପୁନଃର୍ବିଚାର କରି ଉଚିତ ପଦକ୍ଷେପ ନ ନେଲେ ସଂଘ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ଆଦିବାସୀ ସଙ୍ଘ ସଭାପତି କୃଷ୍ଣଚନ୍ଦ୍ର କଅଁର, ଆଦିବାସୀ ସରପଞ୍ଚ ପ୍ରତିନିଧି ସତ୍ୟ ନାରାୟଣ ମାଝୀ, ବୌଦ୍ଧ ଜିଲ୍ଲା ସହରା ସମାଜ ସଭାପତି ଦେବାର୍ଚ୍ଚନ ନାଏକ, ଆଦିବାସୀ ଯୁବନେତା ସୁଶାନ୍ତ ମଲ୍ଲିକ, ଗଣ୍ଡ ସମାଜ ସଭାପତି ପରେଶ ଧରୁଆ, ଆରିମୂଳ ପ୍ରଗଣା କନ୍ଧ ସମାଜ ସଭ୍ୟ ରାବଣେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

- ଆଦିବାସୀ ଅସ୍ମିତାକୁ ଜଳାଞ୍ଜଳି
- ଏକାଧିକ ଅପରାଧିକ ମାମଲା ରହିଛି
- ଅସନ୍ତୋଷ ବ୍ୟକ୍ତ କଲା ଆଦିବାସୀ ସଂଘ

## ୨ ହଜାର ବୋତଲ କଫ ସିରପ୍ ଜବତ



ବୀରମହାରାଜପୁର,୮ ।୪ (ସମିସ): ରେଢ଼ାଖୋଲ-ବୀରମହାରାଜପୁର ରାସ୍ତାର ଦୂରଦୂରା ଛକରେ ସୁବଳୟା ପୁଲିସ ଦ୍ୱାରା ବିପୁଳ ପରିମାଣରେ କଫସିରପ ଜବତ ହୋଇଛି । କଟକରୁ ଏକ ମହିନ୍ଦ୍ରା ଏକ୍ସୟୁଭି ଗାଡ଼ିରେ କଫସିରପ ଚାଲାଣ ହେଉଥିବା ଖବର ପାଇ ପୁଲିସ ଛକି ରହିଥିଲା । ପୁଲିସକୁ ଦେଖି ଡ୍ରାଇଭର ଫେରାର ମାରିଥିଲା । ଏସ୍କର୍ଟ ଦେଉଥିବା ୨ଜଣଙ୍କୁ ପୁଲିସ ଗିରଫ କରିଛି । ଯାଞ୍ଚବେଳେ ଗାଡ଼ିରୁ ୨ ହଜାର ବୋତଲ କଫ ସିରପ୍ ବାହାରିଥିଲା ।

## ତମାମୁରା ଗଣ୍ଡାପଡ଼ାରେ ସଫେଇ ଅଭିଯାନ

ଡୁଙ୍ଗୁରିପାଲି,୮ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ତମାମୁରା ପଞ୍ଚାୟତ ତମାମୁରା ଗଣ୍ଡାପଡାରେ ମହିଳାମାନେ ରାସ୍ତା ଓ ଡ୍ରେନ୍ ସଫା କରିଛନ୍ତି । ଏହି ରାସ୍ତା, ଡ୍ରେନ୍ ସଫେଇ ଲାଗି ୱାର୍ଡମେମ୍ବର, ସରପଞ୍ଚ ଓ ଗାଁ କଲ୍ୟାଣ ସମିତିକୁ ବାରମ୍ବାର କହିବା ପରେ ମଧ୍ୟ କେହି ଶୁଣି ନ ଥିଲେ । ଶେଷରେ ପଡାର ମହିଳାମାନେ ସଫା କରିଛନ୍ତି । ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେ ଘର ଗଣ୍ଡା ସମାଜର ମହିଳା ସଭାନେତ୍ରୀ ରେଣୁକା ଦୀପ, ସାଇରାମ ଏସଏସଜି ଗ୍ରୁପର ମହିଳା ନେତ୍ରୀ ସଭାପତି ଆହ୍ଲାଦିନି ବାରିକ, ସମ୍ପାଦକ ତୁଳସା କୁମ୍ଭାର, ପିଙ୍କି ବାରିକ, କିଆ ନାଗ, ପୁଷ୍ପାଞ୍ଜଳି ବାରିକ, ଗୀତା ବାରିକ, ସୌଦାମିନୀ ମଲ୍ଲିକ, ସନ୍ତୋଷିନୀ ବାରିକ, କିରଣ ବିଭାର ରାସ୍ତା ଓ ଡ୍ରେନ ସଫା କରିଥିଲେ ।

## ବରିଷ୍ଠ ନାଗରିକ ଭବନ ନିର୍ମାଣ ପାଇଁ ଜାଗା ଦେବାକୁ ତହସିଲଦାରଙ୍କୁ ଭେଟିଲେ କର୍ମକର୍ତ୍ତା

ବୀରମହାରାଜପୁର,୮ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଖଣ୍ଡହତା ବରିଷ୍ଠ ନାଗରିକ ସଂଗଠନର କର୍ମକର୍ତ୍ତା ବୀରମହାରାଜପୁର ତହସିଲଦାରଙ୍କୁ ଭେଟିଛନ୍ତି । ବରିଷ୍ଠ ନାଗରିକ ସଂଗଠନର କାର୍ଯ୍ୟାଳୟ (ଭବନ) ନିର୍ମାଣ ପାଇଁ ଏକ ସରକାରୀ ଜାଗା ଯୋଗାଇ ଦେବାକୁ ଏମାନେ ଅନୁରୋଧ କରାଯାଇଛି । ସଭାପତି ବ୍ରଜଗୋପାଳଙ୍କ ନେତୃତ୍ୱ ଅନୁଷ୍ଠାନର ସଦସ୍ୟ ମୁରାରୀ ମିଶ୍ର, ଘାସିରାମ ମଲ୍ଲିକ, ଗଙ୍ଗାଧର ସାହୁ, ପ୍ରହ୍ଲାଦ ନାୟକ, ଜନ୍ମେଜୟ ମିଶ୍ର, ବେଣୁଧର ବାରିକ, ହୃଷିକେଶ ନାୟକ, ଟୀକାଇ କର୍ମୀ, ଗଦାଧର ବାରିକ, ପ୍ରହ୍ଲାଦ ପଧାନ, ବରିଷ୍ଠ ନାଗରିକ ସଂଗଠନ ବୀରାମହରାଜପୁରର ସଭାପତି ଦୟାନିଧି ହୋତା, କୋଷାଧକ୍ଷ ଅକ୍ଷୟ ମିଶ୍ର ପ୍ରମୁଖ ତହସିଲଦାରଙ୍କୁ ଭେଟିଥିଲେ ।

## ଗଡ଼ିଲା ଶିକ୍ଷା ସଚେତନତା ରଥ



ଡୁଙ୍ଗୁରିପାଲି,୮ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗଜବନ୍ଧ କ୍ଲଷ୍ଟରର ବିଭିନ୍ନ ଗ୍ରାମରେ ଶିକ୍ଷା ସଚେତନତା ରଥ ଗଡ଼ିଛି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତଙ୍କ ତତ୍ୱାବଧାନରେ ବିପୁଳ ଜନ ଜାଗରଣ ସୃଷ୍ଟି କରାଯାଇଛି । କୀର୍ତ୍ତନ ସହ ଅଭିଭାବକମାନେ ଯୋଗଦେଇ ଜନ ସାଧାରଣଙ୍କୁ ଶିକ୍ଷା ପ୍ରତି ସଚେତନ ହେବାକୁ ବାର୍ତ୍ତା ଦେଇଛନ୍ତି । କାଇଶକନ୍ଦା ଗ୍ରାମରେ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ସାହୁଙ୍କ ନେତୃତ୍ୱରେ ସଂଗୀତର ତାଳେ ତାଳେ ଶିକ୍ଷା ସଚେତନତା ରଥ ଗଡ଼ିଥିଲା । ଗଜବନ୍ଧ ଗ୍ରାମରେ ଶିକ୍ଷୟିତ୍ରୀ ମାନସୀ ନାଗ ଦୀପ ଜାଳି, କଳସ ବସାଇ ସ୍ୱାଗତ କରିଥିଲେ । କୀର୍ତ୍ତନ ଓ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଜନସାଧାରଣ ଓ ଛାତ୍ରଛାତ୍ରୀ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିଥିଲେ । ଗଜବନ୍ଧ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ରଣା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବୀର ବାଜା ସହ ସ୍ୱାଗତ କରିଥିଲେ । ପଣ୍ଡରାପାଲି ଗ୍ରାମରେ ବୀର ବାଜା ସହ ପ୍ରଧାନ ଶିକ୍ଷକ ନନ୍ଦକିଶୋର ବିଶି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ । ଏହି ଅବସରରେ କୃତୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଅନ୍ଧାରିବାଞ୍ଜି କ୍ଲଷ୍ଟରର ବିଭିନ୍ନ ଗ୍ରାମରେ ଶିକ୍ଷା ସଚେତନତା ରଥ ବିପୁଳ ଜନ ଜାଗରଣ ସୃଷ୍ଟି କରିଛି । ସିଆରସିସି ଚିତ୍ତରଞ୍ଜନ ଠାକୁରଙ୍କ ତତ୍ୱାବଧାନରେ ଅନ୍ଧାରିବାଞ୍ଜିରେ ପ୍ରଧାନ ଶିକ୍ଷକ ବାସୁଦେବ ସୁନା, ଗନିଆଁରେ ପ୍ରଧାନ ଶିକ୍ଷକ ନାରାୟଣ ରଣା, ଭୀମଟିକିରାରେ ପ୍ରଧାନ ଶିକ୍ଷକ ଉତ୍କଳ ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନବାଡି କର୍ମୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ସ୍ୱାଗତ କରିଥିଲେ ।

## ତରଭା ବ୍ଲକ୍‌ସ୍ତରୀୟ ମନରେଗା ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର



ତରଭା,୮ ।୪(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ତରଭା ପଞ୍ଚାୟତ ସମିତି ସଭାଗୃହ ପରିସରରେ ମନରେଗା ଯୋଜନା ଅଧୀନ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ୧।୪।୨୦୨୫ରୁ ୩୦।୯।୨୦୨୫ ମଧ୍ୟରେ ବ୍ଲକରେ ମୋଟ ୧,୦୮,୪୬୯ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏଥିପାଇଁ ୨୯୬.୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ସମୟ ମଧ୍ୟରେ ୫,୫୨୬ଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥଲା । ୫୫ ଜଣ ଜବକାର୍ଡଧାରୀ ସଫଳତାର ସହ ୧୦୦ ଦିନର କାର୍ଯ୍ୟ ସମ୍ପାଦନ କରିଛନ୍ତି ବୋଲି ତଥ୍ୟ ମିଳିଛି । ବିଡିଓ ଶିବାନନ୍ଦ କର୍ମୀ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ ମନରେଗା କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ସାମାଜିକ ସମୀକ୍ଷକ ଗୋପକୃଷ୍ଣ ରାଉତ ସମୀକ୍ଷା ଅବଧି ମଧ୍ୟରେ ହୋଇଥିବା ୪ଟି କାର୍ଯ୍ୟର ତ୍ରୁଟି ବିଚ୍ୟୁତି ଉପସ୍ଥାପନ କରିଥିଲେ । ଏହି ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ଅଧ୍ୟକ୍ଷ ଶ୍ରୀ ମାଝୀ ପଞ୍ଚାୟତସ୍ତରୀୟ କର୍ମଚାରୀଙ୍କୁ ୧୫ ଦିନ ସମୟ ଦେଇଛନ୍ତି । ଏହି ଅବସରରେ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ୧୭ ଅଣକୁଶଳୀ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

ଏଥିସହିତ ଉତ୍ତମ ପ୍ରଦର୍ଶନ ପାଇଁ ବାଲିଖମାର ପଞ୍ଚାୟତକୁ ମଧ୍ୟ ସମ୍ମାନିତ କରାଯାଇଛି । ଏପିଓ ସମିତ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ । ନରେଗା ସହଯୋଗୀ ଅଶ୍ୱିନୀ ମିଶ୍ର ଓ ଉତ୍ତମ ନାଗ ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ଭିଆରପି, ଜନ ପ୍ରତିନିଧି, ଜବକାର୍ଡଧାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଆ ପକ୍ଷକୁ ସ୍ମରଣୀୟ କଲା ରକ୍ତଦାନ ଶିବିର





ବୌଦ୍ଧ,୮ ।୪ (ସମିସ)

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସଏ, ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ ଯୋଗ ଦେଇଥିଲେ । ଦେବାଶିଷ ପୁରୋହିତଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ, ଜିଲ୍ଲା ରକ୍ତ ଭଣ୍ଡାରର ଟେକ୍‌ନିସିଆନ ଓ କର୍ମଚାରୀ ସହଯୋଗ କରିଥିଲେ ।

**ତରଭା:** ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରକୁ ଜିଲ୍ଲାପାଳ ଡ. ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ । ଆଧୁନିକ ଚିକିତ୍ସା ବିଜ୍ଞାନ ଅନେକ ଅଗ୍ରଗତି କରିଛି; ହେଲେ ଏ ପର୍ଯ୍ୟନ୍ତ ରକ୍ତର ବିକଳ୍ପ ବାହାରି ପାରିନି । ତେଣୁ ରକ୍ତଦାନର ଗୁରୁତ୍ୱ ଅଧିକ ବୋଲି ଜିଲ୍ଲାପାଳ କହିଥିଲେ ।

ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମାନସ ରଞ୍ଜନ ଦାଶ, ଡିପିଏମ୍ (ଏନଏଚଏମ୍) ରୂପକ ମହାପାତ୍ର ଓ ଏଡିପିଏଚସିଓ ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅଲିମୁଲ ଇସଲାମ, ଶିବ ଶଙ୍କର ନାଏକ, ସଞ୍ଜୟ ପ୍ରଧାନ ଓ ନର୍ସିଂଛାତ୍ରୀମାନେ ଏଥିରେ ଭାଗ ନେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉମାଶଙ୍କର ନାଗ ଧନ୍ୟବାଦ ଦେଇଥିଲେ ।

# ଭୁବନେଶ୍ୱର ସିଟି



## ଆତ୍ମହତ୍ୟାରୁ ବାରଣ କରିବାରୁ ସ୍ୱାମୀର ଜଘନ୍ୟ କାଣ୍ଡ

# ସ୍ତ୍ରୀର ତଣ୍ଟିକାଟିଲା, ପେଟରେ ଛୁରି ଭୁସିଲା



■ ହତ୍ୟା ପରେ ଝିଅକୁ ସୁନାଗହଣା ଉପହାର
■ ଆତ୍ମସମର୍ପଣ କଲା ଅଭିଯୁକ୍ତ; ଛୁରି ଜବତ

ରକ୍ତମୁଖା ଅବସରପ୍ରାପ୍ତ ସିନିୟର୍ ଆକାଉଣ୍ଟାଣ୍ଟ

ଭୁବନେଶ୍ୱର, ୮।୪ (ସମିସ): କିଛିଦିନର ପୁଣି ରକ୍ତରଞ୍ଜିତ ହୋଇଛି ରାଜଧାନୀ। ଆତ୍ମହତ୍ୟା ପାଇଁ ବାରଣ କରିବାରୁ ପତ୍ନୀକୁ ହତ୍ୟା କରିଛି ସ୍ୱାମୀ। ହତ୍ୟା କରିବା ପରେ ସୁନାଗହଣା ସବୁ ଝିଅକୁ ଉପହାର ଦେଇ ଥାନାରେ ଆତ୍ମସମର୍ପଣ କରିଛି ଅଭିଯୁକ୍ତ। କୌଣସି ସାଧାରଣ ଲୋକ ନୁହେଁ, ଅବସରପ୍ରାପ୍ତ ସିନିୟର୍ ଆକାଉଣ୍ଟାଣ୍ଟ ଏଭଳି କାଣ୍ଡ ଭିଆଇଛନ୍ତି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ କୁହା ସ୍ୱସ୍ତିକ ନଗରରେ ଏଭଳି ଘଟଣା ଘଟିଛି। ମୃତକ ହେଉଛନ୍ତି ପ୍ରିୟମ୍ବଦା ଷଡ଼ଙ୍ଗୀ (୫୫)। ଝିଅର ଅଭିଯୋଗ କ୍ରମେ ପୁଲିସ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀ ଦେବରାଜ ଷଡ଼ଙ୍ଗୀ (୬୨)କୁ ଗିରଫ କରିଛି।

ପୁଲିସ ସୂଚନା ଅନୁସାରେ, ଖଣ୍ଡପଡ଼ା ଥାନା ନଟବରପୁର ଶାସନର ଦେବରାଜ ଷଡ଼ଙ୍ଗୀ ଏଜି ଅଫିସରେ ସିନିୟର୍ ଆକାଉଣ୍ଟାଣ୍ଟ ଭାବରେ ଚାକିରି କରୁଥିଲେ। ଦୁଇ ବର୍ଷ ପୂର୍ବ ଚାକିରିରୁ ଅବସର ନେବାପରେ କୁହାସ୍ଥିତ ଘରେ ପତ୍ନୀ ପ୍ରିୟମ୍ବଦାଙ୍କ ସହ ରହୁଥିଲେ। ଏକମାତ୍ର ଝିଅ ଅର୍ପିତା ଷଡ଼ଙ୍ଗୀ ବିବାହ ପରେ ପାତ୍ରପଡ଼ା ଅଞ୍ଚଳରେ ରହୁଛନ୍ତି। ଦେବରାଜ ପ୍ରାୟ ୫ ବର୍ଷ ହେବ ମଧୁମେହ, ଉଚ୍ଚ ରକ୍ତଚାପ ଓ ଯକୃତ ସମ୍ବନ୍ଧୀୟ ରୋଗରେ ପୀଡ଼ିତ ଥିବାରୁ ମାନସିକ ଅସ୍ଥିରତାରେ ରହୁଥିଲେ।

ବୁଧବାର ପୂର୍ବାହ୍ନରେ ପତିପତ୍ନୀ ମିଶି ଜଳଖିଆ ଖାଇବା ପରେ ଦେବରାଜ ଘରୁ ବାହାରିବାକୁ ଉଦ୍ୟମ କରିଥିଲେ। ସେ ଆତ୍ମହତ୍ୟା କରିବାକୁ ଯାଉଛନ୍ତି ଓ ଆଉ ଫେରିବେ ନାହିଁ ବୋଲି ପତ୍ନୀଙ୍କୁ କହିଥିଲେ। ସ୍ୱାମୀଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ପ୍ରିୟମ୍ବଦା ତାଙ୍କୁ ଯିବାକୁ ଦେଇନଥିଲେ। ସେ ବାରମ୍ବାର ଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ପତ୍ନୀ ପାଚେରି ଭଳି ଛିଡ଼ା ହୋଇଥିଲେ। ଏତିକିରେ ଦେବରାଜ ହଠାତ୍ ରାଗିଯାଇ ପତ୍ନୀଙ୍କୁ ଚାପୁଡ଼ା ମାରିବା ସହ ତଣ୍ଟିଚିପି ଦେଇଥିଲେ। ଫଳରେ ପ୍ରିୟମ୍ବଦା ଅଣନିଶ୍ୱାସୀ ହୋଇ ତଳେ ପଡ଼ିଯାଇଥିଲେ। ଏହାପରେ ଦେବରାଜ ପରିବା କଟା ଛୁରି ଆଣି ପ୍ରିୟମ୍ବଦାଙ୍କ ମୁହଁ ଓ ପେଟକୁ ଭୁଷିବା ସହ ତଣ୍ଟି କାଟି ଦେଇଥିଲେ। ଫଳରେ ପ୍ରିୟମ୍ବଦାଙ୍କର ମୃତ୍ୟୁ ଘଟିଥିଲା।

ପତ୍ନୀ ମୃତ୍ୟୁବରଣ କରିବା ପରେ ଦେବରାଜ ଆଲମାରୀରେ ଥିବା ୨୫ ହଜାର ଟଙ୍କା ଓ ସୁନାଗହଣା ନେଇ ପାତ୍ରପଡ଼ାସ୍ଥିତ ଝିଅ ଘରକୁ ବାହାରି ଯାଇଥିଲେ। ସେଠାରେ ସୁନାଗହଣା ଓ ଟଙ୍କା ସବୁ ଝିଅକୁ ଉପହାର ସ୍ୱରୂପ ଦେଇଥିଲେ। ମାଆ ବିଷୟରେ ପଚରାଯିବାରୁ ସେ ଶୋଇ ପଡ଼ିଥିବା କହି ବାହାରି ଆସିଥିଲେ। ଏହାପରେ ଏୟାରଫିଲ୍ଡ ଥାନାକୁ ଯାଇ ସେ ନିଜ ପତ୍ନୀଙ୍କୁ ହତ୍ୟା କରିଥିବା ପୁଲିସକୁ କହିଥିଲେ।



ପୁଲିସ ଟିମ୍ ଦେବରାଜଙ୍କୁ ଧରି କୁହାସ୍ଥିତ ଘରେ ପହଞ୍ଚିଥିଲା। ବିଛଣା ସବୁ ରକ୍ତରେ ଭିଜି ଯାଇଥିବା ବେଳେ ଘରର ଚଟାଣ ସାରା ରକ୍ତ ଛିଟା ପଡ଼ିଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରିବା ସହ ରକ୍ତ ନମୁନା ସଂଗ୍ରହ କରିଥିଲା। ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ) ଧାରା ୨୩ ଅନୁଯାୟୀ ଦୁଇ ଜଣ ସାଧାରଣ ଲୋକଙ୍କ ଉପସ୍ଥିତିରେ ଦେବରାଜଙ୍କର ବୟାନ ରେକର୍ଡ କରିଥିଲା। ତାଙ୍କର ବୟାନ ଆଧାରରେ, ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଘର ଭିତରୁ ରକ୍ତଭିଜା ଛୁରି ଜବତ କରିଥିଲା। ବିଏସ୍ଏ ଧାରା ଅନୁସାରେ ରେକର୍ଡ ହୋଇଥିବା ବୟାନକୁ କୋର୍ଟରେ ବଳିଷ୍ଠ ପ୍ରମାଣ ଭାବେ ଉପସ୍ଥାପନ କରିବ ପୁଲିସ। ଏଥିସହିତ ତାଙ୍କ ହେପାଜତରୁ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଥିଲା। ପ୍ରିୟମ୍ବଦାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଦେବରାଜଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

# ଚୋରି କଲା ଶାଳୀ; ଭିଣୋଇ ରଖିଲା ବନ୍ଧକ

■ କଳାକନା ବୁଲାଇଲା ଘରୋଇ ସହାୟିକାର ଝିଅ
■ ମିଛ ଧରା ପରୀକ୍ଷାରୁ ଧରାପଡ଼ିଲା କାରନାମା



ଭୁବନେଶ୍ୱର, ୮।୪ (ସମିସ): ବିଶ୍ୱାସରେ ବିଷ ଦେଇଛି ଘରୋଇ ସହାୟିକାର ଝିଅ। ମାଲିକ ଘରେ କଳାକନା ବୁଲାଇ ସୁନାଗହଣା ଚୋରି କରି ନେଇଛି। ଶାଳୀ ଚୋରି କରିଥିବା ବେଳେ ଭିଣୋଇ ସୁନାଗହଣାକୁ ବନ୍ଧକ ରଖି ଟଙ୍କା ଆଣିଛି। ଶ୍ୟାମପୁର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ବିନୋଦ ଆରୋରା ଏନେଇ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ ଶାଳୀ ଓ ଭିଣୋଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୀମଟାଙ୍ଗୀର ବନୀତା ରାଉତ (୨୭) ଓ ପୁରୁଣା ଭୁବନେଶ୍ୱର ମଙ୍ଗଳା ସାହିର ରାଜେନ୍ଦ୍ର ନାୟକ (୪୮)।

ପୁଲିସ ସୂଚନା ଅନୁସାରେ, ବନିତାର ମାଆ ଶ୍ୟାମପୁରସ୍ଥିତ ବିନୋଦଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ଫଳରେ ବନିତା ମଧ୍ୟ ଅନେକ ସମୟରେ ସେଠାକୁ ଯିବାଆସିବା କରନ୍ତି। ଗତବର୍ଷ ଅକ୍ଟୋବର ୨୫ ତାରିଖ ଦିନ ବନିତାର ମାଆ ଫ୍ଲାଟ ଛାଡ଼ିଯିବା ପରେ ଆଲମାରୀରେ ରଖାଯାଇଥିବା ସୁନା ଓ ରୂପା ଅଳଙ୍କାର ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ବିନୋଦ ଲିଖିତ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।

ପୁଲିସ ବନିତା ଓ ତାର ମାଆକୁ ଜେରା କରିଥିଲେ ମଧ୍ୟ କିଛି ମିଳି ନ ଥିଲା। ହେଲେ ମିଛ ଧରା ପରୀକ୍ଷା ସବୁକିଛି ଧରାଇ ଦେଇଥିଲା। ଶେଷରେ ବନିତା ହିଁ ଚୋରି କରିଥିବା ସ୍ୱୀକାର କରିଥିଲା। ବିନୋଦ ପୁରୀ ଯାଇଥିବା ବେଳେ ବନିତା ତାଙ୍କ ଘରୁ ସୁନାଗହଣା ଚୋରି କରି ନେଇଥିଲେ। ଏହାପରେ ଭିଣୋଇ ରାଜେନ୍ଦ୍ରକୁ ଯୋଗାଯୋଗ କରି ସୁନାଗହଣା ହସ୍ତାନ୍ତର କରିଥିଲେ। ରାଜେନ୍ଦ୍ର ଉକ୍ତ ସୁନାଗହଣାକୁ ଖଣ୍ଡଗିରି ସ୍ଥିତ ମଣପୁରମ୍ ଫାଇନାନ୍ସରେ ବନ୍ଧକ ରଖି ଟଙ୍କା ନେଇ ଆସିଥିଲେ। ପୁଲିସ ବୁଧବାର ବନିତା ଓ ରାଜେନ୍ଦ୍ରକୁ ଗିରଫ କରିବା ସହ ଋଣ ସମ୍ବନ୍ଧୀୟ କାଗଜପତ୍ର ଜବତ କରିଥିଲା।

## ଓଡ଼ିଶାର ଆଧୁନିକତାର ପ୍ରତୀକ ମେଟ୍ରୋ ପ୍ରକଳ୍ପରେ ପଡ଼ିଲା ପୂର୍ଣ୍ଣଛେଦ

# ଦିଗହୀନ, ଦିଶାହୀନ ବିକାଶ ବିରୋଧୀ ମୋହନ ସରକାର

■ ମେଟ୍ରୋ ପ୍ରକଳ୍ପ ବାତିଲ୍ ଭୁବନେଶ୍ୱର କଟକବାସୀଙ୍କ ସ୍ୱପ୍ନ ଅଧୁରା
■ ଡବଲ ଇଞ୍ଜିନ୍ ସରକାରର ଓଡ଼ିଆଙ୍କ ପାଇଁ ଶକ୍ତ ଝଟକା

ଭୁବନେଶ୍ୱର, ୮।୪(ସମିସ): : ଓଡ଼ିଶାରେ ମେଟ୍ରୋ ରେଳ ପ୍ରକଳ୍ପ ୨୦୨୪ ସାଧାରଣ ନିର୍ବାଚନରେ ବିଜେପିର ଏକ ପ୍ରମୁଖ ନିର୍ବାଚନୀ ଇସ୍ତାହାର ଥିଲା। ମାତ୍ର ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ପ୍ରକଳ୍ପ ଏବେ ଅସହିଷ୍ଣୁତା ଜାଲରେ ଛନ୍ଦିହୋଇ ରହିଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ମାତ୍ର ବିଜେପିର ଅସହିଷ୍ଣୁତା ଓ ଓଡ଼ିଆ ଲୋକଙ୍କ ପ୍ରତି ତାସ୍ଛଲ୍ୟ ମନୋଭାବ ଯୋଗୁଁ ଏହା ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିଲେ ମଧ୍ୟ ମେଟ୍ରୋ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଜେପି ତତ୍କାଳୀନ ବିଜେଡ଼ି ସରକାରକୁ ଘେରିଥିଲା। ମାତ୍ର ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ପରିବର୍ତ୍ତନ ଘଟିଲା ଏବଂ ବିଜେପି ସରକାର ଗଠନ କରିବା ପରେ ଏହି ମେଟ୍ରୋ ପ୍ରକଳ୍ପର ଏବେ ଆବଶ୍ୟକତା ନାହିଁ ବୋଲି ବିଜେପି ନେତୃମଣ୍ଡଳୀ ଗଣମାଧ୍ୟମକୁ ସୂଚନା ଦେବା ଓଡ଼ିଶା ପ୍ରତି ବୈମାତୃକ ମନୋଭାବକୁ ପ୍ରମାଣିତ କରୁଛି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତର କଥା କହୁଥିବା ବେଳେ ଏବଂ ଓଡ଼ିଶା ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପକୁ ନେଇ ବିଜେପି ସରକାରର ଓଡ଼ିଆଙ୍କ ପ୍ରତି ତାସ୍ଛଲ୍ୟ ଓ ହୀନମନ୍ୟତା ମନୋଭାବ ଦେଖାଉଛନ୍ତି ବୋଲି କ୍ରାନ୍ତି ସେନାର ଆବାହକ ଇଂ ପାର୍ଥସାରଥୀ ମୁଦୁଲି କହିଛନ୍ତି। ପ୍ରତିଦିନ ଭୁବନେଶ୍ୱର ଏବଂ କଟକରେ ଜନସଂଖ୍ୟା ବୃଦ୍ଧି ପାଇବା ଏବଂ ଟ୍ରାଫିକ୍ ସମସ୍ୟା ଦେଖାଯାଉଥିବା ବେଳେ ଏସବୁକୁ ସମାଧାନ କରିବା ଦିଗରେ ମେଟ୍ରୋ ପ୍ରକଳ୍ପର ଜରୁରୀ ଆବଶ୍ୟକତା ରହିଛି। ମାତ୍ର ବିଜେପିର ମେଟ୍ରୋ ପ୍ରକଳ୍ପକୁ ନେଇ ଅରୁଚିକର ମନ୍ତବ୍ୟ ଦେବା ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି। ଅନ୍ୟ ଛୋଟମୋଟ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଭୁବନେଶ୍ୱର ଓ କଟକର ଭୌଗୋଳିକ ଦୃଷ୍ଟିରୁ ମେଟ୍ରୋ ପ୍ରକଳ୍ପ ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ ଏହାକୁ ଅଣଦେଖା କରିବା ଅତ୍ୟନ୍ତ ନିନ୍ଦାର ବିଷୟ। ଓଡ଼ିଶା ଓ ଓଡ଼ିଆଙ୍କ ବିକାଶରେ ବାଧା ସୃଷ୍ଟି ନହେବା ପାଇଁ ଡବଲ ଇଞ୍ଜିନ ସରକାର କେନ୍ଦ୍ରରୁ ଅର୍ଥ ଆଣି ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ କ୍ରାନ୍ତି ସେନା ପକ୍ଷରୁ ଦାବି କରାଯାଇଛି।

# ପୂର୍ବଶତ୍ରୁତାରୁ ମାର୍‌ପିଟ୍; ଉଭୟ ପକ୍ଷର ୫ ଗିରଫ

ଭୁବନେଶ୍ୱର, ୮।୪ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମାରପିଟ୍ କରିଥିବା ଅଭିଯୋଗରେ ଦୁଇ ପକ୍ଷର ୫ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ମେଣ୍ଢାଶାଳର ଅମିତ କୁମାର ପାଣ୍ଡବ (୨୩), ସୋମନାଥ ଭୋଇ (୨୨), ଓମ୍ ପ୍ରକାଶ ପାତ୍ର (୨୧), ଗିରିଙ୍ଗାପୁଟର ଦୀପକ ସାହୁ (୩୨) ଓ ଚନ୍ଦ୍ରକାନ୍ତ ବେହେରା (୪୬)।




ପୁଲିସ ସୂଚନା ଅନୁଯାୟୀ, ଚନ୍ଦ୍ରକାନ୍ତ ସ୍ଥାନୀୟ ସେଫ୍ ଏକ୍ସପ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍ ହବ୍ ନଂ-୪୬ରେ କାମ କରୁଥିଲେ। ପ୍ରାୟ ୧୫ ଦିନ ଆଗରୁ ତାଙ୍କ ମୂଲ୍ୟବାନ ସାମଗ୍ରୀ ବୋଝେଇ ଗାଡ଼ି ପାଖରେ ଅମିତ୍, ସୋମନାଥ ଓ ଓମ୍ ମିଶି ନିଶା ସେବନ କରୁଥିବାରୁ ସେ ବିରୋଧ କରିଥିଲେ। ଏଥିସହିତ ସେମାନଙ୍କ ସୁପରଭାଇଜରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏହାକୁ ନେଇ ସେମାନେ ଚନ୍ଦ୍ରକାନ୍ତଙ୍କ ଉପରେ ରାଗ ରଖିଥିଲେ। ଗତକାଲି ସନ୍ଧ୍ୟାରେ ଚନ୍ଦ୍ରକାନ୍ତ ଭୁବନେଶ୍ୱରରୁ ଫେରି ଲୋଡିଂ ପାଇଁ ତାଙ୍କ ଗାଡ଼ି ପାର୍କିଂ କରୁଥିବା ବେଳେ ସେମାନଙ୍କ ବିରୋଧରେ କାହିଁକି ଅଭିଯୋଗ କରିଛୁ ବୋଲି ଅଭିଯୁକ୍ତମାନେ ପଚାରିବା ସହ ଧମକଚମକ ଦେଇଥିଲେ। ଚନ୍ଦ୍ରକାନ୍ତ ଘରକୁ ଫେରୁଥିବା ସମୟରେ ସେଫ୍ ଏକ୍ସପ୍ରେସ୍?ର ମୁଖ୍ୟ ଫାଟକ ନିକଟରେ ୩ ଜଣ ମିଶି ପଥର ଓ ହେଲମେଟରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଏକାଠି ହେବାରୁ ଅଭିଯୁକ୍ତମାନେ ସେଠାରୁ ପଳାଇଯାଇଥିଲେ। ଏନେଇ ଚନ୍ଦ୍ରକାନ୍ତ ଚନ୍ଦକା ଥାନାରେ ଏତଲା ଦେଇଥିଲେ। ଅପରପଟେ ଅମିତ କୁମାର ଅଭିଯୋଗ କରିଥିଲେ ଯେ, ଚନ୍ଦ୍ରକାନ୍ତ ଓ ଦୀପକ କମ୍ପାନୀ ପରିସରରେ ନିଶା ସେବନ ସମ୍ପର୍କରେ ତାଙ୍କ ବିରୁଦ୍ଧରେ ଗୁଜବ ପ୍ରଚାର କରୁଥିଲେ। ପଚରାଉଚରା ସମୟରେ ସେମାନେ ତାଙ୍କୁ ଓ ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ। ଚନ୍ଦକା ଥାନା ପୁଲିସ ୨ଟି ମାମଲା ରୁଜୁ କରିବା ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସଂଘବଦ୍ଧ ଆକ୍ରମଣ କରି ଲୁଟ୍; ୨ ଗିରଫ



ଭୁବନେଶ୍ୱର, ୮।୪ (ସମିସ): ସଂଘବଦ୍ଧ ଆକ୍ରମଣ କରି ଲୁଟ୍ କରିଥିବା ଅଭିଯୋଗରେ ଡକାୟତି ଗ୍ୟାଙ୍ଗର ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ଜନତା ନଗରର ଗୁନୁ ଓରଫ୍ କେ କାମଦେବ ରାଓ (୧୯)। ଘଟଣାରେ ସମ୍ପୃକ୍ତ ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ପୁଲିସ ସୂଚନାନୁସାରେ, ଗତ ୨ ତାରିଖ ସନ୍ଧ୍ୟାରେ ଦୀପେନ କୁମାର ସାହୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସେ ଜିଆଇଇଟି କଲେଜ ନିକଟସ୍ଥ ପଡ଼ିଆ ପାଖରେ ପାଇଥିବା ବେଳେ ଗୁନୁ, ନାବାଳକ ଓ ୬ ଜଣ ସହଯୋଗୀ ତାଙ୍କୁ ଅଟକାଇ ଟଙ୍କା ଦାବି କରିଥିଲେ। ଦୀପେନ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମୁଥା ଓ ଗୋଇଠା ମାରି ମୋବାଇଲ ଫୋନ ଓ ଟଙ୍କା ଛଡ଼ାଇ ନେଇଥିଲେ। ତାଙ୍କୁ ଉଲଗ୍ନ କରି ଟଙ୍କା ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ସେସବୁ ଭାଇରାଲ କରିବାର ଧମକ ଦେଇ ୟୁପିଆଇ ମାଧ୍ୟମରେ ଟଙ୍କା ଟ୍ରାନ୍ସଫର କରି ନେଇଥିଲେ। ଦୀପେନଙ୍କ ଅଭିଯୋଗ ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ବୁଧବାର ଗୁନୁ ଓ ନାବାଳକକୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨୫୦୦ ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା।

# କାର୍ ମାଗିନେଇ ବିକିଦେଲା ବନ୍ଧୁ

ଭୁବନେଶ୍ୱର, ୮।୪ (ସମିସ): ଦୁଇ ଦିନ ପାଇଁ କାର୍ ମାଗି କରି ନେଲା। ନକଲି ଚୁକ୍ତିନାମା କରି ଗାଡ଼ି ବିକି ଦେଲା। ଏଭଳି କାଣ୍ଡ ଭିଆଇଥିବା ବିଶ୍ୱାସଘାତକ ବନ୍ଧୁକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଆଇଆରସି ଭିଲେଜର ଶୁଭମ୍ ଦାଶ (୨୯)। ପୁଲିସ ସୂଚନା ଅନୁସାରେ, ଆଶୀର୍ବାଦ ସାହୁ ଓ ଶୁଭମ୍ ଦୁଇ ବନ୍ଧୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଥିଲା। ଶୁଭମ୍ କାମ ଅଛି କହି ଆଶୀର୍ବାଦଙ୍କ ଠାରୁ ଦୁଇ ଦିନ ପାଇଁ କାର୍ ମାଗି କରି ନେଇଥିଲା। ଏହାପରେ ନିଜେ ଗାଡ଼ି କିଣି ଦେଇଥିବାର ଏକ ନକଲି ଚୁକ୍ତିନାମା କରିଥିଲା। ସେହି ଚୁକ୍ତିନାମା ଦେଖାଇ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦେଢ଼ ଲକ୍ଷ ଟଙ୍କାରେ କାର୍ ବିକ୍ରି କରି ଦେଇଥିଲା। ଏପଟେ ଗାଡ଼ି ନପାଇ ଆଶୀର୍ବାଦ ନୂଆପଲ୍ଲୀ ଥାନାରେ ଏତଲା ଦେବାରୁ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁଭମ୍ ନକଲି ଚୁକ୍ତିନାମା କରି ଗାଡ଼ି ବିକ୍ରି କରି ଦେଇଥିବା କଥା ତଦନ୍ତ ବେଳେ ଜଣାପଡ଼ିଥିଲା। ପୁଲିସ ଗାଡ଼ିଟିକୁ ଜବତ କରିବା ସହ ଗତକାଲି ରାତିରେ ଶୁଭମକୁ ଗିରଫ କରିଥିଲା। ବୁଧବାର ତାକୁ କୋର୍ଟ ଚାଲାଣ କରିଛି।

# ବାପାକୁ କାଠ ଫାଳିଆରେ ଆକ୍ରମଣ: ପୁଅ ଗିରଫ



ଭୁବନେଶ୍ୱର, ୮।୪ (ସମିସ): ବାପାକୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ପୁଅକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶ୍ୟାମପୁର ଅଞ୍ଚଳରେ ରହୁଥିବା ଗଞ୍ଜାମ ମଦନମୋହନପୁର ଗାଁର ଜି ଅଜୟ ରାଓ (୩୫)।

ପୁଲିସ ସୂଚନା ଅନୁସାରେ, ଜି ଅପନ ରାଓ ତାଙ୍କ ପତ୍ନୀ, ସାନବୋହୂ ଜି ଦୟା ଓ ସାନପୁଅ ସହ ଶ୍ୟାମପୁରରେ ରହୁଥିବା ବେଳେ ବଡ଼ପୁଅ ଜି ଅଜୟ ଓ ତା'ର ପତ୍ନୀ ସୋନି ତୁଳସୀ ସେହି ନିକଟରେ ରହୁଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ସୋନି ତୁଳସୀ ଘର ସାମ୍ନା ରାସ୍ତାରେ ମଇଳା ପାଣି ଫିଙ୍ଗିଥିଲେ। ଜି ଦୟା ଏନେଇ ପଚାରିବାରୁ, ଦେଢ଼ଶୁର ଜି ଅଜୟ ରାଓ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଓ ଯାଆ ସୋନି ତୁଳସୀ ଆକ୍ରମଣ କରି ତାଙ୍କର ଚୁଡ଼ି ଭାଙ୍ଗି ଦେଇଥିଲେ। ଶ୍ୱଶୁର ହସ୍ତକ୍ଷେପ କରିବାରୁ, ବଡ଼ ପୁଅ ଜି. ଅଜୟ ତାଙ୍କୁ ଘର ଭିତରକୁ ଟାଣିନେଇ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ହୋଇ ରକ୍ତସ୍ରାବ ହୋଇଥିଲା। ଜି ଦୟା ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଦେଢ଼ଶୁର ଜି ଅଜୟକୁ ଗିରଫ କରିବା ସହ କାଠ ଫାଳିଆ ଜବତ କରିଛି।

# ଦାୟିତ୍ୱ ନେଲେ 'ରମାଦେବୀ' କୁଳପତି ଜ୍ୟୋତ୍ସ୍ନା ରାଉତ



ଭୁବନେଶ୍ୱର, ୮।୪(ସମିସ): ପ୍ରାୟ ୧୫ ମାସ ପରେ ସ୍ଥାୟୀ କୁଳପତି ପାଇଲା ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ'। ପ୍ରଫେସର ଜ୍ୟୋତ୍ସ୍ନା କୁମାରୀ ବିଶ୍ୱାଳ ରାଉତ ନୂତନ କୁଳପତି ଭାବେ ଆଜି ଦାୟିତ୍ୱ ନେଇଛନ୍ତି। ନବନିଯୁକ୍ତ କୁଳପତି ଅପରାହ୍ଣରେ ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନବନିଯୁକ୍ତ କୁଳପତିଙ୍କୁ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରତିକ୍ରିୟା ରଖି ପ୍ରଫେସର ରାଉତ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ସହିତ ଗବେଷଣାକୁ ପ୍ରାଥମିକତା ଦିଆଯିବ। ଉତ୍ତମ ଶୈକ୍ଷିକବାତାବରଣରେକଳାଓସଂସ୍କୃତିକୁମଧ୍ୟଗୁରୁତ୍ୱାରୋପକରାଯିବବୋଲିସେକହିଛନ୍ତି।

# କେଉଁଠି ଫାଳେ ତ କେଉଁଠି ମୂଳରୁ ନାହିଁ

ଭୁବନେଶ୍ୱର, ୫।୪(ସମିସ): ରାସ୍ତା ଉପରେ ବିପଦ ସଂକୁଳ ଅବସ୍ଥାରେ ଲୋକମାନେ ଆମ ବସ୍‌କୁ ଠିଆ ହୋଇ ଅପେକ୍ଷା କରୁଛନ୍ତି ତ ଆଉ କେହି ବସି ରହୁଛନ୍ତି। ରାସ୍ତାରେ ଏବେ ଯେଉଁ ଭଳି ଭାବରେ ଦୁର୍ଘଟଣା ଘଟୁଛି କେତେ ବେଳେ କଣ ହବ ତାହା କହି ହବନି।

■ ସହରର ବିଭିନ୍ନ ଛକରେ ନାହିଁ ଆମ ବସ୍‌ଷ୍ଟପ୍
■ ଝାଞ୍ଜି ଖରାରେ ଠିଆ ହୋଇ ବସ୍‌କୁ ଅପେକ୍ଷା



ରାଜଧାନୀରେ ୫୦ ରୁ ଅଧିକ ରୁଟ୍‌ରେ ୩୭୦ ଆମ ବସ ଚାଲୁଅଛି। ଏଥିରେ ଏସି ୧୭୦ ଆମ ବସ୍ ରହିଥିବା ବେଳେ ବିନା ଏସି ଆମ ବସ୍ ୨୦୦ ଟା ରହିଅଛି। ଆମ ବସ୍ ଉପରେ ଅନେକ ଲୋକ ନିର୍ଭର କରୁଥିବା ବେଳେ ପ୍ରତିଦିନ ଶହ ଶହ ଲୋକ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ନେବା ଆଣିବା କରୁଛି। କିନ୍ତୁ ସହରରେ ବିଭିନ୍ନ ଛକରେ ଗୋଟେ ପଟେ ଆମ ବସ ଷ୍ଟପ୍ ଥିବା ବେଳେ ଆଉ କେଉଁ ଛକରେ ମୂଳରୁ ନାହିଁ। ଯାହା ଦ୍ୱାରା ଲୋକମାନେ ଝାଞ୍ଜି ଖରାରେ ବିପଦ ସଙ୍କୁଳ ଅବସ୍ଥାରେ ବସ୍‌କୁ ଅପେକ୍ଷା କରୁଛନ୍ତି।

ରାଜମହଲ ଗୋଟେ ପାଖେ ଥିବା ବସଷ୍ଟପ୍ ଥିବା ବେଳେ ଅନ୍ୟ ପାଖରେ ବସ୍‌ଷ୍ଟପ୍ ନାହିଁ। ଫଳରେ ଲୋକମାନେ ରାସ୍ତା କଡ଼ରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ଠିକ୍ ଏହିପରି ମଧ୍ୟ କ୍ୟାପିଟାଲ ହସ୍ପିଟାଲ, ଫରଚ୍ୟୁନ୍ ଟାୱାର ଛକ, ଖଣ୍ଡଗିରି, ଆଇଗିଣିଆ, ସିଟି ୱେମେନ୍ସ କଲେଜ ଆଦି ଛକର ଗୋଟେ ପଟେ ଥିବା ବେଳେ ଅନ୍ୟ ପଟ କଥା ନକହିବା ଭଲ। ଏହିପରି ସହରରେ ହଂସପାଳ, ନୂଆପଲ୍ଲୀ, ଆଇଗିଣିଆ, ଶାସ୍ତ୍ରୀ ନଗର, ରାମ ମନ୍ଦିର, ତମାଣ୍ଡୋ, କୋଳଥିଆ, ଜାଗମରା, ଜାଗମରା ଜଗନ୍ନାଥ ମନ୍ଦିର, ଆଇଟିଆର କଲେଜ୍, ଓୟୁଏଟି ଆଦି ଛକରେ କେଉଁଠି ଗୋଟେ ପଟେ ବସ୍‌ଷ୍ଟପ୍ ଅଛି ତ ଆଉ କେଉଁ ପଟେ ମୂଳରୁ ନାହିଁ। ଫଳରେ ଅନେକ ପର୍ଯ୍ୟଟକଙ୍କ ସମେତ ଯାତ୍ରୀମାନେ ରାସ୍ତା ଉପରେ ତ ଆଉ କେଉଁଠି ଗଛ ମୂଳେ ବସ୍‌କୁ ଅପେକ୍ଷା କରି ରହୁଛନ୍ତି।

ଏନେଇ ଫରଚ୍ୟୁନ୍ ୱାଟାର ପାଖରେ ବସ୍‌କୁ ଅପେକ୍ଷା କରିଥିବା ଛାତ୍ରୀ ରୋସ୍ନି ପଟ୍ଟନାୟକ କୁହନ୍ତି ଆମେ ପ୍ରତିଦିନ ଆମ ବସ୍ ଉପରେ ନିର୍ଭରଶୀଳ। କିନ୍ତୁ ବସ୍‌କୁ ଅପେକ୍ଷା କରିବା ବେଳେ ବସଷ୍ଟପ୍ ନାହିଁ। ସହରରେ ଏମିତି ଅନେକ ସ୍ଥାନ ଅଛି ଯେଉଁଠି ଦୁଇ ଦୁଇ ପଟେ ରହୁଛି ହେଲେ ଯେଉଁ ସ୍ଥାନଗୁଡ଼ିକରେ ବସ୍‌ଷ୍ଟପ୍ ଦରକାର ସେଠାରେ ମୂଳରୁ ନାହିଁ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରୁଟ୍‌ର ଜଣେ ଅଧିକାରୀ କୁହନ୍ତି କଟକ ଓ ଭୁବନେଶ୍ୱର ସହରରେ ପ୍ରାୟ ୨ଶହ ସ୍ଥାନରେ ଷ୍ଟପେଜ୍ ନାହିଁ। ହେଲେ କ୍ରୁଟ୍ ଚାହିଁଲେ କେବଳ ଷ୍ଟପେଜ୍ କରିପାରିବନି। କ୍ରୁଟ୍ ସହିତ ବିଏମ୍‌ସି ଓ ବିଡ଼ିଏ ମଧ୍ୟ ସେୟାରରେ ରହିଛନ୍ତି। କେଉଁ ଯାଗା କେଉଁ ବିଭାଗ ଅଧିନରେ ଆସୁଛି ଏବଂ ତାହା ସରକାରୀ ସ୍ଥାନ କି ନାହିଁ। ସେହି ସ୍ଥାନଗୁଡ଼ିକରେ ଷ୍ଟପେଜ୍ ହୋଇପାରିବ କି ନାହିଁ ତାହା ତର୍ଜମା କରାଗଲା ପରେ ପଦକ୍ଷେପ କିଛି ନିଆଯାଇରେ। ତଥାପି ରାଜଧାନୀରେ ୧୧ଟି ସ୍ଥାନ ଚିହ୍ନଟ କରାଯାଇଛି ସେହି ସ୍ଥାନରେ ଆଗକୁ ଷ୍ଟପେଜ୍ କରାଯିବା ନେଇ ଯୋଜନା କରାଯାଉଛି ବୋଲି ସେ କହିଛନ୍ତି।

## ଏସ୍‌ପିଙ୍କୁ ବିଜେଡି ନେତା ଦେଲେ ଚରମବାଣୀ

# କାର୍ଯ୍ୟାନୁଷ୍ଠାନ ନିଅ; ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ

ଯାଜପୁର,୮।୪(ସମିସ):

ଯାଜପୁର ଜିଲ୍ଲାରେ ପ୍ରତିଦିନ ଘଟଣା, ଦୁର୍ଘଟଣା, ଅଘଟଣ, ହତ୍ୟା, ରାହାଜାନି ଘଟିବାରେ ଲାଗିଛି। ଅପରାଧୀ ନିଜକୁ ଅତ୍ୟନ୍ତ ସୁରକ୍ଷିତ ମଣୁଥିବା ବେଳେ ସାଧାରଣ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସ୍ୱଚ୍ଛ ଦିବାଲୋକରେ ଆକ୍ରମଣ ଠାରୁ ଆରମ୍ଭ କରି ଲୁଟ୍‌ତରାଜ, ଗୁଣ୍ଡାରାଜ

### ଯାଜପୁରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ



ଏପରିକି ଗୁଳିକରି ହତ୍ୟା କରିବା ଘଟଣା ପରେ ସାଧାରଣ ଲୋକେ ନିଜକୁ ସବୁଠୁ ଅସୁରକ୍ଷିତ ମଣିଲେଣି। ଆଇନର ରକ୍ଷକ ଏଠି ଭକ୍ଷକ ସାଜିଛନ୍ତି। ପୁଲିସର ନିରବତା ଅପରାଧୀଙ୍କୁ ସକ୍ରିୟ ହେବାକୁ ସୁଯୋଗ ସୃଷ୍ଟି କରିଛି। ଅପରାଧୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପ୍ରତିବାଦରେ ଅଭିଯୋଗକାରୀଙ୍କ ବିରୋଧରେ ମାମଲା ରୁଜୁ କରୁଛି। ଶାସକ ଦଳର ହାତବାରିସି ହୋଇ ପୁଲିସ କାମ କରି ବିରୋଧୀ ଦଳର ନେତା ଓ କର୍ମୀଙ୍କୁ ଟାର୍ଗେଟ କରୁଛି। ତେଣୁ ଏହାକୁ ରୋକାଯିବା ସହିତ ଗୁଣ୍ଡାରାଜ ଓ ଆତଙ୍କରାଜ ଘଟାଉଥିବା ଦୁର୍ବୃତ୍ତମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବିଜୁ ଜନତା ଦଳ ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶଙ୍ଖଳାକୁ ଓ ଖଣିଜ ସମ୍ପଦ ଲୁଟ୍ ପ୍ରତିବାଦରେ ଜିଲ୍ଲା ବିଜେଡି ବରିଷ୍ଠ ନେତୃମଣ୍ଡଳୀ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଇନଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି। ପୁଲିସ ଶକ୍ତି ବୃଦ୍ଧି କରି ଆଇନ ଶୃଙ୍ଖଳା ବଜାୟ ଓ ନିରପେକ୍ଷ ତଦନ୍ତ କରିବା, ଯେଉଁମାନେ ଅପରାଧିକ କାର୍ଯ୍ୟକଳାପ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଦାବି କରାଯାଇଥିଲା। ଧର୍ମଶାଳାରେ ଲଘୁ ଖଣିଜ ସମ୍ପଦ ଲୁଟ ଉପରେ ରୋକ ଲଗାଇବା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଜିଲ୍ଲା ଅପରାଧୀମାନଙ୍କୁ ଚିହ୍ନଟ କରିବା, ଅବୈଧ ଖଣି ଓ ଖଣିଜ ସମ୍ପଦ ଚୋରିରେ ସମ୍ପୃକ୍ତ ପରିବହନ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଅପରାଧୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜନପ୍ରତିନିଧି ଓ ସାଧାରଣ ନାଗରିକଙ୍କ ସୁରକ୍ଷା, ମିଥ୍ୟା ଅପରାଧିକ ମାମଲାର ପୁନଃ ତଦନ୍ତ ଓ ସେଥିରୁ ନିବୃତ ରହିବାକୁ ଦାବି କରାଯାଇଛି। ବିରୋଧି ଦଳ ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ନେତୃତ୍ୱରେ ଯାଜପୁର ବିଧାୟିକା ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପ୍ରୀତୀରଞ୍ଜନ ଘଡ଼ାଇ, ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ବଡ଼ଚଣା ବିଜେଡି ନେତା ରାଜନାରାୟଣ ମହାପାତ୍ର, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ପ୍ରମୁଖ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଖୁବଶୀଘ୍ର ଏହି ପ୍ରସଙ୍ଗକୁ କେନ୍ଦ୍ର କରି ବିଜେଡି ରାଜରାସ୍ତାକୁ ଓହ୍ଲାଇ ଶାସକ ଦଳକୁ ଏକ କଡ଼ା ଜବାବ ଦେବ ବୋଲି ଦଳୀୟ ମହଲରୁ ଜଣାପଡିଛି।

## ବିଜେପି ହିଙ୍ଗୁଳା ମଣ୍ଡଳ ପ୍ରଶିକ୍ଷଣ ଶିବିର

ମଧୁବନ,୮।୪(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଁଖିଆ ସ୍ଥିତ କିର୍ତ୍ତୀ ମଣ୍ଡପ ସମ୍ମିଳନୀ ଗୃହରେ ମଣ୍ଡଳ ସଭାପତି ବିନୋଦ କୁମାର ମହାରଣାଙ୍କ ସଭାପତିତ୍ୱରେ କୋରେଇ ବିଧାନସଭା ଅନ୍ତର୍ଗତ ରସୁଲପୁର ବ୍ଲକ ଅଧୀନ ୯ ପଞ୍ଚାୟତକୁ ନେଇ ଗଠିତ ହିଙ୍ଗୁଳା ମଣ୍ଡଳର ପଣ୍ଡିତ ଦିନଦୟାଳ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ-ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ବିଧାୟକଙ୍କ ରସୁଲପୁର ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ସାହୁ, ଜିଲ୍ଲା ବିଜେପି ସାଧାରଣ ସଂପାଦକ ସୁରଜ ଲାଲ୍ ସାମଲ, ସାଂସଦଙ୍କ ବ୍ଲକ ପ୍ରତିନିଧି ଦେବକାନ୍ତ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ପ୍ରତ୍ୟୁଷ ନାୟକ, ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ହିଙ୍ଗୁଳା ମଣ୍ଡଳର ସାଧାରଣ ସଂପାଦକ ସଂଜନ କୁମାର ଦେଓ ଶିବିରକୁ ପରିଚାଳନା କରିଥିଲେ।

## ଯାଜପୁର ଏସ୍‌ଡିସି ଅଧ୍ୟକ୍ଷ ହେଲେ ରାଜେନ୍ଦ୍ର



ଯାଜପୁର,୮।୪(ସମିସ): ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଜଣାଶୁଣା ଆଦିବାସୀ ଚେହେରା ରାଜେନ୍ଦ୍ର କାଲୁଣ୍ଡିଆଙ୍କୁ ଯାଜପୁର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର (ଏସ୍‌ଡିସି) ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏଥି ସହିତ ବଡ଼ଚଣା ନିର୍ବାଚନ ମଣ୍ଡଳୀ ସମୀୟା ପଞ୍ଚାୟତ ଅଞ୍ଚଳର ଦଶମୀ ଜାରିକାକୁ ପରିଷଦର ଉପାଧ୍ୟକ୍ଷ ଭାବେ ରାଜ୍ୟ ସରକାର ଦାୟିତ୍ୱ ଅର୍ପଣ କରିଛନ୍ତି। ଶ୍ରୀ କାଲୁଣ୍ଡିଆ ୨୦୦୭ରୁ ୨୦୧୭ ପର୍ଯ୍ୟନ୍ତ ସରପଞ୍ଚ ଭାବେ କାର୍ଯ୍ୟ କରି ଲୋକଙ୍କ ସେବା କରିଛନ୍ତି। ବର୍ତ୍ତମାନ ସେ ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜିଲ୍ଲା ସଭାପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବା ପରେ ଉଭୟ ଆଗାମୀ ଦିନରେ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ସେମାନେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ ସ୍ୱାଗତ କରିଛନ୍ତି।

## ପୂର୍ବତନ ସରପଞ୍ଚ ପ୍ରାଣକୃଷ୍ଣ ମହାନ୍ତିଙ୍କ ପରଲୋକ



ଧର୍ମଶାଳା,୮।୪(ସମିସ): ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଚହଟା ଗ୍ରାମର ପ୍ରାକ୍ତନ ସରପଞ୍ଚ ପ୍ରାଣକୃଷ୍ଣ ମହାନ୍ତି(୮୬)ଙ୍କର ଆଜି ଭୋର ସମୟରେ ପରଲୋକ ହୋଇଯାଇଛି। ସେ ଆଜି ଭୋରୁ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଅବିଭକ୍ତ ଚୋରମୁହାଁ ପଞ୍ଚାୟତର ୧୯୮୪ରୁ ୮୮ ମସିହା ଯାଏ ସରପଞ୍ଚ ଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ତତ୍ ସହିତ ସେ ରାଜ୍ୟ ମୋହରିୟର ସଂଘ ଓ ଧର୍ମଶାଳା ମୁନସୀ ମିଳନ କମିଟିର କର୍ମକର୍ତ୍ତା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସାନଭାଇ କୁଳମଣି, ବଡ ପୁଅ ପଦ୍ମନାଭ, ପର୍ଶୁରାମ ଓ ପୁତୁରା ପ୍ରକାଶ ସମେତ ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ଜଣାପଡିବା ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ବସନ୍ତ କୁମାର ପରିଡା, ଯୁବ ସଂଗଠକ ରାଜେଶ ପାଳ, ଜିତେନ୍ଦ୍ର ରାଉତ, ଦେବରାଜ ମିଶ୍ର, ସଂଗ୍ରାମ କେଶରୀ ଜେନା,ନୃସିହ ମହାନ୍ତି, ବିଷ୍ଣୁ ମହାନ୍ତି, ଆକୁଳି ସ୍ୱାଇଁ ଓ ନିରଞ୍ଜନ ମୁଦୁଲି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବ୍ରାହ୍ମଣୀ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପଦ୍ମନାଭ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର ଆୟୋଜିତ

ଯାଜପୁର,୮।୪(ସମିସ): ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଛମନ ବାଲାଜୀଉ ଡିଗ୍ରୀ ମହାବିଦ୍ୟାଳୟ, ଅଙ୍ଗାଲୋଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆମ ମାତୃଭାଷାର ଗୌରବ ଗାନ ସହ ରକ୍ତ ଦାନ ଭଳି ଜୀବନ ରକ୍ଷାର ଏକ ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ କୁମାର ମିଶ୍ର, ଓଡ଼ିଶା ରକ୍ତ କେନ୍ଦ୍ର ଅଧିକାରୀ ଡ ପ୍ରଶାନ୍ତ କୁମାର ବିଶ୍ୱାଳ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଜୟଦେବ ଥାଟଇ ଏବଂ କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ରକ୍ତଦାନ ଶିବିରରେ ମୋଟ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହାସହ ଅନ୍ୟ ଦୁଇଟି କ୍ୟାମ୍ପ ଯଥା ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର ରେ ୩୨ ୟୁନିଟ୍ ଏବଂ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି।

## ବାଇକ ଛଡ଼ାଇ ନେଲେ ଲୁଟେରା

ମଙ୍ଗଳପୁର,୮।୪(ସମିସ): ମାତିଛନ୍ତି ବାଇକ ଲୁଟେରା ଲୁଟୁଛନ୍ତି ବାଇକ। ଦିନ ଦ୍ୱିପ୍ରହରରେ ଲୋକ ମାନଙ୍କ ଠାରୁ ଛଡେଇ ନେଉଛନ୍ତି ଦାମୀ ବାଇକ। ମଙ୍ଗଳପୁର ବଜାର ସଂଲଗ୍ନ ଦିହୁଡିସାହି ଠାରୁ ବୌଳାଙ୍ଗ ହାଟ ଛକ ମଧ୍ୟରେ ଏମିତି ଏକ ଲୁଟର ଶିକାର ହୋଇଛନ୍ତି ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଗ୍ରାମର ଲକ୍ଷ୍ମଣ ସେଠୀ। ସେ ମଙ୍ଗଳପୁରରୁ ବାହାରି ଦିହୁଡିସାହି ପାର ହୋଇ ବଉଳାଙ୍ଗ ହାଟ ନିକଟରେ ଯାଉଥିବା ବେଳେ ହଠାତ ୩/୪ ଜଣ ଯୁବକ ତାଙ୍କୁ ଅଟକାଇ ତାଙ୍କ ଗାଡି (ନଂ ଓଡି୩୪ଟି୦୨୯୨) ଟିକୁ ଛଡେଇ ନେଇଥିଲେ। ସେମାନେ ଟିଭିଏସ କମ୍ପାନୀର କଲେକ୍ସନ ଏଜେଣ୍ଟ ବୋଲି କହି, ତୁମର କିସ୍ତି ବାକି ଅଛି। ତେଣୁ ଆମେ ତମ ଗାଡି ନେଇଯିବୁ ବୋଲି କହି ସେଠାରୁ ଚମ୍ପଟ ମାରିଥିଲେ। ପରେ ସେମାନେ ଆମକୁ ୩୫୦୦ଟଙ୍କା ଦେଲେ ଗାଡି ଦେଇଦେବୁ ବୋଲି କହିଥିଲେ। ଲକ୍ଷ୍ମଣ ଜଣେ ଗରିବ ପରିବାରର ହୋଇଥିବାରୁ ପଇସା ଦେଇନପାରି ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗାଡି ନମ୍ବରହୋଇଥିବା ବେଳେ ଗାଡିଟିକୁ ଠାବ କରିବା ପାଇଁ ମଙ୍ଗଳପୁର ପୁଲିସ ତନାଘନା ଜାରି ରଖିଛି। ପ୍ରାୟ ୧ ମାସ ପୂର୍ବରୁ ସମାନ ଢଙ୍ଗରେ ଅନ୍ୟ ଏକ ଲୋକର ମଧ୍ୟ ସମାନ ଜାଗାରୁ ଲୁଟେରାମାନେ ବାଇକ ଛଡାଇ ନେଇଥିଲେ। ଏଥିନେଇ ଅଭିଯୋଗକାରୀ ମଙ୍ଗଳପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଏହି ଲୁଟେରା ଗ୍ୟାଙ୍ଗରେ କନିକାପଡା ପଞ୍ଚାୟତ ଦିହୁଡି ସାହିର ୩/୪ ଜଣ ପିଲା ଓ ଖୋସାଲପୁର ଅଞ୍ଚଳର କିଛି ପିଲା ସାମିଲଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଦାନଗଦି,୮।୪(ସମିସ): ଦାନଗଦୀ ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଗୋବର୍ଦ୍ଧନ ସାହୁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସମ୍ବର୍ଦ୍ଧନା ଦେବା ପାଇଁ ସମସ୍ତଙ୍କର ପ୍ରିୟ ହିନ୍ଦୀ ଶିକ୍ଷକ ଗୋବର୍ଦ୍ଧନ ସାରଙ୍କୁ ଏକ ସୁସଜ୍ଜିତ ଗାଡ଼ିରେ ଶୋଭାଯାତ୍ରା କରି ଗ୍ରାମ ପରିକ୍ରମା କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଭୂୟାଁଙ୍କର ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟତମ ଅତିଥି ଭାବେ ଓଷ୍ଟାର ପୂର୍ବତନ ଜିଲ୍ଲା ସମ୍ପାଦକ ରଘୁନାଥ ବେହେରା, ଓଷ୍ଟା ସମ୍ପାଦକ ଅଶୋକ କୁମାର ବେହେରା, ସିଆର୍‌ସିସି ମହମ୍ମଦ ନସୀମ ମୁବାରକ, ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନ୍ଦରୀ ବିରୁଆ, ସରପଞ୍ଚ ମାନସ ରଣା, ମୁଖ୍ୟବକ୍ତା ଜୟକୃଷ୍ଣ ପୃଷ୍ଟି, ଶ୍ରୀଧର କୁମାର ସାହୁ, ବସନ୍ତ କୁମାର ରଣା, ଗୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିଜୟ କୁମାର ସାହୁ, ଅଜୟ ଓଝା, ଜନାର୍ଦ୍ଦନା ସାହୁ, ଗଙ୍ଗାଧର ପାତ୍ର, ବିଜୟ କୁମାର ପୃଷ୍ଟି ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ସାହୁ, ନୋଡାଲ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର ରଣା, ପୂର୍ବତନ ଛାତ୍ରଛାତ୍ରୀ, ଗ୍ରାମବାସୀ, ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସହଯୋଗରେ ସମ୍ବର୍ଦ୍ଧନା ସଭାଟି ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା।

## ଅଧ୍ୟାପିକାଙ୍କ ମୃତ୍ୟୁକୁ ନେଇ ବଢୁଛି ସନ୍ଦେହ



ବ୍ୟାସନଗର,୮।୪(ସମିସ): ବୁଧବାର କୋରୋଇ ବ୍ଲକ ତଣ୍ଡରା ସ୍ଥିତ ଏକ ଘରୋଇ କଲେଜ କେମେଷ୍ଟ୍ରି ବିଭାଗ ଅଧ୍ୟାପିକା ବିଜୟଲକ୍ଷ୍ମୀ ସେନାପତି (୩୪)ଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ଅଧ୍ୟାପିକା ଜଣଙ୍କ ପ୍ରାୟ ୭ ବର୍ଷ ହେବ ଏହି ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ବେଳେ ସେ ଖୋର୍ଦ୍ଧା ଜିଲ୍ଲା କୁରାଡିଲ ଗ୍ରାମର ବଳଭଦ୍ର ସେନାପତିଙ୍କ ତୃତୀୟ ଝିଅ ବୋଲି ଜଣାପଡିଛି। ବିଜୟଲକ୍ଷ୍ମୀ ସ୍ଥାନୀୟ ଶଙ୍ଖଚିଲା ବଜାର ବିଶ୍ୱନାଥ ଗୁରୁଙ୍କ ଘରେ ଭଡ଼ାରେ ରହୁଥିବା ବେଳେ ବୁଧବାର ସକାଳ ୯ଟା ସମୟରେ ଦେହ ଖରାପ ଥିବା କହିବାରୁ ଘର ମାଲିକ ତାଙ୍କୁ ଯାଜପୁର ରୋଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସିତ ହେଉଥିବା ବେଳେ ମଧ୍ୟାହ୍ନ ୧୨ଟା ସମୟରେ ସେ ମୃତ୍ୟୁବରଣ କରିଥିବା ନେଇ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଉପସ୍ଥିତ ଡାକ୍ତରଙ୍କ କହିବାନୁସାରେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କର ହିମୋଗ୍ଲୋବିନ୍ ମାତ୍ରା କମି ୪ ପଏଣ୍ଟ ହୋଇ ଯାଇଥିଲା। ତେବେ କେଉଁ କାରଣରୁ ମୃତ୍ୟୁ ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ଦେଇନଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ସଠିକ ଜଣାପଡିବ ବୋଲି ଉପସ୍ଥିତ ଡାକ୍ତର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଧ୍ୟାପିକାଙ୍କଙ୍କ ବାପା ବଳଭଦ୍ରଙ୍କ କହିବାନୁସାରେ ଛୁଟିରେ ଝିଅ ଘରକୁ ବୁଲିବାକୁ ଆସିଥିବା ବେଳେ ଗତ ରବିବାର ଘରୁ ଯାଜପୁର ଆସିଥିଲା। ବୁଧବାର ଝିଅ ସହିତ ସକାଳୁ କଥା ହୋଇଛି। ଦେହ ଖରାପ ଅଛି। ଡାକ୍ତରଖାନାରେ ଅଛି, ବୋଲି ଝିଅ କହିଥିବା ତାର ମା' କହିଛନ୍ତି। ତେବେ ସମ୍ପୃକ୍ତ ଅଧ୍ୟାପିକାଙ୍କ ମୃତ୍ୟୁ ହେବାପରେ ସମ୍ପୃକ୍ତ କଲେଜ କର୍ମକର୍ତ୍ତା ଡାକ୍ତରଖାନାରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେବା ସହିତ ମେଡିକାଲରୁ ଶବ ନେଇଯିବାକୁ ଉଦ୍ୟମ କରିବାରୁ କାର୍ଯ୍ୟରତ ଡାକ୍ତର ଗୌତମ କୁମାର ସାହୁ ଯାଜପୁର ରୋଡ୍ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପାଣିକୋଇଲି ପୁଲିସକୁ ଖବର ଦେଇଥିଲା। ପାଣିକୋଇଲି ପୁଲିସ ଡାକ୍ତରଖାନାରେ ପହଞ୍ଚିବା ପରେ ସମ୍ପୃକ୍ତ ମୃତା ଅଧ୍ୟାପିକାଙ୍କ ଅଧ୍ୟାପକ ଭାଇ ଦେବାଶିଷ ସେନାପତି ଅଭିଯୋଗ କରିବା ପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ପାଣିକୋଇଲି ଥାନାରେ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଅଧ୍ୟାପିକାଙ୍କର କେଉଁ କାରଣରୁ ମୃତ୍ୟୁ ଘଟିଛି ବ୍ୟବଚ୍ଛେଦ ରିପୋର୍ଟ ପରେ ଜଣାପଡିବ ବୋଲି ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି।

## ଲୟର୍ସ ଆସୋସିଏସନ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ଯାଜପୁର,୮।୪(ସମିସ): ଯାଜପୁର ଲୟର୍ସ ଆସୋସିଏସନର ନିର୍ବାଚନ ଶେଷ ହୋଇଥିବା ବେଳେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍‌ର ସମସ୍ତ ଆଇନ୍‌ଜୀବୀ ଉପସ୍ଥିତ ରହି ନବନିର୍ବାଚିତ ସଭ୍ୟ/ସଭ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ପରିଚାଳନା କରୁଥିବା ନିର୍ବାଚନ ଅଧିକାରୀ ବିଜୟ କୁମାର ଜେନା ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଶପଥ ପାଠ ଉତ୍ସବରେ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ଅମୀୟ କୁମାର ମହାନ୍ତି, ସାଧାରଣ ସଂପାଦକ ଦିବାକର ମହାନ୍ତି, ଉପସଭାପତି ଭାବେ ଝରଣା ମିଶ୍ର ଓ ସହ ସମ୍ପାଦିକା ଭାବେ ଚିନ୍ମୟୀ ଜେନା ସମେତ ସମସ୍ତ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ ଗ୍ରହଣ କରାଇଥିଲେ। ଏହି ଶପଥପାଠ ଉତ୍ସବରେ ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନ୍‌ଜୀବୀ ପ୍ରତାପ ରାୟ, ମାନଗୋବିନ୍ଦ ଧଳ ଓ ରାଜ୍ୟ ବାର୍ କାଉନସିଲର ଉପାଧ୍ୟକ୍ଷ ଆଇନଜୀବୀ ରାଜୀବ ମହାନ୍ତି ଉପସ୍ଥିତ ରହି ସମସ୍ତ କର୍ମକର୍ତା ଓ ସଭ୍ୟ/ସଭ୍ୟାମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ସିଂହପୁର,୮।୪(ସମିସ): ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା, ରୋଭର ଓ ରେଞ୍ଜର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବ୍ରଜକିଶୋର ସାହୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ନୀଳମଣି ମଲ୍ଲିକ, ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜଳଧର ସାହୁ, ରୋଭର ରେଞ୍ଜର ସନ୍ତୋଷ ମହାପାତ୍ର ଏହାକୁ ଆୟୋଜନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ମୀନକେତନ ତ୍ରିପାଠୀ, ସୁରେନ୍ଦ୍ର କୁମାର ସାମଲ, ବିଜୟ କୁମାର ପତି, କୈଳାଶ ଚନ୍ଦ୍ର ମିଶ୍ର, ଅମ୍ବିକା ପ୍ରସାଦ ଜେନା, ବୈଭବ ନାୟକ, ଚିତ୍ତରଞ୍ଜନ ସାହୁ, ଖେଳ ଶିକ୍ଷକ ସଂଜୀବ ଭଦ୍ରା, ଚିନ୍ମୟ ଥଟୋଇ, ମଳୟ ଦାଶ, ରାଜେଶ ପୃଷ୍ଟି, ଅଧ୍ୟାପିକା ମମତାମୟୀ ସାମଲ, ସ୍ମୃତିସ୍ମିତା ନାୟକ, ଝରଣା ଦେହୁରୀ, ବରିଷ୍ଠ କିରାଣି ଚିରସ୍ମିତା ନାୟକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଦିଲୀପ ବାରିକ, ବିରାଜ ସାହୁ, ଯଶୋବନ୍ତ ସାହୁ ସନ୍ତୋଷ ମଳିକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ତଥା ସ୍ଥାନୀୟ ପିଲାଙ୍କ ଠାରୁ ୩୨ ୟୁନିଟ୍ ରକ୍ତ ଗ୍ରହଣ କରାଯାଇଥିଲା। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ଼ ବ୍ୟାଙ୍କର ତତ୍ତ୍ୱାବଧାନରେ ରକ୍ତ ସଂଗୃହିତ ହୋଇଥିଲା।

## ବିନା ସୂଚନା ଫଳକରେ ମେଡିକାଲ ଗୃହ ନିର୍ମାଣ



ବ୍ରହ୍ମବରଦା,୮।୪(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ସ୍ଥିତ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଗୃହ ନିର୍ମାଣ କାର୍ଯ୍ୟ ଏବେ ଚାଲୁ ରହିଛି। କିନ୍ତୁ କାର୍ଯ୍ୟ ଆରମ୍ଭରୁ ବିବାଦ ମୁଣ୍ଡ ଟେକିଛି। ବିନା ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗୃହ ନିର୍ମାଣର ବିବରଣୀ ସମ୍ବନ୍ଧରେ ସାଧାରଣ ଲୋକେ ଜାଣିପାରୁନାହାନ୍ତି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ କୌଣସି ସରକାରୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟର ସବିଶେଷ ସୂଚନା ଥାଇ ଫଳକ ଲଗାଇବାର ନିୟମ ରହିଛି। ହେଲେ ଏଠାରେ ସେମିତି କିଛି ଦେଖିବାକୁ ମିଳୁନଥିବା ବେଳେ ସରକାରୀ ନିୟମକୁ ଖୋଲା ଉଲଂଘନ କରାଯାଇଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

## ଯାଜପୁର ଗୁଳିକାଣ୍ଡ ଘଟଣା

# ହତ୍ୟାକାଣ୍ଡ ପଛରେ ପରକିୟା ପ୍ରୀତି ସନ୍ଦେହ

ଯାଜପୁର,୮।୪(ସମିସ):

ଗତ ୬ ତାରିଖ ବିଳମ୍ବିତ ରାତ୍ରୀରେ ଯାଜପୁର ସହରର ଛାତି ଉପର କାଳିମେଘା ଅଞ୍ଚଳରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରିବା ଘଟଣା ନେଇ ସମଗ୍ର ଜିଲ୍ଲା ସ୍ତବ୍ଧ ହୋଇଛି। ସର୍ବଦା ଶାନ୍ତ ସହର ଭାବେ ପରିଚିତ ଯାଜପୁର ସହରରେ ଏଭଳି ଏକ ଗୁଳି କରି ହତ୍ୟା କରିବା ଘଟଣା ପ୍ରଥମ ହୋଇଥିବା ଚର୍ଚ୍ଚା ହେଉଛି। ତେବେ ଘଟଣା ପରଠାରୁ ଏହି ହତ୍ୟାକାଣ୍ଡ ପଛରେ କିଏ ଓ କାହିଁକି ହୋଇଛି ତାହା ଛକ ବଜାରରେ ଚର୍ଚ୍ଚା ହେଉଛି। ଗୁଳିକାଣ୍ଡ ପରଠାରୁ ପୁଲିସ ଚିରାଚରିତ ଧାରାରେ ତଦନ୍ତ ଆରମ୍ଭ କରିଛି। କୁଆଁସରପୁର ଅଞ୍ଚଳର ସୌମ୍ୟ ସାଗର ସାମଲ ମାତ୍ର ଦେଢ଼ ବର୍ଷ ତଳେ ପ୍ରେମ ବିବାହ କରି କାଳିମେଘା ଅଞ୍ଚଳରେ ଘର ଭଡାରେ ରହୁଥିଲେ। ସେ ଅଳ୍ପ କିଛି ଦିନ ଧରି ଶୀତଳେଶ୍ୱର ଅଞ୍ଚଳରେ ନିଜର ଚିକେନ୍ ଦୋକାନ ଖୋଲି ବ୍ୟବସାୟ ଆରମ୍ଭ କରିଥିଲେ। କିନ୍ତୁ ହଠାତ୍ ସୌମ୍ୟଙ୍କୁ ଗୁଳିକରି ହତ୍ୟା କରିବା ଘଟଣାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ନା ଅଛି ବଡ଼ ବ୍ୟବସାୟ, ନା ଅଛି ଧନ ସଂପତ୍ତି ନାଁ କୌଣସି ପୂର୍ବ ଶତୃତା। ତଥାପି କିଏ ଶତୃ ଅଛି ଯିଏ ସୌମ୍ୟଙ୍କୁ ଗୁଳି ଚଳାଇ ହତ୍ୟା କରିବ ସେହି ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଯାଜପୁର ଏସ୍‌ପି ୟସ୍ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ଏହି କେସର ତଦନ୍ତ ପାଇଁ ଏକାଧିକ ଟିମ ଗଠନ କରାଯାଇ ତଦନ୍ତ କରାଯାଉଛି। ହତ୍ୟାକାଣ୍ଡ ସଂପର୍କରେ ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ସୁରାକ ପାଇଥିବା ଜଣାପଡିଛି। ହତ୍ୟାକାଣ୍ଡ ପରେ ସୌମ୍ୟଙ୍କ ମା ସିଧାସଳଖ ତାଙ୍କ ନିଜ ବୋହୁ କୁ ଦାୟୀ କରିଥିଲେ। ଉଭୟ ପ୍ରେମ ବିବାହ କରିଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଭଲ ସଂପର୍କ ନଥିଲା ଏବଂ ହତ୍ୟାକାଣ୍ଡରେ ବୋହୁର ହାତ ଥିବା ମୃତ ସୌମ୍ୟଙ୍କ

### ହତ୍ୟାକାରୀର ପିଛା କରୁଛି ପୁଲିସ!

ମା' ଅଭିଯୋଗ ଆଣିଥିଲେ। ଅନ୍ୟ କୌଣସି ଦିଗରୁ କୌଣସି ସୁରାକ ନ ପାଇ ପୋଲିସ ମା'ଙ୍କ ଅଭିଯୋଗକୁ ନେଇ ତଦନ୍ତ ଆଗକୁ ବଢ଼ାଉଥିବା ଜଣାପଡିଛି। ଏହି ହତ୍ୟାକାଣ୍ଡ ଘଟଣାରେ ପରକିୟା ପ୍ରୀତି ମୁଖ୍ୟ କାରଣ ବୋଲି କୁହାଯାଉଛି। ପୂର୍ବରୁ ଚାଲିଆସିଥିବା ପରକିୟା ପ୍ରିତି ଧରାପଡିବା ପରେ ସୌମ୍ୟଙ୍କୁ ସବୁଦିନ ରାସ୍ତାରୁ ହଟାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇ ଏଭଳି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ହତ୍ୟାକାରୀ ସଂପର୍କରେ ପୁଲିସ ସୁରାକ ପାଇ ତାର ପିଛା କରୁଛି। ଘଟଣା ସଂପର୍କିତ ସମସ୍ତ ପ୍ରମାଣ ଓ ତଥ୍ୟକୁ ଯାଞ୍ଚ କରୁଛି ପୁଲିସ। ସହରର ବିଭିନ୍ନ ସିସିଟିଭି ଫୁଟେଜରୁ କେତେକ ଗୁରୁତ୍ୱପୂର୍ଣ୍ଣ ଫୁଟେଜ ମଧ୍ୟ ସଂଗ୍ରହ କରିଛି। ବିଭିନ୍ନ ତଥ୍ୟ ଓ ପ୍ରମାଣ ଆଧାରରେ ଦିନେ ଦୁଇ ଦିନ ମଧ୍ୟରେ ପୁଲିସ ଅପରାଧୀ ନିକଟରେ ପହଞ୍ଚି ସବୁ ଘଟଣାର ପର୍ଦ୍ଦାଫାଶ କରିବ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି।





# 'ମେଟ୍ରୋ' ବନ୍ଦକୁ ବିରୋଧ; ବିଜେଡିର ଗର୍ଜନ

କଟକ, ୮।୪(ସମିସ): କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହେବା ପ୍ରତିବାଦରେ ଆଜି କଟକ ସହରରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଙ୍କ ଓଡ଼ିଶା ପ୍ରତି ଥିବା ବୈମାତୃକ ମନୋଭାବକୁ

■ ପ୍ରତିବାଦ ସଭାରେ ବିଜେପି ସରକାରକୁ ସମାଲୋଚନା
■ ତୁରନ୍ତ ଅର୍ଥ ମଞ୍ଜୁର ସହ କାର୍ଯ୍ୟ ଆରମ୍ଭ ଦାବି

ବିରୋଧ କରି ବକ୍ସି ବଜାର ଗୋଲେଇ ଛକ ନିକଟରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର କେନ୍ଦ୍ର ସରକାର ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି ଏବଂ ବଜେଟରେ ମେଟ୍ରୋ ପ୍ରକଳ୍ପ ପାଇଁ କୌଣସି ଅର୍ଥ ବ୍ୟୟବରାଦ କରିନାହାନ୍ତି। ସେହିଭଳି ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଭୁବନେଶ୍ୱର-କଟକ ମେଟ୍ରୋ ପ୍ରକଳ୍ପକୁ ରାଜ୍ୟର ବର୍ତ୍ତମାନର ବିଜେପି ସରକାର ବାତିଲ କରିଦେଇଥିବା ବିଜେଡି ଅଭିଯୋଗ କରିଛି। ଭାରତର ୨୫ଟି ରାଜ୍ୟରେ ମେଟ୍ରୋ ବ୍ୟବସ୍ଥା ଥିବା ବେଳେ ଓଡ଼ିଶାରେ କାହିଁକି




ଏହା ହୋଇପାରିବ ନାହିଁ ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। ଓଡ଼ିଶାରୁ ୨୦ ଜଣ ଲୋକସଭା ସାଂସଦ ନିର୍ବାଚିତ ହୋଇଥିବା ବେଳେ କେନ୍ଦ୍ର ରେଳମନ୍ତ୍ରୀ ମଧ୍ୟ ଓଡ଼ିଶାରୁ ରାଜ୍ୟସଭାକୁ ଯାଇଛନ୍ତି ତଥାପି ଓଡ଼ିଶାବାସୀଙ୍କୁ ବିଶ୍ୱାସଘାତକତା କରାଯାଇଛି ବୋଲି ଦଳ କହିଛି। ବିଜୁ ଜନତା ଦଳ ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁଆରୀ ୧ ତାରିଖରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ନିଜସ୍ୱ ପାଣ୍ଠିରୁ ପ୍ରାୟ ୬୨୫୫ କୋଟି ଟଙ୍କା ବ୍ୟୟରେ ୪ ବର୍ଷ ମଧ୍ୟରେ ଏହା ଶେଷ ହେବାର ଲକ୍ଷ୍ୟ ଥିଲା। ୨୦୨୪ ନିର୍ବାଚନ ପୂର୍ବରୁ ପ୍ରାୟ ୩୯୩ କୋଟି ଟଙ୍କା ବ୍ୟୟ କରାଯାଇ ଦେଢ଼ ବର୍ଷ ଧରି କାର୍ଯ୍ୟ ଜାରି ରହିଥିଲା ବେଳେ ଏହାକୁ ବନ୍ଦ କରିବାକୁ ନେଇ ବିଜେପି ସରକାରକୁ ସମାଲୋଚନା କରିଛନ୍ତି ବିଜେଡି ନେତୃବୃନ୍ଦ। କଟକ ମେୟର ତଥା ରାଜ୍ୟ ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଏ .ଶ୍ରୀଦେବୀ, ମୋନାଲିସା ଦାସ, ପ୍ରକାଶ ସିଂ, ରମଜାନ ଖାନ, ଏକ୍ରାମ ହୁସେନ, ନନ୍ଦଲାଲ୍ ସିଂହ, ଦେବେନ୍ଦ୍ର କାହାଳୀ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ବିକାଶ ବେହେରା, ପ୍ରଦୀପ କୁମାର ସାହୁ, ନିମାଇଁ ବିଶ୍ୱାଳ, ମିତାଲି ଭଞ୍ଜ, ବନଲତା ପ୍ରଧାନ, ଇତିଶ୍ରୀ ଦାସ, ସଙ୍ଗୀତା ଦାସ, ନମିତା ବାରିକ, ଅର୍ଦ୍ଧେନ୍ଦୁ ଶେଖର ମାଝି ଓ ସୌମ୍ୟ ଦାସ ପ୍ରମୁଖ ନେତୃବୃନ୍ଦଙ୍କ ସହ ଶତାଧିକ କର୍ମୀ ଯୋଗଦେଇ ମେଟ୍ରୋ ପ୍ରକଳ୍ପ ପାଇଁ ତୁରନ୍ତ ଅର୍ଥ ପ୍ରଦାନ ଓ କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ଦାବି କରିଥିଲେ।

● ଭଗବାନପୁର ରାମନାଟକ

## ଶେଷ ଦିନରେ 'ଲଙ୍କାପୁରୀ'



ଭୁବନେଶ୍ୱର, ୮।୪(ସମିସ): ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ଭଗବାନପୁର ଗ୍ରାମରେ ଆୟୋଜିତ ହେଉଥିବା ରାମନାଟକ ବୁଧବାର ଶେଷ ଦିନରେ ପହଞ୍ଚିଛି। ରାମନବମୀ ଦିନରୁ ଆରମ୍ଭ ହୋଇଥିବା ପ୍ରଥମ ୧୪ ଦିନ ବହି ପଢ଼ାଯିବା ପରେ ଦୁଇ ଦିନ ଧରି ଆୟୋଜିତ ରାମନାଟକର ପ୍ରଥମ ଦିନରେ 'ପର୍ଶୁରାମ ଭେଟ' ମଞ୍ଚସ୍ଥ ହୋଇଥିବା ବେଳେ ଶେଷ ଦିନରେ 'ଲଙ୍କାପୁରୀ' ପରିବେଷଣ ହୋଇଛି। ଭଗବାନପୁର ଗ୍ରାମରେ ଥିବା ରମମନ୍ଦିର ନିକଟରେ ଏହି ରାମ ନାଟକ ଅନୁଷ୍ଠିତ ହୋଇଛି। ଦୀର୍ଘ ବର୍ଷ ଧରି ରାମ ନବମୀରୁ ବାଲୁଙ୍କେଶ୍ୱର ରାମନାଟ୍ୟ କଳା ପରିଷଦ ଦ୍ୱାରା ଏହା ଆୟୋଜିତ ହୋଇ ଆସୁଥିବାବେଳେ ଚଳିତବର୍ଷ ଏହା ୩୩ ତମ ବର୍ଷରେ ପାଦ ଥାପିଛି। ଗାଁ ପିଲାମାନଙ୍କ ଦ୍ୱାରା ହିଁ ଏହି ନାଟକ ପରିବେଷଣ ହୋଇଥାଏ। ଏହି ଦୁଇଦିନିଆ ନାଟକକୁ କୃପାସିନ୍ଧୁ ଚମ୍ପତି ପରିଚାଳନା କରିଥିଲେ। ରାମନାଟକରେ ଗାଁର ପାଖାପାଖି ୪୦ ଜଣ ପିଲା ସାମିଲ ଥିବା କହିଛନ୍ତି ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ପଣ୍ଡା ଏବଂ ସମ୍ପାଦକ ଗୁଣନିଧି ଚମ୍ପତି।

## ଏଫ୍ଏଫ୍ସିର ପ୍ରାତଃ ଭ୍ରମଣକାରୀ ସଂଗଠନର କ୍ରିକେଟ୍ ଲିଗ ମ୍ୟାଚ୍



ଭୁବନେଶ୍ୱର, ୮।୪(ସମିସ): ୱାକର୍ସ୍ ଇଣ୍ଟରନାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ୍ କ୍ଲବ ପ୍ରାତଃ ଭ୍ରମଣକାରୀ ସଂଗଠନର କ୍ରିକେଟ ଲିଗ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ୩୫ଟି ପ୍ରାତଃ ଭ୍ରମଣକାରୀ ସଂଗଠନମାନଙ୍କ ମଧ୍ୟରେ କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳିତ ହେବା ପରମ୍ପାରିକ ଭାତୃଭାବ, ସଦ୍ଭାବନା ଓ ସୁସ୍ଥ ଶରୀର କରିବାର ପ୍ରୟାସ ନେଇ, ଫନ୍ ଆଣ୍ଡ ଫିଟ୍ନେସ ୱାକର୍ସ କ୍ଲବ, ବଦ୍ରିନାଥ, ଏକାମ୍ର ଓ ସନରାଇଜ ୱାକର୍ସ୍ କ୍ଲବକୁ ନେଇ ଏକ କ୍ରିକେଟ୍ ଲିଗ ମ୍ୟାଚ୍ ମଞ୍ଚେଶ୍ୱର ବିଜୁ ପଟ୍ଟନାୟକ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ପରିଣତ ବୟସରେ କ୍ରିକେଟ ଭଳି କଷ୍ଟ ସାଧ୍ୟ ମ୍ୟାଚ ଖେଳି, ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ର, ପୂର୍ବତନ ସ୍ମୃତିରେ ବାଚସ୍ପତି ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ର ଉଦ୍ଦେଶ୍ୟରେ, ଫନ୍ ଆଣ୍ଡ ଫିଟ୍ନେସ୍ ୱାକରସ୍ କ୍ଲବ ଆନୁକୂଲ୍ୟରେ ବଦ୍ରିନାଥ ୱାକରସ୍ କ୍ଲବକୁ କ୍ୟାପଟେନ୍ ବଦ୍ରିନାଥ ରାଉତରାୟ ଚମ୍ପିଆନ୍ ଟ୍ରଫି ଓ ଏଫ୍ଏଫସିର କ୍ୟାପେଟନ୍ ସୁଧାକର ଷଡ଼ଙ୍ଗୀଙ୍କୁ ରନର୍ସ୍ ଅପ ଟ୍ରଫୀ, ଶ୍ରେଷ୍ଠ ବ୍ୟାଟସ୍ମ୍ୟାନ୍ ଭାବେ ଲାଜପତ ସ୍ୱାଇଁ ଓ ଶ୍ରେଷ୍ଠ ବୋଲର ଭାବେ ଲଳିତ ମୋହନ ଦାସ ଅଧିକାରୀଙ୍କୁ ୱାକରସ୍ ଇଣ୍ଟରନେସନାଲ କର୍ମକର୍ତ୍ତା ଇଂ କେଶବ ଦାସ, ମୁକ୍ତିକାନ୍ତ ଅଗସ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସନରାଇଜ୍ ୱାକର୍ସ କ୍ଲବର ସମ୍ପାଦକ ବିଶ୍ୱଜିତ୍ ରଣା ଓ ଏଫ୍ଏଫ୍ସିର ପ୍ରାକ୍ତନ ସଭାପତି କେଦାର ପଟ୍ଟନାୟକ, ଆଶିଷ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗଙ୍କ ପ୍ରତି ବସ୍ କଣ୍ଡକ୍ଟରଙ୍କ ଆଚରଣ ସହାନୁଭୂତିଶୀଳ ହେବା ଉଚିତ୍



ଭୁବନେଶ୍ୱର, ୮।୪(ସମିସ): ବସ୍ କଣ୍ଡକ୍ଟରମାନଙ୍କ ଆଚରଣ ଦିବ୍ୟାଙ୍ଗ ଯାତ୍ରୀମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା ଉଚିତ୍ ଏବଂ ବସ୍ ମାଲିକମାନେ ସେମାନଙ୍କୁ ସେହି ଅନୁସାରେ ପରାମର୍ଶ ଦେବା ଉଚିତ୍ ବୋଲି ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି। ବୁଧବାର ତୋଷାଳୀଭବନସ୍ଥିତ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯାଳୟ ସମ୍ମିଳନୀ କକ୍ଷରେ ପରିବହନ ସମ୍ବନ୍ଧୀୟ ଭିନ୍ନକ୍ଷମମାନଙ୍କ ବିଷୟରେ ଆଲୋଚନା 'ସକ୍ଷମା'କୁ ଉଦ୍ଘାଟନ କରି ଶ୍ରୀମତୀ ହରିଚନ୍ଦନ ଆରପିଡବ୍ଲ୍ୟୁଡି ଆଇନ୍-୨୦୨୬ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପରିବହନ ବିଭାଗ କମିସନର ଅମିତାଭ ଠାକୁର ଯୋଗଦେଇ ପରିବହନ ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ ପାଇଁ ଟୋଲ ଫ୍ରୀ ନମ୍ବର-୧୮୦୦୩୪୫୧୦୭୬ ରେ ମଧ୍ୟ ସେମାନଙ୍କ ନଜରକୁ ଅଣାଯାଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ନ୍ୟାସୀ ବେହେରା ଉପସ୍ଥିତ ରହି କ୍ୟାପିଟାଲ ହସ୍ପିଟାଲରୁ କଟକ ଏସସିବି ମେଡିକାଲ କଲେଜ୍ ଏବଂ ହସ୍ପିଟାଲ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ।

## 'ଓଡ଼ିଆ ପକ୍ଷ: ଆମ ସାଂସ୍କୃତିକ ଐକ୍ୟ' ଶୀର୍ଷକ ଆଲୋଚନାଚକ୍ର




ଭୁବନେଶ୍ୱର, ୮।୪(ସମିସ): ଆମ ଗୌରବ ଆମ କଲେଜ ପକ୍ଷରୁ 'ଓଡ଼ିଆ ପକ୍ଷ: ଆମ ସାଂସ୍କୃତିକ ଐକ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆମ କଲେଜ ସଂଗଠନର ରାଜ୍ୟସ୍ତରୀୟ କାର୍ମଶାଳା ଉପଲକ୍ଷେ ଆଭାସୀ ମାଧ୍ୟମରେ ଆୟୋଜିତ ଏହି ଆଲୋଚନାରେ ଶିକ୍ଷାବିତ୍, ସ୍ତମ୍ଭକାର ତଥା ସଂସ୍କୃତି ଗବେଷକ ଦେବେନ୍ଦ୍ର ନାଥ ରାଉତ, ଉଚ୍ଚଶିକ୍ଷା ବିଭାଗ ତରଫରୁ ପ୍ରଫେସର ଡ. ନିବେଦିତା ଜେନା ଯୋଗ ଦେଇଥିଲେ। କର୍ମଶାଳାରେ ପ୍ରାୟ୧୬ ଟି କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ପକ୍ଷରୁ ହରିହର ବଡ଼ପଣ୍ଡା, ଚଇତାଳି ସୋମ, ସ୍ୱାତି ପ୍ରଭା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସମ୍ଭାବୀ ସୁରୁଚିର ଶୁଭାରମ୍ଭ: ସ୍ୱାଦ ଓ ସ୍ୱାବଲମ୍ବନ

ଭୁବନେଶ୍ୱର, ୮।୪(ସମିସ): ହମାରା ବଚପନ ଟ୍ରଷ୍ଟ ଭୁବନେଶ୍ୱର କନ୍ଧସାହିଠାରେ ସାମାଜିକ ଉଦ୍ୟୋଗ 'ସମ୍ଭାବୀ ସୁରୁଚି : ସ୍ୱାଦ ଓ ସ୍ୱାବଲମ୍ବନ'ର ଶୁଭାରମ୍ଭ କରିଛି। ଏହି ପ୍ରୟାସ ମହିଳା ରାସ୍ତାକଡ ଖାଦ୍ୟ ବଚକ୍ରେତାଙ୍କ ପାଇଁ ନିରାପଦ, ସ୍ୱାସ୍ଥ୍ୟପ୍ରଦ ଏବଂ ଗୁଣାତ୍ମକ



ଖାଦ୍ୟ ଅଭ୍ୟାସଗୁଡିକ ପ୍ରୋତ୍ସାହିତ କରି ତଥା ସେମାନଙ୍କର ଜୀବିକାକୁ ସୁଦୃଢ କରି ସେମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏହି ସିଏସଆର-ସମର୍ଥିତ ପ୍ରୟାସକୁ ଡାଇଭର୍ସିଫାଏଡ ଏନର୍ଜି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ ସମର୍ଥନ ଯୋଗାଇ ଦେଉଛି। ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ମହିଳା ରାସ୍ତାକଡ଼ ଖାଦ୍ୟ ବିକ୍ରେତାଙ୍କୁ ଏହି ପ୍ରୟାସ ଅଧୀନରେ ସାମିଲ କରାଯାଇଥିଲା। ସେମାନଙ୍କୁ ସମ୍ଭାବୀ ସୁରୁଚି ଅଧୀନରେ ପଞ୍ଜିକୃତ କରାଯିବା ସହିତ ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟକର ମାନକ ଏବଂ ଉନ୍ନତ ବ୍ୟବସାୟିକ କାର୍ଯ୍ୟାଭ୍ୟାସ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଅଂଶଭାବରେ ସେବାର ମାନ ବଜାୟ ରଖିବା ଦିଗରେ ସହାୟତା କରିବାକୁ ଅତ୍ୟାବଶ୍ୟକ ସମର୍ଥନକାରୀ କିଟ୍ ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ହମାରା ବଚପନ ଟ୍ରଷ୍ଟର ଫାଉଣ୍ଡର୍ ଓ ଚେୟାରପର୍ସନ ଧରିତ୍ରୀ ପଟ୍ଟନାୟକ କହିଥିଲେ, ଏହି ପ୍ରୟାସ ଜରିଆରେ ଆମେ ସେମାନଙ୍କୁ ନିରାପଦ, ସ୍ୱାସ୍ଥ୍ୟକର ଏବଂ ସଂଗଠିତ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠା ସହିତ ସେମାନଙ୍କ ଆୟରେ ବୃଦ୍ଧି ଓ ଦୀର୍ଘାବଧି ସୁରକ୍ଷା ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନାଗରିକ ଧାରଣା



କଟକ, ୮।୪(ସମିସ): କଟକ ବଡ ମେଡିକାଲ ସମେତ ସମସ୍ତ ଡାକ୍ତରଖାନା ଗୁଡିକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ୬୦ ଭାଗ ଡାକ୍ତର ପଦ ଖାଲି ପଡ଼ିଛି। ଏହି ଗୁରୁତର ସମସ୍ୟା ଗୁଡିକୁ ଯୁଦ୍ଧକାଳୀନ ଭିତିରେ ସମାଧାନ ଦାବିରେ ବିଭିନ୍ନ ନାଗରିକ ଅନୁଷାନ ପକ୍ଷରୁ ନାଗରିକ ଧାରଣା କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣାରେ ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ବିଶ୍ୱାବସୁ ଦାସ, ଇଂ କ୍ଷିରୋଦ ମହାପାତ୍ର, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, ପ୍ରତାପ ଦାସ, ବିଶ୍ୱଜିତ ଘୋଷ, ଡଲି ଦାଶ, ଅନିମା ରାୟ, ବିରଞ୍ଚି ନାରାୟଣ ନାୟକ, ନିର୍ମଳ ସାମଲ, ଅକ୍ଷୟ ରାଉଳ, ରଞ୍ଜନ ଲେଙ୍କା, ବି ମିଶ୍ର, ଇନ୍ଦୁଭୂଷଣ ବେହେରା, ରୁଦ୍ରେଶ ଦାଶ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଉଚିତ ଥିଲା। ଯଦି ସେ ଇସ୍ତଫା ନିଜ ତରଫରୁ ଦେଉ ନାହାନ୍ତି ତା'ହେଲେ ମନ୍ତ୍ରୀମଣ୍ଡଳରୁ ତାଙ୍କୁ ବରଖାସ୍ତ କରାଯାଉ ବୋଲି ନେତୃବୃନ୍ଦ ଦାବି କରିଥିଲେ। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଆର୍ଥିକ ସହାୟତା ଏବଂ ଆହତଙ୍କୁ ଉନ୍ନତ ଏବଂ ମାଗଣା ଚିକିତ୍ସା ପ୍ରଦାନ ସହ ଉପଯୁକ୍ତ ସହାୟତା ଦିଆଯିବା, ସମସ୍ତ ସରକାରୀ ହସ୍ପିଟାଲରେ ତୁରନ୍ତ ଅଗ୍ନି ନିରାପତ୍ତା ତଦାରଖ କରାଯିବା ସହ ବଡ ମେଡିକାଲରେ ଖାଲି ଥିବା ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ ଅନ୍ୟାନ୍ୟ କର୍ମଚାରୀ ପଦବି ଅବିଳମ୍ବେ ପୂରଣ କରାଯିବା ଆଦି ୧୨ ଦଫା ସମ୍ବଳିତ ଦାବିପତ୍ରକୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି।

## ସୋଆ ଆଇଏଏସ୍ର ବାର୍ଷିକ ଉତ୍ସବ 'ଅର୍ଣ୍ଣ'



ଭୁବନେଶ୍ୱର, ୮।୪(ସମିସ): ସୋଆ ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍ସେସ୍ (ଆଇଏଏସ୍)ରେ ବୁଧବାର ଦୁଇ ଦିନିଆ ବାର୍ଷିକ ଉତ୍ସବ 'ଅର୍ଣ୍ଣ-୨୦୨୬' ଉଦ୍ଘାଟିତ ହୋଇଯାଇଛି। ଉତ୍ସବରେ ଓୟୁଏଟିର ପୂର୍ବତନ କୁଳପତି ପ୍ରଫେସର ମନୋରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନିମନ୍ତେ କଠିନ ପରିଶ୍ରମ, ଅଧ୍ୟବସାୟ ଓ ସମୟାନୁବର୍ତ୍ତିତା ଆବଶ୍ୟକ ବୋଲି କହିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସୋଆ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ସୋଆ କଣ୍ଟ୍ରୋଲର ଅଫ୍ ଏଗଜାମିନେସ୍ନ ପ୍ରଫେସର ଡ. ମଞ୍ଜୁଳା ଦାସ, ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇଥିଲେ। ଏହି ଅବସରରେ କୃଷି ମହାବିଦ୍ୟାଳୟର ବାର୍ଷିକ ସ୍ମରଣିକା 'ଅର୍ଣ୍ଣ-୨୦୨୬' ଉନ୍ମୋଚିତ ହୋଇଥିଲା। ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଏଏସ୍ର ଏକ୍ସଟେନ୍ସନ ଆଣ୍ଡ କମ୍ୟୁନିକେସନ୍ ବିଭାଗର ମୁଖ୍ୟ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ରକ୍ତଦାନ ଅଭିଯାନରେ ୬, ୪୪୧ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର, ୮।୪(ସମିସ): ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ 'ରକ୍ତଦାନ ଅଭିଯାନ' ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ୧୦୮ ଟି ରକ୍ତଦାନ ଶିବିରରୁ ୩୪୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଶିବିରରୁ ପ୍ରାୟ ୩, ୦୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସମଗ୍ର ରାଜ୍ୟରେ ପ୍ରାୟ ୬, ୪୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସେହି କ୍ରମରେ ଭୁବନେଶ୍ୱର ସ୍ଥିତ ରେଡକ୍ରସ ଭବନ ଠାରେ ରକ୍ତଦାନ ଶିବିର ସହ ସାଧାରଣ ସଭା ଆୟୋଜିତ ହୋଇଯାଇଛି। ଭାରତ ରେଡକ୍ରସ ସୋସାଇଟିର ସଚିବ ଗଣେଶ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଲାବଣ୍ୟ ଶବର, ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ସୂଚନା ଓ ଲୋକସମ୍ପର୍କ ବିଭାଗର ଲୋକସମ୍ପର୍କ ଅଧିକାରୀ ଅମ୍ଳାନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାନ କରିଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଅବହେଳିତ ଭକ୍ତ ଦାସିଆ ପୀଠ: ଉନ୍ନତୀକରଣ ପାଇଁ ଦାବି

ଭୁବନେଶ୍ୱର, ୮।୪(ସମିସ): ଷୋଡଶ ଶତାବ୍ଦୀର ଭକ୍ତ ଶିରୋମଣୀ ଦାସିଆଙ୍କ ଜନ୍ମସ୍ଥାନ ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ କ୍ଷେତ୍ର ହୋଇଥିଲେ ମଧ୍ୟ ଏହା ଏବେ ଅବହେଳିତ ଅବସ୍ଥାରେ ପଡ଼ି ରହିଛି ବୋଲି ସମୀକ୍ଷା ବୈଠକରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଭକ୍ତ ଦାସିଆ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରେଡ୍କ୍ରସ୍ ଭବନ ସଭାଗୃହରେ କମିଟିର ସମ୍ପାଦକ ଡ଼ଃ ଘନଶ୍ୟାମ ସ୍ୱାଇଁଙ୍କର ବିବରଣୀ ପାଠ ପରେ ବକ୍ତାମାନେ ଦାସିଆପୀଠକୁ ଆହୁରି ସୌନ୍ଦର୍ଯ୍ୟମୟ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ଏ ପର୍ଯ୍ୟନ୍ତ ପିପିଲି ପୁରୀ ରାସ୍ତାରୁ ଦାସିଆ ପୀଠକୁ ଯିବାପାଇଁ ଯେଉଁ ରାସ୍ତା ନିର୍ମାଣ ହୋଇଛି




ସେଥିରେ ପର୍ଯ୍ୟଟକଙ୍କୁ ନେଇ ବସ୍ରେ ଯିବାର ସୁବିଧା ନାହିଁ ଓ ପାର୍କିଂର ମଧ୍ୟ ବନ୍ଦୋବସ୍ତ ନାହିଁ। କେନାଲ କୂଳ ଜାଗାମାନଙ୍କର ଯେଉଁ ପୁଷ୍କରିଣୀ ଅଛି ସେଥିରେ ପଥର କାନ୍ଥ ନଥିବାରୁ ତାହା ଧୀରେ ଧୀରେ ମାଟି ଖସିବାର ଆରମ୍ଭ କଲାଣି। ଏଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ଦାବି ହୋଇଛି।

ଦାସିଆପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ୨୨ ଗୋଟି ପ୍ରକଳ୍ପ ଯଥା ଆନନ୍ଦବଜାର, ଭକ୍ତ ନିବାସ, ସଂଗ୍ରହାଳୟ, ଗୁଣ୍ଡିଚା ମନ୍ଦିର ନିର୍ମାଣ, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମସ୍ଥଳୀ ଆଦି ଏବେ ମଧ୍ୟ ସରକାରଙ୍କ ବିଚାରାଧୀନ ଅଛି ଯାହାକୁ ତ୍ୱରାନ୍ୱିତ କରିବାପାଇଁ ଦାବି କରାଯାଇଥିଲା। ଆଲୋଚନାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର ବିନାୟକ ରଥ, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାକ୍ତନ ଯନ୍ତ୍ରୀମୁଖ୍ୟ ଇଂ ଦେବନାରାୟଣ ପାଲ, ରେଡ୍କ୍ରସ୍ ଭବନର କୋଷାଧ୍ୟକ୍ଷ ଲାବଣ୍ୟ ଶବର, ଡଃ ପିତବାସ ରାଉତରାୟ, ଇଂ ବସନ୍ତ କୁମାର ମିଶ୍ର, ତ୍ରିନାଥ ଲେଙ୍କା, ଅର୍ଜ୍ଜୁନ ଚରଣ ସାମଲ, ଡଃ ବାସନ୍ତୀ ଦାସ, ମନୋରମା ମହାପାତ୍ର, ପ୍ରଫେସର ବୃନ୍ଦାବନ ମହାପାତ୍ର, ଡଃ ହେମନ୍ତ ମିଶ୍ର, ରୋଟାରିଆନ୍ ଜୟପ୍ରକାଶ ମିଶ୍ର, ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିମାଫିଆଙ୍କ କବ୍‌ଜାରେ ବୁଢ଼ାବଳଙ୍ଗ ନଦୀ

# ଜଳସ୍ତର ହ୍ରାସ; ଚାଷୀ, ମତ୍ସ୍ୟଜୀବୀ ହତାଶ

ବେତନଟୀ, ୮।୪(ସମିସ): ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଲକ୍ଷାଧିକ ଲୋକଙ୍କ ଜୀବନ ରେଖା ସାଜିଥିବା ବୁଢ଼ାବଳଙ୍ଗ ନଦୀ ଏବେ ବାଲି ମାଫିଆଙ୍କ କବ୍‌ଜାରେ ରହିଛି। ବାଲି ମାଫିଆଙ୍କ ଅତ୍ୟଧିକ ବାଲି ଉତ୍ତୋଳନ ଫଳରେ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ହ୍ରାସ ପାଉଛି। ଫଳରେ ଚାଷୀ ଓ ମତ୍ସ୍ୟଜୀବୀ ହତାଶ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଶିମିଳିପାଳ ଅଭୟାରଣ୍ୟର ବରେହିପାଣି ଜଳପ୍ରପାତରୁ ସୃଷ୍ଟି ହୋଇଥିବା ଏହି ନଦୀ ଦୀର୍ଘଦିନ ଧରି ଚାଷୀ ଓ ମତ୍ସ୍ୟଜୀବୀଙ୍କ ଜୀବିକାର ମୂଳ ଆଧାର ହୋଇଆସିଛି। ନଦୀ ଉପରେ ନିର୍ଭର କରି ଅଞ୍ଚଳର ମତ୍ସ୍ୟଜୀବୀ ବଙ୍ଗୋପସାଗରରୁ ଆସୁଥିବା ଇଲିଶି ସହ ବିଭିନ୍ନ ପ୍ରଜାତିର ମାଛ ଧରି ନିଜ ଜୀବିକା ଚଳାନ୍ତି। ଏଥିସହିତ ନଦୀ କୂଳର ଉର୍ବର ପଟୁମାଟି ଓ ପାଣି ସହାୟତାରେ ଚାଷୀ ଧାନ ଓ ରବି ଫସଲ ଉତ୍ପାଦନ କରୁଥିଲେ। ବାଙ୍ଗିରିପୋଷି, ବାରିପଦା, ଶାମାଖୁଣ୍ଟା, ବଡସାହି, ବେତନଟୀ ବ୍ଲକ ସହ ବାଲେଶ୍ୱରର ରେମୁଣା ଓ ସଦର ବ୍ଲକ ଅଞ୍ଚଳର ଚାଷୀ ଏଥିରୁ ଲାଭାନ୍ୱିତ ହୋଇଆସୁଥିଲେ। କିନ୍ତୁ



ଗତ ପନ୍ଦର ବର୍ଷ ଧରି ବଢୁଥିବା ନିର୍ମାଣ କାର୍ଯ୍ୟ ପାଇଁ ବାଲିର ଚାହିଦା ବଢ଼ିବା ସହ ବୁଢାବଳଙ୍ଗ ନଦୀରୁ ବେଆଇନ ଭାବେ ବ୍ୟାପକ ବାଲି ଉତ୍ତୋଳନ ହେଉଛି। ଏହାର ପରିଣାମ ସ୍ୱରୂପ ନଦୀର ପ୍ରାକୃତିକ ସଂରଚନା ନଷ୍ଟ ହେବା ସହ ବାଲିର ସ୍ତର ହ୍ରାସ ପାଇଛି। ଯାହା ନଦୀର ଜଳଧାରଣ କ୍ଷମତାକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଏଥିସହିତ ଶିମିଳିପାଳ ଅଞ୍ଚଳରେ ଅବାଧ ଗଛ କଟା ଯୋଗୁଁ ବର୍ଷା ହେବାରେ ମଧ୍ୟ ଅନିୟମିତତା ଦେଖାଦେଇଛି। ଫଳସ୍ୱରୂପ, ବର୍ଷର ଅଧିକାଂଶ ସମୟରେ ନଦୀ ଶୁଷ୍କ ହୋଇପଡୁଛି। ଯାହା ତଟବର୍ତ୍ତୀ ଅଞ୍ଚଳର ଜଳସ୍ତରକୁ ଗଭୀର ଭାବେ କମାଇଦେଇଛି। ଚାଷୀଙ୍କ ସେଲୋ ପଏଣ୍ଟ ଓ କୂଅରେ ପାଣିର ସ୍ତର ନିମ୍ନଗାମୀ ହେବାରୁ ଚାଷ କାମ ବାଧାପ୍ରାପ୍ତ ହେଉଛି। ଏହାର ପ୍ରଭାବରେ ବଡସାହି ଓ ବେତନଟୀ ତହସିଲର ଅନେକ ଚାଷୀ ଆର୍ଥିକ ସଙ୍କଟରେ ପଡ଼ି ହତାଶ ହୋଇପଡ଼ିଛନ୍ତି।

ଏହି ବେଆଇନ ବାଲି ଉତ୍ତୋଳନ ଉପରେ ରୋକ ଲଗାଇବାରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଖଣି ବିଭାଗ କୋଠର ଆଖିବୁଜି ପଦକ୍ଷେପ ନେଉନାହାନ୍ତି। ଯେଉଁଥି ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ନଦୀକୁ ରକ୍ଷା କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନର ଦାବି ଜୋର ଧରିଛି। ବୁଢ଼ାବଳଙ୍ଗ ନଦୀର ଅସ୍ତିତ୍ୱ ଓ ଏହା ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବନ ଜୀବିକାକୁ ବଞ୍ଚାଇବା ପାଇଁ ସରକାର ତତ୍କାଳ ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା ପାଇଁ କଡା ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

## ଯୁବ ଇଞ୍ଜିନିୟରଙ୍କ ଦେହାନ୍ତ

ରାସଗୋବିନ୍ଦପୁର, ୮।୪(ସମିସ): ଭୈରଙ୍ଗି ଗ୍ରାମର ଯୁବ ଇଞ୍ଜିନିୟର ଦିଲ୍ଲୀପ ମହାନ୍ତି (୪୭)ଙ୍କ ଅକାଳ ଦେହାନ୍ତ ଘଟିଥିବା ଖବର ଅଞ୍ଚଳରେ ଗଭୀର ଶୋକର ପରିବେଶ ସୃଷ୍ଟି କରିଛି। ଦିଲ୍ଲୀପ ଦୀର୍ଘଦିନ ଧରି ଏଲଆଇଡି (ଲିଭର ସମ୍ବନ୍ଧୀୟ ରୋଗ) ଓ ହୃଦରୋଗରେ ପୀଡ଼ିତ ଥିଲେ। ତାଙ୍କର ଚିକିତ୍ସା ଭୁବନେଶ୍ୱରସ୍ଥ ଏମ୍ସ ହସପିଟାଲରେ ଚିକିତ୍ସା ଚାଲିଥିଲା। ଗତ କିଛିଦିନ ଧରି ସେ ବାଲେଶ୍ୱରସ୍ଥ ନିଜ ବାସଭବନରେ ରହୁଥିବାବେଳେ ହଠାତ୍ ତାଙ୍କର ଶରୀର ଅଧିକ ଅସୁସ୍ଥ ହୋଇପଡ଼ିଥିଲା। ତୁରନ୍ତ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଟିଭିଏସ କମ୍ପାନୀରେ ପ୍ରୋଜେକ୍ଟ ଇଞ୍ଜିନିୟର ଭାବେ ଯୋଗଦେଇ ନିଜ କାର୍ଯ୍ୟ କୁଶଳତା ଓ ନିଷ୍ଠା ଦ୍ୱାରା ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ। ତାଙ୍କ ମରଶରୀର ଜନ୍ମମାଟି ଭୈରଙ୍ଗିରେ ପହଞ୍ଚିବା ପରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଲୋକ ଉପସ୍ଥିତ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର



ବଡ଼ସାହି, ୮।୪(ସମିସ): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପରିପ୍ରେକ୍ଷୀରେ ଚାଲିଥିବା ବଡ଼ସାହି ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ମୟୁରଭଞ୍ଜ ଜିଲ୍ଲା (ପୂର୍ବ)ରୁ ଆସିଥିବା ମୁଖ୍ୟଅତିଥି ରଞ୍ଜନ ମଡୁଆଳ, ଅଭୟ ମହାପାତ୍ର, ବିଜୟ ଦାସ, କୌଶଲ୍ୟା ନାଏକ, ହରିପ୍ରସାଦ ଭଞ୍ଜବାବୁ ଉପସ୍ଥିତ ଥିଲେ। ଏ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା, ଲୋକହିତକାରୀ ପଦକ୍ଷେପ ଓ ଐତିହାସିକ ସଫଳତା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ 'ଅନ୍ତ୍ୟୋଦୟ' ଓ 'ଏକା ମାନବବାଦ' ତତ୍ତ୍ୱକୁ ଆଧାର କରି ପ୍ରତ୍ୟେକ ଲୋକଙ୍କ ପାଖରେ ଉନ୍ନତିର ଲାଭ ପହଞ୍ଚାଇବା ପାଇଁ ସଙ୍କଳ୍ପ ପୁନରୁଚ୍ଚାରଣ କରାଯାଇଥିଲା। ସେହିପରି ସଂଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ଆହୁରି ସଶକ୍ତ କରିବା, କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟ ଭୂମିକା ଓ ଜନସେବା ପ୍ରତି ପ୍ରତିବଦ୍ଧତା ବିଷୟରେ ଆଲୋଚନା ହୋଇଥିଲା। ବଡ଼ସାହି ମଣ୍ଡଳ ସଭାପତି ଭବାନୀ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଦୀପକ ବାରିକ, ଅମୂଲ୍ୟ ପାଢ଼ୀ, ପ୍ରକାଶ ମହାନ୍ତ, ବଡ଼ସାହି ସମିତିସଭ୍ୟା ମାମିନା ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

## କବି ଫାଗୁ ବାସ୍କେଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୮।୪(ସମିସ): ବାଙ୍ଗିରିପୋଷିସ୍ଥ ଦଶିଶୋଳଠାରେ ଗୁରୁ ଗୋମକେ ଯୁଥ କ୍ଲବ ଦଶିଶୋଳ, ସାନ୍ତାଳୀ ଶିକ୍ଷକ ସଂଘ (ବାଙ୍ଗିରିପୋଷି ଶାଖା), ଭାରତ ଜାକାତ୍ ମାଝୀ ପାର୍ଗାନା ମହଲ, ମାସା ଆର୍ମୀ ଓ ସାନ୍ତାଳୀ ଇ-ପତ୍ରିକା 'ବିରମାଲି'ଙ୍କ ମିଳିତ ପ୍ରୟାସରେ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରରେ ସମ୍ମାନିତ ଯୁବ କବି ଫାଗୁ ବାସ୍କେଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭୋଲାଗଡ଼ିଆ ଗ୍ରାମର ପ୍ରତିଭାଶାଳୀ ଯୁବ ସାହିତ୍ୟିକ ଫାଗୁ ବାସ୍କେଙ୍କୁ ଏହି ଅବସରରେ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ୨୮ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ତଥା ନିଶ୍ଚିନ୍ତା ମାଝି ବାବା ରାମଚନ୍ଦ୍ର ମୁର୍ମୁ ଉପସ୍ଥିତ ଥିଲେ। ଏଥିସହିତ ଭାରତ ଜାକାତ୍ ମାଝୀ ପାର୍ଗାନା ମହଲର ବାଙ୍ଗିରିପୋଷି ମୁଲୁକ ପାର୍ଗାନା ସନେର ସିଂ ହାଁସଦା, ସାନ୍ତାଳୀ ଶିକ୍ଷକ ବାଗାୟ ହାଁସଦା, ଶାଶଳାଘାଟ ପାର୍ଗାନା ଦୁଲାଶ୍ୟାମ ହେମ୍ବ୍ରମ, ମାସା ଆର୍ମୀ ବାଙ୍ଗିରିପୋଷି ବ୍ଲକ ସଭାପତି କୁଟିଆ ଟୁଡୁ, ପୀତାମ୍ବର ମାର୍ଣ୍ଡି, ନାୟକେ ବାବା ଫୁର୍ଲାଇ ସୋରେନ, ଦଶିଶୋଳ ମାଝି ବାବା ସୁନାରାମ ସୋରେନ, ସାନ୍ତାଳୀ ଶିକ୍ଷକ ମହାସଂଘ ବାଙ୍ଗିରିପୋଷି ବ୍ଲକ ସମ୍ପାଦକ ଶିଲୁ ମୁର୍ମୁ ଓ ବିରମାଲିର ପ୍ରତିଷ୍ଠାତା ଅଶ୍ୱନୀ ମୁର୍ମୁ ଉପସ୍ଥିତ ଥିଲେ। ଅତିଥିମାନେ ଫାଗୁ ବାସ୍କେଙ୍କ ଏହି ସଫଳତା ଅଞ୍ଚଳର ଯୁବପିଢ଼ିଙ୍କୁ ନିଶ୍ଚୟ ଭାବେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବ ବୋଲି କହିଥିଲେ। ଏ ଅବସରରେ ଶ୍ରୀ ବାସ୍କେ ନିଜ ସାହିତ୍ୟକ ଯାତ୍ରା ସମ୍ପର୍କରେ ଅନୁଭବ ବାଣ୍ଟିଥିଲେ। ମାତୃଭାଷାରେ ନିଜର ଭାବନା ପ୍ରକାଶ କରିବାରେ ସର୍ବାଧିକ ସନ୍ତୋଷ ଓ ସୁଖ ମିଳେ ବୋଲି କହିଥିଲେ। ଦଶିଶୋଳ ଅଲ୍ ଇତୁନ ଆଶ୍ଳାର ସାନ୍ତାଳୀ ଶିକ୍ଷକ ମେଘରାୟ ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତପନ ସୋରେନ ସହଯୋଗ କରିଥିଲେ।

## ମା' ମଙ୍ଗଳା ମନ୍ଦିରରେ ବାର୍ଷିକ ପୂଜା



କୁଆମରା, ୮।୪(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ଚିଲିମା ଗ୍ରାମର ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ଶକ୍ତି ପୀଠରେ ବାର୍ଷିକ ଉତ୍ସବ ଓ ପୂଜା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୫ ବର୍ଷ ଧରି ଚୈତ୍ର ମାସ ଶେଷ ମଙ୍ଗଳବାରରେ ମା'ଙ୍କ ବାର୍ଷିକ ଉତ୍ସବ, ବଡ଼ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ମଙ୍ଗଳବାର ପୂର୍ବାହ୍ନରେ ମା'ଙ୍କ ରୀତିକାନ୍ତି ପରେ ଚଣ୍ଡୀ ପାଠ ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବହୁ ଉପାସକ ଓ ଶ୍ରଦ୍ଧାଳୁ ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ମନ୍ଦିର ପୂଜକ ରାଜେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ୧୨ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରଶାନ୍ତ ମିଶ୍ର ଚଣ୍ଡିପାଠ କାର୍ଯ୍ୟ କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ମାଙ୍କଡ଼ା ପଥର ଖାଦାନରେ ଚଢ଼ଉ

ରାଇରଙ୍ଗପୁର/କରଞ୍ଜିଆ, ୮।୪(ସମିସ): କରଞ୍ଜିଆ ଥାନା ପୁଲିସ ପକ୍ଷରୁ ବେଆଇନ ମାଙ୍କଡ଼ା ପଥର ଖାଦାନରେ ଚଢ଼ଉ କରାଯାଇଛି। ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ଥିବାବେଳେ ବେଆଇନ କାର୍ଯ୍ୟକଳାପ ନେଇ ଖବର ମିଳିଥିଲା। ଏ ନେଇ କରଞ୍ଜିଆ ଥାନା ପୁଲିସ ଏକ ଟିମ ମହୁଲଡିହା ଗ୍ରାମ ଜଙ୍ଗଲ ଅଞ୍ଚଳରେ ଚଢ଼ଉ କରିଥିଲେ। ସେଠାରେ ବେଆଇନ ଭାବେ ମାଙ୍କଡ଼ା ପଥର ଖନନ ହେଉଥିଲା। ପୁଲିସକୁ ଦେଖି ସମସ୍ତେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୁଲିସ ପଥର ଖନନରେ ବ୍ୟବହୃତ ମେସିନ ଓ ଦୁଇଚକିଆ ଗାଡ଼ି ଆଦି ଜବତ କରିଛି। ପୁଲିସ ପକ୍ଷରୁ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନ ଉତ୍ସବ



ବଡସାହି, ୮।୪(ସମିସ): ବଡ଼ସାହି ବ୍ଲକ କୋଚିଲାଖୁଣ୍ଟା ପଞ୍ଚାୟତ ଘୁଷୁରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୁରୁଚରଣ ଭୂୟାଁଙ୍କ ନିମନ୍ତେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ନେତା ରତିକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଯତୀନ୍ଦ୍ରନାଥ ଦଣ୍ଡପାଟ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ନେତା ସଚ୍ଚିଦାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ବାସୁଦେବ ନାପିତ, ବେଣୁଧର ଜେନା, ଦୁର୍ଯ୍ୟୋଧନ ସିଂ, ପ୍ରବୋଧ କୁମାର ଭୂୟାଁଙ୍କ ସହ କାର୍ଯ୍ୟରତ ଶିକ୍ଷକ ରଜତ କୁମାର ବେହେରା, ଅନୀଲ କୁମାର ଭୂୟାଁ, ବସନ୍ତ କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥାଇ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଭୂୟାଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ସହ ଗୁରୁବନ୍ଦନ ଗାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନାରେ ଶିକ୍ଷୟିତ୍ରୀ ଶାନ୍ତିଲତା ରାଜ ଓ ଶୁଭପ୍ରିୟା ମଲ୍ଲିକ ତଥା ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରୂପାସିଂ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ନିକଟସ୍ଥ ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ ଏବଂ ଘୁଷୁରିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବେଲପାଳ ଉ:ପ୍ରା: ବିଦ୍ୟାଳୟ, ଜୁଣପଦା ପ୍ରାଥମିକ ବିଦ୍ୟାଳୟତରଫରୁ ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶ୍ରୀ ଭୂୟାଁ ଛାତ୍ରଛାତ୍ରୀଗଣଙ୍କୁ ଶିକ୍ଷାଭିମୁଖୀ ହେବାକୁ ଉପଦେଶ ଦେଇଥିଲେ।

## ପୁରାତନ ଛାତ୍ର ସଂଘ କାର୍ଯ୍ୟାଳୟ ଭଙ୍ଗାକୁ ନେଇ ଅସନ୍ତୋଷ

ରାଇରଙ୍ଗପୁର, ୮।୪(ସମିସ): ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ କାର୍ଯ୍ୟାଳୟ ଭଙ୍ଗା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଉକ୍ତ ଉଚ୍ଚ ବିଦ୍ୟାଳୟ ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରାତନ ଛାତ୍ରସଂଘ ଗଠନ ହୋଇଥିଲା। ତତ୍କାଳୀନ ପ୍ରଧାନଶିକ୍ଷକ କପିଳେନ୍ଦ୍ର ଦାସଙ୍କ ସମୟରେ ପୁରାତନ ଛାତ୍ରସଂଘ ପାଇଁ ଦୁଇ କୋଠରୀ ବିଶିଷ୍ଟ ଏକ କାର୍ଯ୍ୟାଳୟ ଗୃହ ମଞ୍ଜୁର ହୋଇଥିଲା। କାର୍ଯ୍ୟାଳୟ ଗୃହରେ ବିଭିନ୍ନ ମୂଲ୍ୟବାନ ଆସବାବପତ୍ର ରହିଥିଲା। ଗତମାସ ୩୧ ତାରିଖରେ ପୁରାତନ ଛାତ୍ର ସଂଘ କର୍ମକର୍ତ୍ତାଙ୍କ ବିନା



ଅନୁମତିରେ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀକୁ ସ୍ଥାନାନ୍ତର କରାଯାଇଛି। ପରେ ୩୧ କାର୍ଯ୍ୟାଳୟ ଗୃହକୁ ଭାଙ୍ଗି ଦେଇଛନ୍ତି। ଏଥିସହିତ କାର୍ଯ୍ୟାଳୟ ଗୃହ ସଂଲଗ୍ନ ନିର୍ମିତ ଓ ତତ୍କାଳୀନ ରାଜ୍ୟ ଶିକ୍ଷାମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଦ୍ୱାରା ରାଇରଙ୍ଗପୁର ହାଇସ୍କୁଲ ହାୟର ସେକେଣ୍ଡାରୀ ବିଜ୍ଞାନାଗାର ସମୂହ କୋଠା ସମେତ ଷଷ୍ଠ ଓ ସପ୍ତମ ଶ୍ରେଣୀର ୪ଟି ଶ୍ରେଣୀ କୋଠରୀକୁ ଅତି ତରବରିଆ ଓ ବେପରୱା ଭାବେ ଭଙ୍ଗାଯାଇଛି। ବହୁ ମୂଲ୍ୟବାନ ଜିନିଷର ଚିହ୍ନବର୍ଣ୍ଣ ନ ଥିବା ଅଭିଯୋଗ ହୋଇଛି। ଏହି ଦାୟିତ୍ୱହୀନ ଓ ସମ୍ବେଦନଶୀଳ ଘଟଣାର ଫଟୋ ଓ ଖବର ଭାଇରାଲ ହେବା ପରେ ଅଗଣିତ ପୁରାତନ ଛାତ୍ରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ପୁରାତନ ଛାତ୍ର, ସଂଘ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଏହି ଘଟଣାର ଦୃଢ଼ ନିନ୍ଦା କରି ଏ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି। ଏ ବାବଦରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସ୍ପଷ୍ଟୀକରଣ ମିଳିପାରିନାହିଁ। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଓ ଚିନ୍ତାଜନକ ଘଟଣାର ଜୋରଦାର ପ୍ରତିବାଦ କରି ପୂର୍ବତନ ରାଇରଙ୍ଗପୁର ବିଧାୟକ ଲକ୍ଷ୍ମଣ ମାଝିଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀ ମାଝି ଏହି ସମ୍ବେଦନଶୀଳ ଘଟଣାର ବିଧିବଦ୍ଧ ଓ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ଏଥିରେ ସଂଘର କୋଷାଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ପୁରାତନ ଛାତ୍ର ରୂପେଶ ମହାନ୍ତି, କିଶୋର ମହାନ୍ତ, କିଶୋର ମହାନ୍ତ (ଖ), ପ୍ରଫୁଲ୍ଲ ମହାନ୍ତ, ପୀଥ ମୁର୍ମୁ, କାଶୀନାଥ ସୋରେନ, ଅଭିଜିତ ମହାନ୍ତି, ଜ୍ୟୋତିରଞ୍ଜନ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ସିଂ, ସୀମାଲ ମାଝି, ଚିତ୍ତରଞ୍ଜନ ପରିଚ୍ଛା ଓ ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଶୀଘ୍ର ବିଭିନ୍ନ ସ୍ଥାନର ସଂଖ୍ୟାଧିକ ପୁରାତନ ଛାତ୍ରଙ୍କୁ ନେଇ ଏକ ବଡ଼ଧରଣ ପ୍ରତିବାଦ ସଭା ଆୟୋଜିତ ହେବ ବୋଲି ପୂର୍ବତନ ବିଧାୟକ ଶ୍ରୀ ମାଝି ସୂଚନା ଦେଇଛନ୍ତି।

## ସୀମାନ୍ତ ହାଇସ୍କୁଲରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ

ରାଇରଙ୍ଗପୁର, ୮।୪(ସମିସ): ତିରିଓ ବ୍ଲକ ଅନ୍ତର୍ଗତ ନୂଆଡିହିସ୍ଥ ଯଦୁନାଥପୁର ସୀମାନ୍ତ ହାଇସ୍କୁଲ ଅଡିଟୋରିୟମରେ ବ୍ଲକସ୍ତରୀୟ ପ୍ରବେଶକ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାଧାକାନ୍ତ ମହାରଣାଙ୍କ ସଂଯୋଜନା ଓ ସ୍କୁଲ ପରିଚାଳନା କମିଟି ସଭାପତି ବରିଷ୍ଠ ସମାଜସେବୀ କାଶୀନାଥ



ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉତ୍ସବରେ ତିରିଓ ପୀଢ ପାରଗାନା ମୁଖ୍ୟ ଛୋଟରାୟ ହେମ୍ବ୍ରମ, ସରପଞ୍ଚ ଭାଦାଓ ସୋରେନ, ସୁବାସ ବେହେରା, ଦଶରଥ ସିଓ, ରାମରାୟ ପୂର୍ତ୍ତି, ଜିତରାୟ ବାସ୍କେ, ମନସା ହାଁସଦା, ଗୋପୀନାଥ ମହାକୁଡ଼, ଅଧୀର ପାତ୍ର, ଡିବରୁ ସୋରେନ, ଗୁହୟା ସାହୁ, ମଧୁସୂଦନ ସର୍ଦ୍ଦାର, ସାମ୍ବାଦିକ ପ୍ରଭାସ ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରବେଶ ଉତ୍ସବରେ ନାମ ଲେଖିବାକୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହ ଉପସ୍ଥିତ ଥିଲେ। ସମସ୍ତ ନୂତନ ଛାତ୍ରଛାତ୍ରୀଙ୍କୁ ବିଧାୟକ ଶ୍ରୀ ନାଏକ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତିରିଓ ବ୍ଲକ ସୀମାନ୍ତ ହାଇସ୍କୁଲ ମାଧ୍ୟମିକ ଶିକ୍ଷାର ବିକାଶ କ୍ଷେତ୍ରରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ କିଭଳି ଉଲ୍ଲେଖନୀୟ ସଫଳତା ପାଇଛି, ସେନେଇ ମଞ୍ଚାସୀନ ଅତିଥି ପ୍ରଶଂସା କରିବା ସହ ଆଗକୁ ମଧ୍ୟ ସେଇ ଧାରାକୁ ପିଲାମାନେ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ଉତ୍ସବକୁ ଶିକ୍ଷକ ପ୍ରଶାନ୍ତ ବେହେରା, ଜଗଦୀଶ ମୁଣ୍ଡା, ଗୌତମ ଲେଙ୍କା, ଅବନୀ ଭଞ୍ଜ, ଦେବାଶିଷ ଗିରି, ଓକିଲ ସର୍ଦ୍ଦାର, ମାୟାରାଣୀ ମହାନ୍ତ, ଚନ୍ଦ୍ରମୋହନ ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ରାଧାକାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୮।୪(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଥିଲା। ଅଭିଯୋଗ ପରେ ଚଢ଼ଉ କରାଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଛି। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ବାମନଘାଟି ଉପଖଣ୍ଡରେ ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ସୋଲଗଡିଆ ପ୍ରକଳ୍ପ ବିଦ୍ୟାଳୟରେ ଖଡ଼ିଛୁଆଁ

କପ୍ତିପଦା, ୮।୪(ସମିସ): କପ୍ତିପଦା ବ୍ଲକ ଅଧୀନ ସୋଲଗଡିଆ ସରକାରୀ ପ୍ରକଳ୍ପ ବିଦ୍ୟାଳୟରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷିତୀଶ ନାୟକ, ଶାଳଚୁଆ ଆଞ୍ଚଳିକ ସାଧନ ସଂଯୋଜକ ଦଶରଥ ମୁର୍ମୁ ଯୋଗଦେଇ ଆଜିର କୁନି କୁନି ପିଲା ଆଗାମୀ ଦିନର ଆମ ଦେଶର ଭବିଷ୍ୟତ। ସେମାନଙ୍କୁ ଖୁସି କରାଇବା ପାଇଁ ପ୍ରଧାନ ଶିକ୍ଷକଙ୍କର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ବେହେରା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ସୁସଜ୍ଜିତ ତୋରଣ ସହ ଝୋଟି ମାଧ୍ୟମରେ ବିଦ୍ୟାଳୟକୁ ସଜାଇ ନୂତନ ଆଗନ୍ତୁକଙ୍କୁ ସ୍ୱାଗତ କରିଥିଲେ। ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ଘଟ ନିକଟରେ ପ୍ରତ୍ୟେକ ଶିଶୁଙ୍କ ଆଦ୍ୟ ଅକ୍ଷର ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର ଭାବେ ଖଡ଼ି ଛୁଆଁ କରାଇଥିଲେ ଶିକ୍ଷକ ସଂଗ୍ରାମ କେଶରୀ ଶତପଥୀ। ଶିଶୁ ବାଟିକା କାର୍ଯ୍ୟପୁସ୍ତିକା ସହ ମିଷ୍ଟାନ୍ନରେ ଆପ୍ୟାୟିତ କରାଯାଇଥିଲା ନବାଗତ ଛାତ୍ରଛାତ୍ରୀଙ୍କୁ। ଶିକ୍ଷକ ବାବୁରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷୟିତ୍ରୀ କମଳା ଦାସ, ତୁଳସୀ ସାମଲ, ସିପ୍ରା ବିଶ୍ୱାଳ, ନମିତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁଣି ଟ୍ରାନ୍ସଫର୍ମରରୁ କଏଲ୍ ଚୋରି

ରାଇରଙ୍ଗପୁର, ୮।୪(ସମିସ): ପୁଣି ବାମନଘାଟି ଉପଖଣ୍ଡରେ ବିଦ୍ୟୁତ ଟ୍ରାନ୍ସଫର୍ମର ଚୋର ଗ୍ୟାଙ୍ଗ ସକ୍ରିୟ ଥିବା ବେଳେ ନିୟମିତ ବ୍ୟବଧାନରେ ଚୋରି କରୁଛନ୍ତି। ଚୋର ଗ୍ୟାଙ୍ଗ ପୁଣି ଟ୍ରାନ୍ସଫର୍ମର କୋର୍ ଓ କଏଲ୍ ଚୋରି କରିଛନ୍ତି। ଏ ନେଇ ଟାଟା ପାୱାର କୁସୁମୀ ବିଦ୍ୟୁତ ସେକ୍ସନ ପରିଚାଳକ ପ୍ରମୋଦ କୁମାର ଦାସ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଟେଣ୍ଟପୋଷି ଗ୍ରାମ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର୍ ଓ କଏଲ୍ ଚୋରି କରିଛନ୍ତି ବୋଲି ସୂଚନା ପାଇଥିଲେ। ଏହି ଚୋରି ଫଳରେ ଉକ୍ତ ଗ୍ରାମର ଉପଭୋକ୍ତା ଅନ୍ଧାରରେ ଅଛନ୍ତି। ଏହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## କୁଆପଥର ମାଡ଼ରେ ଜାମନାଳିଆରେ ଫସଲ ନଷ୍ଟ

ମହୁଲଡିହା, ୮।୪(ସମିସ): କୁଆପଥର ମାଡ଼ରେ ଠାକୁରମୁଣ୍ଡା ବ୍ଲକ ମହୁଲଡିହା ପଞ୍ଚାୟତର ଜାମୁନାଳିଆ ଗ୍ରାମରେ ଫସଲ ନଷ୍ଟ ହୋଇଛି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ୭୦ ଏକରରୁ ଊର୍ଦ୍ଧ୍ୱ ଫସଲ ଉଜୁଡିଯାଇଛି। ଚାଷୀଙ୍କ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହୋଇଛି। ସରକାର ଓ ପ୍ରଶାସନ ସହାୟତା ପ୍ରଦାନ କରିବାକୁ ଚାଷୀ ଦାବି କରିଛନ୍ତି। ବିଧାୟକ ପଦ୍ମଚରଣ ହାଇବୁରୁ, ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ବିଡିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କର, ଆରଆଇ ଅବିନାଶ ନାଏକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।



ଜାମନାଳିଆ ଗ୍ରାମର ମନମୋହନ ମହାନ୍ତ ଦୟାନିଧିଙ୍କ ସହ ମିଶି ୧୦ ଏକର ଜମିରେ ତରଭୁଜ ଚାଷ କରିଥିଲେ। ଗଛ ନଷ୍ଟ ହେବା ସହ ସମସ୍ତ ଫଳ ଛିଣ୍ଡି ମାଟିରେ ଗଡୁଛି। ଗୋଟିଏ ଘଣ୍ଟାରେ ସବୁ ଧୂଳିସାତ ହୋଇଯାଇଛି। ଭରତ ମହାନ୍ତ, ପ୍ରତାପ ମହାନ୍ତ, ହରେକୃଷ୍ଣ ମହାନ୍ତ ଓ ବଡ଼ଭାଇ ଚୈତନ୍ୟ ମହାନ୍ତଙ୍କ ପୁଅ ଅନୀଲ ମହାନ୍ତ କଲରା, ଲାଉ, ଭେଣ୍ଡି, କାକୁଡି, ବିଲାତି, ପୋଇ, କଲମ ଶାଗ, ଜହ୍ନି, ବାଇଗଣ, ପିଆଜ, ତରଭୁଜ ଚାଷ ୮ ଏକର ଜମିରେ ଚାଷ କରିଥିଲେ। ଏହା ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ସେହିପରି ଡମ୍ବରୁ ମହାନ୍ତ ୧ ଏକର ଜମିରେ କୁନ୍ଦୁରି, କାକୁଡି, ବାଇଗଣ, ବୋଇତାଳୁ, କଲରା କରିଥିଲେ। ସବୁ ଉଜୁଡିଯାଇଛି। କୁମୁଦିନୀ ମହାନ୍ତ ୩ ଏକର ଜମିରେ ବିଭିନ୍ନ ଫସଲ କରିଥିବାବେଳେ ବାସନ୍ତୀ ମହାନ୍ତ ୨ ଏକର, ପ୍ରଫୁଲ୍ଲ ମହାନ୍ତଙ୍କ ୨ ଏକର ଜମିରେ ମିଠା ମକା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସବୁଠୁ ଦୁଃଖର କଥା କୌଣସି ଚାଷୀ ବ୍ୟକ୍ତିଗତ ଭାବେ ଚାଷ ପାଇଁ ବୀମା କରିନାହାନ୍ତି। ଏବେ କେବଳ ସରକାରଙ୍କୁ ଭରସା କରିଛନ୍ତି। ଏଥସହ କୁଆପଥର ମାଡ଼ରେ ଖପର, ଆଜବେଷ୍ଟସ କ୍ଷତିଗ୍ରସ୍ତ ହୋଇଛି। ସବ୍ୟାରାଣୀ ମହାନ୍ତଙ୍କ ଘରର କାନ୍ଥ ଖସିପଡ଼ିଛି। ନରେନ୍ଦ୍ର ମହାନ୍ତଙ୍କ ଘର ଆଜବେଷ୍ଟସ କଣା ହୋଇଯାଇଥିବାବେଳେ ଗୌତମ ମହାନ୍ତଙ୍କ ଆଜବେଷ୍ଟସ ଭାଙ୍ଗି ଘରେ ପାଣି ଜମି ରହିଛି। ଅତି ଜରୁରୀ ଥିବା ଲୋକଙ୍କୁ ପଲିଥିନ ଯୋଗାଇ ଦିଆଯାଉଥିବା ତହସିଲଦାର କହିଛନ୍ତି।

## କଳା, ପ୍ରତିଭା ଓ ସାଂସ୍କୃତିକ ମହୋତ୍ସବ 'ମଉଜ'

# 'ବଡ଼ ଲୋକ ହେବା ପରେ ନିଜ ପରିବାରକୁ ଭୁଲନାହିଁ'

ବିଶୋଇ, ୮।୪ (ସମିସ): ପିଏମଶ୍ରୀ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ନୃତ୍ୟଗୀତର ଐକିକ ସମାରୋହ 'ମଉଜ' ଆୟୋଜିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ମୋଦିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବର ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ଚରିତ୍ର ଗଠନ ଓ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କରଞ୍ଜିଆ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଉଚ୍ଚ ଅଭିଳାଷ ଦ୍ୱାରା ନିଜ ଜୀବନର ଲକ୍ଷ୍ୟ ପୂରଣ ହୁଏ। ବଡ଼ ଲୋକ ହେବା ପରେ ମଧ୍ୟ ନିଜ ପରିବାର, ସମାଜ ଓ ପରମ୍ପରାକୁ ଭୁଲି ନ ଯିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶୋଇ ତହସିଲଦାର ସତ୍ୟବାନ ନାୟକ, ବିଶୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ, ସର୍ବଶିକ୍ଷା ଅଭିଯାନର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ ବାରିକ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ସଞ୍ଜୀବ



ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଜିତ କୁମାର ଦେଓ, ବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ତୁଳସୀ ରାମ ଟୁଡୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଉତ୍ତମ ଶିକ୍ଷାବିତ ଗଠନ ଦିଗରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପ୍ରଥମେ ସ୍ୱାଗତ ସଙ୍ଗୀତ ଓ ଓଡ଼ିଶାର ଐତିହ୍ୟ, ପରମ୍ପରା ବିଷୟ ବସ୍ତୁକୁ ନେଇ ଆକର୍ଷଣୀୟ ସ୍ୱାଗତ ନୃତ୍ୟ ପରିବେଷଣ ସମାପ୍ତି ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମୋଦି ବିଦ୍ୟାଳୟର ବାର୍ଷିକ ପାଠ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷା, କ୍ରୀଡ଼ା, କଳା, ନୃତ୍ୟ ଓ ସ୍ୱଚ୍ଛତା ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଝୁମର, ସାନ୍ତାଳୀ ଓ ଲୋକ କଳା ଭଳି ବିଭିନ୍ନ ପ୍ରକାର ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଗିରି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସ୍କୁଲରେ ମଧ୍ୟାହ୍ନଭୋଜନ ରୋଷେଇ ବେଳେ ଅଘଟଣ**

# ଗରମ ଡାଲି ପଡ଼ି ଦୁଇ ରୋଷେୟା ଆହତ

ପରଜଙ୍ଗ,୮ ।୪(ସମିସ):

ପରଜଙ୍ଗ ବ୍ଲକ କୁମୁସି ହାଇସ୍କୁଲରେ ବୁଧବାର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ

## କାଠ ଚୁଲାରେ ହେଉଥିଲା ରୋଷେଇ





ରୋଷେଇ ଚାଲିଥିବା ବେଳେ ଗରମ ଡାଲି ପଡ଼ି ଦୁଇ ରୋଷେୟା ଆହତ ହୋଇଛନ୍ତି। ସେମାନେ ହେଲେ ମୁଖ୍ୟ ରୋଷେୟା ସଞ୍ଜୁ ସାହୁ (୪୭) ଓ ସହଯୋଗୀ ସୂଚୀ ସାହୁ (୩୫)। ବିଦ୍ୟାଳୟରେ ଗ୍ୟାସ୍ ଚୁଲା ପରିବର୍ତ୍ତେ କାଠ ଚୁଲିରେ ରୋଷେଇ ଚାଲିଥିଲା। ପ୍ରେସର୍ କୁକରରେ ଡାଲି ବସିଥିଲା। ପ୍ରେସର୍ କୁକର ଅତ୍ୟଧିକ ଗରମ ହୋଇଯିବାରୁ ଏହାରରୁ ହୁଇସିଲ ବାହାରିପଡ଼ି ଗରମ ଡାଲି ଛିଟିକି ସଞ୍ଜୁ ଓ ସୂଚୀଙ୍କ ଉପରେ ପଡ଼ିଥିଲା। ଉଭୟଙ୍କୁ କୁମୁସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଉଭୟଙ୍କୁ ଘରକୁ ପଠାଇ ଦିଆଯାଇଥିବା ସହକାରୀ ପ୍ରଧାନଶିକ୍ଷକ ବାବୁରଞ୍ଜନ ସାହୁ ସୂଚନା ଦେଇଛନ୍ତି। ସୂଚନାମୁତାବକ ସରକାରଙ୍କ ନିୟମମୁତାବକ ପ୍ରଧାନଶିକ୍ଷକଙ୍କ ନାମରେ ସ୍କୁଲର ଗ୍ୟାସ ସଂଯୋଗ ରହିଛି। ତେବେ ସେହି ଗ୍ୟାସକୁ ପ୍ରଧାନଶିକ୍ଷକ ସ୍କୁଲରେ ବ୍ୟବହାର ପାଇଁ ନ ଦେଇ ନିଜ କାମରେ ବ୍ୟବହାର କରୁଛନ୍ତି। ଫଳରେ କାଠ ଚୁଲିରେ ପ୍ରତ୍ୟେକ ଦିନ ସ୍କୁଲରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ହେଉଛି। ଅନ୍ୟପଟେ ସରକାରୀ ତହବିଲରୁ ଗ୍ୟାସ ପାଇଁ ଅର୍ଥ ମଧ୍ୟ ଉଠାଯାଇଥିବା ଜଣାପଡ଼ିଛି। ସହକାରୀ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। ଗ୍ୟାସ ବଦଳରେ କାଠ ଚୁଲାରେ ରୋଷେଇ ସମ୍ପର୍କିତ ଅଭିଯୋଗର ତଦନ୍ତ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ କହିଛନ୍ତି।

# ପିଙ୍ଗୁଆ ଡିଗ୍ରୀ କଲେଜରେ ବିଦାୟ ସମ୍ବର୍ଦ୍ଧନା



ଗଁଦିଆ,୮ ।୪(ସମିସ): ପିଙ୍ଗୁଆ ଡିଗ୍ରୀ କଲେଜରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପରିଚାଳନା କମିଟି ସଭାପତି କୈଳାସ ନାୟକ ମୁଖ୍ୟଅତିଥି, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ଭାରତୀୟ ସାମ୍ବାଦିକ ମହାସଂଘ ଓଡ଼ିଶା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପ୍ରାନ୍ତ ସହ ଧର୍ମାଚାର୍ଯ୍ୟ ପ୍ରମୁଖ ମଳୟ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦାୟୀ ଗ୍ରନ୍ଥାଗାର ପରିଚାଳକ ରଞ୍ଜନ କୁମାର ସାହୁ ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଲିକ ସଂଯୋଜନା କରିଥିଲେ। ଅଧ୍ୟାପକ ପଙ୍କଜ କୁମାର ସାହୁ, ମହେଶ୍ୱର ବେହେରା, ରାମ ନାରାୟଣ ରାଉତ, ବିଶ୍ୱରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ବେହେରା ସହଯୋଗ କରିଥିଲେ। ଏହି ଅବସରରେ ଯୁକ୍ତ ୩ର ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କିତ ସଚେତନତା ଶିବିର




ଢେଙ୍କାନାଳ,୮ ।୪(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ୍‌ରେ ଭିନ୍ନକ୍ଷମମାନଙ୍କ ଅଧିକାର ଅଧିନିୟମ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତାତୀ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନେ ନିଜ ସ୍ୱାର୍ଥରକ୍ଷା ପାଇଁ ଥିବା ସମସ୍ତ ଆଇନକାନୁନ ସମ୍ପର୍କରେ ଅବଗତ ହେବା ନିହାତି ଜରୁରୀ ବୋଲି କହିଥିଲେ। ଭିନ୍ନକ୍ଷମମାନଙ୍କୁ ପୂର୍ଣ୍ଣ ସହଯୋଗ କରି ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ସମ୍ପୃକ୍ତ ପଦାଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ରିସୋର୍ସ ପର୍ସନ ରାମକିଶୋର ଶର୍ମା ପାୱାର ପଏଣ୍ଟ ମାଧ୍ୟମରେ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ୧୪ ଜଣ ଭିନ୍ନକ୍ଷମଙ୍କ ଅଭିଯୋଗ ଶୁଣାଣି କରାଯାଇ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟେ ଭିନ୍ନକ୍ଷମ ଆୟୁକ୍ତର ଓଏସଡି ଦେବୀପ୍ରସାଦ ବାରିକ, ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଏନଜିଓର କର୍ମକର୍ତ୍ତା ଓ ଭିନ୍ନକ୍ଷମମାନେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ।

● **ହାତୀ ଆକ୍ରମଣରୁ ସୁରକ୍ଷା ଚିନ୍ତା**

# ବିଭାଗୀୟ ଅଧିକାରୀଙ୍କ ସହ ସାଂସଦଙ୍କ ଆଲୋଚନା

ଗଁଦିଆ,୮ ।୪(ସମିସ): ଗଁଦିଆ ଉପଖଣ୍ଡରେ ହାତୀ ଆକ୍ରମଣରୁ ଲୋକଙ୍କୁ ସୁରକ୍ଷା ନିମନ୍ତେ ସାଂସଦ ରୁଦ୍ରନାରାୟଣ ପାଣି ବନବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସାଂସଦ ପାଣି ଷଡ଼ଙ୍ଗୀ ବନବିଭାଗ ଅଧିକାରୀ ଗିରୀଶ ଚନ୍ଦ୍ର ନାୟକଙ୍କ ସହ ଆଲୋଚନା କରିଥିଲେ। ହାତୀଙ୍କ ଗତିବିଧି କିଭଳି ଜନସାଧାରଣ ଜାଣିପାରିବେ ସେ ନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସେହିପରି ନିହଲପ୍ରସାଦ ଥାନା ଅଧିକାରୀ ଧୀରେନ ସ୍ୱାଇଁଙ୍କ ସହ ସାଂସଦ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଦେଓଗାଁ, ଭୁବନ, ଷଡ଼ଙ୍ଗୀ ନିହଲପ୍ରସାଦ ପୂର୍ତ୍ତ ବିଭାଗ ରାସ୍ତାର ଦୁରବସ୍ଥା ନେଇ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକଙ୍କୁ ତାଗିଦ କରିଥିଲେ। ଏହି ଗସ୍ତରେ ପ୍ରାକ୍ତନ ଜିଲ୍ଲା ସଭାପତି ନରେଶ ମହାପାତ୍ର, ବ୍ଲକ ପ୍ରତିନିଧି ଲଳିତ ଦାସ, ସରପଞ୍ଚ ରତିକାନ୍ତ ସାହୁ, ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ରଞ୍ଜିତ ଖିଲାର, ପୂର୍ବ ସଭାପତି ଦୀପକ କୁମାର ଦାଶସାମନ୍ତ, ବରିଷ୍ଠ ନେତା ଚିତ୍ତରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ବାବାଜୀ ସ୍ୱାଇଁ, ଭ୍ରମର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସଜଳେନ୍ଦ୍ର ଜେନା ଓ ବଳରାମ କବି ପ୍ରମୁଖ ସାମିଲ ହୋଇଥିଲେ।

● **ଚଳପ୍ରଚଳ ଜାଗାରେ ଜଙ୍ଗଲ ବିଭାଗର ଚାରାରୋପଣ**

# ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଢେଙ୍କାନାଳ,୮ ।୪(ସମିସ): ସଦର ଥାନା ଅନ୍ତର୍ଗତ ସପ୍ତଶଯ୍ୟା ପଞ୍ଚାୟତ କମନିଙ୍ଗ୍ ଗ୍ରାମର ସର୍ବସାଧାରଣ ଚଳପ୍ରଚଳ ଜାଗାରେ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ଲଗାଇବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କମନିଙ୍ଗ୍ ଗ୍ରାମ ଏବଂ ଗଜମରା ଗ୍ରାମର ସମସ୍ତ ସାଧାରଣ ଚଳପ୍ରଚଳ ନିମନ୍ତେ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଉକ୍ତ ସ୍ଥାନଟି ଖୋଲା ରହିବା ପାଇଁ ଫଏସଲା ହୋଇଥିଲା। ବର୍ତ୍ତମାନ ଉକ୍ତ ଯାଗାକୁ ଜଙ୍ଗଲ ବିଭାଗ ସେଠାରେ ବିଭିନ୍ନ ଗଛ ଲଗାଇଛି। ଯାହାକି ସର୍ବସାଧାରଣ ଚଳପ୍ରଚଳରେ ବାଧାପ୍ରାପ୍ତ ହେଉଅଛି ତଥା ସମସ୍ତ କାର୍ଯ୍ୟ ଯାଗା ଉପରେ ହେବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଗ୍ରାମବାସୀଙ୍କ ଅଗଚୋରରେ ଗଛ ଲଗାଯାଇଅଛି। ଏହାକୁ ଉପଯୁକ୍ତ ତଦନ୍ତ କରାଯାଇ ଜଙ୍ଗଲ ବିଭାଗ ଉକ୍ତ ଜାଗାରେ ଗଛ ନଲଗାଇବା ପାଇଁ ଆଦେଶ ପ୍ରଦାନ କଲେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି ଦାବୀପତ୍ର ପ୍ରଦାନ ସମୟରେ ଗ୍ରାମର ଶତାଧିକ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ପଦାର୍ଥ ବିଜ୍ଞାନ ବିଭାଗରେ ପାଠଚକ୍ର

ହିନ୍ଦୋଳ/ଖଜୁରିଆକଟା,୮ ।୪(ସମିସ): ହିନ୍ଦୋଳରୋଡ ସ୍ଥିତ ଓଡାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ସାମ୍ପ୍ରତିକ ସମୟରେ ରେଡିଓ ଆଇସୋଟୋପର ବ୍ୟବହାର ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗମୁଖ୍ୟ ଅଧ୍ୟାପକ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ସାମ୍ପ୍ରତିକ ସମୟରେ ରେଡିଓ ଆଇସୋଟୋପର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ହିନ୍ଦୋଳ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜୟନ୍ତ କୁମାର ପତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ରେଡିଓ ଆଇସୋଟୋପର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଇତିହାସ ବିଭାଗମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୁରାତନ କୀର୍ତ୍ତିରାଜିର ଗବେଷଣା କ୍ଷେତ୍ରରେ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଡଃ ରାଜକିଶୋର ସାମଲ ଶିଳ୍ପ କ୍ଷେତ୍ରରେ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଶ୍ରୀଯୁକ୍ତ ଦାସ ସାମ୍ପ୍ରତିକ ସମୟରେ ଛାତ୍ରଛାତ୍ରୀମାନେ ରେଡିଓ ଆଇସୋଟୋପର ବ୍ୟବହାର ସମ୍ପର୍କରେ ଜାଣିବା ଆବଶ୍ୟକ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ଛାତ୍ର ଦିବ୍ୟ ରଞ୍ଜନ ନାୟକ, ନରେନ୍ଦ୍ର ବେହେରା ଓ ଛାତ୍ରୀ ସଲୋନୀ କରଣ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ସ୍ୱାତୀସ୍ନିଗ୍ଧା ପାଣିଗ୍ରାହୀ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଛାତ୍ର ବିକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବସାଧାରଣ ଜମି ଜବରଦଖଲ ନେଇ ଅସନ୍ତୋଷ



ଢେଙ୍କାନାଳ,୮ ।୪(ସମିସ): ସଦର ଥାନା କାଙ୍କଡ଼ପାଳ ପଞ୍ଚାୟତ କୁଶୁପଦା ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ସର୍ବସାଧାରଣ ଜମି ଜବରଦଖଲ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୁଶୁପଦା ପ୍ରାଥମିକ ବିଦ୍ୟାଳୟକୁ ଲାଗି ଖାତା ନଂ ୯୧, ପ୍ଲଟ ନଂ ୭୫ଟି ସରକାରୀ ଜମି। ଏହି ପ୍ଲଟ ଦେଇ କୁଶୁପଦା ଆଦିବାସୀ ସାହିକୁ ରାସ୍ତା ଯିବାସହ ଅବଶିଷ୍ଟ ଜମିକୁ ଗ୍ରାମବାସୀ ଶ୍ମଶାନ ରୂପେ ଦୀର୍ଘବର୍ଷ ହେବ ବ୍ୟବହାର କରିଆସୁଅଛନ୍ତି। ଏଥିସହ ଗ୍ରାମର ସମସ୍ତ ଗାଇଗୋରୁଙ୍କ ଚରାଭୂଇଁ ଭାବେ ବ୍ୟବହୃତ ହେଉଛି। ମାତ୍ର ଗ୍ରାମର ହୃଷୀ ନାଏକଙ୍କ ପୁଅ ବସନ୍ତ ନାଏକଙ୍କ ସହାୟତାରେ ଢେଙ୍କାନାଳ ସହରର ଜଣେ ବ୍ୟକ୍ତି ଏହି ଜମିକୁ ବଳପୂର୍ବକ ତାରବାଡ଼ ଦେଇ ସେଠାରେ ବେଆଇନ ଭାବେ ଘର ନିର୍ମାଣ କରିଛନ୍ତି। ଏ ବିଷୟରେ ଗ୍ରାମବାସୀ ୨୦୨୫ ଡିସେମ୍ବର ୧ ତାରିଖ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହାର ତଦନ୍ତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଧାରରେ କାଙ୍କଡ଼ପାଳ ରାଜସ୍ୱ ନିରୀକ୍ଷକ ତଦନ୍ତ କରିବାକୁ ଯାଇଥିଲେ ମଧ୍ୟ ଅଦ୍ୟାବଧି ଜବରଦଖଲ ଉଚ୍ଛେଦ ହୋଇନାହିଁ। ପୁନର୍ବାର ଗ୍ରାମର ଶତାଧିକ ଲୋକ ଏ ନେଇ ବୁଧବାର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ବିଭୂତି ଭୂଷଣ ବେହେରା, ବାବୁଲି ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ସାହୁ, ଧର୍ମାନନ୍ଦ ବିଶ୍ୱାଳ, ଶିଶିର ବେହେରା ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା



ଗଁଦିଆ,୮ ।୪(ସମିସ): ଗଁଦିଆ ବ୍ଲକର ସାନ୍ଦାପଶି ପାଟଣା ଗ୍ରାମର ସ୍ୱର୍ଗତ ମଧୁସୂଦନ ସାହୁଙ୍କ ଏକାଦଶାହରେ ଗଁଦିଆ ସ୍ମୃତି ସଂସଦ ଆନୁକୂଲ୍ୟରେ ତାଙ୍କ ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଗଁଦିଆ ସ୍ମୃତି ସଂସଦ ସଭାପତି ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଗଁଦିଆ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହ, ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ସମାଜସେବୀ ତାପସ କୁମାର ରାଉତ, ପୋରୁହଖୋଜ ସମିତି ସଭ୍ୟ ବଳରାମ ପରିଡ଼ା, ଗଁଦିଆ ସ୍ମୃତି ସଂସଦ ଉପସଭାପତି ଡମ୍ବରୁଧର ସେଠୀ, ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ କୁମାର ସାହୁ, ଶ୍ରୀରାମଚନ୍ଦ୍ରପୁର ଆଞ୍ଚଳିକ ବାଦପାଲା ମଞ୍ଚ ସମ୍ପାଦକ ବିଦ୍ୟାଧର ସାହୁ, ଶ୍ରୀ ଜଗନ୍ନାଥ ସଂସ୍କୃତି ଉପାସକ ଚାରଣ ଅରୁଣ କୁମାର ପୁହାଣ, ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଦେବାଶିଷ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସମାଜସେବୀ ଜୟକୃଷ୍ଣ ସାହୁ, ଅଖିଳ ଭାରତୀୟ ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଦସ୍ୟ ରମାକାନ୍ତ ସାହୁ, ଶେଷଦେବ ମହାପାତ୍ର, କାମାକ୍ଷା ବିହାରୀ, ଅଭିମନ୍ୟୁ ଦାସ, ଦେବରାଜ ଓଝା, ନାରାୟଣ ପୃଷ୍ଟିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସାହୁଙ୍କ ପୁତୁରା ସମାଜସେବୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଯୁବକ ଗିରଫ

ଢେଙ୍କାନାଳ,୮ ।୪(ସମିସ): ଢେଙ୍କାନାଳ ଟାଉନ ଥାନା ପୁଲିସ ୨ ଦୁର୍ଦ୍ଦାନ୍ତ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ରଜତ ବାହାଦୁର ଓ ରାଜେଶ ବାହାଦୁର। ଏମାନଙ୍କଠାରୁ ଗୋଟିଏ ଗ୍ୟାସ ସିଲିଣ୍ଡର, ଗୋଟିଏ ମୋବାଇଲ ଜବତ କରାଯାଇଛି। ରଜତ ନାମରେ ୮ଟି ମାମଲା ରହିଥିବା ବେଳେ ରାଜେଶ ନାମରେ ୧୬ଟି ମାମଲା ରହିଥିବା ଥାନା ଅଧିକାରୀ ଧୀରେନ କୁମାର ବେହେରା ସୂଚନା ଦେଇଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।



# ମହିମା ତପୋବନ ପୀଠର ପ୍ରବେଶ ତୋରଣ ନିର୍ମାଣ ଦାବି

ଢେଙ୍କାନାଳ,୮ ।୪(ସମିସ): ସଦର ବ୍ଲକ ନାଗିଆପଶି ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ମହିମାସ୍ୱାମୀଙ୍କ ଅନୁଗତ ସଦାନନ୍ଦ ଶବରଙ୍କର ବଂଶଧର ବାସ କରୁଥିବା କାଦୁଆ ଗ୍ରାମବାସୀବୃନ୍ଦ କପିଳାସ ଢେଙ୍କାନାଳ ମୁଖ୍ୟରାସ୍ତା ପାର୍ଶ୍ୱରେ ସଦାନନ୍ଦ ଶବର ଓ ମହାରାଜା ଭଗିରଥ ମହୀନ୍ଦ୍ର ବାହାଦୂରଙ୍କ ପ୍ରତିକୃତି ସମ୍ବଳିତ ଏକ ସ୍ଥାୟୀ କଂକ୍ରିଟ ତୋରଣ ନିର୍ମାଣ ପାଇଁ ଦାବି ଜଣାଇ ତତ୍କାଳୀନ ଜିଲ୍ଲାପାଳ ସରୋଜ ସେଠୀଙ୍କୁ ଗ୍ରାମରେ ସମ୍ବର୍ଦ୍ଧନା ଜଣାଇ ଏ ସଙ୍କ୍ରାନ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ ରଘୁନାଥ ବାବା, ମହିମା ଜ୍ୟୋତିଯାତ୍ରାର ମୁଖ୍ୟ ସଞ୍ଚୋଳକ ପ୍ରଦ୍ୟୁମ୍ନ ରଥ ଓ ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀର ସମ୍ପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। କାଦୁଆ ମହିମାଶ୍ରମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାତ୍ର ଏଯାବତ ଏହା ସାକାର ହୋଇନଥିବା ନେଇ ମହିମା ଜ୍ୟୋତିଯାତ୍ରାର ସଞ୍ଚୋଳକ ପ୍ରଦ୍ୟୁମ୍ନ ରଥ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ପରାମର୍ଶ ଅନୁଯାୟୀ ଏହି ତୋରଣ ନିର୍ମାଣ କାର୍ଯ୍ୟକୁ ବିକଶିତ ଗ୍ରାମ, ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ଏକ ଆବେଦନ ପତ୍ର ସଦର ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟରେ ମହିମା ଜ୍ୟୋତିଯାତ୍ରା ସଞ୍ଚୋଳକ ପ୍ରଦ୍ୟୁମ୍ନ ରଥ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଦପ୍ତରରେ ଉକ୍ତ ଆବେଦନପତ୍ରର ନକଲ ମଧ୍ୟ ଦାଖଲ କରିଥିଲେ। ଆଶା କରାଯାଉଛି, ଅବିଳମ୍ବେ ଏହି ଐତିହାସିକ ପ୍ରବେଶ ପଥ ତୋରଣର ନିର୍ମାଣ ତ୍ୱରାନ୍ୱିତ ହେବ। ଏହାକୁ ଲକ୍ଷ ଲକ୍ଷ ମହିମା ଶ୍ରଦ୍ଧାଳୁ ଓ ଭକ୍ତ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।



# ଘରୋଇ ସ୍କୁଲ ଓ ହସ୍ପିଟାଲର ଶୋଷଣରୁ ମୁକ୍ତ କରିବାକୁ ଦାବି

ଢେଙ୍କାନାଳ,୮ ।୪(ସମିସ): ଢେଙ୍କାନାଳ ଜିଲ୍ଲାରେ ଘରୋଇ ଚିକିତ୍ସାଳୟ ଓ ଶିକ୍ଷାନୁଷ୍ଠାନର ଶୋଷଣରୁ ସର୍ବସାଧାରଣଙ୍କୁ ମୁକ୍ତ କରିବା ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି। ଭାରତ ବର୍ଷର କୋଟି କୋଟି ଲୋକ ଦେଶରେ ପ୍ରତିଷ୍ଠିତ ଘରୋଇ ହସ୍ପିଟାଲ ଓ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା ଶୋଷିତ ହେଉଥିବାବେଳେ ଲୋକଙ୍କ ସରକାରର ମୁଖ୍ୟ ବୋଲାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଭଳି ଏହାକୁ ବରଦାସ୍ତ କରୁଛନ୍ତି ତାହା ଲୋକଙ୍କ ପାଇଁ ବିସ୍ମୟସୂଚକ ହୋଇଛି। ଢେଙ୍କାନାଳର ଜଣେ ଜଣାଶୁଣା ବ୍ୟକ୍ତି ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ମଧୁମେହ ଜନିତ ଗୋଡରେ ହୋଇଥିବା ସାଂଘାତିକ ବିସ୍ଫୋଟକର ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ୮ଦିନ ପାଇଁ ତାଙ୍କର ଚିକିତ୍ସା ବ୍ୟୟ ଓ କ୍ୟାବିନ ଭଡାକୁ ମିଶାଇ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଦେବାକୁ କୁହାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ଗଣମାଧ୍ୟମର ପ୍ରତିନିଧି ଭାବେ ଚିକିତ୍ସା ବୀମାର ସୁବିଧା ପାଇଥିଲେ ସତ କିନ୍ତୁ ସମ୍ପୃକ୍ତ ବୀମା କମ୍ପାନୀ ମାତ୍ର ଦେଢ ଲକ୍ଷ ଟଙ୍କା ବ୍ୟୟ ଭରଣା କରିବା ଫଳରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ଆହୁରି ଲକ୍ଷାଧିକ ଟଙ୍କା ହାତରୁ ଗଣିବାକୁ ପଡିଥିଲା। ଏଣେ ବୟସାଧିକ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ କୌଣସି ଅବସରକାଳୀନ ମାସିକିଆ ଭତ୍ତାର ବି ବ୍ୟବସ୍ଥା ନାହିଁ। ସବୁ ସରକାରୀ ଚାକିରିଆ ଓ ଲୋକ ପ୍ରତିନିଧି ନିୟମିତ ବ୍ୟବଧାନରେ ବର୍ଦ୍ଧିତ ଦରମା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଉଛନ୍ତି। ବିନା ଦରମାରେ ୨୪ ଘଣ୍ଟିଆ ସତର୍କତା ଅବଲମ୍ବନ କରୁଥିବା ବ୍ୟକ୍ତି ସରକାରଙ୍କ ସମସ୍ତ ଜନମଙ୍ଗଳକର ଯୋଜନାରୁ ବାଦ୍ ପଡିଥାନ୍ତି। ଯଦିଓ ବିଭିନ୍ନ ଯୋଜନା ଗୁଡ଼ିକର ପ୍ରଚାର ଓ ପ୍ରସାର ଦିଗରେ ଏହି ବ୍ୟକ୍ତିବୃନ୍ଦ ପ୍ରମୁଖ ଭୂମିକା ତୁଲାଇଥାନ୍ତି। ଏହା ସରକାରଙ୍କ ଜନମଙ୍ଗଳକର କାର୍ଯ୍ୟର ଏକ ନିଛକ ବାସ୍ତବ ମାମଲା। ପଡୋଶୀ ରାଜ୍ୟ ଗୁଡ଼ିକ ଏଥିପ୍ରତି ସଚେତନ ଓ ସଜାଗ ରହି ବୟସାଧିକ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ମାସିକ ପେନ୍‌ସନ୍‌ର ବ୍ୟବସ୍ଥା କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ଏଯାବତ୍ ବୋଧହୁଏ ଅର୍ଥାଭାବରୁ ଏହାକୁ କାର୍ଯ୍ୟକାରୀ କରାଯାଇପାରି ନାହିଁ। ୧ନଂ ରାଜ୍ୟ ହେବ ବୋଲି ଡିଣ୍ଡିମ ପିଟୁଥିବା ସରକାର ରାଜ୍ୟ ବ୍ୟାପୀ ୫୦୦ରୁ ୭୦୦ ବରିଷ୍ଠ ସାମ୍ବାଦିକଙ୍କୁ ଅବସରକାଳୀନ ସୁବିଧା ଦେବାକୁ ଅନାଗ୍ରହୀ। ସମ୍ପ୍ରତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏ ନେଇ ଆଗତ ଏକ ଅଦାଲତ ଅବମାନନା ଦରଖାସ୍ତର ଉତ୍ତର ରାଜ୍ୟ ସରକାରଙ୍କଠାରୁ ଚାହିଁଛନ୍ତି। ସେହିଭଳି ଭାବେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଜନସାଧାରଣଙ୍କ ଠାରୁ ମନଇଚ୍ଛା ଫି ଆଦାୟ ଜରିଆରେ ଶୋଷଣ କରିବାରେ ଲାଗିଛନ୍ତି। ଚିକିତ୍ସା ଓ ଶିକ୍ଷାସେବା କ୍ଷେତ୍ରରେ ଆଦାୟ ଅର୍ଥ ଉପରେ କୌଣସି ସରକାରୀ ଅଙ୍କୁଶ ନାହିଁ। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ ପାଇଁ ଯେଉଁଭଳି ଭାବେ ଶୋଷିତ ହେଉଛନ୍ତି ତାହା ଉଚ୍ଚ ବେତନଭୋଗୀ ସରକାରୀ କଳକୁ ଦେଖାଯାଉନଥିବା ବେଳେ ସାଧାରଣ ଜନତା ତ୍ରାହି ତ୍ରାହି ଡାକୁଛନ୍ତି। ପ୍ରଧାନମନ୍ତ୍ରୀ ସମଗ୍ର ଦେଶ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଆଦର୍ଶ ମାର୍ଗଦର୍ଶିକା ଜରିଆରେ ଲୋକଙ୍କୁ ଶୋଷଣରୁ ମୁକ୍ତ କରନ୍ତୁ ବୋଲି ଢେଙ୍କାନାଳ ଜିଲ୍ଲା ବରିଷ୍ଠ ସାମ୍ବାଦିକ ସଂଘ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ସମେତ କର୍ମକର୍ତ୍ତା ଦାବି କରିଛନ୍ତି।

# ତେନ୍ତୁଳିଆପଡ଼ା ନୂଆସାହି ବାସିନ୍ଦା ବିଦ୍ୟୁତ ସେବାରୁ ବଞ୍ଚିତ

ଓଡାପଡ଼ା,୮ ।୪(ସମିସ):



ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଆପଡ଼ା ନୂଆସାହିର ଗ୍ରାମବାସୀମାନେ ଦୀର୍ଘବର୍ଷ ହେଲା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିବାର ଜଣାପଡିଛି। ତେନ୍ତୁଳିଆପଡ଼ା ନୂଆସାହିର ଗ୍ରାମବାସୀମାନେ ଦୀର୍ଘ ବର୍ଷ ହେଲା ବିଦ୍ୟୁତ ସେବା ପାଇବା ନିମନ୍ତେ ପ୍ରଶାସନ ନିକଟରେ ବାରମ୍ବାର ଜଣାଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ପ୍ରଦାନ କରାଯାଇ ନଥିବାର ଅଭିଯୋଗ ହୋଇଛି। ଗ୍ରାମରେ ବିଦ୍ୟୁତ ସେବା ନଥିବାରୁ ଗ୍ରାମବାସୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ଏ ନେଇ ୧୨ରୁ ୧୫ ପରିବାର ବିଡିଓ ଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ଦୌଡିବା ପରେ ଏବେ ଗୁହାରି କରିଛନ୍ତି। ଢେଙ୍କାନାଳ ଜିଲ୍ଲା ସଦାଶିବପୁର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଆପଡ଼ା ନୂଆସାହିରେ ଦୀର୍ଘ ବର୍ଷ ତଳୁ ନୂତନ ରେଳପଥ ପାଇଁ ନିଜର ଭିଟାମାଟି ଛାଡି ଦେଇଥିଲେ କିଛି ଗ୍ରାମବାସୀ ଭିଟାମାଟି ଛାଡିବା ପରେ ପ୍ରକଳ୍ପ ଠାରୁ କିଛିଦୁର ଜଙ୍ଗଲ ନିକଟରେ ନିଜ ପରିବାର ନେଇ ରହିବାକୁ ଆରମ୍ଭ କଲେ। ଗ୍ରାମବାସୀ ମାନେ ଚିନ୍ତା କରିଥିଲେ କି ସେମାନେ ରହିବା ପରେ ସରକାରଙ୍କ ତରଫରୁ ତାଙ୍କୁ ବିଜୁଳି ଓ ପାଣିର ବ୍ୟବସ୍ଥା କରାଯିବ କିନ୍ତୁ ଦୀର୍ଘ ବର୍ଷ ପରେ ମଧ୍ୟ ନାଁ ମିଳିଲା ବିଜୁଳି ନାଁ ପାଣି ତେବେ ପିଲାମାନଙ୍କର ପାଠ ପଢାରେ ଅସୁବିଧା ସହିତ ରାତି ହେଲେ ହାତୀ ଓ ବାରହାଙ୍କ ଭୟ ଭିତରେ ଚାଲୁଛନ୍ତି ଏହି ପରିବାର ସଦସ୍ୟ ବଡ ଦୁଃଖ ଓ ପରିତାପର ବିଷୟ ଏମାନେ ସବୁ ପ୍ରଶାସନିକ ଅଧିକାରୀଙ୍କୁ ନିଜର ଅସୁବିଧା ସମ୍ପର୍କରେ କହିବା ପରେ ଶେଷରେ ପହଞ୍ଚି ଥିଲେ ସ୍ଥାନୀୟ ବିଧାୟିକାଙ୍କ ପାଖରେ ମାତ୍ର ସେଠାରୁ ମଧ୍ୟ ନିରାଶ ହୋଇ ଏବେ ଜିଲ୍ଲାପାଳଙ୍କୁ ନିଜର ଗୁହାରି ଶୁଣାଇବାକୁ ପହଞ୍ଚିଛନ୍ତି। ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ସେମାନଙ୍କ ସହିତ ଆଲୋଚନା କରି ଟାଟା ପାୱାରର ଅଧିକାରୀଙ୍କୁ ତୁରନ୍ତ ସେହି ସ୍ଥାନକୁ ଯାଇ ସରକାରୀ ନିୟମ ଅନୁସାରେ ସେମାନଙ୍କୁ କିଭଳି ତୁରନ୍ତ ବିଜୁଳି ସଂଯୋଗ ଦିଆଯାଇ ପାରିବ ସେ ସମ୍ପର୍କରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାର ତୃତୀୟ ଦିବସ





ସମ୍ବଲପୁର, ୮।୪ (ସମିସ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ୪ର୍ଥ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ୨୦୨୫-୨୬ର ଆଜି ତୃତୀୟ ଦିନରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ ଇଭେଣ୍ଟ ଆୟୋଜିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ଖେଳାଳିମାନେ ସକ୍ରିୟ ଭାଗ ନେଇ ତାଙ୍କର କୌଶଳ, ଶକ୍ତି ଓ ଦୃଢ଼ ସଙ୍କଳ୍ପର ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଏହି ପର୍ଯ୍ୟାୟରେ ଟ୍ରାକ୍ ଓ ଫିଲ୍ଡ ଦୁଇପ୍ରକାରର ପ୍ରତିଯୋଗିତା ସମାନ୍ତରାଳ ଭାବେ ଆୟୋଜିତ ହୋଇଥିଲା। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଦୌଡ଼, ହଡଲ୍ସ, ରିଲେ ଦୌଡ଼ ଓ ହାଇଜମ୍ପ ପ୍ରତିଯୋଗିତା ହୋଇଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ସଟ୍‌ପୁଟ୍ ପ୍ରତିଯୋଗିତା ହୋଇଥିଲା। ଟ୍ରାକ୍ ଇଭେଣ୍ଟରେ ପୁରୁଷ ଓ ମହିଳା ବର୍ଗର ୧୫୦୦ ମିଟର ଦୌଡ଼, ମହିଳାମାନଙ୍କ ପାଇଁ ୧୦୦ ମିଟର ହଡଲ୍ସ ଓ ପୁରୁଷମାନଙ୍କ ପାଇଁ ୧୧୦ ମିଟର ହଡଲ୍ସ ଆୟୋଜିତ ହୋଇ ଶକ୍ତି ଓ ସାମର୍ଥ୍ୟତା ଉଦାହରଣ ପ୍ରଦାନ କରିଥିଲା। ରିଲେ ଇଭେଣ୍ଟରେ ବିଶେଷ କରି ମହିଳାମାନଙ୍କ ୪-୪୦୦ ମିଟର ରିଲେ ଦୌଡ଼ ଦର୍ଶକମାନଙ୍କୁ ରୋମାଞ୍ଚିତ କରିଥିଲା। ଫିଲ୍ଡ ଇଭେଣ୍ଟରେ ପୁରୁଷମାନଙ୍କ (୭.୨୬ କେଜି) ଓ ମହିଳାମାନଙ୍କ (୪ କେଜି) ସଟ୍‌ପୁଟ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାସହିତ ମହିଳାମାନଙ୍କ ହାଇଜମ୍ପ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଠାରେ ସମୟାନୁବର୍ତ୍ତିତା ଓ କ୍ରୀଡ଼ା କୌଶଳ ପ୍ରକାଶ ପାଇଥିଲା। ଅତିରିକ୍ତ ଭାବେ, ପୁରୁଷ ଓ ମହିଳା ଦୁଇଟି ବର୍ଗର ୪୦୦ ମିଟର ହଡଲ୍ସ ଇଭେଣ୍ଟ ମଧ୍ୟ ଆୟୋଜିତ ହୋଇଥିଲା। ବୁଧବାର ମୋଟ ୧୬ଟି ଇଭେଣ୍ଟ ନିର୍ଦ୍ଧାରିତ ଥିଲା, ଯାହାରୁ ୧୪ଟି ଭିଏସ୍‌ଏସ୍ ଷ୍ଟାଡିୟମ୍ ଏବଂ ୨ଟି ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟା ୪ଟାରୁ ଆରମ୍ଭ ହୋଇ ପୁରୁଷମାନଙ୍କ ହାଇଜମ୍ପ ଏବଂ ମହିଳାମାନଙ୍କ ୪ କେଜି ହାମର୍ ଥ୍ରୋ ପରି ଫିଲ୍ଡ ଇଭେଣ୍ଟ ସହିତ ଆଗକୁ ବଢ଼ିଥିଲା। ଟ୍ରାକ୍ ଇଭେଣ୍ଟରେ ମହିଳାମାନଙ୍କ ୧୦୦ ମିଟର ହଡଲ୍ସ (୦.୮୩୮ ମିଟର) ଏବଂ ପୁରୁଷମାନଙ୍କ ୧୧୦ ମିଟର ହଡଲ୍ସ (୧.୦୬୭ ମିଟର) ଆୟୋଜିତ ହୋଇଥିଲା। ସେହି ସମୟରେ ପୁରୁଷ ଓ ମହିଳାଙ୍କ ଟ୍ରିପଲ୍ ଜମ୍ପ ଏବଂ ପୁରୁଷମାନଙ୍କ ୭.୨୬ କେଜି ହାମର୍ ଥ୍ରୋ ମଧ୍ୟ ହୋଇଥିଲା। ପରବର୍ତ୍ତୀ ଭାବେ ୪୦୦ ମିଟର ଦୌଡ଼, ୪-୨୦୦ ମିଟର ରିଲେ, ୨୦୦ ମିଟର ଦୌଡ଼ ଓ ୮୦୦ ମିଟର ଦୌଡ଼ ପରି ଉତ୍ସାହପୂର୍ଣ୍ଣ ଇଭେଣ୍ଟ ଦର୍ଶକମାନଙ୍କୁ ରୋମାଞ୍ଚିତ କରିଥିଲା। ଶେଷରେ ପୁରୁଷମାନଙ୍କ ୪୦୦ ମିଟର ହଡଲ୍ସ (୦.୯୧୪ ମିଟର) ସହିତ ପର୍ଯ୍ୟାୟଟି ସମାପ୍ତ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଉଜ୍ଜୀବିତ କରିଥିଲା। ସମସ୍ତ ପ୍ରତିଯୋଗିତା ଯଥାଚିତ ନିରାପତ୍ତା ଓ ବ୍ୟବସ୍ଥାପନା ଅଧୀନରେ ସୁଚାରୁ ଭାବେ ଆୟୋଜିତ ହୋଇଥିଲା, ଯାହା ଆୟୋଜକ ବିଶ୍ୱବିଦ୍ୟାଳୟର ଉତ୍କୃଷ୍ଟ ପରିକଳ୍ପନା ଓ ଶୃଙ୍ଖଳିତ ପରିଚାଳନାକୁ ପ୍ରତିଫଳିତ କରିଥିଲା।

# ଦେଓଗାଁରେ ଇଥାନଲ୍ କମ୍ପାନୀ ବନ୍ଦ ଦାବି

ସମ୍ବଲପୁର, ୮।୪ (ସମିସ): ଦେଓଗାଁଠାରେ ଇଥାନଲ କାରଖାନାକୁ ବନ୍ଦ କରିବା ସହ ଅଞ୍ଚଳବାସୀଙ୍କ ଉପରେ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଜି ଗ୍ରାମବାସୀମାନେ ସମ୍ବଲପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଲିଖିତ ଅଭିଯୋଗ ଅନୁଯାୟୀ, ସମ୍ବଲପୁର ଜିଲ୍ଲାର ଦେଓଗାଁ ଅଞ୍ଚଳରେ ମହାନଦୀ କୂଳରେ ସଂରକ୍ଷିତ ଜଙ୍ଗଲର କେବଳ ୪୦ ମିଟର ଦୂରରେ ଏବଂ ହାତୀ ଚଳାପଥ ଉପରେ ଏକ ଇଥାନଲ କାରଖାନା ବେଆଇନ ଭାବରେ ପ୍ରତିଷ୍ଠା କରାଯାଉଛି। ଏହା ପରିବେଶ, ବନ୍ୟଜନ୍ତୁ ଓ ସ୍ଥାନୀୟ ଲୋକଙ୍କ ଜୀବନ-ଜୀବିକା ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ଏନେଇ ଦେଓଗାଁ ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନ, ପ୍ରତିବାଦ କରିଆସୁଛନ୍ତି। ଗତ ୬ ତାରିଖରେ ଦେଓଗାଁ ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଆୟୋଜିତ ହୋଇଥିଲା। ଏହି ସଭା ସମୟରେ ଯୋଜନାବଦ୍ଧ ଭାବରେ ଇଥାନଲ କାରଖାନା ପକ୍ଷରୁ କିଛି ଲୋକ ସଭାରେ ପ୍ରବେଶ କରି କମ୍ପାନୀ ସପକ୍ଷରେ ପ୍ରସ୍ତାବ ପାସ କରିବା ପାଇଁ ଜୋରଜବରଦସ୍ତି କରୁଥିଲେ। ଏହାର ବିରୋଧରେ ଗ୍ରାମର ମହିଳାମାନେ ଆଗକୁ ଆସିଥିବାବେଳେ, ଉକ୍ତ କମ୍ପାନୀ ସମର୍ଥିତ ଗୁଣ୍ଡାମାନେ ମହିଳାମାନଙ୍କୁ ଅଶାଳୀନ ବ୍ୟବହାର କରିବାସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି।



ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଏହାସହ ସଂରକ୍ଷିତ ଜଙ୍ଗଲ ଓ ହାତୀ ଚଳାପଥ ଉପରେ ଥିବା ଏହି ବେଆଇନ ଇଥାନଲ କାରଖାନାକୁ ତୁରନ୍ତ ବନ୍ଦ କରାଯିବା, ପରିବେଶ ଓ ଆଇନ ଉଲ୍ଲଂଘନ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଏବଂ ମହିଳାଙ୍କ ଉପରେ ଆକ୍ରମଣ ଘଟଣାରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଦେଓଗାଁ ଅଞ୍ଚଳବାସୀ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ସହ ଆଲୋଚନା କରିବାସହ ଦାବିପତ୍ର ପ୍ରଦାନ କରିଥିଲେ।

## ମହୁମାଛି ଆକ୍ରମଣରେ ପାଣିକୁ ଡେଇଁ ବୃଦ୍ଧ ମୃତ

**ସମ୍ବଲପୁର/ଜମନକିରା, ୮।୪ (ସମିସ):** ମହୁଲ ସଂଗ୍ରହ କରିବାକୁ ଯାଇ ବୃଦ୍ଧ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ମହୁମାଛିଙ୍କ ଠାରୁ ରକ୍ଷା ପାଇବାକୁ ପାଣିକୁ ଡେଇଁ ପଡ଼ିଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଗୁଲଜିପାଲି ଗ୍ରାମର ବାସୁଦେବ କିଷାନ(୬୨) ମହୁଲ ସଂଗ୍ରହ କରିବାକୁ ଝରିଆମୁଣ୍ଡା ଯାଇଥିଲେ। ସେହି ସମୟରେ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ମହୁମାଛିଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ସେ ନିକଟସ୍ଥ ନଦୀକୁ ଡେଇଁ ପଡ଼ିଥିଲେ, କିନ୍ତୁ ନଦୀ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଯାଇଛି। ଖବରପାଇ ଜମନକିରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ଜମନକିରା ପୁଲିସ ଅପମୃତ୍ୟୁ ମାମଲା ୪/୨୦୨୬ ରୁଜୁ କରି ତଦନ୍ତ କରୁଛି।

## ନାଗାବଳୀ ଓ ସମ୍ବଲପୁର-ଇରୋଡ୍ ଏକ୍ସପ୍ରେସ୍‌ରେ କୋଚ୍ ବୃଦ୍ଧି

**ସମ୍ବଲପୁର, ୮।୪(ସମିସ):** ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ଯାତ୍ରା ଆରାମ ବୃଦ୍ଧି କରିବା ପାଇଁ, ଭାରତୀୟ ରେଳବାଇ ସମ୍ବଲପୁର-ନାନ୍ଦେଡ-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସ୍ ଏବଂ ସମ୍ବଲପୁର-ଇରୋଡ୍-ସମ୍ବଲପୁର ଏକ୍ସପ୍ରେସ୍‌ରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି କୋଚ୍ ସ୍ଥାୟୀ ଭାବରେ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଟ୍ରେନ ନମ୍ବର ୨୦୮୦୯ ସମ୍ବଲପୁର-ନାନ୍ଦେଡ ନାଗାବଳୀ ଏକ୍ସପ୍ରେସକୁ ୧୦ ଏପ୍ରିଲ ଠାରୁ ସ୍ଥାୟୀ ଭାବରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି କୋଚ୍ ସହିତ ବୃଦ୍ଧି କରାଯିବ। ଫେରିବା ଦିଗରେ, ଟ୍ରେନ ନମ୍ବର ୨୦୮୧୦ ନାନ୍ଦେଡ-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସରେ ୧୧ ଏପ୍ରିଲଠାରୁ ଅତିରିକ୍ତ ପ୍ରଥମ ଶ୍ରେଣୀ ଏସି କୋଚ୍ ଉପଲବ୍ଧ ରହିବ। ସେହିପରି, ଟ୍ରେନ ନମ୍ବର ୦୮୩୧୧ ସମ୍ବଲପୁର-ଇରୋଡ୍ ଏକ୍ସପ୍ରେସକୁ ୧୫ ଏପ୍ରିଲଠାରୁ ଗୋଟିଏ ଅତିରିକ୍ତ ପ୍ରଥମ ଶ୍ରେଣୀ ଏସି କୋଚ୍ ସହିତ ବୃଦ୍ଧି କରାଯିବ। ଫେରିବା ଦିଗରେ, ଟ୍ରେନ ନମ୍ବର ୦୮୩୧୨ ଇରୋଡ୍-ସମ୍ବଲପୁର ଏକ୍ସପ୍ରେସରେ ୧୭ ଏପ୍ରିଲଠାରୁ ଅତିରିକ୍ତ ପ୍ରଥମ ଶ୍ରେଣୀ ଏସି କୋଚ୍ ଉପଲବ୍ଧ ରହିବ। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ କୋଚ୍ ଏବଂ ଯାତ୍ରୀଙ୍କ ସୁବିଧାକୁ ଉନ୍ନତ କରାଯାଇଥିବା ରେଳବାଇ ସୂତ୍ରରୁ ପ୍ରକାଶ।

## ଜମନକିରା ବାଇପାସ୍ ରାସ୍ତା ମରଣଯନ୍ତା

**ଜମନକିରା, ୮।୪(ସମିସ):** ଦେବଗଡ଼ ପଟୁ ଜମନକିରାକୁ ପସିବା ଓ ଜମନକିରାରୁ ଦେବଗଡ଼ ରାସ୍ତାକୁ ବାହାରିବା ରାସ୍ତାରେ ମରଣଯନ୍ତା ପକାଇଛି ଏନ୍‌ଏଚ୍‌ଏଆଇ।ଯାହାକୁ ନେଇ ଅନେକ ଥର ଜିଲ୍ଲାପାଳଙ୍କ ଜମନକିରା ବ୍ଲକରେ ହେଉଥିବା ଯୁଗ୍ମ ଜଣଶୁଣାଣିରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। କିନ୍ତୁ ଏନ୍‌ଏଚ୍‌ଏଆଇ କର୍ଣ୍ଣପାତ କରୁନାହିଁ। ଅଳ୍ପ କିଛି ରାସ୍ତା ଖୋଳି ମେଟାଲ ବିଛାଇ ଛାଡ଼ି ଚାଲି ଯାଇ ଥିବା ବେଳେ ବର୍ଷ ବର୍ଷ ଧରି ଅଧା ପନ୍ତରିଆ ଭାବରେ ଛାଡ଼ି ଦେଇଛି। ଉକ୍ତ ରାସ୍ତାରେ ପ୍ରତି ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଏନ୍‌ଏଚ୍‌ଏଆଇ ନିରବ ଦ୍ରଷ୍ଟା ସାଜିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଅତି ଶିଘ୍ର ସମାଧାନ ଲାଗି ପଦକ୍ଷେପ ନେବା ପାଇଁ ସଚେତନ ନାଗରିକ ମହଲରେ ଦାବି ହେଉଛି।

## ଆର୍‌ପିଏସ୍ ସ୍କୁଲର ବାର୍ଷିକୋତ୍ସବ

**ସମ୍ବଲପୁର, ୮।୪(ସମିସ):** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଆର୍‌ପିଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ଜଗନ୍ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ବେଣୁଧର ଦାସ ଓ ବୈଦିକ ଇଣ୍ଟରନେସନାଲ ସ୍କୁଲର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଗୌତମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲର ପ୍ରଶାସିକା ସୁଦିପା ପରିଜାଙ୍କ ମାର୍ଗଦର୍ଶନରେ ବାର୍ଷିକ ଉତ୍ସବ ପରିଚାଳନା କରାଯାଇଥିଲା।

## ଲାରିପାଲି ହତ୍ୟା ଘଟଣାରେ ୪ ଗିରଫ

**ରେଙ୍ଗାଲି, ୮।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଲାରିପାଲି ଛକରେ ଗତ ୫ ତାରିଖ ରାତିରେ ଦୁଇ ଗୋଷ୍ଠୀ ମାର୍‌ପିଟରେ ରେଙ୍ଗାଲି ପୁରୁଣାବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ରେଙ୍ଗାଲି ପୁଲିସ ଥାନା କେସ ନଂ. ୭୪/୨୦୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୫ ତାରିଖ ରାତିରେ ହୋଇଥିବା ଆକ୍ରମଣରେ ସୌମ୍ୟରଞ୍ଜନ ବିଶ୍ୱାଳ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ପୁଲିସ ରୋହନ ଦୀପ, ସୁନୀଲ ବାଗ, ରିଙ୍କୁ ମିର୍ଦ୍ଧା ଏବଂ ନିଖିଲ ଦୀପଙ୍କୁ ଗିରଫ କରିଛି। ସେମାନଙ୍କ ବୟସ ୨୫ରୁ୩୦ ବର୍ଷ ହେବ ବୋଲି ପୁଲିସ କହିଛି। ତଦନ୍ତ ସମୟରେ ସେମାନେ ବ୍ୟବହାର କରିଥିବା ଅପରାଧର ଅସ୍ତ୍ରଶସ୍ତ୍ର (କାଠ ଲାଠି), ରକ୍ତ ଲଗା ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବାବେଳେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଗିରଫ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ରବିବାର ଦିନ ରାତିରେ ରେଙ୍ଗାଲି ଥାନା ଲାରିପାଲି ଛକ ନିକଟରେ ବାଇକ୍ ଚୋରିକୁ ନେଇ ରେଙ୍ଗାଲି ପୁରୁଣା ବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳ, ଟିକୁନ ପଧାନଙ୍କ ଅନ୍ୟ ତିନିଜଣ ଯୁବକ ରିଙ୍କୁ ମିର୍ଦ୍ଧା, ସୁନିଲ ବାଗ, ରୋହନ ଦୀପଙ୍କ ସହ ଝଗଡ଼ା ହୋଇ ମାଡ଼ପିଟ ହୋଇଥିଲା। ଏଥିରେ ସୌମ୍ୟରଞ୍ଜନ ଓ ଟିକୁନ ଗୁରୁତର ଆହତ ହୋଇଥିଲେ। ଦୁଇଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିବା ବେଳେ ଟିକୁନ ଅତି ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।



## ସ୍ୱାଧୀନତା ସଂଗ୍ରାମୀ ପୀଠ ନବୀକରଣ ଦାବି

**ସମ୍ବଲପୁର, ୮।୪ (ସମିସ) :** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବରପୁତ୍ର ମାନଙ୍କ ପୀଠ ଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଏଗୁଡ଼ିକର ନବୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରିଛି ସମ୍ବଲପୁର ବିଚାର ମଞ୍ଚ। ମହାନଗର ନିଗମର ପ୍ରମୁଖ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ଅବସ୍ଥିତ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ପୀଠସ୍ଥଳୀ ଗୁଡ଼ିକର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ରହିଛି। ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ସାଲିସବିହୀନ ସଂଗ୍ରାମ କରି ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିବା ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀଗଣ, ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ତ୍ୟାଗ ଏବଂ ଦେଶପ୍ରେମର ଭାବନାକୁ ଉଜ୍ଜୀବିତ କରିଛନ୍ତି। ମହାନ୍ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଦୟାନନ୍ଦ ଶତପଥୀ, ଭାଗିରଥୀ ପଟ୍ଟନାୟକ, ଜମ୍ବୁବତୀ ଦେବୀ, ପ୍ରଫୁଲ୍ଲ ପଟ୍ଟନାୟକ, ଚନ୍ଦ୍ରଶେଖର ବେହେରା, ନୃସିଂହ ଗୁରୁ ପ୍ରମୁଖ ସମ୍ବଲପୁରର ସମୃଦ୍ଧ ଐତିହ୍ୟ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସେମାନଙ୍କ ପ୍ରତିମୂର୍ତ୍ତି କେବଳ ପ୍ରତିମୂର୍ତ୍ତି ନୁହେଁ, ବରଂ ଆମର ଗର୍ବ ଓ ଗୌରବର ଜୀବନ୍ତ ପ୍ରତୀକ।



ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠସ୍ଥଳୀ ଗୁଡ଼ିକର ସୌନ୍ଦର୍ଯ୍ୟକରଣ, ପ୍ରତିମାଗୁଡ଼ିକୁ ନିୟମିତ ସଫା କରିବା, ରାତ୍ରିକାଳୀନ ଆଲୋକୀକରଣ ପାଇଁ ଅଳ୍ପ ଆଲୁଅର ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥା, ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରୁଥିବା ସୂଚନା ଫଳକ ଏବଂ ଦୟାନନ୍ଦ ଶତପଥୀଙ୍କର ସହରର ଏକ ପ୍ରମୁଖ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ସମ୍ବଲପୁର ବିଚାର ମଞ୍ଚ ଦାବି ଜଣାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଚାର ମଞ୍ଚ ଆବାହକ ବେଣୁଧର ଦାସ, ଅମୂଲ୍ୟ କୁମାର ମିଶ୍ର, ବିରେନ୍ଦ୍ର ରାଏ, ଯୁଗ୍ମ ଆବାହକ ଦୁର୍ଗାମାଧବ ମିଶ୍ର, ସଞ୍ଜିବ ବେହେରା, ଦିଲ୍ଲୀପ କୁଅଁର, ସୁବାଷ ନନ୍ଦ, ପ୍ରଦୋଷ ମହାନ୍ତି (ଝୁପୁନା), ଅରୁଣ ଦାସ, ପ୍ରହ୍ଲାଦ ଗୁରୁ, ସୁକେଶ ସିଂ, ସଞ୍ଜୟ ବର୍ମା, କିଶୋର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷା ସଚେତନତା ରଥକୁ ବିପୁଳ ସ୍ୱାଗତ



**ରେଢ଼ାଖୋଲ, ୮।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ କୁକୁଡାବାହାଲି ପଞ୍ଚାୟତ ଅଧିନ ଶିଶୁପର୍ଣ୍ଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେଶିକ୍ଷା ସଚେତନତା ରଥକୁ ବୁଧବାର ଦିନ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଗ୍ରାମବାସୀ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।ରେଢାଖୋଲ ବ୍ଲକ ସଦର ମହକୁମା ଠାରୁ ବାହାରି ଥିବା ରଥ ପ୍ରଥମେ ବଡବାହାଲ ଓ ପରେ ପରେ କଦଳୀଗଡ଼ ଦେଇ କୁକୁଡାବାହାଲି କ୍ଲଷ୍ଟରର ବିଭିନ୍ନ ଗ୍ରାମ ଓ ବିଦ୍ୟାଳୟ ମଧ ଦେଇ ଶେଷରେ ସରକାରୀ ଉ.ପ୍ରା ବିଦ୍ୟାଳୟ ଶିଶୁପର୍ଣ୍ଣ ଠାରେ ପହଞ୍ଚିଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବେହେରାଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଗଣ ସ୍ୱତନ୍ତ୍ର ଢ଼ଙ୍ଗରେ ମୁରୁଜ ଓ କଳସ ସ୍ଥାପନ କରି ଧୂପ ଦୀପ ଫୁଲ ଚନ୍ଦନ ଦେଇ ରଥ ଓ ରଥାରୁଢ ରଥୀ, ସାରଥୀ ଓ ସହଯୋଗୀଙ୍କୁ ପୂଜାର୍ଚ୍ଚନା କରିଥିଲେ।ଶିକ୍ଷୟିତ୍ରୀ ମମତା ପ୍ରଧାନ, ଲିଲିବତୀ ପ୍ରଧାନ, ପଙ୍କଜିନୀ ଲୁହୁରା ଓ ଇତିଶ୍ରୀ ନାଗ ପ୍ରମୁଖ ସମେତ ଅନ୍ୟ ଗ୍ରାମବାସୀ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

**ସମ୍ବଲପୁର, ୮।୪ (ସମିସ) :** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଓଡ଼ିଆ ପକ୍ଷର ଅଷ୍ଟମ ଦିବସରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ଓଏସ୍‌ଓୟୁ କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ ଉଦ୍‌ଘାଟନ କରିଥିବାବେଳେ ପରୀକ୍ଷା ନିୟନ୍ତ୍ରକ ଡ. ଉମାଚରଣ ପତି, ଉପକୁଳସଚିବ ସରୋଜକାନ୍ତ ନାୟକ, ବିଦ୍ୟାଳୟ ସମୂହର ଅଧ୍ୟକ୍ଷ ମୁଖ୍ୟ ଡ. ସଚ୍ଚିଦାନନ୍ଦ ବକ୍ସି, ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କେନ୍ଦ୍ର ନିର୍ଦ୍ଦେଶକ ଡ. ଆଶିଷ ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ନାଗରିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବିଷୟଗତ ଦିବସ ପାଳନ କରାଯାଉଛି। ଓଡ଼ିଆ ପକ୍ଷର ୬ଷ୍ଠ ଦିବସରେ କ୍ୟାମ୍ପସ ମଧ୍ୟରେ ସ୍ୱଚ୍ଛତା ଅଭିଯାନ କରାଯାଇଥିବାବେଳେ ସପ୍ତମ ଦିବସରେ ଶିଶୁ କଥା ଦିବସ ଯୁବ ପିଢ଼ିଙ୍କ ମଧ୍ୟରେ କାହାଣୀ କହିବା ଏବଂ ସାଂସ୍କୃତିକ ପ୍ରସାରକୁ ପ୍ରୋତ୍ସାହିତ କରାଯାଇ ବାଜି ରାଉତଙ୍କ ଜୀବନୀକୁ ନେଇ ଏକ ପୋଡ଼କାଷ୍ଟ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରସାରିତ କରାଯାଇଥିଲା।




## ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ସମ୍ମାନ

**ସମ୍ବଲପୁର, ୮।୪ (ସମିସ) :** ସମ୍ବଲପୁର ଜିଲ୍ଲାକୁ ତିନୋଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ସମ୍ମାନ ମିଳିଛି। ସେଗୁଡ଼ିକ ହେଲା ଧନକଉଡ଼ା ବ୍ଲକର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଅଇଁଠାପାଲି, ବାମରା ବ୍ଲକର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୁର୍ଲା ଏବଂ ରେଢ଼ାଖୋଲ ବ୍ଲକର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଚାରମାଳକୁ ଏନକ୍ୟୁଏଏସ୍ ସାର୍ଟିଫିକେସନ୍ ମିଳିଛି। ଏଥିରେ ଜାତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ବଳ କେନ୍ଦ୍ର (ଏନ୍‌ଏଚ୍‌ଏସ୍‌ଆର୍‌ସି) ରୁ ଟିମ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରର ସବୁ ବିଭାଗ ସହିତ ୧୨ଟି ସେବା କୁ ମୂଲ୍ୟାଙ୍କନ କରାଯାଇଥିଲା। ଏହି ସମ୍ମାନ ପାଇବା ପାଇଁ ଅତିରିକ୍ତ ଜିଲ୍ଲା ନଗର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ଦାସ, ମେଡିକାଲ ଅଫିସର ଡାକ୍ତର ପି ହେମାଶ୍ରୀ, ସିପିଏମ୍ ନିକୁଞ୍ଜ ପ୍ରତିହାରୀ, ଏପିଏମ୍ ମଳୟ ରଞ୍ଜନ ପାଣିଗ୍ରାହୀ, ପିଏଚ୍‌ଏମ୍ ବିଜୟ କୁମାର ସାହୁ ତଥା ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉଦ୍ୟମ କରିଥିଲେ। ତାହା ସହିତ ବାମରା ବ୍ଲକର ସିଏଚ୍‌ଓ ସୂର୍ଯ୍ୟକାନ୍ତି ମାଝୀ, ଏମ୍‌ପିଏଚ୍‌ଡବ୍ଲୁ(ଏଫ୍) ପ୍ରିୟମ୍ବଦା ଗୁରୁ, ଏମ୍‌ପିଏଚ୍‌ଡବ୍ଲୁ ରାଜକୁମାର ବାଘ ଏବଂ ରେଢ଼ାଖୋଲ ବ୍ଲକର ଚାରମାଳ ସ୍ୱାସ୍ଥ୍ୟ କେନ୍ଦ୍ରର ସିଏଚ୍‌ଓ ଇଭାପ୍ରିୟା ତିର୍କି, ଏମ୍‌ପିଏଚ୍‌ଡବ୍ଲୁ(ଏଫ୍) ସୁନିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ହୋତା, କ୍ୱାଲିଟି ନୋଡାଲ ଅଫିସର ଡାକ୍ତର ସୁଧାଂଶୁ ଶେଖର ପଣ୍ଡା, ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଜିଲ୍ଲା କ୍ୱାଲିଟି ମ୍ୟାନେଜର ବୈଶାଳିନୀ ସାହୁ ପ୍ରମୁଖଙ୍କ ମୁଖ୍ୟ ଭୂମିକା ରହିଛି।

## ୫ କେଜି ଗ୍ୟାସ୍ ବ୍ୟବହାରକାରୀ ହନ୍ତସନ୍ତ

# ମିଳୁନି ଗ୍ୟାସ୍, ହେଉନି ରିଫିଲିଂ

**ସମ୍ବଲପୁର, ୮।୪ (ସମିସ)**

ସମ୍ବଲପୁରରେ ଚ୍ୟାମ୍ବର ମାନଙ୍କରେ ରହୁଥିବା ହଜାର ହଜାର ଛାତ୍ରଛାତ୍ରୀ ଏବଂ ବାହାରୁ ଆସି ଏକାକୀ ରହି ଚାକିରୀ କରୁଥିବା ପୁରୁଷ ଓ ମହିଳା ଏବେ ରାନ୍ଧିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ ବ୍ୟବହାର ସାଧାରଣତଃ ୫ ଲିଟର ଚୂଲାଯୁକ୍ତ ଗ୍ୟାସ ବ୍ୟବହାର କରନ୍ତି। ଏବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ରନ୍ଧନ ଗ୍ୟାସ୍ ସମସ୍ୟା ତୀବ୍ର ହୋଇଥିବାବେଳେ ରିଫିଲିଂ ହୋଇପାରୁନାହିଁ। ପୁଣି, ପୂର୍ବରୁ ଯେତେ ଆବଶ୍ୟକ ଗ୍ୟାସ ଭର୍ତ୍ତି କରୁଥିବାବେଳେ ଏବେ କେଉଁଠି ବି ୧ କେଜିରୁ ଅଧିକ ରିଫିଲିଂ ହେଉନାହିଁ। ଲାଇସେନ୍ସ-ବିନା ଚଢ଼ଉ ଭୟରେ ଦୋକାନୀମାନେ ଲୁଚିଚପି ବିକ୍ରୟ କରୁଛନ୍ତି। ତାହା ବି କେଜି ପିଛା ୯୦ ଟଙ୍କାରୁ ଏବେ କେଜିପିଛା ୩୦୦ ଟଙ୍କାରେ ପହଞ୍ଚିଲାଣି। ବହୁସମୟରେ ତାହା ମଧ୍ୟ ଉପଲବ୍ଧ ହେଉନାହିଁ। ଅନ୍ୟପକ୍ଷରେ ଗ୍ୟାସ ସିଲିଣ୍ଡର ନମିଳିଲେ ତାହା ବନ୍ଦ ହେବା ଆଶଙ୍କା ରହିଛି। ଛାତ୍ରଛାତ୍ରୀ ଓ ବାହାରୁ ଆସିଥିବା ଚାକିରିଆ ହନ୍ତସନ୍ତ ହେଉଛନ୍ତି। ମୁଢ଼ି, ଚୂଡ଼ା ଭଳି ଶୁଖିଲା ଖାଦ୍ୟ ଖାଇ ଦିନ କାଟୁଥିବା ଦେଖାଯାଉଛି। ଏପରିକି ଛାତ୍ରଛାତ୍ରୀମାନେ କେତେକାଂଶରେ ଚ୍ୟାମ୍ବର ଛାଡ଼ି ନିଜ ଘରକୁ ଫେରି ଯାଉଛନ୍ତି। ସରକାରୀ ନିୟମ ଅନୁସାରେ କାହାରିକୁ ଏଭଳି ଗ୍ୟାସ ଖୁଚୁରା ଦେବାକୁ ନିୟମ ନାହିଁ, ସରକାର ମଧ ୫ ଲିଟର ଚୂଲାଯୁକ୍ତ ଗ୍ୟାସ ଭର୍ତ୍ତି କରିବାକୁ ଲାଇସେନ୍ସ ଦେଇନାହାନ୍ତି। ୫ ଲିଟର ଗ୍ୟାସ ରିଫିଲିଂ ବ୍ୟବସ୍ଥା ସରକାରୀ ନିୟମାନୁସାରେ ନଥିବାରୁ ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ଅସହାୟତା ପ୍ରକାଶ କରାଯାଇଛି।

ଅନ୍ୟପକ୍ଷରେ, ଘରୋଇ ରନ୍ଧନ ଗ୍ୟାସ୍ ବୁକିଂ କଲାପରେ ଲୋକେ ଗ୍ୟାସ ଦୋକାନ ସାମ୍ନାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାଡ଼ିରେ ଛିଡ଼ା ହେଉଛନ୍ତି। ବିତରକମାନଙ୍କୁ ବୁକିଂ ତୁଳନାରେ କମ୍‌ସଂଖ୍ୟାରେ ସିଲିଣ୍ଡର ଯୋଗାଣ ହେଉଥିବା ଦେଖାଯାଉଛି। ସଂସ୍ଥା ଗୁଡ଼ିକ ଆଜି ଆସିବ, କାଲି ଆସିବ କହି ଗ୍ରାହକକୁ ଫେରାଇ ଦେଉଛନ୍ତି। ଗ୍ୟାସ ସିଲିଣ୍ଡର ପାଇଁ ହନ୍ତସନ୍ତ ହେଉଛି ସାଧାରଣ ଉପଭୋକ୍ତା। ଅନ୍ୟପକ୍ଷରେ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ୟାସ ସିଲିଣ୍ଡର ଉପଲବ୍ଧ ରହିଥିବା କୁହାଯାଉଛି। ସମ୍ବଲପୁରରେ କଳାବଜାରରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ୩୦୦୦ ଟଙ୍କାରୁ ଅଧିକ ଦରରେ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି। ରାସ୍ତାକଡ଼ ଦୋକାନ ଓ ହୋଟେଲମାନେ ତିନିଗୁଣା ଦରରେ ସିଲିଣ୍ଡର କିଣୁଥିବା କହି ମନଇଚ୍ଛା ଦରରେ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଛନ୍ତି।




ଜିଲ୍ଲା ପ୍ରଶାସନରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆଜି ଏପ୍ରିଲ ୮ ତାରିଖ ତିନୋଟି ସଂସ୍ଥାକୁ ମିଶାଇ ଘରୋଇ ଗ୍ୟାସ (୧୪.୨ କେଜି) ଷ୍ଟକ୍ ୫୩୩୭ଟି ଗ୍ୟାସ୍ ସିଲିଣ୍ଡର ମହଜୁଦ ଥିବାବେଳେ ରାସ୍ତାରେ ଆସୁଥିବା ବା ଇନ୍-ଟ୍ରାନ୍‌ଜିଟ୍ ୩୬୨୩ଟି ଏହିପରି ମୋଟ ୮୯୬୦ଟି ସିଲିଣ୍ଡର ଥିବା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ସେହିପରି ଆଜି ବ୍ୟବସାୟିକ ସିଲିଣ୍ଡର (୧୯ କେଜି) ୩୪୫ଟି ଷ୍ଟକ୍ ଏବଂ ୧୦୧ଟି ଟ୍ରାନ୍‌ଜିଟ୍‌ରେ ଏହିଭଳି ମୋଟ ୪୪୬ଟି ସିଲିଣ୍ଡର ସୂଚନା ମିଳିଛି। ଦୈନିକ ବିତରକଙ୍କ ଜରିଆରେ ମୋଟ ୩୪୧୨ଟି ସିଲିଣ୍ଡର ବିକ୍ରୟ ହେଉଥିବାରୁ ହାରାହାରି ୨.୬୩ ଦିନର ଷ୍ଟକ୍ ଥିବା କୁହାଯାଇଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ଉପଭୋକ୍ତା ସଂଖ୍ୟା ୨୩୪୨୪୭ ଜଣ ଏବଂ ୨୮ ଜଣ ବିତରକ ଅଛନ୍ତି। ତିନୋଟି ସଂସ୍ଥା ମଧ୍ୟରୁ ଆଇଓସିଏଲ୍‌ର ୧୩ ଜଣ ବିତରକ ଥିବାବେଳେ ୯୯୨୯୯ ଜଣ ଉପଭୋକ୍ତା ଏବଂ ବିପିସିଏଲ୍‌ର ୭ ଜଣ (୫୮୪୮୮) ଓ ଏଚ୍‌ପିସିଏଲ୍‌ର ୮ ଜଣ (୭୬୪୬୦) ବିତରକ ରହିଛନ୍ତି।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ବଢୁଛି ଉକ୍ରଣ୍ଠା

# କାହା ମୁଣ୍ଡରେ ସୁନା କଳସୀ ଢାଳିବ ହାତୀ

ବରଗଡ଼, ୮।୪(ସମିସ)

ଆସନ୍ତା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣକୁ ନେଇ ବର୍ତ୍ତମାନ ରାଜ୍ୟ ରାଜନୀତିରେ ଚର୍ଚ୍ଚା ତୀବ୍ର ହେଉଥିବା ବେଳେ ବରଗଡ଼ ଜିଲ୍ଲା ଏଥିରେ ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ସମ୍ପ୍ରତି ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀଙ୍କୁ ଜିଲ୍ଲା ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯିବା ପରେ ତାଙ୍କର ରାଜନୈତିକ ଭୂମିକା ଆହୁରି ମଜବୁତ ହୋଇଥିବା ଅନୁମାନ କରାଯାଉଛି। ଗତ ଦୁଇ ବର୍ଷରେ ବରଗଡ଼ ଜିଲ୍ଲାରେ ଉନ୍ନୟନ ଓ ଲୋକହିତକାରୀ କାର୍ଯ୍ୟରେ ଶ୍ରୀ ଷଡଙ୍ଗୀଙ୍କ ଭୂମିକା ପ୍ରଶଂସନୀୟ ଥିବାରୁ, ତାଙ୍କୁ ଏହି ନୂତନ ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ଏହା ସହିତ, ଜିଲ୍ଲାରେ ବିକାଶ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସାଧାରଣଲୋକଙ୍କ ମଧ୍ୟରେ ଆଶା ବଢ଼ିଛି। ଏହି ନିଯୁକ୍ତିକୁ ନେଇ ରାଜନୈତିକ



ମହଲରେ ଅନ୍ୟ ଏକ ଚର୍ଚ୍ଚା ମଧ୍ୟ ଜୋର ଧରିଛି ଶ୍ରୀ ଷଡଙ୍ଗୀ ମନ୍ତ୍ରୀପଦ ପାଇଁ ଆଶାୟୀ ଥିବା ସତ୍ତ୍ୱେ ତାଙ୍କୁ ଏହି ଦାୟିତ୍ୱ ଦେଇ ମନ୍ତ୍ରୀମଣ୍ଡଳରୁ ଦୂରେ ରଖାଯାଇଛି କି ନାହିଁ। ଅନ୍ୟପଟେ ବରଗଡ଼ ଜିଲ୍ଲାର ୫ ଜଣ ବିଧାୟକଙ୍କ ମଧ୍ୟରୁ ୪ଜଣ ବିଜେପି ଓ ଜଣେ ବିଜେଡିର ଥିବାରୁ ଏହି ଜିଲ୍ଲାକୁ ମନ୍ତ୍ରୀମଣ୍ଡଳରେ ଅଧିକ ପ୍ରତିନିଧିତ୍ୱ ମିଳିବା ନେଇ ଦାବି ଜୋର ଧରିଛି। ରାଜନୀତିକ ମହଲରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲୀ ବିଧାୟକ ଇରାଶିସ୍ ଆଚାର୍ଯ୍ୟ ଓ ଅତାବିରା ବିଧାୟକ ନିହାର ମହାନନ୍ଦଙ୍କ ମଧ୍ୟରୁ ଦୁଇ ଜଣ ବିଧାୟକଙ୍କ ନାମ ଆଶାୟୀ ମନ୍ତ୍ରୀ ରୂପେ ରାଜନୈତିକ ମହଲରେ ବହୁଦିନ ଧରି ଚର୍ଚ୍ଚାରେ ରହିଛି। ସୂତ୍ରମାନଙ୍କ କହିବା ଅନୁସାରେ, ନୂଆ ମନ୍ତ୍ରୀମଣ୍ଡଳ ଗଠନରେ କିଛି ପୁରୁଣା ମୁହଁଙ୍କୁ ବାଦ୍ ଦେଇ ନୂଆ ମୁହଁକୁ ସୁଯୋଗ ଦେବା ପାଇଁ ଆଲୋଚନା ଚାଲିଛି।ସେହିପରି, ବରଗଡ଼ ଲୋକସଭା କ୍ଷେତ୍ରରୁ ଆଉ ଜଣେ ବିଧାୟକଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବା ପ୍ରାୟ ନିଶ୍ଚିତ ବୋଲି ଆଲୋଚନା ଚାଲିଛି। ଏହି ବିଧାୟକ ଜଣକ ମୁଖ୍ୟମନ୍ତ୍ରୀ ଓ ଦିଲିପ ରାୟଙ୍କ ନିକଟତମ ସମର୍ଥକ ବୋଲି ମଧ୍ୟ କୁହାଯାଉଛି।ସମଗ୍ର ଚିତ୍ରକୁ ଦେଖିଲେ ବରଗଡ଼ ଜିଲ୍ଲା ଆସନ୍ତା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣରେ ଏକ ବଡ ରାଜନୈତିକ ଚମକ ଦେଖିପାରେ ବୋଲି ଅନୁମାନ କରାଯାଉଛି। ହାତୀ କାହା ମୁଣ୍ଡରେ କଳସୀ ଢାଳିବ ଆଉ କିଏ ପାଇବେ ବରଗଡ଼ ଜିଲ୍ଲାରୁ ମନ୍ତ୍ରୀପଦ ତାହା ଏବେ ସବୁଠି ଚର୍ଚ୍ଚା ଜୋର ଧରିଛି।

୧୯ ଦିନ ପରେ ବୈଶାଖୀ ମେଳା

# ନେଟୱର୍କ ସମସ୍ୟାକୁ ଦୃଷ୍ଟି ଦେବାକୁ ଦାବି



**ପାଇକମାଲ, ୮।୪(ସମିସ):** ଆଉ ୧୯ ଦିନ ପରେ ଶ୍ରୀନୃସିଂହନାଥ ପୀଠରେ ପ୍ରସିଦ୍ଧ ବୈଶାଖ ମେଳା ଅନୁଷ୍ଠିତ ହେବ। ଏପ୍ରିଲ ୨୭ରୁ ଆରମ୍ଭ ହୋଇ ମେ ୨ ତାରିଖରେ ସମ୍ପନ୍ନ ହେବ ନେଇ ବୈଠକରେ ଆଲୋଚନା ହୋଇସାରିଛି। ବୈଶାଖ ମେଳା ଦେଖି ଆସିବା ପାଇଁ ପଡୋଶୀ ଛତିଶଗଡ଼ରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ଯାଏଁ ପ୍ରବଳ ଭକ୍ତମାନଙ୍କ ସମାଗମ ହୋଇଥାନ୍ତି। ଏନେଇ ମେଳା ଯାଏଁ ମୋବାଇଲ ନେଟୱର୍କ ସମସ୍ୟା ରହିଥାଏ ଯାହା ଫଳରେ ନାହିଁ ନଥିବାର ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଥାଏ। ନେଟୱର୍କ ସମସ୍ୟା ହେତୁ ବେପାର ବାଣିଜ୍ୟ, ଫୋନ୍ ପେ, ଗୁଗୁଲ ପେ ଭଳି କାର୍ଯ୍ୟ ଠପ ହୋଇପଡ଼ିଥାଏ। ଏପରିକି ନିୟୋଜିତ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟ ନେଟୱର୍କ ଠପ୍ ହେତୁ କୌଣସି ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ ସମ୍ଭବ ପର ହୋଇନଥାଏ। ସାମ୍ବାଦିକଙ୍କୁ ଖବର ପଠାଇବା ରେ ହଟ ହଟା ହେବାକୁ ପଡ଼ିଥାଏ। ଏପଟେ ଭିଡ଼ ଦେଇ ପାଇକମାଳକୁ ଆସିଲେ ୩ କିମି ନ ହେଲେ ପର୍ବତ ଶିଖରକୁ ଗଲେ ନେଟୱର୍କ ପାଇଥାଏ। ପ୍ରଶାସନ ବୈଶାଖ ମେଳା ପୂର୍ବରୁ ଦୃଷ୍ଟି ଦେବାକୁ ବରିଷ୍ଠ ସାମ୍ବାଦିକ ବଡ ଶତପଥୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

‘ସକାଳ’ ପ୍ରଭାବ

# ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ଲାଗିଲା ସୁରକ୍ଷା ବାଡ଼

**ଝାରବନ୍ଧ, ୮।୪(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟରର ସିଆରସିସି ଦିବସ କୁମାର ସାହୁଙ୍କ ସଚେତନ ପ୍ରୟାସରେ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଲାଗିଯାଇଛି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିଛି। ସୂଚନାଯୋଗ୍ୟ ଯେ, ବୈତାଳି କ୍ଲଷ୍ଟର ଅଧୀନସ୍ଥ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ବିପଦଜନକ ଅବସ୍ଥାରେ ରହିଥିଲା।ଏହା ଛାତ୍ରଛାତ୍ରୀଙ୍କ ପାଇଁ ଯେକୌଣସି ସମୟରେ ଦୁର୍ଘଟଣାର ସମ୍ଭାବନା ରହୁଥିଲା। ଉକ୍ତ ବିଷୟରେ ଗତ ୨୪ ଫେବୃଆରୀରେ ‘ସକାଳ’ ଖବର ପ୍ରକାଶିତ ହୋଇଥିଲା।



ଉକ୍ତ ଖବରକୁ ନେଇ ଏକ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ସିଆରସିସି ଶ୍ରୀ ସାହୁ। ସେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷାବାଡ଼ ନିର୍ମାଣ ପାଇଁ ଅନୁରୋଧ ଜଣାଇଥିଲେ। ତାଙ୍କ ପ୍ରୟାସ ପରେ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରି ବର୍ତ୍ତମାନ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ସ୍ଥାପନ କରିଛି। ଏହି ମହତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ସେଠ ସହ ଅଭିଭାବକମାନେ ‘ସକାଳ’ ଏବଂ ସିଆରସିସି ଦିବସ କୁମାର ସାହୁଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି।

ସ୍ୱେଚ୍ଛାସେବୀ ଦୀପା ବାରିକଙ୍କ ପ୍ରୟାସ

# ତେଲଙ୍ଗାନାରେ ଫସିଥିବା ଓଡ଼ିଆ ଶ୍ରମିକ ଉଦ୍ଧାର

**ଝାରବନ୍ଧ, ୮। ୪(ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଟେମରି ଗ୍ରାମର ସ୍ୱେଚ୍ଛାସେବୀ ଦୀପା ବାରିକଙ୍କ ସମୟୋପଯୋଗୀ ପ୍ରୟାସକ୍ରମେ ସୁଦୂର ତେଲେଙ୍ଗାନା ରାଜ୍ୟର କାମାରେଡ୍ଡୀ



ଜିଲ୍ଲାରେ ନିର୍ଯାତନାର ଶିକାର ହେଉଥିବା ପ୍ରବାସୀ ଶ୍ରମିକମାନେ ସକୁଶଳେ ଉଦ୍ଧାର ହୋଇ ଟ୍ରେନ୍ ଯୋଗେ ଘରକୁ ଫେରୁଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ପାଇକମାଲ ଅଞ୍ଚଳର ଦାଦନ ଶ୍ରମିକ ନାରାୟଣ ଚାନ୍ଦ, ଗଙ୍ଗାଧର ଚାନ୍ଦ ଏବଂ ପୁଷ୍ପା ଚାନ୍ଦ ତେଲେଙ୍ଗାନା ରାଜ୍ୟର କାମାରେଡ୍ଡୀ ଜିଲ୍ଲା ଅନ୍ତର୍ଗତ ଡୋମାକୋଣ୍ଡା ଗ୍ରାମର ଏକ ଇଟାଭାଟିରେ କାମ କରିବା ପାଇଁ ଯାଇଥିଲେ। କିନ୍ତୁ କିଛି ଦିନ କାମ କରିବା ପରେ ଇଟାଭାଟି ମାଲିକଙ୍କ ପକ୍ଷରୁ ସେମାନେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ କରି ଭିଡିଓ ମାଧ୍ୟମରେ ସ୍ୱେଚ୍ଛାସେବୀ ଦୀପା ବାରିକଙ୍କୁ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ। ଶ୍ରମିକମାନଙ୍କ ଅବସ୍ଥା ସମ୍ପର୍କରେ ଜାଣିବା ପରେ ଦୀପା ବାରିକ ତୁରନ୍ତ ପଦକ୍ଷେପ ନେଇ ବୁଧବାର ସକାଳେ ତେଲେଙ୍ଗାନା ପୋଲିସ ଓ ତେଲେଙ୍ଗାନା ସରକାରଙ୍କୁ ଏନେଇ ଅବଗତ କରାଇ ସହାୟତା ପାଇଁ ଅନୁରୋଧ କରିଥିଲେ।ଦୀପାଙ୍କ ଅନୁରୋଧ ପରେ ତେଲେଙ୍ଗାନା ପୋଲିସ ଅତ୍ୟନ୍ତ ତତ୍ପରତା ଦେଖାଇ କେବଳ ଦୁଇ ଘଣ୍ଟା ମଧ୍ୟରେ ଉକ୍ତ ଇଟାଭାଟିରେ ପହଞ୍ଚି ପ୍ରବାସୀ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ଉଦ୍ଧାର ହୋଇଥିବା ଶ୍ରମିକମାନେ ଟ୍ରେନ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ସେମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଦୀପା ବାରିକଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

# ପୁରସ୍କାର ବିତରଣ ଉତ୍ସବ

**ବରଗଡ଼ ୮।୪(ସମିସ):** ସଦର ବ୍ଲକ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଇଓ ଜ୍ୟୋତି କାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୀମାନ୍ତ ବିଶି, ପୂର୍ବତନ ସ୍କୁଲ କମିଟି ଅଧ୍ୟକ୍ଷ ନିତ୍ୟାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ରହି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟିକେଶ୍ୱରୀ ହୋତା, ମନବୋଧଲୁହୁରା, ଅଗ୍ରୋଜ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ




**ପାଇକମାଲ, ୮।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ନିଜେ ସ୍ୱଚ୍ଛ ରହିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ, ପ୍ରଦୀପ୍ତ ସାହୁ, ପ୍ରଦୀପ ଦେୱାନ ସ୍ୱଚ୍ଛ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଦେବରାଜ ସାହୁ, ଅଙ୍କିତ କୁମାର ଦାସ, ଅଭିନାଶ ମହାପାତ୍ର, ଅଧ୍ୟାପିକା ମୀନା କୁମାରୀ ସାହୁ, ପୁଷ୍ପ ମଞ୍ଜରୀ ପ୍ରଧାନ, ଝରଣା ପ୍ରଧାନ, ଅଞ୍ଜଳି ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏନଏସଏସ୍ ଓ ଯୁବ ରେଡ୍‌କ୍ରସ ୟୁନିଟ୍ ଛାତ୍ରଛାତ୍ରୀ ସମେତ ମହାବିଦ୍ୟାଳୟର କର୍ମଚାରୀ ଓ ବହୁ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ବାରିକଙ୍କ ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟରେ ସ୍ୱଚ୍ଛ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବିନୋଦ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପଦ୍ମପୁର, ୮।୪(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ରାସମୁଣ୍ଡା ଗ୍ରାମର ବରିଷ୍ଠ କଂଗ୍ରେସ ନେତା ବିନୋଦ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଟାଇଲଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ନେହେରୁ ତ୍ରିପାଠୀ, ସନାତନ ଭୋଇ, ଗୌନ୍ତିଆ କୁମାର ସାହୁ, ବିଷ୍ଣୁ ପ୍ରସାଦ ବାଜପେୟୀ, ପିତାମ୍ବର ସାହୁ, ମହେନ୍ଦ୍ର କୁମାର ସାହୁ ଓ ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିନୋଦ ବିଶ୍ୱାଳଙ୍କ ଜୀବନ ଓ କାର୍ଯ୍ୟକଳାପ ଉପରେ ନିଜ ନିଜର ମତାମତ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମକୁ ଲଳିତ କୁମାର ପଟେଲ ଓ ସବିତା ନାଗ ସୁଚାରୁ ଭାବେ ପରିଚାଳନା କରିବା ସହ ସହଯୋଗ କରିଥିଲେ। ଶେଷରେ ଅରକ୍ଷିତ ପଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଜିଏମୟୁରେ ଓଡ଼ିଆ ପକ୍ଷ ଉପଲକ୍ଷେ ରକ୍ତଦାନ ଶିବିର

**ସମ୍ବଲପୁର, ୮।୪ (ସମିସ):** ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସରୁ ଆରମ୍ଭ କରି ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ମହାଆଡ଼ମ୍ବରରେ ସାରା ରାଜ୍ୟରେ ‘ଓଡ଼ିଆ ପକ୍ଷ’ ପାଳନ କରାଯାଉଛି। ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର



ଜାତୀୟ ସେବା ଯୋଜନା ଏବଂ ୟୁଥ୍ ରେଡ୍‌କ୍ରସ ଏବଂ ମାରୱାଡି ଯୁବା ମଞ୍ଚ ନବଚେତନା ଶାଖା ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏବଂ ମାରୱାଡ଼ି ଯୁବା ମଞ୍ଚ ନବଚେତନାର ଅଧ୍ୟକ୍ଷ ଦୀନେଶ ଅଗ୍ରୱାଲ, ରାଜ୍ୟ ସଚିବ ଚେତନ ଟ୍ୱିବ୍ରିୱାଲ, ରକ୍ତଦାନ ସଂଯୋଜକ ଆଶିଷ ତୁଲସିଆନ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ତଥା ଇତିହାସ ବିଭାଗ ମୁଖ୍ୟ ଡକ୍ଟର ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଏବଂ ଉପକାରିତା ବିଷୟରେ କହିଥିଲେ। ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମର ସଂଯୋଜକ ଡ. ରଞ୍ଜନ କୁମାର ସେଠୀ ଓଡ଼ିଆ ପକ୍ଷ ପାଳନର ଉଦେଶ୍ୟ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ୟୁଥ୍ ରେଡ୍‌କ୍ରସ ସଂଯୋଜକ ଡ. କଲ୍ୟାଣୀ ରଥ, ଡ. ଦେବାଶିଷ ବେହେରା ଏବଂ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ମୀନକେତନ ବାଗ, ସଂଯୁକ୍ତା ଭୂୟାଁ, ପୁଷ୍ପା ହେମ୍ବ୍ରମ ଏବଂ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ପରିବେଶୀୟ ଶିକ୍ଷା କାର୍ଯ୍ୟକ୍ରମରେ ପୁଷ୍କରିଣୀ ସଫେଇ ଅଭିଯାନ

**ଅମ୍ବାଭୋନା, ୮। ୪(ସମିସ):** ପୃଥିବୀରେ ଜୀବଜଗତର ଅବସ୍ଥାନ ସର୍ବଦା ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେଣୁ ଜଳ ସଂରକ୍ଷଣ ତଥା ଜଳର ଗୁଣବତ୍ତାକୁ ଉନ୍ନତ କରିବା ଦିଗରେ ବାଲ୍ୟାବସ୍ଥାରୁ ଶିକ୍ଷାର୍ଥୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଭୁକ୍ତାସ୍ଥିତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ପରିବେଶୀୟ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ର ଓ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲର ଇକୋ କ୍ଲବ୍ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ନିକଟସ୍ଥ ପୁଷ୍କରିଣୀକୁ ନିର୍ମଳ ରଖିବା ଲାଗି ବିଭିନ୍ନ ଶୈବାଳ ଓ ଚିଙ୍ଗୁଡ଼ିଆ ଦଳ ଇତ୍ୟାଦିକୁ କାଢ଼ି ସଫେଇ କରାଯାଇଥିଲା। ଆର୍ଦ୍ରଭୂମି ମିତ୍ର ଭାବରେ ଆର୍ଦ୍ରଭୂମି ସଂରକ୍ଷଣ କରିବାପାଇଁ ଶିକ୍ଷାର୍ଥୀମାନଙ୍କୁ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମର ସ୍ମୃତି ସ୍ୱରୂପ ପୋଖରୀ ହୁଡ଼ାରେ ଚାରାରୋପଣ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମେହେର, ସମ୍ମାନିତ ଅତିଥି ଭାବରେ ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲ ଅମ୍ବାଭୋନାର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥ ଓ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ କୁମାର ମେହେର ଯୋଗ ଦେଇ ଜଳ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ସେମିନାରରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଜଳ ସଂରକ୍ଷଣ ଓ ଏହାର ସୁବିନିଯୋଗ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ପ୍ରଦାନ କରିଥିଲେ। ‘ଜଳ ସଂରକ୍ଷଣ’ ପ୍ରସଙ୍ଗ ଉପରେ ଆୟୋଜିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।ପରିଚାଳନାରେ ଶିକ୍ଷକ ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ଅନୀଳ ସିଦାରଙ୍କ ସମେତ ବିଦ୍ୟାଳୟର ଇକୋ କ୍ଲବ୍, ଶକ୍ତି କ୍ଲବ ଓ ବିଜ୍ଞାନ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶିକ୍ଷକ ଶ୍ରୀପତି ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରୋଜାଲିନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ନାକଟିଦେଉଳ ପଞ୍ଚାୟତ ସମିତି

# ପାନୀୟ ଜଳ ଓ ଶୌଚାଳୟ ସମସ୍ୟା

**ନାକଟିଦେଉଳ, ୮।୪(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପଞ୍ଚାୟତ ସମିତିରେ ସାଧାରଣଲୋକଙ୍କ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଯୋଜନା ହେଉଛି। ହେଲେ କିଛିଦିନ ସବୁ ଠିକ୍ ଚାଲିଛି ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣା ଅଭାବ ହେଉ କି ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ହେଉ, ଅଧିକାଂଶ ପ୍ରକଳ୍ପ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ନାକଟିଦେଉଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଏଭଳି ଅବସ୍ଥା ଉପୁଜିଛି। ସ୍ୱଚ୍ଛ ଭାରତ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପରିସରରେ ହୋଇଥିବା ଶୌଚାଳୟର ଅବସ୍ଥା ଅତି ଦୟନୀୟ ଅବସ୍ଥାରେ ରହିଛି। ନା ଆସୁଛି ପାଣି ନା ଅଛି ସଫା। ଏହି ଶୌଚାଳୟ ଏବେ ସାପ, ବିଭିନ୍ନ ପ୍ରକାର ସରୀସୃପଙ୍କ ଚରାଭୂଇଁ ପାଲଟିଛି। ଏହି ପଞ୍ଚାୟତ ସମିତି ପରିସର ମଧ୍ୟରେ ଏକ ଡାକଘର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା କାର୍ଯ୍ୟାଳୟ ଥିବାରୁ ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଜନସାଧାରଣ, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ସମସ୍ତ ବିଭାଗର କର୍ମଚାରୀ ଆସୁଛନ୍ତି।ବିଶେଷ କରି ବ୍ୟାଙ୍କ କାର୍ଯ୍ୟ, ମିଶନଶକ୍ତି ଯୋଜନାରେ ଆସୁଥିବା ଶହ ଶହ ମହିଳା ଶୌଚାଳୟ ଓ ପରିସ୍ରାଗାର ପାଇଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ପରିସର ମଧ୍ୟରେ ପିଇବା ପାଇଁ ପାନୀୟ ଜଳର ସୁବିଧା ନଥିବାରୁ ଲୋକେ ନାନା ପ୍ରକାର ହନ୍ତସନ୍ତ ହେଉଛନ୍ତି। ଏହି ସ୍ଥାନଗୁଡ଼ିକର ସ୍ୱଚ୍ଛତା ଦୂର କଥା ରକ୍ଷଣାବେକ୍ଷଣା ବର୍ଷକୁ ଥରେ ମଧ୍ୟ କରାଯାଉନାହିଁ। ରକ୍ଷଣାବେକ୍ଷଣ ନାମରେ କେବଳ ଅର୍ଥ ହରିଲୁଟ ହେଉଥିବା ଜଣାପଡୁଛି।ସମ୍ବଲପୁର ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



ସ୍ୱଚ୍ଛ ଭାରତ ମିଶନ ବାଟବଣା

ପରିଶ୍ରମ ହିଁ ସଫଳତାର ଚାବିକାଠି

# ଶାନ୍ତି ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭଟଲି, ୮।୪(ସମିସ):** କଠିନ ଅଧ୍ୟବସାୟ ତଥା ପରିଶ୍ରମ ହିଁ ସଫଳତାର ପ୍ରକୃତ ଚାବିକାଠି। ତାହାହିଁ ଶିଶୁ ସୁଲଭ ଗୁଣର ମହତ୍ତ୍ୱ ଅଟେ। ଶୈଶବାବସ୍ଥାରେ ଆମକୁ ଅନେକ କାର୍ଯ୍ୟ କରିବାର ଅଛି, ଯାହା ଦ୍ୱାରା ହିଁ ଆମର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ସ୍ଥାନୀୟ ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅବସରରେ ମତପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ସହିତ ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟ ପ୍ରତି ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ସେହିପରି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣୀ ତ୍ରିପାଠୀ ଏବଂ ପୂର୍ବତନ ଭଟଲି ସରପଞ୍ଚ ପ୍ରହଲ୍ଲାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିଶୁ ବାଟିକା ବିଭାଗରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ସମସ୍ତ ଶ୍ରେଣୀୱାରୀ ଶ୍ରେଷ୍ଠ ଛାତ୍ରୀମନଙ୍କୁ ସ୍ମୃତିଫଳକ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଗୋବିନ୍ଦ ବାରିକ, ଶିକ୍ଷୟିତ୍ରୀ ଇନ୍ଦିରା ଖମାରୀ, ପାର୍ବତୀ ପଧାନ, ଜ୍ୟୋତ୍ସ୍ନାମୟୀ ପ୍ରଧାନ, ସୌଦାମିନୀ ପଧାନ, ରୀତାରାଣୀ ବେହେରା, ସୁଚିତ୍ରା ମିର୍ଦ୍ଧା ଏବଂ ଶିଶୁ ସେବିକା ରମିଳା ଭୁଏ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ଉପେନ୍ଦ୍ର ଖମାରୀ ଓ ସେଚ୍ଛାସେବୀ ବିଶ୍ୱଜିତ୍ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଘନାମାଳରୁ ମଦମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

# ମଦ ବିକିଲେ ୨୦ ହଜାର ଟଙ୍କା ଜରିମାନା

ବରଗଡ଼, ୮।୪(ସମିସ)

ବରଗଡ଼ ଜିଲ୍ଲାରେ ଦିନକୁ ଦିନ ନିଶା କରବାର ବଢ଼ି ଚାଲିଛି। ଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି। ନିତିଦିନିଆ ହତ୍ୟା, ଦୁଷ୍କର୍ମ, ଚୋରି, ଡକାୟତି, ଭଳି ଘଟଣା ସାମନାକୁ ଆସୁଛି। ପ୍ରାୟ ଯୁବପିଢ଼ି ନିଶା କରବାରରେ ଲିପ୍ତ ରହିଥିବା ନଜିର ଆସୁଛି। ଗତ ମାସରେ ହାଟପଦାରେ ଚକୁ ମାଡ଼ରେ ଜଣଙ୍କ ମୃତ୍ୟୁ ହୋଇଥିଲା। ନିଶା ପାଇଁ ବାରମ୍ବାର ଅନେକ ଘଟଣା ସବୁ ଘଟୁଛି। ଫଳରେ ଯୁବପିଢ଼ି ପଥ ଭ୍ରଷ୍ଟ ହୋଇ ଅପରାଧ ଦୁନିଆକୁ ଚାଲିଯାଉଛନ୍ତି। ନିଶା କାରବାର ପ୍ରତି ରୋକ ଲଗାଇବା ପାଇଁ ବରଗଡ଼



ଜିଲ୍ଲାର ଘନାମାଳ ଗାଁର ଗାଁ କମିଟି ସଦସ୍ୟମାନେ ନିଶା କରବାରକୁ ବିରୋଧ କରି ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପରିବାର ମୁଖ୍ୟଙ୍କ ଦସ୍ତଖତ ଥିବା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ପ୍ରଦାନ କରିଛନ୍ତି। ଘନାମାଳ ଗାଁରେ ନିଶା କରବାରକୁ ନେଇ ପୂରା ଗ୍ରାମବାସୀଙ୍କ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ବିଭିନ୍ନ ସମୟରେ ନିଶା କୁ ବନ୍ଦ କରିବା ପାଇଁ ପୁଲିସକୁ ଅଭିଯୋଗ କରଥିଲେ ହେଁ କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଗାଁ କମିଟି ନିଷ୍ପତ୍ତିନେଇଛନ୍ତି ଯେ ଗାଁରେ ଯିଏ ମଦ ବିକ୍ରି କରିବ ତାକୁ ୨୦ ହଜାର ଟଙ୍କା ଫାଇନ ଓ ଗାଁରୁ ବାସନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜିତେନ୍ଦ୍ରିୟ ପ୍ରଧାନ, ସନ୍ତୋଷ ଗଡ଼ତିଆ, କୌଶିକ ଗଡ଼ତିଆ, ଚୂଡ଼ାମଣି ବାରିକ, କେଶବ ବାରିକ ପ୍ରମୁଖ ଗାଁ କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ।

# କାଳବୈଶାଖୀ କ୍ଷୟକ୍ଷତିର କ୍ଷତିପୂରଣ ଦିଆଯାଉ



**ବରଗଡ଼, ୮। ୪(ସମିସ):** ଗତ ସୋମବାର ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଲା। ଜିଲ୍ଲାର ଅତାବିରା, ଭଟଲି, ବରଗଡ଼, ବରପାଲି ଓ ଅନ୍ୟ ବ୍ଲକ ଅଞ୍ଚଳରେ ପ୍ରବଳ କୁଆପଥରମାଡ଼, ଝଡ଼ ତୋଫାନ ସହ ବର୍ଷା ହୋଇ ବହୁ ପରିମାଣରେ ଫସଲ ନଷ୍ଟ ହୋଇଛି। ଯେଉଁଥିରେ ରବି ଧାନ, ପନିପରିବା, ଲୋକଙ୍କ ଝାଟି ମାଟି ଘର ଓ ଗୃହ ପାଳିତ ଜୀବଜନ୍ତୁଙ୍କ ଜୀବନହାନୀ ଯାଇଥିବା ଜଣାପଡ଼ିଛି। ପ୍ରାକୃତିକ ବିପର୍ଯ୍ୟୟ ର ତଦନ୍ତ କରି କ୍ଷୟକ୍ଷତିର ସଠିକ ଆକଳନକରି ଲୋକଙ୍କୁ କ୍ଷତିପୂରଣ ଦେବାକୁ ଆମ୍ ଆଦମୀ ପାର୍ଟି ଦାବି କରିଛି। ସେହିପରି ପଞ୍ଜାବରେ ଆମ୍ ଆଦମୀ ପାର୍ଟି ସରକାର ଚାଷୀଙ୍କୁ ଫସଲ କ୍ଷତି ପୂରଣ ବାବଦରେ ଏକର ପିଛା ୨୦ ହଜାର ଟଙ୍କା ଦେଉଥିବାରୁ ଓଡ଼ିଶାରେ ମଧ୍ୟ ତାହା ଲାଗୁ କରାଯାଉ ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ ଓ ଜିଲ୍ଲା ସଭାପତି ଯଦୁ ମଣି ପ୍ରଧାନ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱରୂପ ଭୋଇ, ଜୟ କ୍ରିଷ୍ଣା ଛୁରିଆ, ପ୍ରଦୀପ ବିଶ୍ୱାଳ, ମିଲୁ ନାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## କାଳବୈଶାଖୀରେ ଉଜୁଡିଗଲା ଫସଲ

# ୧୨ ବ୍ଲକ୍‌ର ୨୮୦୦ ହେକ୍ଟର ଚାଷଜମି ପ୍ରଭାବିତ

**ବରଗଡ଼, ୮।୪(ସମିସ)**

ବରଗଡ଼ ଜିଲ୍ଲାରେ ଗତ ସୋମବାର ଅପରାହ୍ନରେ ହଠାତ୍ କାଳବୈଶାଖୀ ତାଣ୍ଡବ ରଚିଥିଲା।ଜୋର ବର୍ଷା ପବନ ସହ ବିଜୁଳି ଓ କୁଆପଥର ମାଡ଼ରେ ଚାଷୀମାନଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଛି। ମୁହୂର୍ତ୍ତରେ ସବୁଜକ୍ଷେତ୍ର ଉଜୁଡ଼ି ଯାଇଥିବା ବେଳେ ଚାଷୀମାନଙ୍କ ମାସମାସର ପରିଶ୍ରମ ନଷ୍ଟ ହୋଇଯାଇଛି। ଅମଳ ଫସଲ ହରାଇ ହଜାର ହଜାର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସେପଟେ ଅଧିକରୁ ଅଧିକ ମୁଗ ସବୁ ଗଜା ହୋଇଯାଇଛି। ବରଗଡ଼ ଜିଲ୍ଲା ୧୨ଟି ବ୍ଲକର ବିଭିନ୍ନ ଗ୍ରାମର ଚାଷୀ ଧାନ ଚାଷ ପରେ ଖରାଦିନିଆ ପନିପରିବା, ମୁଗ, ବିରି, ତରଭୁଜ ଚାଷ କରିଥିଲେ। ଚଳିତ ଥର ରୋଗପୋକରୁ ନେଇ ବିଭିନ୍ନ ସମସ୍ୟାରୁ ରକ୍ଷା କରି ଚାଷ କରିଥିଲେ ଭଲ ଫସଲ ମଧ୍ୟ ହୋଇଥିଲା। ହେଲେ ଅଦିନିଆ କୁଆପଥର ବର୍ଷା ଯୋଗୁଁ ଅମଳ କରିବା ସମୟରେ ନଷ୍ଟ ହୋଇଯାଇଛି ହଜାର ହଜାର ଏକର ଫସଲ। ଅଦିନିଆ ବର୍ଷା ଆସିଲା ସବୁ ଉଜାଡି ଦେଇଗଲା। କାଳ ବୈଶାଖୀ ବର୍ଷାରେ ମୁଗ ସବୁ ଓଦା ହୋଇ ନଷ୍ଟ ହୋଇଗଲା। ବିଭିନ୍ନ ପନିପରିବା ଓ ତରଭୁଜ ବଡ଼ ବଡ଼ କୁଆପଥର ମାଡ଼ରେ ମାଟିରେ ମିଶି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଆଉ କିଛି ମୁଗ, ବିରି ଗଜା ହୋଇଯାଇଛି। ଧାର କରଜ କରି ଅର୍ଥ ଖର୍ଚ୍ଚ କରି ଚାଷୀ ଚାଷ କରିଥିବା ବେଳେ ଏବେ କ୍ଷତିର ଭରଣା କିଭଳି କରିବ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

**କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେଲେ ଜିଲ୍ଲାପାଳ**

ଅନେକ ସମୟରେ ମରୁଡ଼ି ଯୋଗୁଁ ମଧ୍ୟ ଚାଷୀ ଚିନ୍ତାରେ ପଡ଼ିଥାଏ। ହେଲେ ଏବେ ପୁଣି କାଳବୈଶାଖୀ ସାଙ୍ଗକୁ କୁଆପଥର ବର୍ଷା ଦାଉ ସାଧିଛି। ସରକାରୀ ରିପୋର୍ଟ ଅନୁଯାୟୀ ବରଗଡ଼ ଜିଲ୍ଲାର ୧୨ଟି ବ୍ଲକର ପ୍ରାୟ ୨୮୦୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ଛପର ଓ ଆଜବେଷ୍ଟ ଘର ଭାଙ୍ଗିରୁଟି ନଷ୍ଟ ହେବା ସାଙ୍ଗକୁ ଅନେକ ଲୋକ ଆହତ ମଧ୍ୟ ହୋଇଛନ୍ତି ବିଶେଷ କରି ମହୁଲଫୁଲ, ଚାର ସଂଗ୍ରହ କରି ଲୋକେ ହଜାର ହଜାର ଟଙ୍କା ରୋଜଗାର କରିଥାନ୍ତି ତାହା ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ଚାଷରେ କ୍ଷତି ହୋଇଥିବା ଚାଷୀ କିଭଳି ପରିବାର ଚଳାଇବ ଓ ଚାଷୀ କିଭଳି ଋଣ ସୁଝିବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ବୁଧବାର ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସାମ୍ବାଦିକ ହିମାଂଶୁ ନନ୍ଦ, ସାମ୍ବାଦିକ ସରୋଜ କୁମାର ଷଡଙ୍ଗୀଙ୍କ ସହ ଆଲୋଚନା କରି ଖୁବ୍ ଶୀଘ୍ର କୃଷିବିଭାଗ, ଉଦ୍ୟାନ ବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ନିରୀକ୍ଷଣ କରି କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କଲା ପରେ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ଓଭାରିଆନ୍ ଟ୍ୟୁମର୍‌ର ସଫଳ ଅସ୍ତ୍ରୋପଚାର

**ବରଗଡ଼, ୮।୪(ସମିସ):** ଭାଲୁପାଲି କ୍ରୀଷ୍ଣା ବିକାଶ ସୁପର୍‌ସ୍ପେସିଆଲିଟି ହସ୍ପିଟାଲ୍‌ସର ଚିକିତ୍ସକଦଳ ଜଣେ ମହିଳାଙ୍କ ଜୀବନକୁ ସଫଳତାର ସହ ରକ୍ଷା କରିଛନ୍ତି।



ହସ୍ପିଟାଲ୍‌ର ତଥ୍ୟ ଅନୁଯାୟୀ ରୋଗୀଙ୍କ ଓଭାରିଆନ୍ ଟ୍ୟୁମର୍ ବୃଦ୍ଧି ହେଇ ଅତ୍ୟଧିକ ଅକାର ଧାରଣ କରିଥିଲା। ଯାହା ଦ୍ୱାରା ରୋଗୀଜଣକ ଅନେକ ଶାରିରୀକ କଷ୍ଟ ଅନୁଭବ କରିବା ସହ ମାନସିକ ଭାବେ ଚିନ୍ତାଗ୍ରସ୍ଥ ଥିଲେ। ଗତ ଏପ୍ରିଲ୍ ଦୁଇ ତାରିଖରେ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ପିଏଲ୍ ଜେନାଙ୍କ ନେତୃତ୍ୱରେ ଲାପାରୋସ୍କୋପି ସ୍କାପିକ୍ ସର୍ଜନ ଡାକ୍ତର ବିସ୍ମୟ ଷଡ଼ଙ୍ଗୀ, ଆନାସ୍ଥେସିଓଲୋଜିଷ୍ଟ ଡାକ୍ତର ପ୍ରିୟବ୍ରତ ମହାନ୍ତି ଓ ଅପରେସନ୍ ଥିଏଟର୍ ଟିମ୍‌ଙ୍କ ସହାୟତାରେ ଅନେକ ଜଟିଳତା ଟ୍ୟୁମର୍‌ର ସଫଳ ଭାବେ ଅସ୍ତ୍ରୋପଚାର କରିଥିଲେ। ସମଗ୍ର ପ୍ରକ୍ରିୟାରେ ରୋଗୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଚିକିତ୍ସକଙ୍କ କହିବା ଅନୁଯାୟୀ ଟ୍ୟୁମର୍ ଓଜନ ୧୪ କିଲୋଗ୍ରାମ୍ ଥିଲା ଓ ଅପରେସନ୍ ପରେ ରୋଗୀ ଦ୍ରୁତ ଭାବେ ସୁସ୍ଥ ହେବାକୁ ଲାଗିଥିଲେ। ମାତ୍ର ତିନି ଦିନ ମଧ୍ୟରେ ରୋଗୀଙ୍କୁ ଡିସଚାର୍ଜ କରାଯାଇଥିଲା। ଡାକ୍ତରୀ ଦଳର ନିଷ୍ଠା, ସମନ୍ୱୟ ଓ ସଠିକ୍ ସମୟରେ ହେଇଥିବା ଅସ୍ତ୍ରୋପଚାରର ଏ ବିକାଶ ହସ୍ପିଟାଲ୍‌ସ ଚିକିତ୍ସା କିତ୍ସାସେବା ପ୍ରଦାନର ପ୍ରତିବଦ୍ଧତାକୁ ପୁନଃ ସଫଳତା କ୍ରୀଷ୍ଣା ସ୍ଥାପିତ କରିଛି।

# ଲରମ୍ଭା କଲେଜର ଏନ୍‌ସିସି ନୌସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ବରଗଡ଼, ୮।୪(ସମିସ):** ଅତାବିରା ବ୍ଲକସ୍ଥିତ ଲରମ୍ଭା କଲେଜର ଏନସିସି ନୌ ସେନା ଅଧିକାରୀ ସରୋଜ କୁମାର ନାୟକଙ୍କ ନବେ ଦିନର ତାଲିମ୍ ସମାପନରେ କଲେଜ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ନାୟକ ମହାରାଷ୍ଟ୍ର ନାଗପୁର କାମଟି ଓଟିଏରେ ଜାନୁୟାରୀ ୫ ତାରିଖରୁ ଏପ୍ରିଲ ୪ ତାରିଖ ୨୦୨୬ ପର୍ଯ୍ୟନ୍ତ ତାଲିମ୍ ନେଇଥିଲେ। ଏଥିରେ ଭାରତର ବିଭିନ୍ନ ଅନୁଷ୍ଠାନରୁ ୫୭୪ ଜଣଙ୍କୁ ତାଲିମ୍ ଦିଆ ଯାଇଥିଲା। ସେଥିମଧ୍ୟରୁ ଲରମ୍ଭା କଲେଜ ମନୋନୀତ ହୋଇ ସବ ଲେପଟେଣ୍ଟ ପଦବୀକୁ ଉନ୍ନୀତ ହୋଇଥିବାରୁ ଅଞ୍ଚଳ ତଥା ଛାତ୍ରଛାତ୍ରୀ ମହଲରେ ଖୁସିର ବାତାବରଣ ଦେଖାଦେଇଛି। ଉତ୍ସବରେ ଲରମ୍ଭା ହାଇସ୍କୁଲର ଶିକ୍ଷକ ବିନୟ କୁମାର ନାଏକ, ବଡବାବୁ ପ୍ରମୋଦ ଚନ୍ଦ୍ର ସେଠ, ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା ସମତେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**ପଦ୍ମପୁର, ୮।୪(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଚାଲିଥିବା 'ଓଡ଼ିଆ ପକ୍ଷ' ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ୍, ରେଡ୍ ରିବନ୍ କ୍ଲବ୍ ଏବଂ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଉଦ୍‌ଘାଟନ କରିଥିଲେ। ମୁମୂର୍ଷୁ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ ହିଁ ଶ୍ରେଷ୍ଠ ଦାନ ବୋଲି ଅଭିହିତ କରି ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପଦ୍ମପୁର ଓଡ଼ିଶା ରକ୍ତ କେନ୍ଦ୍ରର ବୈଷୟିକ ଅଧିକାରୀ ନୀତେଶ ପ୍ରଧାନ ଏବଂ ପରୀକ୍ଷାଗାର ପ୍ରଶିକ୍ଷାର୍ଥୀ ହିତେଶ କୁମାର ସାହୁଙ୍କ ଦ୍ୱାରା ସମୁଦାୟ ୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ପରିଚାଳନା କରିବାରେ ଅଧ୍ୟାପକ ପ୍ରମୋଦ କୁମାର ପାଣିଗ୍ରାହୀ, ବିଶ୍ୱରାଜ ପାତ୍ର, ଦୟାନିଧି ବରର୍ତ୍ତୀ, ବାଳଗୋପାଳ ମେହେର, ନିର୍ମଳ କୁମ୍ଭାର, ଅନନ୍ତ ମଲ୍ଲିକ, ତନ୍ମୟ ଶିକା ଏବଂ ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସେହିପରି ଅଧ୍ୟାପିକା ବୁନି ସାହୁ, ମୋନାଲିସା ସ୍ୱାଇଁ, ମମତାମୟୀ ଗୁରୁ ଏବଂ କାର୍ଯ୍ୟାଳୟ ସହାୟକ ଲକ୍ଷ୍ମଣ ପାଣ୍ଡେଙ୍କ ମିଳିତ ପ୍ରୟାସରେ କାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ଓ ସାମାଜିକ ସେବାର ରୂପ ନେଇଥିଲା।

# ଟ୍ରେଲର ଧକ୍କାରେ ବାଇକ୍ ଚାଳକ ମୃତ

**ଅତାବିରା, ୮।୪ (ସମିସ):** ଜାତୀୟ ରାଜପଥ(୫୩)ର ଅତାବିରା ପୁରୁଣା ସିନେମା ହଲ ନିକଟରେ ମଙ୍ଗଳବାର ରାତିରେ ଟ୍ରେଲର ଏନଏଲ୦୧ଏସି୨୯୫୮ ଧକ୍କାରେ ଜଣେ ବାଇକ୍ ଚାଳକ ଦୁର୍ଘଟଣାଗ୍ରସ୍ତ ହୋଇ ଛିଟିକି ପଡ଼ିଥିଲା। ଖବର ପାଇ ଅତାବିରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ବ୍ୟକ୍ତିକୁ ଚିକିତ୍ସା ପାଇଁ ବୁର୍ଲା ପଠାଇ ଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଜଣକ କୁଳମଣି ସୁନା(୩୮) ଗୋଡଭଗା ବେଲମୁଣ୍ଡାର ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି ଓ ତଦନ୍ତ ଜାରି ରହିଥିବା ସୂଚନା ରହିଛି।

# ଅଦିନିଆ ବର୍ଷାରେ ମହୁଲ ଫୁଲ ନଷ୍ଟ

**ପଦ୍ମପୁର, ୮।୪(ସମିସ):** ଅଦିନିଆ ବର୍ଷା ଯୋଗୁଁ ଝାଞ୍ଜ ପାହାଡ଼ ପାଦଦେଶ ନିକଟବର୍ତ୍ତୀ ଅଞ୍ଚଳରେ ମହୁଲ ଚାଷୀ ଓ ସଂଗ୍ରହକାରୀମାନେ ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସମୟରେ ମହୁଲ ଫୁଲ ସଂଗ୍ରହ ପାଇଁ ଏହା ମୁଖ୍ୟ ସମୟ ହୋଇଥିବାବେଳେ, ଅଦିନିଆ ବର୍ଷା ସବୁ ନଷ୍ଟ କରିଦେଇଛି। ମହୁଲ ଫୁଲର ଗୁଣବତ୍ତା ନଷ୍ଟ ବର୍ଷା ପାଣି ପଡ଼ିବା ଦ୍ୱାରା ମହୁଲ ଫୁଲ ଗୁଡ଼ିକ ଧୀରେ ଧୀରେ କଳା ପଡ଼ିଯାଏ, ଯାହାଫଳରେ ବ୍ୟବସାୟୀ ମୁହଁ ଫେରାଇ ନେଉଛନ୍ତି। ଅନେକ ଆଦିବାସୀ ଓ ଗରିବ ପରିବାର ମହୁଲ ସଂଗ୍ରହ କରି ନିଜର ବର୍ଷକର ଗୁଜରାଣ ମେଣ୍ଟାଇଥାନ୍ତି। ବର୍ଷା ଯୋଗୁଁ ସେମାନଙ୍କର ଏହି ରୋଜଗାରର ପନ୍ଥା ବନ୍ଦ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।

# ପ୍ରଧାନଶିକ୍ଷକ ସମୂହ ଆଭିମୁଖୀକରଣ କାର୍ଯ୍ୟକ୍ରମ



**ଭଟଲି, ୮।୪(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବ୍ଲକକୁ ଜିଲ୍ଲା ତଥା ରାଜ୍ୟରେ ଶ୍ରେଷ୍ଠ କରିବା ପାଇଁ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମୂହ ଅଭିମୁଖୀକରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ମାଧ୍ୟମିକ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣୀ ତ୍ରିପାଠୀ ଉପସ୍ଥିତ ରହି ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିବା ବେଳେ ବ୍ଲକ ପ୍ଲାନିଂ ସଂଯୋଜକ ପ୍ରକାଶ ଚନ୍ଦ୍ର ସାହୁ ୟୁଡାଇସ୍ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଡ. ମନୋଜ କୁମାର ସାହୁ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରିଥିଲେ।ଏହାସହିତ ବିଦ୍ୟାଳୟ ସମୟ, ଛାତ୍ର ଉପସ୍ଥାପନ, ବାର୍ଷିକ ଯୋଜନା ପ୍ରସ୍ତୁତ, ଗ୍ରୀଷ୍ମ ଅବକାଶ ସମୟରେ ପିଲାଙ୍କ ପ୍ରତି ତୀକ୍ଷ୍ଣ ଧ୍ୟାନ ପ୍ରଦାନ, ବିଦ୍ୟାଳୟରେ ସ୍ମାର୍ଟଟିଭିର ସ୍ମାର୍ଟ ବ୍ୟବହାର, ବିଦ୍ୟାଳୟରେ ଜମା ହୋଇରହିଥିବା ଗ୍ରାଣ୍ଟ ଗୁଡିକର ସଠିକ ବ୍ୟବହାର ତଥା ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ, ପିଲାଙ୍କ ସୁରକ୍ଷା ପ୍ରତି ଧ୍ୟାନ, ପରିଚାଳନା କମିଟି ଗଠନ, ବିପଦପୂର୍ଣ୍ଣ କୋଠରୀ ବିଷୟରେ ବିଭାଗକୁ ଜଣାଇବା ଆଦି ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମପୁରରେ ମିଲେଟ୍ ଆଉଟଲେଟ ଉଦ୍‌ଘାଟିତ



**ପଦ୍ମପୁର, ୮।୪(ସମିସ):** ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଶ୍ରୀଅନ୍ନ ଅଭିଯାନ ଅଧୀନରେ ମିଲେଟ ଆଉଟଲେଟ୍ ଉଦ୍‌ଘାଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଆଉଟଲେଟ ମାଧ୍ୟମରେ ସ୍ଥାନୀୟ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ମିଲେଟ ପଦାର୍ଥଗୁଡ଼ିକୁ ପ୍ରଚାର ଓ ବଜାର ସୁବିଧା ଦେବାର ଉଦ୍ଦେଶ୍ୟ ରହିଛି। ଏହା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ପୌଷ୍ଟିକ ଖାଦ୍ୟ ପ୍ରଚାରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ମନୋଜ କୁମାର ଦେବତା ଯୋଗ ଦେଇ ଆଉଟଲେଟ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଉଦ୍‌ବୋଧନରେ ମିଲେଟ ଉତ୍ପାଦନ ଓ ବ୍ୟବହାରର ଗୁରୁତ୍ୱ ଉପରେ ଜୋର ଦେଇ କହିଥିଲେ ଯେ, ଏହା ଚାଷୀଙ୍କ ଆୟ ବୃଦ୍ଧି କରିବା ସହିତ ଲୋକମାନଙ୍କ ସ୍ୱାସ୍ଥ୍ୟ ସୁଧାରରେ ସାହାଯ୍ୟ କରିବ। କାର୍ଯ୍ୟକ୍ରମରେ ତ୍ରିରଙ୍ଗ ଯୁବକ ସଂଘର ଅଧ୍ୟକ୍ଷ ହୃଦାନନ୍ଦ ନାୟକ, ପରେଶ କୁମାର ବେହେରା ଓ ଯୋଗେଶ୍ୱରୀ ଧରୁଆ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେମାନେ ମିଲେଟ୍ ଆଉଟଲେଟର ସଫଳ ପରିଚାଳନା ପାଇଁ ସମସ୍ତଙ୍କୁ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ବ୍ଲକ ପ୍ରୋଗ୍ରାମ କୋଓର୍ଡିନେଟର ତାରାଣୀସେନ ଦ୍ୱାରୀ ଓ ପ୍ରମୋଦ କୁମାର ସାହୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଆଉଟଲେଟର ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ବିଷୟରେ ମତାମତ ପ୍ରକାଶ କରିଥିଲେ।ମିଶନ ଶକ୍ତି ଅଧୀନ ରାଜବୋରାସମ୍ବର ବ୍ଲକ ସ୍ତରୀୟ ମହାସଂଘର ସଦସ୍ୟମାନେ ବ୍ୟାପକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେମାନଙ୍କ ସକ୍ରିୟ ଭାଗୀଦାରି ଓ ସହଯୋଗ ଫଳରେ ଉଦ୍‌ଘାଟନ ଆୟୋଜିତ ହୋଇଥିଲା। ଏହି ଆଉଟଲେଟ୍‌କୁ ରାଜବୋରାସମ୍ବର ବ୍ଲକସ୍ତରୀୟ ମହାସଂଘର ସଦସ୍ୟମାନେ ପରିଚାଳନା କରିବେ। ଏହି ମିଲେଟ ଆଉଟଲେଟ ଆଗାମୀ ଦିନରେ ଚାଷୀମାନଙ୍କ ପାଇଁ ଏକ ସ୍ଥାୟୀ ବଜାର ସୃଷ୍ଟି କରିବା ସହିତ ମିଲେଟ ଭିତ୍ତିକ ଖାଦ୍ୟ ପ୍ରଚାରରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।

# ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ସମାରୋହ



**ପଦ୍ମପୁର, ୮। ୪(ସମିସ):** ବରିକେଲସ୍ଥିତ ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଓଡିଆ ପକ୍ଷ ସମାରୋହ ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଗତ ୧ ତାରିଖ ରୁ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡିଆ ଗଳ୍ପ, ଓଡିଆ କବିତା, ଓଡିଆ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଓ ପରିବେଶ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟାପିକା ସଂହିତା ବେହେରା ଅତିଥି ପରିଚୟ ସହ ସାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଓଡିଆ ସାହିତ୍ୟ ଭାଷା ଉତ୍କଳୀୟ ସଂସ୍କୃତିର ମୂଳାଧାର ବୋଲି ଅଭିହିତ କରି ଓଡିଆ ସାହିତ୍ୟର ସମ୍ପ୍ରସାରଣରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ର ଓଡ଼ିଆ ଅସ୍ମିତା ବିଷୟରେ ଆଲୋକପାତ କରି ଓଡିଆ ଭାଷାକୁ ଋଦ୍ଧିମନ୍ତ କରିବା ଆମର ଦାୟୀତ୍ୱ ବୋଲି ଆଲୋକପାତ କରିଥିଲେ। ଓଡ଼ିଆ ସାହିତ୍ୟ ଅଧ୍ୟାପକ ସୀତାରାମ ସାହୁ 'ମାତୃଭୂମି ମାତୃଭାଷାରେ ମମତା' ଶୀର୍ଷକ ପାଠକରି'ଓଡିଆ ଭାଷାର ସମ୍ମାନ ଜାତିର ଉତ୍‌ଥାନ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ପୂଜାହାରୀ ପୌଲସ୍ତ୍ୟ ସାହା ଓଡ଼ିଆ ଭାଷାର ସାଭିମାନ ଆମର ସମ୍ମାନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରାଧ୍ୟାପିକା ମନ୍ଦାକିନୀ ପାତ୍ରୀ, ସଂହିତା ବେହେରା ଓ ଡ୍. ବିଭୁତି ଗିରି କଳିଙ୍ଗ ସାହସିକ' ଋଢି ପାଠକରି ଓଡିଆ ଭାଷାର ସୁରଭିକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ଓ ପୁସ୍ତକ ପ୍ରଦାନ କରାଯାଇଥିଲା। ପରିଶେଷରେ ପ୍ରାଧ୍ୟାପକ ଭାଗିରଥୀ ପଣ୍ଡା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜକୁମାର ମଲ୍ଲିକ, ସୁକାନ୍ତ ସାହୁ, ବିଜୟ ରଞ୍ଜନ ମେହେର ଉପସ୍ଥିତ ଥିଲେ।

## ୧୬ ଜୁଆଡି ଗିରଫ

# ୧୨ ବାଇକ୍, ୨ କାର୍ ଜବତ







**ବରଗଡ଼, ୮।୪(ସମିସ)**

ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଘୁଡୁଘୁଡ଼ି ପଟି ଖେଳୁଥିବା ସମୟରେ ବରପାଲି ପୁଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ୧୬ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବରପାଲି ପୁଲିସ। ପ୍ରାପ୍ତସୂଚନା ଅନୁସାରେ, ବରମକେଲା ଓ ଗ୍ରୀନଡୋଲ ମଧ୍ୟରେ ଥିବା ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଘୁଡୁଘୁଡି ପଟି ଖେଳୁଥିବା ସମୟରେ ବରପାଲି ପୁଲିସକୁ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏନେଇ ବରପାଲି ଥାନା ଆଇଆଇସି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ହଠାତ୍ ଚଢଉ କରି ୧୬ ଜଣ ଜୁଆଡିଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କ ଠାରୁ ନଗଦ ୧, ୦୯, ୩୮୦ ଟଙ୍କା, ୧୨ଟି ବାଇକ୍, ୨ ଟି କାର, ୧୨ମୋବାଇଲ ଓ ଘୁଡଘୁଡି ପଟି ସାମଗ୍ରୀ। ଏନେଇ ବରପାଲି ଥାନା କେସ ନମ୍ବର ୧୪୯/୨୬ ମାମଲା ରୁଜୁ ହୋଇ କେସ ତଦନ୍ତ ଚାଲିଛି। ସେମାନେ ହେଲେ ବରଗଡ଼ ଭେଡେନ ଥାନା ଜାଦୋଲର ସଦାଶିବ ମେହେର (୩୫), ବରପାଲି ଥାନା ବରମକେଲା କ୍ଷିରୋଦ ବାଗ(୪୯), ଅତାବିରା ଥାନା ଦଲବି ଉପେନ୍ଦ୍ର ରଣା (୩୫), ବରଗଡ଼ ସଦର ଥାନା ସହଁରାପାଲି ପ୍ରଦୀପ ଝାଙ୍କର (୩୬), ବରପାଲି ଥାନା ଗ୍ରିନ୍ଦୋଲା ଗୋପାଳ କୃଷ୍ଣ ସାହୁ (୪୫), ଭେଡେନ ଥାନା ଲିମଟିକ୍ରା ହେମବନ୍ତ ଗରିଆ (୩୯), ବରପାଲି ଥାନା ବରମକେଲା ନିର୍ମଳ ପଧାନ (୩୮), ବରଗଡ଼ ସଦର ଥାନା ଖଡାହାଟ ମନବୋଧ ନାଗ(୬୧), ବରପାଲି ଥାନା ଗ୍ରୀନଡୋଲା ଲମ୍ବୋଦର ଭୋଇ (୫୦), ବରଗଡ଼ ସଦର ଥାନା ନୂଆଗଡ଼ କେଶବ ସାହୁ (୪୮), ସଦର ଥାନା ନୂଆଗଡ଼ ସୁଆମ ସତୁଆ (୪୨), ଛତିଶଗଡ଼ ଯାଶପୁର ଜିଲ୍ଲା ତୁମୁଲା ଥାନା ସୁନିଲ ଭରଦ୍ୱାଜ (୩୩), ଭେଡେନ ଥାନା ଦଲାବ ଶ୍ୟାମ ସେଠ (୩୧), ସୁନ୍ଦରଗଡ଼ ଜିଲ୍ଲା କିରଜିନକେଲା ଥାନା କରୁଆବାହାଲ ଅନିଲ ରୋହିତଦାସ (୩୦), ଭେଡେନ ଥାନା ବାହାଲପାଲି ଡାକ୍ତରପ୍ରଧାନ (୩୬), ସୁନ୍ଦରଗଡ଼ ଜିଲ୍ଲା କିରଜିନକେଲା ଥାନା କରୁଆବାହାଲ ମହେନ୍ଦ୍ର ରୋହିତଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ବରପାଲି ଥାନାଧିକାରୀ ପ୍ରମୋଦ ସାହୁ କହିଛନ୍ତି।

## ଭେଡେନ୍ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ୍

# ରୟଲ ଚମ୍ପିଅନ ବିଜୟୀ

**ଭେଡେନ, ୮।୪ (ସମିସ):** ଭେଡେନସ୍ଥିତ ରଣଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ରୟଲ ଚମ୍ପିଅନ ଓ ପିସି ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପିସି ଇଲେଭେନ ଷ୍ଟାର ଟସ ଜିତି ରୟଲ ଚାମ୍ପିଅନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ୧୨ଓଭରେ ୬ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା ଜବାବରେ ପିସି ଇଲେଭେନ ଷ୍ଟାର ସମସ୍ତ ଉଇକେଟ ହରାଇ ୧୨୦ରନ ସଂଗ୍ରହ କରିଥିଲା।ଫଳରେ ୩୪ରନରେ ରୟଲ ଚାମ୍ପିଅନ ବିଜୟୀ ହୋଇଥିଲା। ଅନୁଷ୍ଠିତ



ମ୍ୟାଚ୍‌ରେ ଅତିଥିଭାବରେ ଦେବାନନ ବେହେରା ଯୋଗଦାନ କରି ରୟଲ ଚାମ୍ପିଅନ ଦଳର ସୁବ୍ରତ ମହାରଣା ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ପ୍ରଦୀପ ମେହେର ଓ ରାକେଶ ମେହେର ପରିଚାଳନା କରିଥିବା ବେଳେ ମ୍ୟାଚ୍ ରେଫରି ଭାବରେ ଗୁଡ୍ଡୁ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ। ସ୍କୋର ଭାବରେ ରଞ୍ଜନ ନାଏକ ଦାୟିତ୍ୱ ନେଇଥିଲେ। ଖେଳର ଧାରାବିବାରଣୀ ଘନଶ୍ୟାମ ଖେତି ଓ ସୂର୍ଯ୍ୟ କୁମାର ଦେହେରି ପ୍ରଦାନ କରିଥିଲେ। ଏସ୍ପି କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ବାହାନଗା ଆଇସିଡିଏସ୍‌ରେ ଛତୁଆ ଯୋଗାଣରେ ଅନିୟମିତତା ଘଟଣା

# ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେଲା ଶିଶୁ ସୁରକ୍ଷା ବିଭାଗ

ବାଲେଶ୍ୱର, ୮।୪ (ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ଆଇସିଡ଼ିଏସ ପ୍ରକଳ୍ପ ରେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରକୁ ଛତୁଆ ଯୋଗାଣରେ ଅନିୟମିତତା କରାଯିବା ନେଇ "ସକାଳ"ରେ ଖବର ପ୍ରକାଶ ପରେ ଚାଇଲଡ଼୍ ହେଲପ ଲାଇନ ଟିମ ତଦନ୍ତ କରିବା ସହ ତଦନ୍ତ ରିପୋର୍ଟ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଜରିଆରେ ଜିଲ୍ଲା ପାଳଙ୍କୁ ପ୍ରଦାନ କରିଥିବା ଜଣା ପଡ଼ିଛି। ସେପଟେ ପିଲାଙ୍କୁ ଉପବାସରେ ରଖି ସେମାନଙ୍କ ପାଇଁ ସରକାରୀ ଯୋଜନାରେ ମିଳୁଥିବା ଛତୁଆ ନ ମିଳିବା ଘଟଣା ଅତ୍ୟନ୍ତ ସମ୍ବେଦନ ହୋଇଥିବା ସ୍ଥଳେ ଡ଼ିଏସଡ଼ବ୍ଲ୍ୟୁ ଛତୁଆ ଯୋଗାଣକାରୀ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଘଣ୍ଟ ଘୋଡ଼ାଉଥିବା ନେଇ ଅଭିଯୋଗ ହୋଇଛି।

ବାହାନଗା ଆଇସିଡ଼ିଏସ ପ୍ରକଳ୍ପ ଅଧୀନରେ ୨୪୯ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ର ମାଧ୍ୟମରେ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଶୁଖିଲା ଖାଦ୍ୟ ସହ ଛତୁଆ ପ୍ୟାକେଟ ଯୋଗାଯାଉଛି। ଏହି ପ୍ରକଳ୍ପରେ ୧୨୬ ଗୋଟି ଅଙ୍ଗନବାଡି କେନ୍ଦ୍ର ଜରିଆରେ ୧୮୬୦ ଜଣ ଶିଶୁଙ୍କୁ ଝାଡ଼େଶ୍ୱରୀ ସ୍ୱୟଂ ସାହାଯିକା ଗୋଷ୍ଠୀ ଛତୁଆ ଯୋଗାଇବା ପାଇଁ ଦାୟୀତ୍ୱ ନେଇଛନ୍ତି। ସରକାର ପ୍ରତିମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ ପାଇଁ କଞ୍ଚାମାଲର ମିଶ୍ରଣ ତାରିଖ ରୂପେ ଧାର୍ଯ୍ୟ କରିଛନ୍ତି। ଏମିତି କି ମାସର ୧ ତାରିଖ ପୂର୍ବରୁ ଯୋଗାଣକାରୀ ସଂସ୍ଥା ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଜରିଆରେ ପିଲାଙ୍କ ନିକଟରେ ଖାଦ୍ୟ ପହଁଚାଇବାର ନିୟମ ରହିଛି। ହେଲେ ସରକାରୀ ନିୟମକୁ ଉଲଂଘନ କରି ଗତ ମାର୍ଚ୍ଚ ମାସ ପାଇଁ ଛତୁଆ ଯୋଗାଣକାରୀ ସଂସ୍ଥା ୧୯ ତାରିଖ ପର୍ଯ୍ୟନ୍ତ ଛତୁଆ ଯୋଗାଣ କରିନଥିଲେ। ଏମିତି କି ଛତୁଆ ଯୋଗାଣ ନକରି ବିଳମ୍ବରେ ଯୋଗାଇ ଆସନ୍ତା ମାସ ଯୋଗାଇଥିବା ଦର୍ଶାଇ ଫଲସ ବିଲ ପାଇଁ ମସୁଧା କରାଯାଉଥିବାର ହିତାଧିକାରୀଙ୍କ ପରିବାର ଅଭିଯୋଗ ଆଣିଥିଲେ। ପରେ "ସକାଳ' ପକ୍ଷରୁ ଅନୁସନ୍ଧାନ କରାଯିବା ପରେ ପ୍ରକୃତରେ ମାସର ୧୯ ଦିନ ପରେ ବି ଶିଶୁଙ୍କୁ ଛତୁଆ ମିଳିନଥିବାର ପ୍ରମାଣ ମିଳିଥିଲା। ହେଲେ ବାହାନଗା ଆଇସିଡ଼ିଏସ ପ୍ରକଳ୍ପର ଭାରପ୍ରାପ୍ତ ସିଡ଼ିପିଓ ଦମୟନ୍ତୀ ହେମ୍ବ୍ରମ କାର୍ଯ୍ୟ ସନ୍ଦେହ ଘେରକୁ ଆସିଥିଲା। ସିଡ଼ିପିଓ କୌଣସି ବିଭାଗୀୟ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ନଜଣାଇ ଛତୁଆ ଯୋଗାଣକାରୀ ସଂସ୍ଥା ସହ ହାତ ମିଳାଇ ଚୁପ ବସିଥିବାର ଅଭିଯୋଗ ଉଠିଥିଲା। ଏ ନେଇ ଗତ ମାର୍ଚ୍ଚ ୨୧ ତାରିଖରେ 'ସକାଳ'ରେ "ବାହାନଗା ବ୍ଲକରେ ଛତୁଆ ବଣ୍ଟନ ବନ୍ଦ, ଛତୁଆ ନ ବାଣ୍ଟି ଫଲସ ବିଲ ପାଇଁ ମସୁଧା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ଆକ୍ସନ ମୋଡ଼କୁ ଆସିଥିଲା ଶିଶୁ ସୁରକ୍ଷା ବିଭାଗ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଚାଇଲଡ଼୍ ହେଲ୍ପଲାଇନର ଟିମ ବାହାନଗା ଆଇସିଡ଼ିଏସ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରେ ଘଟଣାର ସତ୍ୟତା ଥିବାର ଜାଣିବାକୁ ପାଇଥିବା ବେଳେ ଭାରପ୍ରାପ୍ତ ସିଡ଼ିପିଓ ଏବଂ ସୁପରଭାଇଜର ମାନଙ୍କର ଅବହେଳାର ଚିତ୍ର ସାମ୍ନାକୁ ଆସିଥିଲା। ଏନେଇ ଶିଶୁଙ୍କ ଖାଦ୍ୟକୁ ସଠିକ ସମୟରେ ଦିଆ ଯାଉନଥିବାର ଜଣା ପଡ଼ିବା ପରେ ଏହି ତଦନ୍ତକାରୀ ଟିମ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବାର ଜଣାପଡ଼ିଛି। ସେପଟେ ଏହି ଯୋଗାଣକାରୀ ସଂସ୍ଥା ପ୍ରତିମାସ ବିଳମ୍ବରେ ଛତୁଆ ଏବଂ ଶୁଖିଲା ଖାଦ୍ୟ ଯୋଗାଣରେ ବିଳମ୍ବ କରିବା ସହ ଓଜନରେ ହେରାଫେରି କରୁଥିବାର ଅନେକ ଅଙ୍ଗନବାଡି କର୍ମୀ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହଁ ଛତୁଆ ଯୋଗାଉଥିବା ଯୋଗାଣକାରୀ ସଂସ୍ଥା ଯୋଗାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଶିଶୁମାନେ ଖାଇବା ପାଇଁ ଅମଙ୍ଗ ହେଉଛନ୍ତି, ବାଧ ହୋଇ ଏହି ଛତୁଆ ଗୋରୁ ଏବଂ ଛେଳିଙ୍କୁ ଖାଇବାକୁ ଦେବାକୁ ବାଧ ହେଉଛୁ ବୋଲି ଶିଶୁଙ୍କ ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ଏପରିସ୍ଥଳେ ଡ଼ିଏସଡବ୍ଲ୍ୟୁ ଜ୍ୟୋସ୍ନା ମହାନ୍ତି ଏବଂ ଭାରପ୍ରାପ୍ତ ସିଡ଼ିପିଓ ଦମୟନ୍ତୀ ହେମ୍ବ୍ରମଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଛତୁଆ ଯୋଗାଣକାରୀ ସଂସ୍ଥା ନିମ୍ନ ମାନର ଛତୁଆ ଯୋଗାଇବା, ବର୍ଷ ବର୍ଷ ଧରି ସଠିକ ସମୟରେ ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଣ କରୁନଥିବା ସ୍ଥଳେ କୌଣସି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶିଶୁଙ୍କୁ ନିମ୍ନ ମାନର ଖାଦ୍ୟ ଯୋଗାଇ ସରକାରୀ ଅର୍ଥକୁ ବାଟ ମାରଣା କରାଯିବା ଏବଂ ଏଥିରେ ଉଭୟ ଡ଼ିଏସବ୍ଲ୍ୟୁ ଏବଂ ସିଡ଼ିପିଓଙ୍କ ସମ୍ପୃକ୍ତି ଥିବା ନେଇ ଅଭିଭାବକ ମାନେ ଅଭିଯୋଗ ଆଣିଛନ୍ତି। ସେପଟେ ଭାରପ୍ରାପ୍ତ ସିଡ଼ିପିଓ ଦମୟନ୍ତୀ ହେମ୍ବ୍ରମ ସଫେଇ ଦେଇ ଛତୁଆ ଯୋଗାଣ କାରୀ ସଂସ୍ଥା ଆମ କଣ୍ଟ୍ରୋଲରେ ନାହିଁ, ଆମେ କାରଣ ଦର୍ଶାଅ ନୋଟିସ ଦେଇ ଦେଇ ଫାଇଲ ଭର୍ତ୍ତି କରୁଛୁ, ସେ ଉପରେ ଉପରେ ସେଟିଙ୍ଗରେ ଅଛି କହିବା ଡ଼ିଏସଡବ୍ଲ୍ୟୁଙ୍କୁ ବିବାଦ ଘେରକୁ ଟାଣି ଆଣିଛି। ଓଜନରେ ହେରାଫେରି, ନିମ୍ନ ମାନର ଖାଦ୍ୟ ଯୋଗାଣ, ଯୋଗାଣରେ ବିଳମ୍ବ କରି ଫଲସ ବିଲ ପାଇଁ ମସୁଧା ଭଳି ଗୁରୁତର ଅଭିଯୋଗ ଉଠିବା, ଜିଲ୍ଲା ସ୍ତରୀୟ ଟିମ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ ବି ଡ଼ିଏସଡ଼ବ୍ଲ୍ୟୁଙ୍କ ନିଦ ଭାଙ୍ଗୁନି। ଭାରପ୍ରାପ୍ତ ସିଡ଼ିପିଓ ଦମୟନ୍ତୀ ହେମ୍ବ୍ରମ ଛତୁଆ ଯୋଗାଣକାରୀ ସଂସ୍ଥାର ଅନିୟମିତତା ରିପୋର୍ଟ ଦୀର୍ଘ ଦିନ ପରେ ବି ଡ଼ିଏସଡବ୍ଲ୍ୟୁଙ୍କୁ ପ୍ରଦାନ ନକରିବା ଘଟଣାରେ ଡ଼ିଏସଡ଼ବ୍ଲ୍ୟୁ ସିଡ଼ିପିଓଙ୍କ ବିରୁଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାପଡ଼ିଛି। ଝାଡେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ଯୋଗାଣକାରୀ ସଂସ୍ଥା ବିରୁଧରେ ଅଭିଯୋଗର ଫର୍ଦ୍ଦ ବଢୁଥିବା ବେଳେ ଅଭିଯୋଗ ସତ ହୋଇଥିଲେ ସାଙ୍ଘାତିକ। ଏପରିସ୍ଥଳେ ଛତୁଆ ଯୋଗାଣକାରୀ ସଂସ୍ଥା ବିରୁଧରେ ବିଭାଗୀୟ ତଦନ୍ତ କରାନଯିବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଛତୁଆ ଯୋଗାଣକାରି ସଂସ୍ଥାଙ୍କ ସହ ସିଡ଼ିପିଓ ଏବଂ ଡ଼ିଏସଡବ୍ଲ୍ୟୁଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନର ଢୁ ପାଉନି ବୋଲି ଚର୍ଚ୍ଚା ଜୋର ଧରିଛି।

## ଭୁଜାଖିଆ ପୀର ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ



ବାଲେଶ୍ୱର,୮।୪(ସମିସ): ବାଲେଶ୍ୱର ଜିଲ୍ଲାର ଭାଇଚାରାର ପ୍ରତୀକ ସହରର ସୁନହଟ ସ୍ଥିତ 'ବାବା ଭୁଜାଖିଆ ପୀର'ଙ୍କ ତିନିଦିନିଆ ୮୨ତମ ବାର୍ଷିକ ଉତ୍ସବ 'ଉର୍ସ' ଆଜି ଉଦଘାଟିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନରେ ଗୋସାଲ,କୋରାନ ପାଠ, ମିଲାତ ସରିଫ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳୁ ସ୍ଥାନୀୟ ପରମିଟ ଘାଟରୁ ପାଣି ଅଣାଯାଇ ବାବାଙ୍କ ଆସ୍ଥାନକୁ ପବିତ୍ର କରାଯିବା ପରେ ଚାଦର ଚଢାଯିବା ସହ ସାମୂହିକ କୋରାନ ପାଠ କରାଯାଇଥିଲା। ବିହାର ଅମଜେର ସରିଫର ଧର୍ମଗୁରୁ ହଜରତ ସୟେଦ ଜମଲୁଦ୍ଦିନ ଆବେଦୁଲ କାଦ୍ରୀ ଏହି ଗୋସାଲ କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ସମସ୍ତଙ୍କ ମଙ୍ଗଳକାମନା କରିଥିଲେ। ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରାର୍ଥନା କରିବା ସହ ଭୋଗ ଲଗାଇଛନ୍ତି। ବାବାଙ୍କ ନିକଟରେ ପ୍ରାୟତଃ ମୁଢି ବା ଭୂଜା ଭୋଗ ଆକାରରେ ଲଗାଯାଇଥାଏ। ଏହା ସହିତ ପୀଠରେ ଲଡୁ, ଗଜା, କୋରା, ଖଜା ଇତ୍ୟାଦି ଶୁଖିଲା ମିଷ୍ଟାନ୍ନ ଭୋଗ ଲଗାଯିବାର ବିଧି ରହିଛି। ଦ୍ୱିତୀୟ ଦିବସ ପ୍ରାତଃକାଳରେ ସାମୂହିକ କୋରାନ ପାଠ ସାଙ୍ଗକୁ ବାବାଙ୍କ ଆସ୍ତାନରେ ଚଦର ଚଢ଼ାଇବା କାର୍ଯ୍ୟକ୍ରମ ଜାରି ରହିବ। ତୃତୀୟ ଦିବସ ସକାଳଠାରୁ ରାତିସାରା ବାବାଙ୍କ ଆସ୍ତାନରେ ଚାଦର ଚଢାଇବା କାର୍ଯ୍ୟକ୍ରମ ସହ ଫାତେହା ଓ ଶିରଣୀ ବିତରଣ ଓ ମୌଲବୀଙ୍କ ଦ୍ୱାରା ବକ୍ତୃତା କାର୍ଯ୍ୟକ୍ରମ ଓ କବିତା ପାଠ ପର୍ବ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଶେଖ ଜାହିରୁଦ୍ଦିନ ପ୍ରକାଶ କରିଛନ୍ତି।

## ଶିକ୍ଷକ ସମନ୍ୱୟ ସମିତିର ପଞ୍ଚଦଶ ପ୍ରତିଷ୍ଠା ଦିବସ



ବାଲିଆପାଳ, ୮।୪ (ସମିସ): ଶିକ୍ଷକ ମାନଙ୍କର ଥିବା ବିଭିନ୍ନ ସମସ୍ୟା ସରକାରଙ୍କ ପାଖରେ ପହଞ୍ଚାଇବା, ଶିକ୍ଷକ ମାନଙ୍କ ମଧ୍ୟରେ ଏକତାକୁ ବଜାୟ ରଖିବା, ପୂଜ୍ୟପୂଜାର ସଂସ୍କୃତିକୁ ଦ୍ୱିଗୁଣିତ କରିବା, ଶିକ୍ଷକ ବର୍ଗୀକରଣର ସମାନତା ରକ୍ଷା କରି ଶିକ୍ଷକଙ୍କୁ ଚାପ ମୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଶିକ୍ଷକ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ବ୍ଲକରେ ବିଭିନ୍ନ ବିଦ୍ୟାଳୟରୁ ନେଇଥିବା ୩୭ ଜଣ ଅବସରପ୍ରାପ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ସମିତିର ସଭାପତି ବିଶ୍ୱମ୍ଭର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସରେ ମୁଖ୍ୟଅତିଥି ଭାବେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟବକ୍ତା ଧ୍ରୁବ ଚରଣ ସଂସ୍କୃତ କଲେଜର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ, ସମିତିର ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଆଦିତ୍ୟ କୁମାର ରାଉତ, ମନ୍ମଥ କୁମାର ବିଶ୍ୱାଳ, ପ୍ରଭାତ ରଞ୍ଜନ ସାହୁ, ସମିତିର ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ଆବାହକ ସୁଶାନ୍ତ କୁମାର ଗିରି, ସଦସ୍ୟ ସିଆରସିସି ଯଶୋବନ୍ତ ଜେନା, ଶିକ୍ଷକ ପ୍ୟାରିମୋହନ ବିଶ୍ୱାଳ, ସୁବାଷ ଚନ୍ଦ୍ର ଭଞ୍ଜ, ଦିଲ୍ଲୀପ କୁମାର ସାହୁ, ଶିବଶଙ୍କର ମୁଜୁମଦାର ମଞ୍ଚାସିନ ଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ମହାନ୍ତି ମନ୍ତ୍ରପାଠ କରିଥିବା ବେଳେ ନିତାଇ ଚରଣ ରାଉଳ ଅତିଥି ପରିଚୟ ଏବଂ ମଞ୍ଚ ଆହ୍ୱାନ କରିଥିଲେ। ବ୍ୟୋମକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନବ ନିଯୁକ୍ତ ସିଆରସିସିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶିକ୍ଷକ ବିଜୟ ବାରିକ, ସନ୍ତୋଷ ଜେନା, ଉତ୍ତମ ପାତ୍ର, ପ୍ରଦୀପ ପଣ୍ଡା, ରବୀନ୍ଦ୍ର ପଣ୍ଡାଙ୍କ ସମେତ ଗଦାଧର ଗିରି ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୮।୪ (ସମିସ): ବାଲିଆପାଳ ବ୍ଲକ କଣ୍ଟାଡିହା ଗ୍ରାମର ଜଣାଶୁଣା ସମାଜସେବୀ ଅଞ୍ଜନ କୁମାର ବେହେରାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ପୌରହିତ୍ୟ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏତଦବ୍ୟତୀତ ସ୍ୱର୍ଗତ ବେହେରାଙ୍କ ବଡ଼ଭାଇ ପୂର୍ଣ୍ଣଚନ୍ଦ୍ର ବେହେରା, ମଝିଆଁ ଭାଇ ଘନଶ୍ୟାମ ବେହେରା ଚନ୍ଦନ କୁମାର ବେହେରା ପୁତ୍ରରା ମାନସ, ଦୁଇ ଝିଅ, କୁନି ପୁଅପତ୍ନୀ ସହ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଏବଂ ସୁବର୍ଣ୍ଣରେଖା ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟକୁମାର ଜେନା, ବନ୍ଧୁ ଅନାଦି ଚରଣ ଗିରି, ଅରବିନ୍ଦ ସାମଲ, କମଳଲୋଚନ ସାମଲ, ଝାଡେଶ୍ୱର ପ୍ରଧାନ, ବୀର ମାଧବ ଦାସ, ଅଜୟ ପ୍ରଧାନ, ଶାନ୍ତନୁ ଭଦ୍ର, ଗଙ୍ଗାଧର ରଣା, ଘନଶ୍ୟାମ ବେହେରା, କାଳିପଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ତାଳଗଛ କଟାବେଳେ ମାଡ଼ି ବସିଲେ ସାଂସଦ



ନୀଳଗିରି, ୮।୪ (ସମିସ): ନୀଳଗିରି ଗୋପିନାଥପୁ ରେ ଥିବା ଗ୍ରାମୀଣ ଉଦ୍ୟୋଗ ପାର୍କ ପରିସରରେ କିଛି ଗ୍ରାମବାସୀ ବେଆଇନ ଭାବେ ଏକ ତାଳ ଗଛ କାଟି ଦେଇଥିବା ବେଳେ ଅନ୍ୟ ଏକ ତାଳ ଗଛର ଅଗ୍ରଭାଗକୁ ମଧ୍ୟ କାଟି ପକାଇଥିଲେ। ଗ୍ରାମୀଣ ଉଦ୍ୟୋଗ ପାର୍କ ର ସଭାନେତ୍ରୀ କ'ଣ ପାଇଁ ତାଳ ଗଛ କାଟୁଛ ବୋଲି ପ୍ରତିବାଦ କରିବାରୁ ଆମେ ଗଛ କାଟିବା ପାଇଁ ନିର୍ଦ୍ଦେଶ ପାଇଥିବାର ପ୍ରକାଶ କରିଥିଲେ। ଏ ନେଇ ସଭାନେତ୍ରୀ ସଙ୍ଗେ ସଙ୍ଗେ ବାଲେଶ୍ୱର ସାଂସଦଙ୍କୁ ଜଣାଇବା ପରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଘଟଣା ସ୍ଥଳରେ ପହଞ୍ଚି ତାଳ ଗଛ କଟା ଯାଇଥିବାର ଦେଖିବାକୁ ପାଇଲା ପରେ ତୁରନ୍ତ ନୀଳଗିରି ବନ ବିଭାଗ, ପୋଲିସ, ନିର୍ବାହୀ ଅଧିକାରୀଙ୍କୁ ଘଟଣା ସ୍ଥଳକୁ ଡ଼କାଇଥିଲେ। ବନ ବିଭାଗ ପକ୍ଷରୁ କଟା ଯାଇଥିବା ତାଳ ଗଛର ମାପଚୁପ କରିବା ସହ ଏହି ଗଛ କଟାରେ ଯେଉଁ ମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନ ବିଭାଗକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସ୍ଥାନରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହେବାକୁ ଥିବାବେଳେ ତଳ ଗଛଟି କାଳେ ବାଧକ ସାଜିଥିଲା, ସେଥି ପାଇଁ କଟା ଯାଇଥିବାର ଶୁଣିବାକୁ ମିଳୁଛି। ମାତ୍ର ତାଳ ଗଛ ଲଗାଇବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରଚଳନ କରିଥିବା ବେଳେ କୌଣସି ଆଦେଶ ନ ଆଣି କାଟିବା ଚୋରି କରିବା ସହ ସମାନ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜଳେଶ୍ୱରରେ ନର୍ଥ ଓଡ଼ିଶା ସ୍କେଟିଂ ଏକାଡେମୀ ଗଠିତ




ଜଳେଶ୍ୱର ବ୍ଲକ, ୮।୪ (ସମିସ): ଉତ୍ତର ଓଡ଼ିଶାରେ ସ୍କେଟିଙ୍ଗର ପ୍ରଶିକ୍ଷଣ ଓ ଖେଳାଳୀ ମାନଙ୍କ ମଧ୍ୟରେ ଏହି କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଆଜି ଅପରାହ୍ନରେ ଜଳେଶ୍ୱରରେ ନର୍ଥ ଓଡ଼ିଶା ସ୍କେଟିଂ ଏକାଡେମୀ ଗଠିତ ହୋଇଛି। ଆଜି ଏକ ଜରୁରୀ ବୈଠକ ପଞ୍ଚୁଘଣ୍ଟା ଠାରେ ବରିଷ୍ଠ ଆଇନଜୀବୀ ସୁକୁମାର ରଣାଙ୍କ ପୌରହିତ୍ୟରେ ଅନଷ୍ଠିତ ହୋଇଥିଲା। ଆଗାମୀ ୩ ବର୍ଷ ପାଇଁ ସର୍ବସମ୍ମତ ପାଇଁ ଏକାଡେମୀର କର୍ମକର୍ତ୍ତା ମନୋନୟନ କରାଯାଇଛି। ସଭାପତି ରୂପେ ସୁକୁମାର ରଣା, ଉପସଭାପତି ରୂପେ ଗୀତାଶ୍ରୀ ଦେ ଓ ଜଗନ୍ନାଥ ରାଉଳ,ସାଧାରଣ ସମ୍ପାଦକ ରୂପେ ଭୂପତି ଭୋଇ, ସମ୍ପାଦକ ରୂପେ ଆରତୀ ଦାସ,ଯୁଗ୍ମ ସମ୍ପାଦକ ରୂପେ ପଦ୍ମିନୀ ଦାଶ, ସହ ସମ୍ପାଦକ ରୂପେ ରାନୁ ପରିଡ଼ା ଓ କୋଷାଧ୍ୟକ୍ଷ ରୂପେ ସଂଯୁକ୍ତା ଭୋଇଙ୍କୁ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ରୂପେ ସିମାଶ୍ରୀ ଜେନା, ତପସ୍ୱିନୀ ସାହୁ, ଦେବକୀ ଜେନା, ସୂର୍ଯ୍ୟାସ୍ନାତା ଭୋଇ ଓ ସୁମନ୍ତ ଦେଙ୍କୁ ମନୋନୀତ କରାଯାଇଥିଲା। ଏହି ଏକାଡେମୀର କୋଚ୍ ରୂପେ ଭୁବନେଶ୍ୱରର ଜାତୀୟ ସ୍ତରର ସ୍କେଟିଙ୍ଗ କ୍ରୀଡାବିତ୍ ଅଭିଜିତ୍ ସ୍ୱାଇଁଙ୍କୁ ଗ୍ରହଣ କରାଯାଇଥିଲା। ଶେଷରେ ସ୍କେଟିଙ୍ଗ କ୍ଷେତ୍ରରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ବିଜେତା ରୋହିତ୍ ଭୋଇ ଧନ୍ୟବାଦ ଅର୍ପଣ କରିବା ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

## ଅଗ୍ନିବିପନ୍ନ ପରିବାରକୁ ସହାୟତା କଲେ ବ୍ଲକ୍ କଂଗ୍ରେସ ସଭାପତି



ନୀଳଗିରି, ୮।୪ (ସମିସ): ନୀଳଗିରି ବ୍ଲକ ଗରଡି ପଞ୍ଚାୟତ ଚାଇଁନ୍ଦର ଗାଁରେ ଗତ ରବିବାର ଏକ ଆଦିବାସୀ ଘରେ ନିଆଁ ଲାଗିଥିଲା। ବିପନ୍ନ ପରିବାରକୁ କଂଗ୍ରେସ ବ୍ଲକ୍ ସଭାପତି ତପନ କୁମାର ରାଉତ ପରିବାର ପାଖରେ ପହଞ୍ଚି ସାହାଯ୍ୟ କରିଥିବା ଜଣାଯାଇଛି। ସୂଚନାରୁ ଜଣାପଡିଛି, ଉକ୍ତ ଗ୍ରାମର ସ୍ୱର୍ଗତ ଛାଟିଆ ସିଂଙ୍କ ସ୍ତ୍ରୀ ସୁଷମା ସିଂଙ୍କ ଘର ପୋଡ଼ିଯାଇଥିବା ଖବରପାଇ ତାଙ୍କ ଘର ପହଂଚି ଶ୍ରୀ ରାଉତ ଶୁଖିଲାଖାଦ୍ୟ ଓ ଲୁଗାପଟା କିଣିବାପାଇଁ କିଛି ଆର୍ଥିକ ସହାୟତା କରିଛନ୍ତି। ଏଥିସହିତ ତୁରନ୍ତ ସରକାରୀ ସହାୟତା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ଫୋନରେ ଯୋଗାଯୋଗ କରି ତଦନ୍ତ ପୂର୍ବକ ଯଥାଶୀଘ୍ର ସହାୟତା ଯୋଗାଇଦେବାକୁ ଦାବୀ କରିଛନ୍ତି। ଅନ୍ୟପକ୍ଷରେ ସୁଷମା ସିଂଙ୍କ ନାମରେ ଆସିଥିବା ଆବାସଗୃହଟି ମାତ୍ର ଗ୍ରେଡବିମ୍ ପଡିଯାଇଥିଲେ ମଧ୍ୟ ତାଙ୍କ ନାମରେ ଆସିଥିବା ଟଙ୍କାକୁ ଠିକାଦାର ହଡପ କରିନେଇଛି ବୋଲି ଶ୍ରୀମତୀ ସିଂ ଅଭିଯୋଗ କରିଛନ୍ତି। ଗରଡି ଗ୍ରାମପଂଚାୟତ କଂଗ୍ରେସ ସଭାପତି ଚୈତନ୍ୟ ନାୟକ, ବରିଷ୍ଠ କଂଗ୍ରେସ ନେତା ଭାସ୍କର ମହାପାତ୍ର ଓ ଲମ୍ବୋଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟେନରରେ ପିଟି ହୋଇ ଦୁଇ ଗୁରୁତର

ରାଜଘାଟ, ୮।୪ (ସମିସ): ଛିଡା ହୋଇଥିବା କଣ୍ଟେନରକୁ ଧକ୍କା ଦେଇ ଦୁଇ ଜଣ ଗୁରୁତର। ଆଜି ଦିନ ଚାରିଟା ସମୟରେ ଶ୍ରୀରାମପୁର ପଞ୍ଚାୟତର ପୁରାଣ ଗ୍ରାମର ଜୟକୃଷ୍ଣ ଜେନା ଏବଂ ତାଙ୍କର ପୁତ୍ର ଯୁଧିଷ୍ଠିର ଜେନା ସ୍କୁଟି ଯୋଗେ ବସ୍ତା ବଜାର ଆସୁଥିବା ବେଳେ,ବାହାର୍ଦା ଥାନା ସମ୍ମୁଖରେପୋଲିସ ଦ୍ୱାରା ଜବତ ହୋଇରହିଥିବା କଣ୍ଟେନର ପଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପ ପୁଅ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତା କ୍ରମେ ଉଭୟଙ୍କୁ ବସ୍ତା ଚିକିତ୍ସାଳୟକୁ ପଠାଯାଇ ଥିବା ବେଳେ ଅଧିକ ଗୁରୁତର ଥିବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ନୀଳଗିରି ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର




ନୀଳଗିରି, ୮।୪ (ସମିସ): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡିଆ ପକ୍ଷପାଳନ ଅବସରରେ ୟୁଥ୍ ରେଡ କ୍ରସ, ରେଡ ରିବନ୍ କ୍ଲବ୍ ଓ ଜାତୀୟ ସେବା ଶିବିର ତରଫରୁ ମିଳିତ ଭାବରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୁନର୍ବାର ନବନିଯୁକ୍ତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା ଓ ନୀଳଗିରି ରକ୍ତଦାତା ସଂଘର ଚେୟାରମ୍ୟାନ ବିଜୟ କୁମାର ପାତ୍ର ଉଦଘାଟନ କରିଥିଲେ। ନୀଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ମେଡ଼ିକାଲ ଟିମ୍ ଉକ୍ତ ରକ୍ତଦାନକୁ ସୁଚାରୁ ରୂପେ ସଂପନ୍ନ କରିଥିଲେ। ଏହି ରକ୍ତଦାନ ଶିବିରରେ ୨୩ ୟୁନିଟ ରକ୍ତ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ୟୁଥ୍ ରେଡ କ୍ରସ ଓ ଜାତୀୟ ସେବା ଶିବିରର କାଉନସେଲର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଓ ଅଧ୍ୟାପିକା ମୌସୁମୀ ଭୋଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜଳେଶ୍ୱର ପୌରପରିଷଦ ତରଫରୁ ଜଳଛତ୍ର ବ୍ୟବସ୍ଥା

ଜଳେଶ୍ୱର, ୮।୪ (ସମିସ): ଗ୍ରୀଷ୍ମ ପ୍ରବାହ ସହିତ ଜଳକ୍ଲଷ୍ଟ ଧିରେ ଧିରେ ବଢିବାରେ ଲାଗିଛି। ଆଗାମୀ ସମୟରେ ଅଧିକ ଗ୍ରୀଷ୍ମ ପ୍ରବାହ ଓ ପାନୀୟ ଜଳର ଅଭାବ ପରିଲକ୍ଷିତ




ହେବାର ଅନୁଭବ କରି ଜଳେଶ୍ୱର ପୌରପରିଷଦ ପକ୍ଷରୁ ୧୭ଟି ୱାର୍ଡର ୧୧ଟି ସ୍ଥାନରେ ସହରବାସୀ ତଥା ଜଳେଶ୍ୱର ସହରକୁ ଆସୁଥିବା ଜନସାଧାରଣ ତଥା ପଥଚାରୀ ମାନଙ୍କ ପାଇଁ ଜଳଛତ୍ର ଖୋଲାଯିବା ସହିତ ବୁଲା ଗୋରୁ, ଗାଇ, ଛେଳି, କୁକୁର ଇତ୍ୟାଦିଙ୍କ ପାଇଁ ରାସ୍ତାର ଗଛ ମୂଳ ଓ ରାସ୍ତା ପାଶ୍ୱର୍ରେ ଥିବା ଛକ ଜାଗା ମାନଙ୍କରେ ଜଳପାତ୍ର ରଖି ପାନୀୟ ଜଳର ଅଭାବ ମେଣ୍ଟାଇବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ପକ୍ଷୀ ମାନଙ୍କ ପାଇଁ ବୃକ୍ଷ ଡାଳରେ ଜଳପାତ୍ର ରଖି ସେମାନଙ୍କ ପାଇଁ ମଧ୍ୟ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ମାନବ ମାନଙ୍କ ପାଇଁ ୧୧ଟି ସ୍ଥାନରେ ଓ ପଶୁପକ୍ଷୀ ମାନଙ୍କ ପାଇଁ ୨୦ଟି ସ୍ଥାନରେ ପାନୀୟ ଜଳର ବ୍ୟବସ୍ଥାକୁ ଆଜି ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, କାଉନସିଲର ଶିବନାରାୟଣ ମହାପାତ୍ରଙ୍କ ସହିତ ଜନସାଧାରଣ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭେଲୋରା ଛକ ପାଲଟିଛି ଦୁର୍ଘଟଣା ଜୋନ୍

ରାଜଘାଟ, ୮।୪ (ସମିସ)



- ୧୫ ବର୍ଷ ହେଲା ସରୁନି ନିର୍ମାଣ କାର୍ଯ୍ୟ
- ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା
- ରାଜପଥ କର୍ତ୍ତୃପକ୍ଷଙ୍କ ଠିକାଦାର ପ୍ରତି ଅହେତୁକ ଦରଦ

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ଭେଲୋରା ଛକ ସାଜିଛି ଦୁର୍ଘଟଣା ଜୋନ୍। ଦୀର୍ଘ ୧୫ ବର୍ଷ ଧରି ଅଣ୍ଡରପାସ ନିର୍ମାଣ ନ ସରିବାରୁ ସ୍ଥାନୀୟ ଲୋକଙ୍କ ପାଇଁ ଉଦିଷ୍ଟ ଥିବା ସ୍ଲୀପ ରୋଡ ଏବେ ସାଜିଛି ମୁଖ୍ୟ ରାସ୍ତା। ଏହି ସ୍ଲୀପ ରୋଡ଼ର ଦୁଇପାଖ ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି ବିଭିନ୍ନ ସ୍ଥାନରେ କଂକ୍ରିଟ ଫାଟି ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି ଫଳରେ ଦୁର୍ଘଟଣା ଘଟୁଛି। ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ପାଣି ନିଷ୍କାସନ ହୋଇପାରୁନି ଫଳରେ ରାସ୍ତରେ ପାଣି ଛିଡା ହୋଇ ରହୁଛି ଫଳରେ ଗାଡି ଚାଳକ ଜାଣି ନ ପାରି ଗର୍ତ୍ତରେ ପଡୁଛି ଫଳରେ ଦୁର୍ଘଟଣାର ଅନ୍ୟ ଏକ କାରଣ ସାଜିଛି। ସେହିପରି ନିର୍ମାଣରେ ବ୍ୟବହୃତ ହୋଇଥିବା ଲୁହା ଛଡ ସବୁ ବାହାରି ଉପର ମୁହାଁ ହୋଇରହିଛି। ଫଳରେ ଗାଡି ଚକରେ ବାଜି ପମ୍ପଚର ହୋଇ ଦୁର୍ଘଟଣାର ଏନ୍ୟ ଏକ କାରଣ ସାଜିଛି। ଏଭଳି ଶୋଚନୀୟ ରାସ୍ତାକୁ ରାଜନେତା, ସରକାରୀ ବାବୁ, ରାଜପଥ କର୍ତ୍ତୃପକ୍ଷଙ୍କ ଗୋଚରରେ ଥିଲେବି କେହି ନ ଜାଣିଲା ପରି ମନେ ହେଉଛି। ସବୁଠାରୁ ବଡ଼କଥା ୧୫ବର୍ଷ ଧରି ସରୁନି ଭେଲୋରା ଗଳାପୋଲ ନିର୍ମାଣ କାର୍ଯ୍ୟ, ନିର୍ମାଣ କାର୍ଯ୍ୟ ଅବଧିର ୩ ବର୍ଷ ପରେବି ଅସମ୍ପୂର୍ଣ, ପ୍ରତିଦିନ ଘଟୁଛି ଦୁର୍ଘଟଣା। ଆଜକୁ ୧୫ବର୍ଷ ଧରି ଅଣ୍ଡରପାସର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ରାଜ୍ୟ ସରକାର ଏବଂ ବାଲେଶ୍ୱର ଜିଲା ପ୍ରଶାସନର ଢିଲାପଣ ଏବଂ ଠିକାଦାର ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ଯୋଗୁଁ ଦୀର୍ଘ ବର୍ଷ ଧରି କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ସହ ବାରମ୍ବାର ଠିକାଦାର କମ୍ପାନୀ ବିଭିନ୍ନ ଆଳ ଦେଖାଇ ସମୟ ସୀମା ବଢ଼ିବାରେ ଲାଗିପଡିଛନ୍ତି। ୨୦୨୩ମାର୍ଚ୍ଚ ଶେଷ ସୁଦ୍ଧା ଶେଷ ସମୟ ନେଇଥିଲା ମାତ୍ର ସମୟ ସୀମାରେ ୩ବର୍ଷ ବିତି ଯାଇଥିଲେହେଁ ଅଦ୍ୟାବଧି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ଏହି ନିର୍ମାଣ କାର୍ଯ୍ୟ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ବନ୍ଦ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରତିଦିନ ଦୁର୍ଘଟଣା ଘଟିଚାଲିଛି। ରାଜ୍ୟ ପରିବହନ ବିଭାଗ ଏବଂ ପୁଲିସ ପ୍ରଶାସନ ରାଜ୍ୟରେ ଦୁର୍ଘଟଣା ହ୍ରାସ ପାଇଁ ସଚେତନତା ସହ ମୋଟର ଯାନ ଆଇନ ଖିଲାପିକାରୀଙ୍କ ବିରୋଧରେ ଜୋରିମାନା ମଧ୍ୟ ଆଦାୟ କରିଥାନ୍ତି ମାତ୍ର ଏହି ଆଇନ ଏଠାରେ ଆକାମୀ, ପରିବହନ ବିଭାଗର ଟେକନିକାଲ ଟିମ ଏହି ସ୍ଥାନ ପରିଦର୍ଶନ କରିବା ସହ ପ୍ରତିଦିନ ଯାଉଥିବା ଶହ ଶହ ଯାନ ଏହି ଗର୍ତ୍ତ ଯୋଗୁଁ ଥରେ ବ୍ରେକ ମାରିଲେ କେତେ ଟାୟାର ଏବଂ ତେଲ କେତେ ଖର୍ଚ୍ଚ ହେଉଛି ସେ ବିଷୟରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ଏବଂ ଏହି ଖର୍ଚ୍ଚ ଠିକାଦାର କମ୍ପାନୀଙ୍କଠାରୁ ଆଦାୟ ମଧ୍ୟ କରିବାକୁ ଦାବିହୋଇଛି। ଦୀର୍ଘ ୧୫ବର୍ଷ ଧରି ଏହିପରି ଚାଲିଛି ମାତ୍ର ବିଭାଗୀୟ ଅଧିକାରୀ ନିରବ ଦ୍ରଷ୍ଟା ସାଜିଛନ୍ତି। ଏହି ଛକରେ ସରକାରୀ ଭାବରେ ପାଖାପାଖି ୭୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବେସରକାରୀ ଭାବରେ ଶହେରୁ ଅଧିକ ଏବଂ ଶହ ଶହ ଲୋକ ଆହତ ହୋଇଛନ୍ତି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଓ ସ୍ଲୀପ ରୋଡର ମରାମତି ନ ହେଲେ ଆଗାମୀ ଦିନରେ ରାସ୍ତା ରୋକ ହେବ ବୋଲି ଭେଲୋରା ସରପଞ୍ଚ ଦୁର୍ଗା ରାଣୀ ଜେନା, ସନ୍ତୋଷପୁର ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ସନ୍ତୋଷ କୁମାର ଦାସ ମହାପାତ୍ର, ବସ୍ତା ବ୍ଲକ କିଷାନ ସଂଗଠନ ସଭାପତି ଜୟନ୍ତ ଭଦ୍ର ଓ ଅନ୍ୟ ମାନେ ଚେତାବନୀ ଦେଇଛନ୍ତି। ଏ ନେଇ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ତିୱାରୀ କହିଛନ୍ତି ଠିକା ସଂସ୍ଥାକୁ ଫାଇନରେ ଦଣ୍ଡିତ କରି କାର୍ଯ୍ୟରୁ ବିରତି ଦିଆଯାଇଛି ଏବଂ ନୂତନ ଟେଣ୍ଡେର ଆହ୍ୱାନ କରାଯାଇଛି ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହୋଇଯିବ।

# ଭୂତକୋଠି ପାଲଟିଛି ଏମ୍‌କେସିଜି ଚର୍ମରୋଗ ଇନ୍‌ଡୋର୍ କୋଠା








ବ୍ରହ୍ମପୁର,୮ ।୪(ସମିସ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଚର୍ମ, ଯୌନ ଓ କୁଷ୍ଠ ରୋଗ ବିଭାଗର ଇନ୍‌ଡୋର୍ କୋଠା ଏବେ ଭୂତ କୋଠି ପାଲଟିଛି। ଯେଉଁ ବିଭାଗରେ ବର୍ଷକୁ ଲକ୍ଷାଧିକ ରୋଗୀ ଆଉଟ୍‌ଡୋର୍‌ରେ ଚିକିତ୍ସା ପାଇଁ ଆସୁଛନ୍ତି ଉକ୍ତ ବିଭାଗରେ ଇନ୍‌ଡୋର୍‌ରେ ରୋଗୀଙ୍କ ସଂଖ୍ୟା ଅତ୍ୟନ୍ତ ଚିନ୍ତାଜନକ ଅବସ୍ଥା ସୃଷ୍ଟି କରିଛି। ବିଭାଗର ଆଉଟଡ଼ୋରରେ ରୋଗୀଙ୍କ ପ୍ରବଳ ଭିଡ଼ ରହିଥିବା ବେଳେ ଇନ୍‌ଡ଼ୋରରେ ହାତଗଣତି ରୋଗୀ ଚିକିତ୍ସିତ ହେଉଛନ୍ତି। ହସ୍ପିଟାଲର ଚର୍ମ, ଯୌନ ଓ କୁଷ୍ଠ ରୋଗ ବିଭାଗର ଇନ୍‌ଡୋର୍

**● ୩୦ ଶଯ୍ୟାକୁ ହାତଗଣତି ରୋଗୀ ସଂଖ୍ୟା; ଆଉଟଡୋରରେ ପ୍ରବଳ ଭିଡ଼**

ମୋଟ ୩୦ଟି ଶଯ୍ୟା ରହିଥିବା ବେଳେ ୩ ମହଲା ବିଶିଷ୍ଟ ଅତି ଉନ୍ନତମାନର କୋଠା ରହିଛି। ବିଭାଗର ଇନ୍‌ଡୋରରେ ମାସକୁ କେବଳ ୨୦ରୁ ୨୫ ଜଣ ରୋଗୀ ଭର୍ତ୍ତି ହେଉଛନ୍ତି। ଡାକ୍ତର, ନର୍ସିଂ କର୍ମଚାରୀ ଓ ଅନ୍ୟାନ୍ୟ ଷ୍ଟାଫ ଥିବା ସତ୍ତ୍ୱେ ଏହି ଅବସ୍ଥା ଅନେକ ପ୍ରଶ୍ନ ଉଠାଇଛି। ଗୋଟିଏ ପକ୍ଷରେ ଆଉଟ୍‌ଡୋର୍‌ରେ ରୋଗୀଙ୍କ ଭିଡ଼ ଲାଗି ରହୁଥିବା ବେଳେ, ଅନ୍ୟ ପକ୍ଷରେ ଇନ୍‌ଡୋର୍ କୋଠା ଖାଲି ପଡ଼ିରହିଛି। ଏହାର ମୂଳ କାରଣ ଭାବେ ବିଭାଗର ଅବ୍ୟବସ୍ଥା ଓ ସେବାର ଅଭାବକୁ ବିଭିନ୍ନ ମହଲରେ ଦାୟୀ କରାଯାଉଛି। ଏହାସହିତ ଇନ୍‌ଡୋର୍‌ରେ ନିୟମିତ ଡ଼ାକ୍ତର ଓ କର୍ମଚାରୀ ଉପସ୍ଥିତ ନଥିବାରୁ ବହୁ ସାମଗ୍ରୀ ଚୋରି ହେଉଥିବା ଅଭିଯୋଗ ମଧ୍ୟ ହୋଇଛି। ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ଥିବାରୁ ଏପରି ଘଟଣା ଘଟୁଥିବା କୁହାଯାଉଛି। ଏହାର ପ୍ରଭାବ ସିଧାସଳଖ ଭାବରେ ରୋଗୀ ସେବା ଉପରେ ପଡୁଛି। ରୋଗୀମାନେ ଇନ୍‌ଡୋର୍ ଚିକିତ୍ସା ପାଇଁ ଆସିବାକୁ ରୁଚି ଦେଖାଉନାହାନ୍ତି। ଅନ୍ୟପକ୍ଷରେ ବିଭାଗରେ ପ୍ରଫେସରଙ୍କଠାରୁ ଆରମ୍ଭ କରି ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ୯ ଜଣ ଛାତ୍ରଛାତ୍ରୀ ରହିଛନ୍ତି। କିନ୍ତୁ ଇନ୍‌ଡୋରରେ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହୁଥିବା ବେଳେ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ମଧ୍ୟ ସମସ୍ୟା ଦେଖାଦେଉଛି। ଏକମେସିଜି ମେଡ଼ିକାଲ ଭଳି ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀଙ୍କ ଅଭାବ ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ତେଣୁ ବିଭାଗର ଇନ୍‌ଡ଼ୋରରେ ଉନ୍ନତମାନର ରୋଗୀସେବା ପ୍ରଦାନ ସହ କିଭଳି ଅଧିକମାତ୍ରରେ ରୋଗୀ ଚିକିତ୍ସା ସୁବିଧା ପାଇବେ। ଏହାସହ ସଠିକ ସମୟରେ କର୍ମଚାରୀ ନିଜ କାର୍ଯ୍ୟରେ ଯୋଗଦେବେ ଏଥିପ୍ରତି ମେଡ଼ିକାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଶିକ୍ଷାରଥ କାର୍ଯ୍ୟକ୍ରମରେ ନିମନ୍ତ୍ରଣପତ୍ର ବଣ୍ଟନ



ବ୍ରହ୍ମପୁର,୮ ।୪(ସମିସ): ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାରଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୁଧବାର ସ୍ଥାନୀୟ ଖୋଡ଼ାସିଂ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହା ଅନୁଷ୍ଠିତ ହୋଇଛି। ଉପସ୍ଥିତ ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ ସହ ଶିକ୍ଷାର ମହତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଛି। କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ସମାଜସେବୀ ଦିଲ୍ଲୀପ ରେଡ୍ଡୀ, ସିଆରସିସି ଏ. ଭଗବାନ, ଭଗବାନ ବିଶ୍ୱାଳ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ପାତ୍ରଙ୍କ ସମେତ ଏସଏମସି ସଦସ୍ୟ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

## ସର୍ଭାଇକାଲ୍ କ୍ୟାନ୍ସର ଟିକା ନେଲେ ୧୪୦ ଡାକ୍ତରୀ ଛାତ୍ରୀ



ବ୍ରହ୍ମପୁର,୮ ।୪(ସମିସ): ଏମ୍‌କେସିଜି ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ୧୪୦ ଡାକ୍ତରୀ ଛାତ୍ରୀଙ୍କୁ ବୁଧବାର ସର୍ଭାଇକାଲ୍ କ୍ୟାନ୍ସରୁ ସୁରକ୍ଷିତ ରହିବା ପାଇଁ ଟୀକା ନେଇଛନ୍ତି। ପୂର୍ବରୁ ଏମକେସିଜିର ୧୬୦ ଜଣ ଛାତ୍ରୀ ଏହି ଟିକା ନେଇସାରିଛନ୍ତି। ଏହି ଟିକା ସେମାନଙ୍କୁ ଭବିଷ୍ୟତରେ ଏଚପିଭି(ହ୍ୟୁମାନ ପାଲିଲୋମା ଭାଇରସ) ଠାରୁ ରକ୍ଷା କରିବ ବୋଲି ବ୍ରହ୍ମପୁର ପ୍ରସୂତି ଓ ସ୍ତ୍ରୀ ରୋଗ ସୋସାଇଟି ପକ୍ଷରୁ କୁହାଯାଇଛି। ବ୍ରହ୍ମପୁରର ପ୍ରସିଦ୍ଧ ଶତାୟୁ ସ୍ତ୍ରୀରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର କେ. ଲକ୍ଷ୍ମୀ ବାଇ କିଶୋରୀ କନ୍ୟାମାନଙ୍କୁ ସର୍ଭାଇକାଲ୍ କ୍ୟାନ୍ସର ଟିକାକରଣ ପାଇଁ ସମର୍ଥନ ଜଣାଇବା ସହ ପୂର୍ବରୁ ୩ଲକ୍ଷ ଟଙ୍କା ସୋସାଇଟିକୁ ଦାନ କରିଥିଲେ। ସେହିକ୍ରମରେ ସୋସାଇଟି ପକ୍ଷରୁ ସେରମ ଇନଷ୍ଟିଚ୍ୟୁଟ ଦ୍ୱାରା ଭାରତରେ ସ୍ୱଦେଶୀ ଢାଞ୍ଚାରେ ନିର୍ମିତ ସର୍ଭାଇକାଲ ଏଚପିଭି ଟୀକା ପ୍ରଦାନ କରାଯାଇଥିଲା। ବରିଷ୍ଠ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞା ପ୍ରଫେସର ଡା. ଭାରତୀ ମିଶ୍ର, ଡା. ଇନ୍ଦିରା ପାଳ, ଡା. ପି. ସୁଲେଖା ପ୍ରମୁଖ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମକୁ ଏସ. ଶ୍ରୀନିବାସ ଓ ବୀରେନ୍ଦ୍ର ଦୋରା ପରିଚାଳନା କରିଥିଲେ।

## ପଲାସା ଇଚ୍ଛାପୁରମ୍ ସେକ୍ସନ ପୂର୍ବତଟ ରେଳପଥକୁ ଫେରାଇ ଆଣିବାକୁ ଦାବି

ବ୍ରହ୍ମପୁର,୮ ।୪(ସମିସ): ଇଚ୍ଛାପୁରମ୍ ସେକ୍ସନକୁ ପୂର୍ବତଟ ରେଳପଥକୁ ଫେରାଇ ଆଣିବାକୁ ସୋରଡ଼ା ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଡ଼ା ଭଗବାନ ଗନ୍ତାୟତ ଦାବି କରିଛନ୍ତି। ଏହାକୁ ଦକ୍ଷିଣତଟ ରେଳପଥକୁ କେନ୍ଦ୍ର ସରକାର ସ୍ଥାନାନ୍ତର କରିଥିବା ଦ୍ୱାରା ପୂର୍ବତଟ ରେଳପଥ କ୍ଷୁଦ୍ର ହୋଇଛି। ରେଳ ବିଭାଗ ପକ୍ଷରୁ ସଫେଇ ଦେଲେ ମଧ୍ୟ ରାଜସ୍ୱ ହ୍ରାସ ନିଶ୍ଚୟ ହେବ, ଏଥିରେ ଆଦୌ ସନ୍ଦେହ ନାହିଁ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ଏଭଳି ନିଷ୍ପତି ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ପ୍ରତି କୁଠାରଘାତ ଓ ନିନ୍ଦନୀୟ। ଆନ୍ଧ୍ରକୁ ଖୁସି କରିବାକୁ ଯାଇ ଏଭଳି ନିଷ୍ପତି ନିଆଯାଇଥିବା ବ୍ରହ୍ମପୁର ପୂର୍ବତନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହାସହ ବିଧାନସଭା ଓ ଲୋକସଭାରେ ଓଡ଼ିଶାର ଦାବି ହୋଇଥିବା ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ାକୁ ଦକ୍ଷିଣପୂର୍ବ ରେଳପଥରୁ ପୂର୍ବତଟ ରେଳପଥରେ ମିଶ୍ରଣ କରାଯାଉ। କାରଣ ଏହି ଜିଲ୍ଲା ଗୁଡ଼ିକ ବାଣିଜ୍ୟ ସମ୍ପଦରେ ଭରପୁର ରହିଥିବା ବେଳେ ପୂର୍ବତଟ ରେଳପଥକୁ ରାଜସ୍ୱ ଆସିବ ବୋଲି ଦାବି କରିଛନ୍ତି। ଏଣୁ ଖୁବ୍‌ଶୀଘ୍ର ଇଚ୍ଛାପୁରମ୍ ସେକ୍ସନକୁ ପୂର୍ବତଟ ରେଳପଥକୁ ଫେରାଇବାକୁ ଉଭୟ ନେତା ଦାବି କହିଛନ୍ତି।

## ୧୦ରେ ଜିଲ୍ଲାସ୍ତରୀୟ ସିଏମ୍ କପ

ବ୍ରହ୍ମପୁର,୮ ।୪(ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚଳିତ ମାସ ୧୦ତାରିଖ ଠାରୁ ଗଞ୍ଜାମ ଜିଲ୍ଲାରେ "ଜିଲ୍ଲା ସ୍ତରୀୟ ସି.ଏମ କପ' ଉଦଘାଟନ ଉତ୍ସବ ଆୟୋଜନ ହେବ। ଏହି ସିଏମ କପ୍‌ର ଦ୍ୱିତୀୟ ସଂସ୍କରଣରେ ଫୁଟବଲ ସମେତ କବାଡି, ଖୋ-ଖୋ ଓ ଭଲି ବଲ ଖେଳକୁ ଜଡିତ କରାଯାଇଛି। ଉକ୍ତ ସମସ୍ତ ଖେଳ ଏପ୍ରିଲ ୧୦ ଠାରୁ ୨୪ତାରିଖ ମଧ୍ୟରେ ଆୟୋଜନ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ସମାଜସେବୀ କନକ ସାବତଙ୍କ ଶ୍ରାଦ୍ଧ ବାର୍ଷିକୀ



ବ୍ରହ୍ମପୁର,୮ ।୪(ସମିସ): ହିଲ୍‌ପାଟଣା ସ୍ଥିତ ସତ୍ୟଭାମା କଲ୍ୟାଣୀ ମଣ୍ଡପଠାରେ ଉକ୍ତ ଅଞ୍ଚଳ ନିବାସୀ ତଥା ପରିବେଶବିତ୍ ସ୍ୱର୍ଗତ ଅଚ୍ୟୁତ ରାମ ସାବତଙ୍କ ଧର୍ମପତ୍ନୀ ସମାଜସେବୀ କନକ କୁମାରୀ ସାବତଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବ୍ରହ୍ମପୁର ପୂର୍ବତନ ବିଧାୟକ ଡ. ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ପୁତ୍ର ତଥା ମହାନ୍ ସଂଘ ସଭାପତି ସୁଶାନ୍ତ କୁମାର ସାବତ, ଶ୍ରୀକୃଷ୍ଣ ଚନ୍ଦ୍ର ସାବତ, ଶ୍ରୀକାନ୍ତ ସାବତ, କନ୍ୟା ଅଳକା କୁମାରୀ ସାବତ, ଜ୍ୱାଇଁ ଡ. ବିନୋଦ ଚନ୍ଦ୍ର ସାବତଙ୍କ ସମେତ ବହୁ ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନର ସଦସ୍ୟ ଯୋଗଦେଇ ସ୍ୱର୍ଗତ କନକ କୁମାରୀ ସାବତଙ୍କ ସ୍ମୃତି ଚାରଣ କରିବା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ରାଜ୍ୟସଭା ସାଂସଦ ଦୀଲ୍ଲିପ ରାୟଙ୍କ ଗୋପାଳପୁର ଗସ୍ତ



ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୮ ।୪(ସମିସ): ଚର୍ଚ୍ଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ଶପଥ ଗ୍ରହଣ ପରେ ଆଜି ଗୋପାଳପୁର ଗସ୍ତରେ ଆସିଛନ୍ତି। ଗୋପାଳପୁରକୁ ପ୍ରଥମ ଗସ୍ତ ଅବସରରେ ଅପରାହ୍ନରେ ସାଂସଦ ଦିଲ୍ଲୀପ ରାୟଙ୍କୁ ସ୍ଥାନୀୟ ଷଣ୍ଢେଛକ ନିକଟରୁ ମେ' ଫେୟାର ପରିବାର, ସ୍ଥାନୀୟ ଜନସାଧାରଣ ଓ ବିଜେପି କର୍ମୀ ସ୍ୱାଗତ ସମ୍ବର୍ଦ୍ଧନା କରି ଶୋଭାଯାତ୍ରାରେ ଆଣି ମେ' ଫେୟାର ହୋଟେଲରେ ପହଞ୍ଚିଥିଲେ। ପରେ ସେଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସାଂସଦ ରାୟ ରାଜ୍ୟସଭାରେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ସମସ୍ୟା ଉପସ୍ଥାପନା କରିବେ ବୋଲି କହିଥିଲେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସହ ଆଲୋଚନା କରି ଏକାକୀ ନୁହେଁ ବରଂ ଦଳଗତ ଭାବେ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାମ କରାଯିବ। ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ଅନେକ କିଛି କରିବାର ଆଶା ରହିଛି। ବିଜେପିରେ ଥାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲି। ବିଜେପି ସହିତ ଅନ୍ୟ ଦଳର ବିଧାୟକଙ୍କ ସମର୍ଥନରେ ବିଜୟ ମୁକୁଟ ପିନ୍ଧିଥିବା ସେ ଦୋହରାଇଛନ୍ତି। ସମସ୍ତଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଭଲ ଥିବାରୁ ଏହି ସମର୍ଥନ ଓ ସଫଳତା ମିଳିପାରିଛି। ବିଗତ ଦୁଇ ଦଶନ୍ଧି ଧରି ରାଜ୍ୟରେ କିଛି ବିକାଶ ହୋଇଥିବା ବେଳେ ଆହୁରି ଅନେକ ବିକାଶ ଜରୁରୀ ବୋଲି ସାଂସଦ ରାୟ କହିଥିଲେ। ସମ୍ପ୍ରତି ବିଭିନ୍ନ ସ୍ଥାନରେ ଥିବା ମେ'ଫେୟାର ହୋଟେଲ ଶିଳ୍ପରେ ମୋଟ ୮ ହଜାର ୫ଶହ ଜଣ ନିୟୋଜିତ ଅଛନ୍ତି। ସେଥିମଧ୍ୟରୁ ବହୁ ଓଡ଼ିଆ ଥିବାବେଳେ ଯୁବପିଢି ଚାକିରି ପଛରେ ନଗୋଡ଼ାଇ ବରଂ ଅନ୍ୟକୁ ଚାକିରି ଦେବାକୁ ଉଦ୍ୟମ କରିବା ଆବଶ୍ୟକ ବୋଲି ସାଂସଦ ଶ୍ରୀ ରାୟ କହିଛନ୍ତି।

■ ପୀତବାସ ପଣ୍ଡା ହତ୍ୟା ମାମଲା

## ପୁଣି ଘୁଞ୍ଚିଲା ବିକ୍ରମଙ୍କ ଜାମିନ ଆବେଦନ ଶୁଣାଣି

ବ୍ରହ୍ମପୁର,୮ ।୪(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଉଚ୍ଚ ନ୍ୟାୟାଳୟରେ ବୁଧବାର ଥିଲା। ହାଇକୋର୍ଟ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ କୋର୍ଟରେ ଏହି ଜାମିନ ଆବେଦନ ଶୁଣାଣି ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ତେବେ ଉଭୟ ପକ୍ଷଙ୍କ ଯୁକ୍ତି ଉପସ୍ଥାପନ ପରେ ପରବର୍ତ୍ତି ଶୁଣାଣି ଆସନ୍ତା ୧୫କୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡ଼ିଛି।

ବିକ୍ରମଙ୍କ ଜାମିନ ପିଟିସନର ଶୁଣାଣି ହାଇକୋର୍ଟରେ ପ୍ରଥମେ ଫେବୃୟାରୀ ୨ରେ, ତାହାପରେ ୨୫, ମାର୍ଚ୍ଚ ୫, ୯, ୧୬ ଓ ୨୫ ତାରିଖ ପରେ ୮ ତାରିଖରେ ଶୁଣାଣି ହୋଇଥିଲା। ବୁଧବାର ଜାମିନ ଆବେଦନର ଶୁଣାଣି ପରେ ବର୍ତ୍ତମାନ ପୁଣି ଥରେ ଆସନ୍ତା ୧୫କୁ ଘୁଞ୍ଚିଛି। ଫଳରେ ଏହି ଆବେଦନର ଶୁଣାଣି ୭ଥର ହୋଇ ସାରିଥିବା ବେଳେ ୧୫ତାରିଖରେ ହେବାକୁ ଥିବା ୮ମ ଶୁଣାଣି ଉପରେ ରହିଛି ସମସ୍ତଙ୍କର ନଜର। ପ୍ରକାଶ ଯୋଗ୍ୟ ଯେ' ଗତ ୨୦୨୫ମସିହା ଅକ୍ଟୋବର ୬ତାରିଖ ତଥା କୁମାରପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କ ବୈକୁଣ୍ଠନଗର ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଥିଲା। ସେପଟେ ବିକ୍ରମଙ୍କ ସମେତ ଅଭିଯୁକ୍ତ ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ ଓ ମଦନ ମୋହନ ଦଳାଇ ମଧ୍ୟ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

■ ହାର୍ଡୱେର ଦୋକାନରୁ ଚୋରି

## ହୋଟେଲ କର୍ମଚାରୀ ସମେତ ଦୁଇ ଗିରଫ



ବ୍ରହ୍ମପୁର,୮ ।୪(ସମିସ): ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳରେ ଥିବା ଏକ ହାର୍ଡୱେର ଦୋକାନରୁ ଚୋରି ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲ୍ଲା ତିଗିରିଆ ଅଞ୍ଚଳର ତଥା ବ୍ରହ୍ମପୁର ଜମାଦେଇପେଣ୍ଠ ସାହିରେ ରହୁଥିବା ଅଶୋକ ମହାରଣା(୨୦) ଓ ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଅଞ୍ଚଳର ତଥା ଗିରିମାର୍କେଟ ସ୍ଥିତ ଇନ୍ଦ୍ରପୁରୀ ହୋଟେଲର କର୍ମଚାରୀ ସଂଗ୍ରାମ ବିଷୋୟୀ(୨୩)। ପୁଲିସ ସେମାନଙ୍କ ନିକଟରୁ ଚୋରି ହୋଇଥିବା ନଗଦ ୪୩ ହାଜର ୧୧୫ ଟଙ୍କା, ଚୋରିରେ ବ୍ୟବହୃତ ଏକ ୟାମାହା ବାଇକ ଓ ସାବଳ ଜବତ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

ଗତ ୪ ତାରିଖରେ ବଙ୍ଗାଳୀ ସାହିର ଗୌର ଗୋପାଳ ସାହାଙ୍କ ହାର୍ଡୱେର ଦୋକାନରୁ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। କୌଣସି ଦୁର୍ବୃତ୍ତ ଦୋକାନର ତାଲା ଭାଙ୍ଗି କ୍ୟାସ ଡ୍ରଏରରୁ ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା(୧୩୩/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଉଭୟ ଅଭିଯୁକ୍ତଙ୍କ ସଂପୃକ୍ତି ବିଷୟରେ ଜଣାପଡିଥିଲା। ଉଭୟଙ୍କୁ କାବୁ କରି ପଚରାଉଚରା ବେଳେ ସେମାନେ ନିଜର ଦୋଷ ସ୍ୱୀକାର କରିଥିଲେ। ଉଭୟଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି।

## ଆଦିବାସୀଙ୍କ ଉପରେ ଦମନଲୀଳା ଏକ ସରକାରୀ ଷଡ଼ଯନ୍ତ୍ର: ପ୍ରଫୁଲ୍ଲ

ବ୍ରହ୍ମପୁର,୮ ।୪(ସମିସ): କନ୍ଧମାଳରେ ରାତିଅଧିଆ ସଶସ୍ତ୍ର ପୁଲିସ ବନ୍ଧୁକ, ଲାଠି ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ପଛର ରହସ୍ୟ କ'ଣ ସେନେଇ ପ୍ରଶାସନ



ଉତ୍ତର ରଖିବାକୁ ପ୍ରଫୁଲ୍ଲ ସାମନ୍ତରା ଦାବି କରିଛନ୍ତି। ସାଗବାରି ଗ୍ରାମ ରାସ୍ତାରେ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ମାରପିଟ୍ ଘଟଣାର ପ୍ରତିବାଦ ମାତ୍ର। ମଧ୍ୟରାତ୍ରିରେ ଜଣଙ୍କୁ ଗିରଫ କରିବା ଆଳରେ ୩ ପ୍ଲାଟୁନ୍ ଫୋର୍ସ ଗ୍ରାମରେ ପହଞ୍ଚିଥିଲେ। ଘର ଘର କବାଟ ବାଡ଼େଇ ଗ୍ରାମବାସୀଙ୍କୁ ଧମକାଇଥିଲେ। ଯାହାର ପ୍ରତିବାଦ ଗ୍ରାମବାସୀ କରିବା ପରେ ସେଠାରେ ଅତର୍କିତ ଭାବେ ତଥା ପୂର୍ବ ପ୍ରସ୍ତୁତି କ୍ରମେ ଲାଠି, ଲୁହବୁହା ଗ୍ୟାସ ଓ ଫାଙ୍କା ଗୁଳିଚାଳନା କରି ଶତାଧିକ ମହିଳା ପୁରୁଷଙ୍କୁ ଭୟଭୀତ କରାଯାଇଥିଲା। ସମଗ୍ର ଅଞ୍ଚଳକୁ ପୁଲିସ ଛାଉଣୀ କରାଯାଇଥିବା କାରଣରୁ ଆହତ ଗ୍ରାମବାସୀଙ୍କୁ ମିଶିବା ସମ୍ଭବପର ହେଉନାହିଁ। ଏଭଳି ଘଟଣା ପରେ ପୁଲିସ ଫେରିବା ସମୟରେ ଉତ୍ୟକ୍ତ ଜନତାଙ୍କ ପକ୍ଷରୁ ଆତ୍ମରକ୍ଷା ପାଇଁ ଢେଲାମାଡ ହୋଇଥାଇପାରେ ବୋଲି ସେ କହିଛନ୍ତି।

ସରକାର ତୁରନ୍ତ ଦୋଷୀ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ରାଜ୍ୟର ବହୁ ବୁଦ୍ଧିଜୀବୀ, ରାଜନୈତିକ ନେତା, ସାମାଜିକ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଦାବିଗୁଡିକୁ ତୁରନ୍ତ ପୂରଣ କରାଯାଉ ବୋଲି ଶ୍ରୀ ପ୍ରଫୁଲ୍ଲ ସାମନ୍ତରା ସାମ୍ବାଦିକ ସମ୍ମିଳନୀରେ ମତ ରଖିଛନ୍ତି।

### ଟିପିଏସ୍‌ଓଡିଏଲ୍‌ର ଅଭିନବ ପଦକ୍ଷେପ

## ଛାତ୍ରବୃତ୍ତି ମାଧ୍ୟମରେ ପ୍ରଯୁକ୍ତିବିଦ୍ୟାକୁ ସମର୍ଥନ

ବ୍ରହ୍ମପୁର,୮ ।୪(ସମିସ)



ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ, ସମୁଦାୟର ମଙ୍ଗଳ ଏବଂ ଯୁବ ଶକ୍ତିକୁ ସଶକ୍ତ କରିବା ଦିଗରେ ଥିବା ତାର ପ୍ରତିବଦ୍ଧତାକୁ ଦୋହରାଇଛି। ଏହିକ୍ରମରେ ଦକ୍ଷିଣ ଓଡ଼ିଶାର ୩୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ଛାତ୍ରବୃତ୍ତି ପ୍ରଦାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିବିଦ୍ୟା ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସ୍ତରରେ ସଶକ୍ତ ଏବଂ ଉତ୍ସାହିତ କରିବା।

ଏହି ଅବସରରେ ଟିପିଏସ୍‌ଓଡିଏଲ୍ ତରଫରୁ ୩୩ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ, ଯେଉଁମାନେ ଟିପିଏସ୍‌ଓଡିଏଲର ଅନୋଖା ଧାଗା ସେଣ୍ଟରରେ ସିଲାଇ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ ସେମାନଙ୍କୁ ସ୍ୱାବଲମ୍ବୀ ହେବା ଏବଂ ଆର୍ଥିକସ୍ତରରେ ସଶକ୍ତ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ।

ଏହି ଅବସରରେ ଟିପିଏସଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଆମେ ଆମର ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ ବହୁ ପଦକ୍ଷେପ ଗ୍ରହଣ କରୁଛୁ। ଏହି ଛାତ୍ରବୃତ୍ତି ପଦକ୍ଷେପ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଅର୍ଥପୂର୍ଣ୍ଣ ଭାବରେ ଉପକୃତ ହେଉଛନ୍ତି। ମୁଁ ପ୍ରତ୍ୟେକଙ୍କୁ ଅଭିନନ୍ଦନ ଜଣାଉଛି। ଆମେ ସେବା ଯୋଗାଉଥିବା ସମୁଦାୟର ମଙ୍ଗଳ ପ୍ରତି ଆମେ ପ୍ରତିବଦ୍ଧ। ବିଶେଷକରି ସମାଜର ଶେଷ ଧାଡ଼ିରେ ଥିବା ଲୋକର ମଙ୍ଗଳ ପାଇଁ ଆମେ ସଂକଳ୍ପବଦ୍ଧ। ସିଲାଇ ମେସିନ ମାଧ୍ୟମରେ ପ୍ରଶିକ୍ଷଣ ଦେବା ଭଳି ଅଭିଯାନ ଜରିଆରେ ଆମେ ନିଯୁକ୍ତି ସୃଷ୍ଟି କରିବା ସହିତ ମହିଳାମାନଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ରଖିଛୁ। ଟିପିଏସଓଡ଼ିଏଲ୍‌ର ନିର୍ଦ୍ଦେଶକ ସୁନୀଲ ସିଂହ, କହିଛନ୍ତି, ମୁଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଉଛି। ତୁମେ ମାନେ ସମସ୍ତେ ଏବେ ଯୁବାବସ୍ଥା ତଥା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛ।

**ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଭିନ୍ନ ପଦକ୍ଷେପ**

ବର୍ତ୍ତମାନର ଡିଜିଟାଲ ଯୁଗରେ ବହୁ ବାଧା ରହିଛି। କିନ୍ତୁ ତୁମମାନଙ୍କର ତ୍ୟାଗ ଏବଂ ସମର୍ପଣ ଆଜି ଏଇ ଜାଗାରେ ତୁମମାନଙ୍କୁ ପହଞ୍ଚାଇଛି। ତୁମର ପ୍ରଥମ ପ୍ରାଥମିକତା ହେଉଛି ତୁମର ସ୍ୱାସ୍ଥ୍ୟ ଏବଂ ଦ୍ୱିତୀୟତଃ ଶିକ୍ଷା। ଆମେ ଏହି ଅବସରରେ ସମୁଦାୟର ସେବା ଏବଂ ଆକାଂକ୍ଷାକୁ ସମର୍ଥନ କରିପାରିଥିବାରୁ ଗର୍ବିତ ଅଟୁ। ଛାତ୍ରବୃତ୍ତି ପାଇଥିବା ଦେବାଂଶୁ ପଣ୍ଡା(୨୦), ବ୍ରହ୍ମପୁର ସରକାରୀ ଶିଳ୍ପ ଅନୁଷ୍ଠାନରେ ଇଲେକ୍ଟ୍ରିସିଆନ ବିଭାଗର ଦ୍ୱିତୀୟ ବର୍ଷର ଅଧ୍ୟୟନରତ ଛାତ୍ର କହିଛନ୍ତି, ଟିପିଏସଓଡ଼ିଏଲ୍‌କୁ ଧନ୍ୟବାଦ। କାରଣ କୋଭିଡ ସମୟରେ ମୁଁ ମୋର ବାପା, ମା'ଙ୍କୁ ହରାଇଛି। ବର୍ତ୍ତମାନ ପଢୁଥିବା ପାଠରେ ମୋତେ ଏହି ଛାତ୍ରବୃତ୍ତି ବହୁତ ସହାୟକ ହେବ। ଏହିପରି ପଦକ୍ଷେପ ମାଧ୍ୟମରେ, ଟିପିଏସ୍‌ଓଡିଏଲ୍ ଶିକ୍ଷା, ଦକ୍ଷତା ବିକାଶ ଏବଂ ମହିଳା ସଶକ୍ତିକରଣରେ ବିନିଯୋଗ କରି ସମାବେଶୀ ବିକାଶ ପ୍ରତି ନିଜର ଉତ୍ସର୍ଗୀକୃତ ପ୍ରଦର୍ଶନ ଜାରି ରଖିଛି। କମ୍ପାନୀର ସିଏସଆର ବିଭାଗ ତରଫରୁ ନିଆଯାଉଥିବା ପ୍ରୟାସ ପ୍ରତ୍ୟେକଙ୍କୁ ଆତ୍ମନିର୍ଭରଶୀଳ ହେବା ଏବଂ ସମାଜରେ ସକରାତ୍ମକ ଅବଦାନ ପ୍ରଦାନ କରିବାକୁ ସକ୍ଷମ କରି ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।

# ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରା ସମ୍ପନ୍ନ





## ଲକ୍ଷାଧିକ ଭକ୍ତଙ୍କ ସମାଗମ

ତାଳଚେର,୮ ।୪(ସମିସ)

ତାଳଚେରରଅଧିଷ୍ଠାତ୍ରୀଦେବୀମା'ହିଙ୍ଗୁଳାଙ୍କ ପ୍ରସିଦ୍ଧ ଶୀତୁଳା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ବୁଧବାର ପ୍ରଚଣ୍ଡ ଖରା ସତ୍ତ୍ୱେ ମା'ଙ୍କ ଏହି ଅନନ୍ୟ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମା' ହିଙ୍ଗୁଳା ଓ କୁଟେଇଶୁଣୀଙ୍କ ଚଳନ୍ତି ପ୍ରତିମା ଆଳମ ଦ୍ୱୟକୁ ଦିଅଁଘରୁ ବଡ଼ମଣ୍ଡପ (ମୁଖ୍ୟ ମନ୍ଦିର)କୁ ଅଣାଯାଇଥିଲା। ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ଷୋଡ଼ଶ ଉପଚାର ବିଧିରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ପୀଠ ପରିସରରେ ଥିବା ପାଞ୍ଚ ପୀଢ଼ ଯଥା ମା' ହିଙ୍ଗୁଳା, ମା' କରଡ଼େଇ, କୁଟେଇଶୁଣୀ, ଖୁମ୍ବେଶ୍ୱରୀ ଓ କଳାପାଟଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଥିଲା। ସନ୍ଧ୍ୟାରେ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଳମକୁ ଭବ୍ୟ ଶୋଭାଯାତ୍ରାରେ ଉଭାସ୍ଥଳୀକୁ ନିଆଯାଇଥିଲା। ସେଠାରେ ରୀତିନୀତି ଅନୁଯାୟୀ ପୂଜା କରିବା ସହ ଉଖୁଡ଼ା, ଗୁଡ଼, ଘିଅ, ମହୁ, ଛିଟ, ନୈବେଦ୍ୟ ଆଦି ଅର୍ପଣ କରାଯାଇଥିଲା। ପରେ ଶୀତୁଳା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ପରେ ଉଭାସ୍ଥଳୀରେ ଥିବା ଚାନ୍ଦୁଆ ଲାଗି କରାଯାଇଥିଲା। ଶେଷରେ ବଡ଼ମଣ୍ଡପକୁ ମା' ହିଙ୍ଗୁଳାଙ୍କ ଆଳାମକୁ ବିଜେ କରାଯାଇ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା।

## ଦେଶୀ ମଦଭାଟିର ବର୍ଜ୍ୟ ଖାଇ ଗୋରୁ ଅସୁସ୍ଥ

ଜଗନ୍ନାଥପୁର,୮ ।୪(ସମିସ): ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ପଞ୍ଚାୟତର ଥାନା ନିକଟ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଭାଟିର ବର୍ଜ୍ୟବସ୍ତୁ ଖାଇ ବହୁ ଗାଇଗୋରୁ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଗୋପାଳପୁର ଗ୍ରାମରୁ କିଛି ଲୋକ ବନ ବିଭାଗ ଦ୍ୱାରା ବିସ୍ଥାପନ ପ୍ରକ୍ରିୟାରେ ବିସ୍ଥାପିତ ହୋଇ ଅନ୍ୟତ୍ର ବାସ କରୁଥିଲେ ମଧ୍ୟ ନିଜ ସହ ଗୃହପାଳିତ ପଶୁଙ୍କୁ ନ ନେଇ ଏହି ଅଞ୍ଚଳରେ ଛାଡ଼ିଦେଇ ଯାଇଛନ୍ତି।



ପୁରୁଣାକୋଟ ଗ୍ରାମର ମଧ୍ୟ କିଛି ଲୋକ ନିଜ ଗୋରୁଙ୍କୁ ଘରେ ରଖି ନ ପାରି ବାହାରେ ଛାଡ଼ି ଦେଇଛନ୍ତି। ଫଳରେ ଗୋରୁମାନେ ଦିନ ବେଳେ ନିକଟସ୍ଥ ବିଲ, ବେରେଣା ଓ ଜଙ୍ଗଲରେ ବୁଲି ଚରି ଖାଇବା ପରେ ସନ୍ଧ୍ୟା ହେଲେ ରାସ୍ତାରେ ଜମା ହେଉଛନ୍ତି। ଏଥିପାଇଁ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଅନେକ ସମୟରେ ଘଟୁଛି। ଆଉ ଏକ ମୁଖ୍ୟ କଥା ହେଲା ଯେ ପୁରୁଣାକୋଟରେ ଥିବା ଦେଶୀ ମଦଭାଟିରେ ମହୁଲ ସହ କିଛି ରାସାୟନିକ ଦ୍ରବ୍ୟ ମିଶାଯାଇ ସେଥିରୁ ମଦ ପ୍ରସ୍ତୁତ ହେଲା ପରେ ଉକ୍ତ ବର୍ଜ୍ୟ ବସ୍ତୁକୁ ଖୋଲାରେ ପକାଇ ଦିଆଯାଉଛି। ତାକୁ ଖାଇ ସ୍ଥାନୀୟ ଅଞ୍ଚଳର ଗୋରୁମାନେ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସୂଚନାଯୋଗ୍ୟ, ଉକ୍ତ ମଦଭାଟିର ବର୍ଜ୍ୟ ବସ୍ତୁକୁ ସାତକୋଶିଆ ଅଭୟାରଣ୍ୟର ଜଙ୍ଗଲୀ ଜନ୍ତୁ ଯଥା ହରିଣ, କୁଟୁରା, ସମ୍ବର ଆଦି ଆସି ଉକ୍ତ ବର୍ଜ୍ୟ ବସ୍ତୁକୁ ଖାଉଛନ୍ତି। ତେଣୁ ଜଙ୍ଗଲୀ ଜନ୍ତୁମାନେ ମଧ୍ୟ ନିଶ୍ଚିନ୍ତ ଭାବେ ରୋଗଗ୍ରସ୍ତ ହେଉଥିବେ ଏଥିରେ ସନ୍ଦେହ ନାହିଁ। ତେଣୁ ଜିଲ୍ଲା ପ୍ରଶାସନ, ଭେଟେନାରୀ ବିଭାଗ ଓ ଜଙ୍ଗଲ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର



ବଁଅରପାଳ,୮ ।୪(ସମିସ): ସ୍ଥାନୀୟ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ନାରୀ ସଶକ୍ତୀକରଣ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଚିନ୍ମୟ ପ୍ରଧାନ ମୁଖ୍ୟଅତିଥି, ବନ୍ତଳା ଡିଗ୍ରୀ କଲେଜର ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ବିବେକାନନ୍ଦ ପଟ୍ଟନାୟକ ଓ ଇତିହାସ ବିଭାଗ ଅଧ୍ୟାପକ ପାର୍ଥବୀର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ନାରୀ ସଶକ୍ତୀକରଣ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ବିଭାଗର ମୁଖ୍ୟ ଅଧ୍ୟାପିକା କ୍ଷୀରୋଦିନୀ ପାଣି ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପିକା ରୋଜାଲିନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ରୁଦ୍ରନାରାୟଣ ଖିଲାର ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ସାଂସ୍କୃତିକ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ



ଅନୁଗୋଳ,୮ ।୪(ସମିସ): ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଦଳର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଯଯାତି କେଶରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଥିରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଏବଂ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାଂସଦ ଦଳୀୟ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ଦଳର ଇତିହାସ, କର୍ମକର୍ତ୍ତାଙ୍କ ସଂଘର୍ଷ କାହାଣୀ ବର୍ଣ୍ଣନା କରିଥିଲେ। ଏହି ମର୍ମରେ ଓଡ଼ିଶା ବିଜେପି ପ୍ରତି ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ତ୍ୟାଗ, ନିଷ୍ଠା ଓ ସମର୍ପଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ପୂର୍ବତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତମଞ୍ଜରୀ ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ସୁଚିସ୍ମିତା ତ୍ରିପାଠୀ, ବରିଷ୍ଠ ନେତ୍ରୀ ନମିତା ଦଳବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲ୍ଲା ଉପସଭାପତି ବିଭୂତି ସାହୁ, ଦିଲୀପ ପ୍ରଧାନ, ବିଜୟ ମାଝୀ ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

● ସିପିପି ପ୍ଲାଣ୍ଟରେ ଆକସ୍ମିକ ବୈଦ୍ୟୁତିକ ବିସ୍ଫୋରଣ

## ୨ ଇଞ୍ଜିନିୟର ସହ ୫ ଗୁରୁତର

● ସୁରକ୍ଷା ଦିଗକୁ ଅଣଦେଖା
● ଶ୍ରମିକ ମହଲରେ ଉଦବେଗ

ଅନୁଗୋଳ,୮ ।୪(ସମିସ): ନାଲକୋ କ୍ୟାପିଟିଭ ପାୱାର ପ୍ଲାଣ୍ଟ (ସିପିପି)ରେ ମଙ୍ଗଳବାର ବିଳମ୍ବିତ ରାତିରେ ବୈଦ୍ୟୁତିକ ବିଭ୍ରାଟ (ବିସ୍ଫୋରଣ) ଯୋଗୁଁ କାର୍ଯ୍ୟରତ ଦୁଇ ଇଞ୍ଜିନିୟର ସମେତ ୫ଜଣ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଇଞ୍ଜିନିୟର ଅନୀଲ ଗଡ଼ନାୟକ, ଇଂ ସୁଶାନ୍ତ ସାମଲ, କର୍ମଚାରୀ ଗଜେନ୍ଦ୍ର ଛତ୍ରିଆ, ସୌଭାଗ୍ୟ ବଳ ଓ ଠିକା କର୍ମଚାରୀ ମନୋଜ ପ୍ରଧାନ। ଠିକା କର୍ମଚାରୀ ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତମାନଙ୍କୁ ନାଲକୋ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଛି।

ପ୍ଲାଣ୍ଟ ଭିତରେ କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ନେଇ ଶ୍ରମିକ ନେତାଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ପ୍ଲାଣ୍ଟରେ ଆବଶ୍ୟକ ସୁରକ୍ଷାକୁ ଅଣଦେଖା କରାଯାଉଥିବାରୁ ଏ ଭଳି ଦୁର୍ଘଟଣା ଘଟୁଛି। ସୁରକ୍ଷା ଗାଇଡ଼ଲାଇନ ଅନୁପାଳନ ହୋଇ ନ ଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ପରମିସନ ଟୁ ୱାର୍କ (ପିଟିଡବ୍ଲ୍ୟୁ), ଷ୍ଟାଣ୍ଡର୍ଡ ଅପରେସନ ପ୍ରୋସିଜ୍ୟୁର (ଏସଓପି), ପର୍ସନାଲ ପ୍ରୋଟେକ୍ସନ ଇକ୍ୟୁପମେଣ୍ଟ (ପିପିଇ) ଆଦି ସୁରକ୍ଷା ଦିଗକୁ ଅଣଦେଖା କରାଯାଇଥିବାରୁ ଏ ଭଳି ଦୁର୍ଘଟଣା ଘଟିଥିବା ଶ୍ରମିକ ନେତାମାନେ ପ୍ରକାଶ କରିଛନ୍ତି। ସୂଚନା ମୁତାବକ ସିପିପି ପ୍ଲାଣ୍ଟ ଇଏସପି ୩ ସ୍ୱିଚ ଗିୟର ଏରିଆରେ ରାତି ପ୍ରାୟ ୧୨ଟା ୫୦ରେ ବୈଦ୍ୟୁତିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହାକୁ ସଜାଡ଼ିବାକୁ ଅଭିଜ୍ଞ ଠିକା କର୍ମଚାରୀ ମନୋଜଙ୍କୁ ଡକାଇଥିଲେ। ମନୋଜ ଜେନେରାଲ ସିଫ୍ଟ ଡ୍ୟୁଟି ସାରି ନିଜ ଘର ନାଲକୋ ନିକଟ ନୂଆ ସାହି ଗ୍ରାମକୁ ଚାଲିଯାଇଥିଲେ। ମାତ୍ର ଜରୁରୀ କାମରେ ଡକରା ଆସିବାରୁ ତାଙ୍କୁ ରାତିଅଧରେ ଆସିବାକୁ ପଡ଼ିଥିଲା। ପ୍ଲାଣ୍ଟରେ ନିର୍ଦ୍ଦିଷ୍ଟ ଇଏସପି ୩ରେ ପାୱାର ଫେଲ ହେବାରୁ ଇନକମିଂ ବ୍ରେକର ମଡୁଲାର ଚେଞ୍ଜ କରିବା ବେଳେ ଫ୍ଲାସ ଓଭର ହୋଇଥିଲା। ଫଳରେ ବିରାଟ ଅଗ୍ନି ବିସ୍ଫୋରଣ ହୋଇଥିଲା। ଅନ୍ୟପଟେ ପ୍ଲାଣ୍ଟ ପରିସରରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ର ବା ଫାଷ୍ଟଏଡ଼ରେ ଜରୁରୀକାଳୀନ କର୍ମଚାରୀ ନ ଥିବାରୁ ଆହତମାନଙ୍କୁ ଟାଉନସିପସ୍ଥିତ ନାଲକୋ ହସ୍ପିଟାଲ ନିଆଯାଇଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି।

## କୁଷ୍ଠ ରୋଗ ଜନିତ ବିକଳାଙ୍ଗ ଅଙ୍ଗର ଅସ୍ତ୍ରୋପଚାର

ଅନୁଗୋଳ,୮ ।୪(ସମିସ): ସାଧାରଣତଃ କୁଷ୍ଠ ରୋଗରେ ଆକ୍ରାନ୍ତ କିଛି ରୋଗୀ ଚିକିତ୍ସାରେ ସୁସ୍ଥ ହେଉଥିଲେ ସୁଦ୍ଧା ଶରୀରର କିଛି ଅଙ୍ଗ ବିକଳାଙ୍ଗ ହୋଇଥାଏ। ଯାହାକି ରୋଗୀଟି ବୃତ୍ତିଗତ ତଥା ସାମାଜିକ ଜୀବନରେ ନାନା ସମସ୍ୟାର ସାମ୍ନା କରେ। କୁଷ୍ଠଜନିତ ବିକଳାଙ୍ଗ ଅଙ୍ଗଗୁଡ଼ିକୁ ଅସ୍ତ୍ରୋପଚାର (ଆରସିଏସ) ମାଧ୍ୟମରେ ଥଇଥାନ ସମ୍ଭବ ହୋଇଥାଏ। ଜିଲ୍ଲା କୁଷ୍ଠ ନିରାକରଣ ବିଭାଗ ତରଫରୁ ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ଶିବିର ଆୟୋଜନ କରାଯାଇ ତିନି ଜଣଙ୍କ ଗୋଡ଼ ଓ ଝୁଲା ପାଦ ସଫଳତାର ସହ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ରାଜ୍ୟ କୁଷ୍ଠ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସର୍ଜନ ଡା. ଏଲକେ କର୍ମୀ ବିଭିନ୍ନ ସମୟରେ ଜିଲ୍ଲା ମୁଖ୍ୟାଳୟକୁ ଆସି ଏହି ଅସ୍ତ୍ରୋପଚାର କରୁଥିବା ବେଳେ ୨୦୨୫-୨୬ ବର୍ଷରେ ୧୦ ଜଣଙ୍କର ସଫଳତାର ସହ ଅସ୍ତ୍ରୋପଚାର ହୋଇଥିଲା। ଏଥିପାଇଁ ସରକାରଙ୍କ ତରଫରୁ ରୋଗୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ସହ ଅସ୍ତ୍ରୋପଚାର ପରବର୍ତ୍ତୀ ତଦାରଖ ବ୍ୟବସ୍ଥା କରାଯାଇଛି। ଫିଜିଓଥେରାପିଷ୍ଟ ସୁନୀଲ କୁମାର ମିଶ୍ର ରୋଗୀଙ୍କ ପ୍ରାଥମିକ ବ୍ୟାୟାମ ସହ ଆଡମିଶନ କରାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନମୋହନ ପ୍ରଧାନ ଓ ଜିଲ୍ଲା କୁଷ୍ଠ ନିରାକରଣ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ କୁଷ୍ଠ ପରାମର୍ଶଦାତା ଡା. ସୂର୍ଯ୍ୟନାରାୟଣ ଦତ୍ତ ପରିଚାଳନା କରିଥିଲେ। ଗ୍ରାମାଞ୍ଚଳରେ କୌଣସି କୁଷ୍ଠ ରୋଗଜନିତ ବିକଳାଙ୍ଗ ଥିଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର



ଅନୁଗୋଳ,୮ ।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ୨ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୪୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଅନୁଗୋଳ ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଠାରେ ଡା. ସତ୍ୟବ୍ରତ ପଟ୍ଟଯୋଶୀଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ସେହିଭଳି ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟଠାରେ ଆୟୋଜିତ ଶିବିରରେ ୨୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ଡା. କୌଶିକ ପାତ୍ର ପରିଚାଳନା କରିଥିଲେ। ଉଭୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଶିବିରରେ ଅଂଶଗ୍ରହଣ କରିଥିଲେ। ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀର ବୈଠକ



ଅନୁଗୋଳ,୮ ।୪(ସମିସ): ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବୁଧବାର ଅପରାହ୍ନରେ ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାରେ ଘରୋଇ ଓ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡରର ଉପଲବ୍ଧତା ଓ ସ୍ୱାଭାବିକ ଯୋଗାଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଲୋକଙ୍କ ପାଇଁ ଘରୋଇ ଗ୍ୟାସ ସିଲିଣ୍ଡର ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯଥା- ଡାକ୍ତରଖାନା, ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର, ଶିକ୍ଷାନୁଷ୍ଠାନ, ଆହାର କେନ୍ଦ୍ର ଏବଂ ସରକାରୀ ହଷ୍ଟେଲଗୁଡ଼ିକୁ ବ୍ୟବସାୟିକ ସିଲିଣ୍ଡର ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଘରୋଇ ସିଲିଣ୍ଡରର ବେଆଇନ୍ ମହଜୁଦ୍ ଏବଂ କଳାବଜାରୀ ରୋକିବା ପାଇଁ ନିୟମିତ ଭାବେ ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ ଜାରି ରଖିବାକୁ ଜିଲ୍ଲା ଯୋଗାଣଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଖାଉଟିମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ବେଆଇନ୍ ଭାବେ ଗ୍ୟାସ ସିଲିଣ୍ଡର ମହଜୁଦ ରଖୁଥିବା ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଏସ୍‌ପି ସମୀରକୁମାର ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସାରସ୍ୱତ ସାହିତ୍ୟ ସଂସଦର କର୍ମକର୍ତ୍ତା ଚୟନ



ଛେଣ୍ଡିପଦା,୮ ।୪(ସମିସ): ସ୍ଥାନୀୟ ସାରସ୍ୱତ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ ବୁଧବାର ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ରେ ବାଗେଡ଼ିଆ ଆଶୀର୍ବାଦ ଭବନରେ ଡା. ସତ୍ୟନାରାୟଣ ଦାଶଙ୍କ ଆବାହକତ୍ୱରେ ସାହିତ୍ୟ ସଂସଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ଷର ବିଭିନ୍ନ ସମୟରେ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲେ ମଧ୍ୟ ଏହି ରାଜ୍ୟସ୍ତରୀୟ ଅନୁଷ୍ଠାନର ସାମ୍ବତ୍ସରିକ ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ କିଛିଦିନ ହେଲା ହୋଇପାରୁ ନ ଥିବାରୁ ଉପସ୍ଥିତ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ଚଳିତ ବର୍ଷଠାରୁ ପୁଣି ପୂର୍ବବତ ସାରସ୍ୱତ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସର୍ବସମ୍ମତି କ୍ରମେ ଡ. ଅକ୍ଷୟକୁମାର ପଣ୍ଡାଙ୍କୁ କାର୍ଯ୍ୟକାରୀ ସଭାପତି, ସୁରେନ୍ଦ୍ର ଚନ୍ଦନ ଓ ସମୀର କୁମାର ସାମନ୍ତରାୟଙ୍କୁ ଉପସଭାପତି, ଡା. ସତ୍ୟନାରାୟଣ ଦାଶଙ୍କୁ ସମ୍ପାଦକ, ବିମଳ କୁମାର ରାଉଳଙ୍କୁ ଯୁଗ୍ମ ସମ୍ପାଦକ ଓ ଆଇନଜୀବୀ ନକୁଳ ମାଝିଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଡା. ଧନେଶ୍ୱର ମାଝି, ବିନୋଦ କୁମାର ସରଲିଆ, ପ୍ରଫେସର ବିଭୂତି ଭୂଷଣ ମହାପାତ୍ର, ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚନ୍ଦନ କର, ଦୁର୍ଯ୍ୟୋଧନ ଭୁତିଆ, ବିଭୂତି ଭୂଷଣ ବେହେରା ଓ ବସନ୍ତ କୁମାର ପ୍ରଧାନଙ୍କୁ ସାମିଲ କରାଯାଇଛି। ସଭା ଆରମ୍ଭରେ ବରିଷ୍ଠ ସଭ୍ୟ ଡା. ଧନେଶ୍ୱର ମାଝି ଶ୍ରୀଗଣେଶଙ୍କ ପ୍ରତିକୃତିରେ ଧୂପପୁଷ୍ପ ଅର୍ପଣ କରିଥିଲେ। ଦିବଂଗତ ସଦସ୍ୟ ଲୋଚନ ସାହୁଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଯୁଗ୍ମ-ସମ୍ପାଦକ ବିମଳ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ, ୨୦୦୨ରେ ତତ୍କାଳୀନ ଛେଣ୍ଡିପଦା ତହସିଲଦାର ତଥା ବର୍ତ୍ତମାନର ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ସ୍ଥାନୀୟ ସାହିତ୍ୟାନୁରାଗୀ, ବୁଦ୍ଧିଜୀବୀଙ୍କ ଉଦ୍ୟମରେ ଏହି ସାହିତ୍ୟାନୁଷ୍ଠାନ ପ୍ରତିବର୍ଷ ରାଜ୍ୟସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ ଯଥା ସାମ୍ବତ୍ସରିକ ଉତ୍ସବ ଓ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରି ଆସୁଥିଲେ ମଧ୍ୟ ବିଭିନ୍ନ କାରଣରୁ କିଛି ବର୍ଷହେଲା ଆୟୋଜିତ ହୋଇପାରୁ ନ ଥିଲା। ନୂତନ ଭାବେ ଗଠିତ କାର୍ଯ୍ୟକାରିଣୀ ସମିତି ଦ୍ୱାରା ଏହା ପୁନର୍ବାର ଆୟୋଜିତ ହେବା ଆଶା ଉଜ୍ଜୀବିତ ହୋଇଥିବାରୁ ସ୍ଥାନୀୟ ସାହିତ୍ୟପ୍ରେମୀ ଖୁସିବ୍ୟକ୍ତ କରିଛନ୍ତି।

## ବିଶ୍ୱ ଯୁବକେନ୍ଦ୍ର ତରଫରୁ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ



କିଶୋରନଗର,୮ ।୪(ସମିସ): ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ଅନୁଗୋଳ, ଢେଙ୍କାନାଳ ଓ ବୌଦ୍ଧରେ ସଫଳତାର ସହ ଚାଲୁଛି। ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଲା ବାଲ୍ୟବିବାହ ରୋକିବା, ଶିଶୁ ଚାଲାଣ ନିରାକରଣ ଓ ଶିଶୁ ଯୌନ ନିର୍ଯାତନା ବିରୋଧରେ ସଚେତନତା ସୃଷ୍ଟି କରିବା। ଅନୁଗୋଳ ଜିଲ୍ଲାରେ ଏହି ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହା ଅନ୍ତର୍ଗତ ସଚେତନତା, କିଶୋର/କିଶୋରୀ କାର୍ଯ୍ୟକ୍ରମ, ବିଦ୍ୟାଳୟ ସଚେତନତା, ସ୍ୱୟଂସହାୟକ ଗୋଷ୍ଠୀ ସଚେତନତା, ମନ୍ଦିର ପରିସରରେ ବାଲ୍ୟବିବାହ ମୁକ୍ତ ସୂଚନା ଫଳକ ସ୍ଥାପନ, ପୂଜାରୀ ଓ ଧାର୍ମିକ ଗୁରୁଙ୍କଠାରୁ ବାଲ୍ୟ ବିବାହ ନ କରାଇବା ପାଇଁ ଶପଥ ଗ୍ରହଣ, ୱାଲ ପେଣ୍ଟିଂ, ମନ୍ଦିର ପରିଚାଳନା ସମିତି ସଭା, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା ଓ ବାଲ୍ୟ ବିବାହ ପୀଡ଼ିତମାନଙ୍କ ସହ ସର୍ଭାଇଭର ନେଟୱର୍କ ପ୍ରୋଗ୍ରାମ ଆଦି ଅନୁଷ୍ଠିତ ହୋଇଛି। ଏହା ସହିତ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନା ସହ ଯୋଡ଼ାଯାଇଛି।

ମୋଟ ୭୧୪ଟି ବାଲ୍ୟ ବିବାହ ରୋକାଯାଇଛି। ସେହିପରି ୮୭ଟି ଶିଶୁ ଚାଲାଣ ସମ୍ବନ୍ଧୀୟ ମାମଲାରେ ହସ୍ତକ୍ଷେପ, ୩୨ଟି ଭିକ୍ଟିମ କମ୍ପେନସେସନ ଆବେଦନ ଦାଖଲ, ୫୦୪ଟି ମିଡିଆ କଭରେଜ୍ ପ୍ରକାଶିତ ୬୭୧୮ ହିତାଧିକାରିଙ୍କୁ ସରକାରୀ ଯୋଜନା ସହ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରକଳ୍ପ ଶିଶୁ ଅଧିକାର ସୁରକ୍ଷା ଓ ସମାଜରେ ସଚେତନତା ବୃଦ୍ଧି କରିବାରେ ଏକ ଦୃଢ଼ ପଦକ୍ଷେପ ଭାବେ ପ୍ରମାଣିତ ହୋଇଛି। ମିଡିଆର ସକ୍ରିୟ ସହଭାଗିତା, ଜିଲ୍ଲା ଓ ବ୍ଲକ ପ୍ରଶାସନ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଶିଶୁ ସୁରକ୍ଷା ବିଭାଗ, ପୁଲିସ ପ୍ରଶାସନ ସହଯୋଗ ଦ୍ୱାରା ଏହି ପ୍ରୟାସର ସନ୍ଦେଶ ଅଧିକ ଲୋକଙ୍କ ନିକଟରେ ପହଞ୍ଚିପାରିଛି ଓ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଏହା ପ୍ରମୁଖ ଭୂମିକା ନିଭାଇଛି।

## ତାଳଚେର ଅଞ୍ଚଳରେ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି

ତାଳଚେର,୮ ।୪(ସମିସ)



ତାଳଚେର ସହରରେ ମଶାଙ୍କ ଉପଦ୍ରବ ଦିନକୁ ଦିନ ବଢୁଥିବା ବେଳେ ଏଥିପ୍ରତି ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌରସଂସ୍ଥା ପକ୍ଷରୁ ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜନସ୍ୱାସ୍ଥ୍ୟ ବିଭାଗ ମଶାତେଲ, ବ୍ଲିଚିଂ, ମଶାଧୂଆଁ ଇତ୍ୟାଦି ଯୋଗାଇଥିବା ବେଳେ ଏଗୁଡ଼ିକ କିପରି ବ୍ୟବହାର କରାଯାଉଛି ତାହା ଦୃଷ୍ଟିକୁ ଆସୁନାହିଁ। ସନ୍ଧ୍ୟା ହେଲେ ମଶାଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଖାଇବା ବ୍ୟବସ୍ଥା ନ ହେଲେ ନାହିଁ, ଘରକୁ ଯିବା ପୂର୍ବରୁ ଲୋକଙ୍କର ପ୍ରଥମେ ଦୋକାନରୁ ମଶାଧୂପ ନେବା କଥା ମନେପଡ଼େ। ମଶାଧୂପ ନ ଲାଗିଲେ ରାତିରେ ଶୋଇବା ଅସମ୍ଭବ ହୋଇ ପଡୁଛି। ମଶା ଉପଦ୍ରବ ଯୋଗୁଁ ଲୋକଙ୍କ ମଧ୍ୟରେ ଡେଙ୍ଗୁ ଭୟ ସୃଷ୍ଟି ହେଉଛି। ପୌରାଞ୍ଚଳର ୨୧ ୱାର୍ଡରେ ଥିବା ଡ୍ରେନ୍ ଓ ବିଭିନ୍ନ ଖାଲୁଆ ସ୍ଥାନରେ ପାଣି ଜମି ରହି ମଶାବଂଶ ବୃଦ୍ଧି ପାଉଥିବା ବେଳେ ଡ୍ରେନ୍‌ଗୁଡ଼ିକ ନିୟମିତ ସଫା କରାଯାଉ ନାହିଁ। ମଶାବଂଶ ବୃଦ୍ଧି ରୋକିବା ପାଇଁ ପୌରସଂସ୍ଥା ପକ୍ଷରୁ ମଶାତେଲ, ବ୍ଲିଚିଂ ପକାଇବା ସହ ସହରରେ ମଶାଧୂଆଁ ବୁଲାଇବା କାଁଭାଁ ହେଉଥିବା ଦେଖିବାକୁ ମିଳୁଛି। ମଶାମାନେ ପ୍ରାୟ ୩କିମି ରାସ୍ତା ଅତିକ୍ରମ କରି ତାଙ୍କ ବଂଶ ବିସ୍ତାର କରିପାରନ୍ତି। ସହରରେ ୩କିମି ମଧ୍ୟରେ ଏକାଧିକ ଥର ଡ୍ରେନ୍ ଓ ପାଣି ଜମୁଥିବା ସ୍ଥାନରେ ଔଷଧ ସିଞ୍ଚନ କରାଗଲେ ମଶାବଂଶ ନିୟନ୍ତ୍ରଣ ହୋଇପାରନ୍ତା। ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର କର୍ମଚାରୀ କେବେ କେମିତି ଗୋଟିଏ ଲେଖାଏଁ ୱାର୍ଡରେ କାମଚଳା ଭାବେ ଔଷଧ ସିଞ୍ଚନ କରୁଛନ୍ତି। ଫଳରେ ମଶାମାନେ ସେହି ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ପଳାଉଛନ୍ତି। ଔଷଧର ପ୍ରକୋପ ସାମାନ୍ୟ କମିବା ପରେ ପୁନର୍ବାର ସେହି ସ୍ଥାନକୁ ଆସି ଅଣ୍ଡାଦେଇ ବଂଶ ବିସ୍ତାର କରୁଛନ୍ତି। ଏହା ଦ୍ୱାରା ସେମାନଙ୍କ ଶରୀରରେ ଔଷଧ ସହନଶକ୍ତି ବୃଦ୍ଧି ପାଉଛି। ତେଣୁ ଭବିଷ୍ୟତରେ ସେମାନଙ୍କୁ ଏହି ଔଷଧ କାମ କରିବ ନାହିଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।

ପୌରସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବରେ ଏହି କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଲେ ମଶାଙ୍କ ପ୍ରାଦୁର୍ଭାବ କମି ଯାଆନ୍ତା ବୋଲି ମତ ପ୍ରକାଶ ପାଇଛି।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ଆଳି,୮।୪(ସମିସ): ଆଳି ଅଞ୍ଚଳରେ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ରାଣୀପୋଖରୀ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ରାଜକନିକା ଥାନା ବିଲବରୁଣା ଗ୍ରାମର ରଞ୍ଜିତ ବାରିକ (୪୦) ବାଇକ୍ ଯୋଗେ ଆଳି ଯାଇଥିଲେ। ଆଳିରୁ କାର୍ଯ୍ୟ ସାରି ନିଜ ଗ୍ରାମକୁ ଫେରୁଥିବା ସମୟରେ ଆଳି ବାଲକାଟୀର ରାଣୀପୋଖରୀ ଛକରେ ହଠାତ ତାଙ୍କ ଗାଡ଼ି ଆଗକୁ ଏକ କୁକୁର ଆସିଯିବାରୁ ସେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିଲେ।

## ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

ରାଜକନିକା,୮।୪(ସମିସ): ରାଜକନିକା ବ୍ଲକ୍ ସିହୋପଡ଼ା-ହାଟସାହି ରାସ୍ତାରେ ବୁଧବାର ଅପରାହ୍ଣରେ ଦୁର୍ଘଟଣାରେ ଦୁଇଜଣ ଗୁରୁତର ହୋଇଛନ୍ତି। ତେବେ ନମତରାପାଟଣା ଗାଁର ତିନି ଜଣ ଯୁବକ ଘରକୁ ବାଇକ୍ ଯୋଗେ ଫେରିଲା ବେଳେ ସିହୋପଡ଼ା -ହାଟସାହି ରାସ୍ତା ଭାରସାମ୍ୟ ହରାଇ ଗଛରେ ପିଟି ହୋଇଜୀବରୁ ଘଟଣାସ୍ଥଳେ ଦୁଇଜଣ ମୃତ୍ୟୁବରଣ କରଥିବାବେଳେ ଆଉଜଣେ ଗୁରୁତ୍ୱ ଅବସ୍ଥାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ତେବେ ମୃତକ ଯୁବକ ହେଲେ ନମତରା ପଟଣା ଗାଁର ପଦ୍ମଲୋଚନ ବଳଙ୍କ ପୁଅ ମାନସ ରଞ୍ଜନ ବଳ (୨୫), ସରୋଜ ଦାଶଙ୍କ ପୁଅ ଦିବ୍ୟଜ୍ୟୋତି ଦାଶ (୨୨) ବୋଲି ଜଣାପଡ଼ିଛି। ତେବେ ସେହି ଗାଁର ସୁବାଷ ଚନ୍ଦ୍ର ବେହେରାଙ୍କ ପୁଅ ବିକାଶ ବେହେରା (୨୧) ଗୁରୁତର ହୋଇ କଟକ ବଡ଼ ମେଡିକାଲକୁ ପଠାଯାଇଥିବା ସୂଚନା ମିଳିଛି।

## ଚାନ୍ଦୋଳରେ ପଞ୍ଚାୟତସ୍ତରୀୟ ଜନଶୁଣାଣି

ଡେରାବିଶ,୮।୪(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ଏବିଡିଓ ମୃଣ୍ମୟ ରାଉତ, ସରପଞ୍ଚ ସୁରେନ୍ଦ୍ର ମଳିକ ଓ ସମିତିସଭ୍ୟା ମୁଲତା ମିଶ୍ର ଉପସ୍ଥିତ ରହି ୧୯ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିମଧ୍ୟରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ସମାଧାନ ନିମନ୍ତେ ପଠାଯାଇଥିଲା। ଏହି ଶିବିରରେ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ଦେବେଶ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଜନଶୁଣାଣି ଶିବିରରେ ଅଧିକାଂଶ ଅଭିଯୋଗ ବାସଗୃହ ଓ ରାଶନ କାଡର୍ ସମ୍ବନ୍ଧୀୟ ରହିଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ।



## ପୋଖରିଆପଡ଼ା ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା



ପଟ୍ଟାମୁଣ୍ଡାଇ,୮।୪(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ପୋଖରିଆପଡ଼ା ଗ୍ରାମର ମା' ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଜଗବନ୍ଧୁ ନାୟକ ଏବଂ ପୂଜକ ଲକ୍ଷ୍ମଣ ଦାଶ ଓ ଜିତେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଝାମୁ ଯାତ୍ରାରେ ମା' ମଙ୍ଗଳାଙ୍କ ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଘଟସ୍ଥାପନ, ହୋମ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ମା' ମଙ୍ଗଳାଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେହୋଇ ନଗର ପରିକ୍ରମା କରିବା ସହିତ ଘରକୁ ଘର ଯାଇ ପ୍ରସାଦ ଲାଗି କରିଥିଲେ। ଏଥିସହିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରମ୍ପରା ଅନୁଯାୟୀ ମା'ଙ୍କ ମନ୍ଦିର ପାଖର୍ଶ୍ୱରେ ପ୍ରସ୍ତୁତ ରଡ଼ ନିଆଁରେ ପାଟୁଆ ଖାଲି ପାଦରେ ଚାଲିବାର ବିଧି ରହିଛି। ମା' ଶାରଳାଙ୍କ କ୍ଷେତ୍ର କୁଜଙ୍ଗରୁ ଆସିଥିବା ବିପିନ ଦାଶ ଓ ତାଙ୍କ ସାଥୀ ମା' ମଙ୍ଗଳାଙ୍କ ପ୍ରତିରୂପକୁ ମସ୍ତକରେ ଧାରଣ କରି ଖାଲି ପାଦରେ ନିଆଁରେ ଚାଲିବାର ଦୃଶ୍ୟ ଦେଖିବାକୁ ପଟ୍ଟାମୁଣ୍ଡାଇ ସହର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଧରେନ୍ଦ୍ର ନାୟକ, ଜିତେନ୍ଦ୍ର ନାୟକ, ଅରୁଣ କୁମାର ନାଥ, ସଂଗ୍ରାମ ସାହୁ, ସମୀର ପାତ୍ର, ପ୍ରେମାନନ୍ଦ ପଣ୍ଡା, ବଂଶୀଧର ନାୟକ, ଶୁଭେନ୍ଦ୍ର ଚୌଧୁରୀ, ରଞ୍ଜନ ନାୟକ, ସର୍ବେଶ୍ୱର ମଲ୍ଲ, ରଞ୍ଜନ ନାଥ, ସୌମ୍ୟରଞ୍ଜନ ଚୌଧୁରୀ, ରବୀନ୍ଦ୍ର ପାତ୍ର, ଦେବାଶିଷ ନାୟକ ଓ ଶରତ ନାୟକ ପରିଚାଳନା କରିଥିଲେ। ସେହିପରି ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ, କାଉନସିଲର ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ଉପେନ୍ଦ୍ର ନାୟକ, ନିରାକାର ସାହୁ , ଆଡଭୋକେଟ୍ ପ୍ରମୋଦ ସାହୁ, ଗୋପିନାଥ ତ୍ରିପାଠି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ କୃପାସିନ୍ଧୁ ନାୟକଙ୍କ ପରିଚାଳନାରେ କସ୍ତୁରୀ କଳା ନିକେତନର କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଭକ୍ତ ମାଙ୍କ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ।

# ହୋଟେଲ୍‌ରେ ଘରୋଇ ଗ୍ୟାସ; ୯ ସିଲିଣ୍ଡର ଜବତ

କେନ୍ଦ୍ରାପଡ଼ା,୮।୪(ସମିସ)



ଘରୋଇ ଏଲ୍‌ପିଜି ଗ୍ୟାସ୍‌କୁ ବ୍ୟବସାୟିକ ଉଦ୍ଦେଶ୍ୟରେ ହୋଟେଲ ଓ ଜଳଖିଆ ଦୋକାନରେ ବ୍ୟବହାର କରାଯାଉଥିବା ଅଭିଯୋଗକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉ ସମୟରେ ବିଭିନ୍ନ ସ୍ଥାନରୁ ଘରୋଇ ସିଲିଣ୍ଡର ଜବତ କରାଯାଇଛି। କୋରୁଆ ବଜାରରେ ଥିବା ମା' ତାରିଣୀ ହୋଟେଲରୁ ୪ଟି ଘରୋଇ ଗ୍ୟାସ ସିଲିଣ୍ଡର ଓ ପାଟକୁରା ବଜାରର ନନ୍ଦୀ ହୋଟେଲରୁ ୫ଟି ସିଲିଣ୍ଡର ଜବତ କରାଯାଇଛି। ଏହି ଚଢ଼ଉରେ ଆଡିସନାଲ ସିଏସ୍‌ଓ ପ୍ରଦୀପ ଦାସ, ଏସିଏସ୍‌ଓ ଶିବପ୍ରସାଦ ମହାନ୍ତି ଓ ଗରଦପୁର ଏମ୍‌ଆଇ ଶୁଚିସ୍ମିତା ମହାନ୍ତି ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ବହୁ ପ୍ରଶ୍ନ ଉଠିଛି। ହୋଟେଲଗୁଡ଼ିକୁ ଏତେ ପରିମାଣରେ ଘରୋଇ ଗ୍ୟାସ ସିଲିଣ୍ଡର କିଏ ଯୋଗାଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଗ୍ୟାସ ଏଜେନ୍ସି ମୋଟା ଅର୍ଥ ନେଇ ଏହି ଅବୈଧ ଯୋଗାଣ କରୁଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସୁଛି। ସ୍ଥାନୀୟ ଲୋକଙ୍କ ମତାନୁସାରେ, କେବଳ ଛୋଟ ହୋଟେଲ ଓ ଦୋକାନରେ ଚଢ଼ଉ କରିବା ପରିବର୍ତ୍ତେ, ଯେଉଁମାନେ ମୂଳରୁ ଏହି ଅବୈଧ କାରବାରକୁ ଚଳାଉଛନ୍ତି ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅସଲି ଦୋଷୀଙ୍କୁ କେବେ ଧରାଯିବ ବୋଲି ପ୍ରଶ୍ନ ଉଠାଇଛନ୍ତି ସାଧାରଣ ଲୋକେ। ଏହି ପରିସ୍ଥିତିରେ ଯୋଗାଣ ବିଭାଗର ଭୂମିକା ଉପରେ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି। ଯଦି ଗ୍ୟାସ ଏଜେନ୍ସିମାନେ ଏଥିରେ ଜଡ଼ିତ, ତେବେ ସେମାନଙ୍କ ବିରୋଧରେ କାହିଁକି କଠୋର ପଦକ୍ଷେପ ନେଉନାହାନ୍ତି ବୋଲି ପ୍ରଶ୍ନ ଉଠୁଛି। ଏହା ସହିତ, ଘରୋଇ ଗ୍ୟାସର ଅବୈଧ ବ୍ୟବହାର ନିୟନ୍ତ୍ରଣ ପାଇଁ ଯୋଗାଣ ବିଭାଗ ଆଗାମୀ ଦିନରେ କିପରି କଠୋର ପଦକ୍ଷେପ ନେବ, ସେଥିପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ପଟ୍ଟାମୁଣ୍ଡାଇ ଓକିଲ ସଂଘର ଶପଥ ଗ୍ରହଣ



ପଟ୍ଟାମୁଣ୍ଡାଇ,୮।୪(ସମିସ): ପଟ୍ଟାମୁଣ୍ଡାଇ ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ କୋର୍ଟ ପରିସରରେ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ନିର୍ବାଚନରେ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ସୂର୍ଯ୍ୟ ରଞ୍ଜନ ରାଉଳ,ଉପ ସଭାପତି ଗୋପିନାଥ ତ୍ରିପାଠୀ , ସମ୍ପାଦକ - ରବିନ୍ଦ୍ର କୁମାର ଦାଶ ଯୁଗ୍ମ ସମ୍ପାଦକ କୁମାର ସତ୍ୟନାରାୟଣ ନାୟକ କୋଷାଧକ୍ଷ ଗୀତାଞ୍ଜଳୀ ପୃଷ୍ଟି ଓ ପାଠାଗାର ସମ୍ପାଦକ ସିନା ରାଣୀ ଓଝାଙ୍କୁ ନିର୍ବାଚନ ଅଧିକାରୀ ବରିଷ୍ଠ ଓକିଲ ଭୀମସେନ ପ୍ରଧାନ ଶପଥ ପାଠ କରାଇଥିଲେ। ଏହି ଶପଥ ଗ୍ରହଣ ଉତ୍ସବରେ ପଟ୍ଟାମୁଣ୍ଡାଇ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି, ସବଜଜ ଅପୂର୍ବା ଚୌଧୁରୀ, ଜେ ଏମ୍ ଏଫ ସି ବିଦ୍ୟୁତଲତା ପ୍ରଧାନ, ଅନ୍ୟତମ ଜେ ଏମ୍ ଏଫ ସି, ଡି କେ.ବାଲକ୍ରିଷ୍ଣନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ଓଡିଶା ହାଇକୋର୍ଟ ବାର ଆସୋସିଏସନ ପ୍ରାକ୍ତନ ଉପସଭାପତି କ୍ଷୀରୋଦ କୁମାର ରାଉତ ବରିଷ୍ଠ ଆଇନଜୀବୀମ ପୂର୍ବତନ ପ୍ରତିଷ୍ଠାତା ସଭାପତି ଅନନ୍ତ ଚନ୍ଦ୍ର ଦାଶ, ପୂର୍ବତନ ସଭପତି କିଶୋର ଚନ୍ଦ୍ର କୁଣ୍ଡ ଓ ତପନ କୁମାର ମିଶ୍ର ଡକ୍ଟର ନରହରି ଲେଙ୍କା ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସଭା ରେ ବରିଷ୍ଠ ଆଇନଜୀବୀ ମହେଶ୍ୱର କର, ପ୍ରଫୁଲ୍ଲ କୁମାର ଦାଶ, ରାମକୃଷ୍ଣ ଦାଶ ଦାମୋଦର ସାହୁ, ହୃଦାନନ୍ଦ ମହାନ୍ତି, ବିଦ୍ୟାଭୂଷଣ ଦାଶ, ଅଲେଖ ଚନ୍ଦ୍ର ବଳ, ମିର୍ଜା ଫୟୁଦ୍ଦିନ, ଅମିୟ ଭୂଷଣ କୁଣ୍ଡ,, ଶରତ ଚନ୍ଦ୍ର ମଲ୍ଲିକ, ସରକାରୀ ଓକିଲ ସୁଶାନ୍ତ କୁମାର ସାମଲ, ସୁମନ୍ତ କୁମାର ମାଝି, ନନ୍ଦ ଦୁଲାଲ ଜେନା,ଅଶ୍ୱିନୀ କୁମାର ବେହେରା, ପ୍ରକାଶ ପାତ୍ର, ପ୍ରମୋଦ କୁମାର ବିଶ୍ୱାଳ, ଗୟାଚାନ୍ଦ ପରିଡ଼ା ସତ୍ୟନାରାୟଣ ତ୍ରିପାଠୀ, ଦେବବ୍ରତ ସ୍ୱାଇଁ, ସୀତାକାନ୍ତ ନାୟକ, ସଞ୍ଜୀବ କର, ଲଳିତ କୁମାର ଦାସମହାପାତ୍ର, କଳ୍ପତରୁ ମହାପାତ୍ର, ଗୁରୁଚରଣ ଷଣ୍ଢ, ପୀତାମ୍ବର ପଣ୍ଡା, ଧବଳେଶ୍ୱର ସାହୁ, ରମେଶ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର ବାରିକ, ବାଣୀକଣ୍ଠ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଓ ଶପଥ ଗ୍ରହଣ ଉତ୍ସବ। ପୂର୍ବରୁ ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭ୍ୟ ବିଧାୟକ ଧ୍ରୁବ ସାହୁ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ଓକିଲ ସଂଘ କାର୍ଯ୍ୟାଳୟରେ ପହଞ୍ଚି ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ମଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ମୃତ୍ୟୁଞ୍ଜୟ ରାଉତ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଜିତେନ୍ଦ୍ର କୁମାର ନନ୍ଦୀ, ନିଗମାନନ୍ଦ ତ୍ରିପାଠୀ, ପବିତ୍ର ରଞ୍ଜନ ବେରା ଓ ଗଣେଶ ଚନ୍ଦ୍ର ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିରୂପା ନଦୀ ବନ୍ଧ ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି

ପଞ୍ଚୁପାଣ୍ଡବ,୮।୪(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ବେଣୀପୁର ମହାଜନ ସାହି (ବଙ୍ଗାଳୀ ସାହି) ବିରୂପା ନଦୀ ବନ୍ଧକୁ ମରାମତି କରିବା ପାଇଁ ହୋଇଛି ଦାବି। ଏହି ବନ୍ଧର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ନଦୀରେ ବନ୍ୟା ଆସିଲେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏହି ବନ୍ଧକୁ ଲାଗି ଶତାଧିକ ଲୋକେ ଘର କରି ରହୁଛନ୍ତି। ଏ ବାବଦରେ ପ୍ରଶାସନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନଥିବା ଅଭିଯୋଗ ହେଉଛି। ବନ୍ଧର ଓସାର ଯେମିତି, ସାଇକଲଟିଏ ଯିବା କଷ୍ଟକର। ଏହି ବିରୂପା ନଦୀ ବନ୍ଧର ଆରପାଶ୍ୱର୍ ତଥା ଯାଜପୁର ଜିଲ୍ଲା ବରୀ ବ୍ଲକ୍ କମ୍ପଗଡ଼ରେ ରାସ୍ତା ଓସାର କରିବା ସହିତ ପିଚୁ ରାସ୍ତା ନିର୍ମାଣ ହୋଇଥିବା ଦେଖିବାକୁ ମିଳୁଛି। ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ବେଣୀପୁର ଘେରି ବନ୍ଧକୁ ଜଳ ସମ୍ପଦ ବିଭାଗ ଅଣଦେଖା କରୁଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାହାରି ନଜର ପଡୁନାହିଁ। ଗତ ବର୍ଷ ବିରୂପା ନଦୀରେ ବନ୍ୟା ଜଳ ଆସିଥିଲାବେଳେ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀ କୂଳିଆ ଗ୍ରାମ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା। ବନ୍ୟା ଆଶଙ୍କା ଥିବାରୁ ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ତଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ଅବବାହିକା ପରିଚାଳକ ବିଘ୍ନରାଜ ପୁରୋହିତ ବେଣୀପୁରରେ ପହଞ୍ଚି ତଦାରଖ କରି ଥିଲେ। ଗତ ୨୦୨୦ ଅଗଷ୍ଟ ମାସରେ ବେଣୀପୁର ଠାରେ ବିରୂପା ନଦୀ ଘେରି ବନ୍ଧ ଭାଙ୍ଗିଥିବା ବେଳେ ସେହି ସମୟରେ ଥିବା ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା ନିଜେ ଘଟଣା ସ୍ଥଳରେ ଉପସ୍ଥିତ ରହି ତଦାରଖ କରିଥିଲେ। ଏହି ପଞ୍ଚାୟତର ୫ ଟି ୱାର୍ଡର ପ୍ରାୟ ୨୦୦ ଘର ପରିବାର ଏବଂ ଯାଜପୁର ଜିଲ୍ଲା ଦେଏକୁଡ଼ି ଗ୍ରାମର ୩ ଟି ୱାର୍ଡର ପ୍ରାୟ ୫୦ ଘର ପରିବାର ଲୋକେ ବନ୍ୟା ଜଳରେ ଜଳବନ୍ଦୀ ହୋଇଥିବା ଦେଖିବାକୁ ମିଳିଥିଲା। ସେହି ଜଳବନ୍ଦୀରେ କେତେକ କୋଠା ଘରର ଛାତ ଉପରକୁ ପାଣି ଚଢ଼ି ଯାଇଥିଲା ବେଳେ ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ବରବାଦ ହୋଇଥିବା ଦେଖିବାକୁ ମିଳିଥିଲା। ବନ୍ୟା ଜଳ ଘେରରେ ପ୍ରାୟ ମାସାଧିକ କାଳ ଜଳବନ୍ଦୀ ହୋଇ ରହିଥିଲେ ହଜାର ହଜାର ଲୋକ। ବନ୍ୟା ସମୟରେ ପ୍ରଶାସନ ଅଧିକାରୀ ଆସି ଦେଖିକି ଯାଆନ୍ତି, ତାପରେ କାହାରି ଦେଖା ମିଳେ ନାହିଁ। ସୂଚନା ଥାଉକି ବେଣୀପୁରରେ ଥିବା କେତେକ ଦୁର୍ବଳ ନଦୀ ବନ୍ଧକୁ ମରାମତି କରିବା ପାଇଁ ପ୍ରଶାସନ ଅଧିକାରୀଙ୍କ ଅବହେଳା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକେ ବନ୍ୟା ଆସିଲେ ଅଞ୍ଚଳବାସୀ ଆତଙ୍କିତ ହୁଅନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବନ୍ୟା ପାଣି ଆସିବା ପୂର୍ବରୁ ଦୁର୍ବଳ ନଦୀ ବନ୍ଧକୁ ମରାମତି କରିବା ସହ ବନ୍ଧକୁ ଓସାର କରିବା ସହିତ କଂକ୍ରିଟ ଢଳାଇ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରାଜନଗର,୮।୪(ସମିସ): ତାଳଚୁଆ ସାମୁଦ୍ରିକ ଥାନା କେରୁଆଁପାଳ ପଞ୍ଚାୟତ ଗର୍ତ୍ତ ଗାଁର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଗାଁର ଦୀପକ କୁମାର ମଣ୍ଡଳଙ୍କ ୨୫ ବର୍ଷୀୟ ପୁଅ ଦିଲ୍ଲୀପଙ୍କୁ ଆଜି ଗୁରୁତର ଭାବେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନା ମୁତାବକ ଆଜି ସକାଳେ ପରିବାର ଲୋକେ ଘର ଖୋଲିଲା ବେଳକୁ ଦିଲ୍ଲୀପ ସଂଜ୍ଞାହୀନ ଭାବେ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଅଞ୍ଚଳରେ ଦିଲ୍ଲୀପ ବିଷ ପିଇ ଆଇହତ୍ୟା କରିଥିବା ନେଇ ଚର୍ଚ୍ଚା ହୋଇଛି।

## ଶ୍ରମିକଙ୍କ ଝିଅ ଜାମ୍‌ରେ ସଫଳ



ରାଜକନିକା,୮।୪(ସମିସ): କଠୋର ପରିଶ୍ରମ ଓ ଅଧ୍ୟବସାୟ ବଳରେ ଜଣେ ସାଧାରଣ ପରିବାରର ଝିଅ ଜାମ୍‌ରେ ସଫଳତା ଅର୍ଜନ କରି ନିଜ ଜନ୍ମ ମାଟିକୁ ଧନ୍ୟ କରିଦେଇଛନ୍ତି। ଜଏଣ୍ଟ ଆଡମିସନ ଫର ମାଷ୍ଟର୍ସ (ଜାମ୍) ପାଇଁ ଅନୁଷ୍ଠିତ ପରୀକ୍ଷାରେ ରାଜକନିକା ବ୍ଲକ୍ ଡାଏଣିଗିରି ଗାଁର ନାରାୟଣ ସାମଲ ଓ ମାଆ ରୀତାଞ୍ଜଳି ସାମଲଙ୍କ ସାନଝିଅ ରେଣୁକା ସାମଲ ଏହି ସଫଳତା ଆଣିଛନ୍ତି। ରାଜକନିକା ଏସ୍‌ଏନ୍ କଲେଜର ରସାୟନ ବିଭାଗ ଛାତ୍ରୀ ରେଣୁକାଙ୍କ ଏହି ସଫଳତା ପାଇଁ କଲେଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ଜାମ୍‌ର ସର୍ବଭାରତୀୟ ସ୍ତରର ୫୭୦ ରାଙ୍କରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ରେଣୁକା ଧାନବାଦସ୍ଥିତ ଗବେଷଣା କେନ୍ଦ୍ରରେ ନିଜ ଗବେଷଣା କରିବାକୁ ମନସ୍ଥ କରିଛନ୍ତି। ଭବିଷ୍ୟତରେ ଜଣେ ରିସର୍ଚ୍ଚ ହେବାକୁ ପ୍ରୟାସ ରଖିଥିବା ରେଣୁକାଙ୍କ ଏହି ସଫଳତା ଅନ୍ୟ ସମସ୍ତ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇଛି। ତେବେ ବାପା ଜଣେ ଶ୍ରମିକ ଓ ମାଆ ଜଣେ ଆଶା କର୍ମୀ ଥାଇ ନିଜର ପିଲାମାନଙ୍କ ଏହି ସଫଳତା ତାଙ୍କୁ ଉତ୍ସାହିତ କରିଥିବା କହିଛନ୍ତି। ପ୍ରକାଶ ଯେ ରେଣୁକାଙ୍କ ବଡ଼ ଭଉଣୀ ସରିତା ସାମଲ ମଧ୍ୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସୋସିଓଲୋଜିର ପିଜି ବିଭାଗରେ ଦ୍ୱିତୀୟ ବର୍ଷରେ ଅଧ୍ୟୟନ ଜାରି ରଖିଛନ୍ତି। ବାପା ମାଆଙ୍କ ସ୍ୱଳ୍ପ ରୋଜଗାରରେ ଦୁଇ ଭଉଣୀ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିବା ସାଧାରଣ ପରିବାରର ଶିକ୍ଷାନବୀଶଙ୍କୁ ଉତ୍ସାହିତ କରିବ ନିଶ୍ଚୟ।

## କଂଗ୍ରେସ ଛାଡ଼ି ଓଜେସିରେ ଯୋଗଦେଲେ ଅଶୋକ



ରାଜନଗର,୮।୪(ସମିସ): କଂଗ୍ରେସ ଟିକଟରେ ରାଜନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଅଶୋକ ପ୍ରତିହାରୀ ନବଗଠିତ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ରେ ଯୋଗ ଦେଇଛନ୍ତି। ଆଜି ସକାଳେ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ପରେ ଓଡ଼ିଶା ପ୍ରଦେଶ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସୁଜିତ ପାଢ଼ୀ ଅଶୋକ ପ୍ରତିହାରୀଙ୍କୁ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ ବହିଷ୍କାର କରିଥିବା ନେଇ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। କଂଗ୍ରେସ ଦଳ ଛାଡ଼ିବା ପରେ ଅଶୋକ ପ୍ରତିହାରୀ ଓଡ଼ିଶା ଜନତା କଂଗ୍ରେସ ପାର୍ଟିରେ ତାଙ୍କ ସମର୍ଥକଙ୍କ ସହିତ ଯୋଗ ଦେଇଛନ୍ତି। ଆଜି ରାଜନଗରସ୍ଥିତ କେସି ମଣ୍ଡପରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ମୁଖ୍ୟ ଇ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଶୋକ ପ୍ରତିହାରୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳରେ ସାମିଲ କରିଥିଲେ।

## ଅବସରପ୍ରାପ୍ତ ସୈନିକ ଗୋଲକ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୮।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ ର ମୁଲୁଗାଇଁ ଗ୍ରାମର ବୀର ଫୌଜୀ ଗୋଲକ ପ୍ରଧାନଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସମାଜସେବୀ କେଶବ ପ୍ରଧାନଙ୍କ ପୌରହିତ୍ୟ ଓ ଧ୍ରୁବ ଅନ୍ନପୂର୍ଣ୍ଣା କଳା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ପୂର୍ବତନ ବିଧାୟକ ଡ ଅଲେଖ କୁମାର ଜେନା, ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଯୁବନେତା ମିଟୁ ମନୋଜ ନାୟକ, ଜ୍ୟୋତିପ୍ରକାଶ ପ୍ରଧାନ ସ୍ୱାଗତ ଦାସ ପ୍ରାକ୍ତନ ସୈନିକ ନିମାଇଁ ପ୍ରଧାନ, କାଶୀନାଥ ସ୍ୱାଇଁ ମାନଗୋବିନ୍ଦ ସ୍ୱାଇଁ, ପ୍ରଦୀପ ପ୍ରଧାନ, କାଳନ୍ଦୀ ପଲାଇ ପ୍ରାକ୍ତନ ସରପଞ୍ଚ ସନ୍ତୋଷ ଦାଶ ପ୍ରମୁଖ ଭାଷଣ ଦେଇ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଧ୍ରୁବ ଅନ୍ନପୂର୍ଣ୍ଣା କଳା ପରିଷଦର ମାନଗୋବିନ୍ଦ ସ୍ୱାଇଁ ଲୋକନାଥ ମଲ୍ଲିକ ଅନୁରାଧା ପତି, ବିଶ୍ୱମ୍ବର କର ସଂଯୁକ୍ତା ନାୟକ ସୁମନ୍ତ ସେନାପତି ସଙ୍ଗମ ରାଉତ କେଶବ ପ୍ରଧାନ ପ୍ରମୁଖ କଳାକାର ଭକ୍ତି ସଂଗୀତ ପରିବେଷଣ କରିଥିଲେ ଓ"ଏହି କାର୍ଯ୍ୟକ୍ରମକୁ ଅଲେଖ ପ୍ରଧାନ ଅଭୟ ପ୍ରଧାନ ଅକ୍ଷୟ ପ୍ରଧାନ ଅମୂଲ୍ୟ ପ୍ରଧାନ( ଟୁକୁନା), କୁଞ୍ଜ ବିହାରୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

# ଜନକଲ୍ୟାଣ ଯୋଜନା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ,୮।୪(ସମିସ)



ପଟ୍ଟାମୁଣ୍ଡାଇ ପୌର ପରିଷଦର ପ୍ରତ୍ୟେକ ଜନକଲ୍ୟାଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦର ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ବିଧାୟକ ଶ୍ରୀସାହୁ କହିଲେ ପ୍ରତ୍ୟେକ ସରକାରୀ ଯୋଜନା ବିକାଶମୂଳକ କାର୍ଯ୍ୟକ୍ରମ ସର୍ବୋପରି ଜଳନିଷ୍କାସନ ଓ ବୁଲା ଗାଇ ଗୋରୁ ହଟାଇବା ଓ ଉଠାଦୋକାନୀ ଥଇଥାନ ପ୍ରତି ବିଶେଷ ଦୃଷ୍ଟି ଦେଇ ସମସ୍ତ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁ ପୌର ପରିଷଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବିଗତ ବୈଠକର ବିବରଣୀ ପାଠ କରିଥିଲେ। କାଉନସିଲର ପ୍ରଶାନ୍ତ ବାରିକ, ଗୋପୀବଲ୍ଲଭ ନାୟକ ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ବନିତା ମଲିକ, ମଧୁସ୍ମିତା ମଲିକ, ସୁଧାମୟ ମଲିକ, ମଳୟ ଓଝା ପ୍ରିୟଙ୍କା ସେଠୀ ବିଦ୍ୟାଧର ସେଠୀ, ସାନିଆ ପରମିନ ସାହେବା, ଝରଣା ବେହେରା, ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ସୁବାଷ ମଲିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ୱାର୍ଡର ସମସ୍ୟା ଉତ୍ଥାପନ କରିଥିଲେ। ଏହି ବୈଠକରେ ଗତ ସାଧାରଣ ବୈଠକର ବିବରଣୀ ପଠନ କରାଯାଇଥିଲା। ଗତ ଫେବୃୟାରୀ-ମାର୍ଚ୍ଚ ମାସ ଆୟ ବ୍ୟୟ ଅନୁମୋଦନ, ୱାର୍ଡ ୧୧ ଓ ୱାର୍ଡ ୨୦ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା, ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ, ପରିବା ମାର୍କେଟର ସୁବିଧାଜନକ ଅବସ୍ଥିତି,ଅଂଶୁଘାତ ନିରାକରଣ, ପଟ୍ଟାମୁଣ୍ଡାଇ ଟାଉନ ପ୍ଲାନିଂ ସମ୍ପର୍କରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା ଓପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ଓ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବିନିଯୋଗ ଉପରେ ବିଶେଷ ଆଲୋଚନା କରାଯାଇଥିଲା ଓ ସାଧାରଣ ବୈଠକ ପୂର୍ବରୁ ବଜେଟ ବୈଠକ ଅନୁଷ୍ଠିତ ହୋଇ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟକୁ ଅନୁମୋଦନ କରାଯାଇଥିଲା। ଏହି ବୈଠକରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରଶ୍ମୀରଞ୍ଜନ ରାଉତ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ରଥ ପୌର ପରିଷଦ ଯନ୍ତ୍ରୀ ସୁଶୀଲ ବେହେରା, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ସୁଦାମ ସାହୁ, ଯୋଗାଣ ନିରୀକ୍ଷକ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଏହି ବୈଠକକୁ ସରୋଜ ପଣ୍ଡା ତପସ୍ୱିନୀ ଦାଶ ପ୍ରଫୁଲ୍ଲ ଦାଶ ହୃଷିକେଶ ନାଥ, ଗଙ୍ଗାଧର ନାୟକ ଗଣେଶ ଦାସ ଓ ମନୋରଞ୍ଜନ ଦାଶ ପରିଚାଳନା କରିଥିଲେ।

## ସମର୍ପଣ ପରିବାର ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୮।୪(ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ପବିତ୍ରପଡ଼ା ଗ୍ରାମରେ ଅନୁଷ୍ଠିତ ହେଉଥିବା ରାମଗାଥା ଅଭିନୟ ମଞ୍ଚରେ ଗତକାଲି କଟକ ଜିଲ୍ଲା ପୋତାପୋଖରୀସ୍ଥିତ 'ସମର୍ପଣ' ଅନୁଷ୍ଠାନ ପକ୍ଷରୁ ରାମଗାଥା ଅଭିନୟର ଦୁଇ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। 'ସମର୍ପଣ' ପରିବାର ପକ୍ଷରୁ ଲୋକକଳାକୁ ଉଜ୍ଜୀବିତ କରି ଆସୁଥିବା ବିଭିନ୍ନ କଳା ଅନୁଷ୍ଠାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଆସୁଥିବା ବେଳେ ଗତକାଲି ପବିତ୍ରପଡ଼ାର ବଟମହାପୁରୁଷ ରାମନବମୀ ଅନୁଷ୍ଠାନର ବୟୋଜ୍ୟେଷ୍ଠ ତଥା ପ୍ରଥମ ରାମ ଚରିତ୍ରରେ ଅଭିନୟ କରିଥିବା ସ୍ମାରକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। 'ସମର୍ପଣ' ପରିବାରର ସହଯୋଗୀ ସଦସ୍ୟ ରବୀନ୍ଦ୍ର କୁମାର ବାରିକ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସାମ୍ବାଦିକ ପ୍ରମୋଦ କୁମାର ପ୍ରତାପ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୮/୪/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୨,୫୦୨/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍







**ଶ୍ରୀମନ୍ଦିରରେ ଗଜପତି ମହାରାଜା**

## ରତ୍ନ ଅଳଙ୍କାର ଗଣତିମଣତି କାର୍ଯ୍ୟର ଅନୁଧ୍ୟାନ କଲେ

ପୁରୀ,୮।୪(ସମିସ)



ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ଚାଲିଥିବା ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ବୁଧବାର ଅପରାହ୍ଣରେ ଗଜପତି ମହାରାଜା ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଭିତରକୁ ପାଛୋଟି ନିଆଯାଇଥିଲା। ପ୍ରଥମେ ବଟ ଗଣେଶଙ୍କୁ ଦର୍ଶନ କରିଥିଲେ। ଏହାପରେ ବଟମଙ୍ଗଳା, ପଞ୍ଚମହାଦେବଙ୍କୁ ଦର୍ଶନ କରି ପଣ୍ଡା ଦ୍ୱାର ଦେଇ ନାଟମଣ୍ଡପକୁ ପ୍ରବେଶ କରିଥିଲେ। ଗରୁଡ଼ ସ୍ତମ୍ଭ ପଛରେ ଠିଆ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗର୍ଭଗୃହକୁ ଯାଇ ତିନିଠାକୁରଙ୍କୁ ଦର୍ଶନ କରି ନଜିର (ପ୍ରଣାମି) ଦେଇ ରତ୍ନସିଂହାସନ ପ୍ରଦକ୍ଷିଣ ପରେ ରତ୍ନ ଅଳଙ୍କାର ଗଣତିମଣତିର ଅନୁଧ୍ୟାନ କରିଥିଲେ। ଗଣତିମଣତି ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ଭାବେ ଅବଗତ ହେବା ପରେ ରତ୍ନଭଣ୍ଡାରକୁ ଯାଇ ମରାମତି କାମ ଦେଖିଥିଲେ। ଏହାପରେ ବେହରଣ ଦ୍ୱାର ଦେଇ ବାହାରି ଆଦି ନୃସିଂହଙ୍କୁ ଦର୍ଶନ କରିଥିଲେ। ପରେ ମୁକ୍ତିମଣ୍ଡପ, ବିମଳା, କାନପତା ହନୁମାନ ମନ୍ଦିରକୁ ଯାଇଥିଲେ। ପରେ ଭୁବନେଶ୍ୱରୀ, ସରସ୍ୱତୀ, ମହାଲକ୍ଷ୍ମୀ, ନବଗ୍ରହ ଏବଂ ପାଟ ଅଗଣାରେ ନୀଳଚକ୍ରଙ୍କୁ ଦର୍ଶନ କରିଥିଲେ। ଶେଷରେ ସତ୍ୟନାରାୟଣଙ୍କୁ ଦର୍ଶନ କରି ବଟ ଗଣେଶଙ୍କୁ ମୁଣ୍ଡିଆ ମାରି ଦକ୍ଷିଣ ଦ୍ୱାର ଦେଇ ଫେରିଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗଜପତି ମହାରାଜା କହିଥିଲେ, ମହାପ୍ରଭୁଙ୍କ କୃପାରୁ ଗଣତିମଣତି ଶୁଭ ଦିବସରେ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍ଓପି ଅନୁସାରେ ଗଣତିମଣତି ଚାଲିଛି। ତେଣୁ ଏଥିପାଇଁ ସମୟ ଲାଗିବ। କୌଣସି ରତ୍ନ ଅଳଙ୍କାରର ମୂଲ୍ୟାଙ୍କନ ହେଉନାହିଁ। ବାହାର ଭଣ୍ଡାର ପରେ ଭିତର ରତ୍ନଭଣ୍ଡାରର ଗଣତିମଣତି ହେବ। ସମୟ ଲାଗୁ ପଛେ ଉତ୍ତମ ଭାବେ ହେଉ ବୋଲି କହିଛନ୍ତି ଗଜପତି ମହାରାଜା। ଗଜପତିଙ୍କ ସହିତ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ, ସୁଧାଂଶୁ ରାଜଗୁରୁ, ବେହେରା କରଣ ସତ୍ୟଶିବ ଚ୍ୟାଉପଟ୍ଟନାୟକ, ଜ୍ୟୋତିଷ ରାୟ ଶିବନାରାୟଣ ଜ୍ୟୋତିଷ ରାୟ, ପୁଷ୍ପାଳକ ମନୋଜ ପୁଷ୍ପାଳକ ପ୍ରମୁଖ ରହିଥିଲେ।

**କାଳବୈଶାଖୀ ପ୍ରଭାବ**

## ପୁରୀରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା



ପୁରୀ,୮।୪(ସମିସ): ପୁରୀରେ କାଳବୈଶାଖୀ ପ୍ରଭାବରେ ବୁଧବାର ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ପବନ ହୋଇଛି। ରବିବାରଠାରୁ ପୁରୀରେ କାଳବୈଶାଖୀ ପ୍ରଭାବ ରହିଛି। ମଙ୍ଗଳବାର ବି ବର୍ଷା ହୋଇଥିଲା। ଫଳରେ ଗ୍ରୀଷ୍ମ ତାତିରୁ ସାମୟିକ ଭାବେ ଆଶ୍ୱସ୍ତି ପାଇଛନ୍ତି ସହରବାସୀ। ବୁଧବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟା ପରଠାରୁ ହଠାତ୍ ଆକାଶ ଡାଙ୍କି ହୋଇଯାଇଥିଲା। କଳାହାଣ୍ଡିଆ ମେଘ ସନ୍ଧ୍ୟାର ଭ୍ରମ ସୃଷ୍ଟି କରିଥିଲା। ଅପରାହ୍ଣ ୫ଟାରୁ ଆରମ୍ଭ ହୋଇଥିଲା ହାଲ୍କା ପବନ ସାଙ୍ଗକୁ ପ୍ରବଳ ବର୍ଷା ଓ ଘଡ଼ଘଡ଼ି। ପ୍ରାୟ ଅଧଘଣ୍ଟାଏ ଧରି ବର୍ଷା ଛେଚିଥିଲା। ବିଜୁଳି ଘଡ଼ଘଡ଼ି ଏତେ ଜୋର୍‌ରେ ମାରିଥିଲା ଯେ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏହି କାଳବୈଶାଖୀ ବର୍ଷା ଯୋଗୁଁ ରାସ୍ତାଘାଟରେ କିଛି ସମୟପାଇଁ ପାଣି ଜମିଥିଲା। ଯାତାୟାତ ମଧ୍ୟ ପ୍ରଭାବିତ ହୋଇଥିଲା। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ପାଣି ଜମିଥିଲା। ପ୍ରବଳ ବର୍ଷା ଯୋଗୁଁ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ବୁଧବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ ହୋଇଛି। ରତ୍ନଭଣ୍ଡାର ସମ୍ପର୍କିତ ପ୍ରସଙ୍ଗ ସମୟରେ ପାଣିପାଗରେ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳିଥାଏ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିଲା।

## ପ୍ରାଥମିକ ଚିକିତ୍ସା ଉପଚାର ସଚେତନତା ଶିବିର

ପୁରୀ,୮।୪(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ତରଫରୁ ଓଡ଼ିଆ ପକ୍ଷର ଅଷ୍ଟମ ଦିବସରେ ବୁଧବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ଉପଚାର ସଚେତନତା ଶିବିର ଆୟୋଜିତ ହୋଇଛି। ଏହି ଶିବିର ସେଣ୍ଟ ଜନ୍ ଆମ୍ବୁଲାନ୍ସ, ସେବା ସମିତି ଏବଂ ସମ୍ପର୍କର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେଣ୍ଟ ଜନ୍ ଆମ୍ବୁଲାନ୍ସର ପ୍ରଶିକ୍ଷକ ଗଣେଶ ଚନ୍ଦ୍ର ବାରିକ ପ୍ରାଥମିକ ଚିକିତ୍ସା ଉପଚାର ସମ୍ପର୍କରେ ପ୍ରଶିକ୍ଷଣ ଓ ସଚେତନ କରାଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆୟୁର୍ବେଦିକ୍ କଲେଜର ଅଧ୍ୟକ୍ଷ ଡାକ୍ତର ବିପିନ ବିହାରୀ ଖୁଣ୍ଟିଆ, ଡେପୁଟି କଲେକ୍ଟର ଅନୁଶ୍ରାୟ ଗନ୍ତାୟତ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରର ମୂଳ ଉଦ୍ଦେଶ୍ୟ ହେଲା ଦୁର୍ଘଟଣା କିମ୍ବା ଆକସ୍ମିକ ଅସୁସ୍ଥତାରେ ପଡ଼ିଥିବା ବ୍ୟକ୍ତିଙ୍କୁ ଡାକ୍ତରୀ ସହାୟତା ମିଳିବା ପୂର୍ବରୁ ବିଜ୍ଞାନସମ୍ମତ ପ୍ରାଥମିକ ଚିକିତ୍ସା ପ୍ରଦାନ ବିଷୟରେ ସଚେତନତା ଓ ପ୍ରଶିକ୍ଷଣ ଦେବା। ଶିବିରରେ ଆହତଙ୍କୁ ସୁରକ୍ଷିତ ଭାବେ ଆମ୍ବୁଲାନ୍ସ କିମ୍ବା ଦ୍ରୁତଗାମୀ ଯାନ ମାଧ୍ୟମରେ ଡାକ୍ତରଖାନାକୁ ପହଞ୍ଚାଇବା ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଦିଆଯାଇଛି। ବିପର୍ଯ୍ୟୟ ସମୟରେ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମଧ୍ୟ ଅଂଶଗ୍ରାହୀମାନଙ୍କୁ ଜଣାଇ ଦିଆଯାଇଥିଲା।

● 'ଭାଷା ବିଜ୍ଞାନରେ ସଂସ୍କୃତ ଓ ଜଗନ୍ନାଥ' ଶୀର୍ଷକ ବ୍ୟାଖ୍ୟାନ

## ସଂସ୍କୃତ ଭାଷା ଜଗନ୍ନାଥ ସଂସ୍କୃତିର ମୂଳାଧାର

ପୁରୀ,୮।୪(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ଯୋଗାବିଜ୍ଞାନ ଓ ଆଧ୍ୟାତ୍ମିକ ବିଦ୍ୟା ଶାଖା ପକ୍ଷରୁ 'ଭାଷା ବିଜ୍ଞାନରେ ସଂସ୍କୃତ ଓ ଜଗନ୍ନାଥ' ଶୀର୍ଷକ ଏକ ବିଶିଷ୍ଟ ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଭାଷା, ସଂସ୍କୃତି ଓ ଆଧ୍ୟାତ୍ମିକତା ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗଗୁରୁ ଅକ୍ଷୟ କୁମାର ଗ୍ରହାଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ଓଜସ୍ୱିନୀ ଅଭିଭାଷଣ ରଖିଥିଲେ। ସେ କହିଥିଲେ ଯେ, ସଂସ୍କୃତ ଭାଷା କେବଳ ଏକ ସମ୍ଭାଷଣର ମାଧ୍ୟମ ନୁହେଁ, ବରଂ ଏହା ଜଗନ୍ନାଥ ସଂସ୍କୃତିର ମୂଳାଧାର। ଭାଷା ବିଜ୍ଞାନ ଦୃଷ୍ଟିକୋଣରୁ ସଂସ୍କୃତ ଓ ଶ୍ରୀଜଗନ୍ନାଥ ତତ୍ତ୍ୱ ଏକ ଏବଂ ଅଭିନ୍ନ। ଶ୍ରୀଜଗନ୍ନାଥଙ୍କ ନାମ, ରୂପ ଓ ଲୀଳା ମଧ୍ୟରେ ନିହିତ ଥିବା ଧ୍ୱନି ବିଜ୍ଞାନ ମାନବ ଜୀବନକୁ ଆଧ୍ୟାତ୍ମିକ ଶୃଙ୍ଖଳା ପ୍ରଦାନ କରେ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପରିସରର ଯୋଗ ଅଧ୍ୟାପକ ଡ. ପ୍ରେମ ପ୍ରକାଶ ପାଣ୍ଡେ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଚ୍ଛୱା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ବ୍ୟାଖ୍ୟାନର ଲାଭ ଉଠାଇଥିଲେ।

## ନୃତ୍ୟରେ ଗୁରୁ କେଲୁଚରଣଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୮।୪(ସମିସ): ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଙ୍ଗଳବାର ସ୍ୱର୍ଗତ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ୨୨ତମ ଶ୍ରଦ୍ଧାଞ୍ଜଳି, ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଆଲୋଚନାଚକ୍ରରେ ବରିଷ୍ଠ ସଙ୍ଗୀତ ଗୁରୁ କବି ତିଳକ ଆର୍ତ୍ତତ୍ରାଣ ଶତପଥୀ, ଭାରତ ସେବାଶ୍ରମ ସଂଘର ବୃନ୍ଦାବନ ଶାଖା ମୁଖ୍ୟ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ, ଭାରତ ସେବାଶ୍ରମ ସଂଘର ସହ ସମ୍ପାଦକ ସ୍ୱାମୀ ସମିଧାନନ୍ଦ ମହାରାଜ ଯୋଗଦେଇ 'ଗୀତ ଗୋବିନ୍ଦରେ ଶ୍ରୀଜଗନ୍ନାଥ' ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଶରତ କୁମାର ରଥ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ସହ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ନାରୀନେତ୍ରୀ ଜ୍ୟୋତି ମହାପାତ୍ର ମଞ୍ଚାସୀନ ଥିଲେ। ଭୁବନେଶ୍ୱର ଲୋକନାଥ ସଙ୍ଗୀତ କଳାନିକେତନର କଳାକାର ଓ ନୃତ୍ୟାନିପୁଣ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରିୟଙ୍କା ମିଶ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ବିବିଧ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ତରଫରୁ ଅଞ୍ଜୁ ପ୍ରଧାନଙ୍କୁ 'ଶ୍ରୀ ଗୌରବ ସମ୍ମାନ', ଅସ୍ମିତା ଦାସଙ୍କୁ 'ନୃତ୍ୟାଞ୍ଜଳି-୨୦୨୬', ପ୍ରତିମା ମିଶ୍ରଙ୍କୁ 'କୃଷ୍ଣରାମ ଖୁଣ୍ଟିଆ ସ୍ମୃତି ସମ୍ମାନ', ଡ. ନୀଳାଞ୍ଚଳ ସିଂଙ୍କୁ ବିଜୟଲକ୍ଷ୍ମୀ ସ୍ମୃତି ସମ୍ମାନ, ଗୁରୁ ବିବେକ ମହାନ୍ତିଙ୍କୁ ତନୁଶ୍ରୀ ପଣ୍ଡା ସ୍ମୃତି ସମ୍ମାନ, ଗୁରୁ ରବି ନାରାୟଣ ଦାସଙ୍କୁ ଅଭୟ କୁମାର ସରାଫ ସ୍ମୃତି ସମ୍ମାନ, ଗୁରୁ କାର୍ତ୍ତିକ ସାହୁଙ୍କୁ ଶ୍ୟାମ ସୁନ୍ଦର ପାଣ୍ଡେ ସ୍ମୃତି ସମ୍ମାନ, ବିଜୟଲକ୍ଷ୍ମୀ ଦାସଙ୍କୁ ଗୁରୁ ଲିଙ୍ଗରାଜ ବେହେରା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ ଓ ରୋଜାଲିନ ମହାନ୍ତି ସଭା ପରିଚାଳନା କରିଥିଲେ।

## ଏନ୍‌ଏଚ୍‌ଆର୍‌ସି ସ୍ପେଶାଲ ମନିଟରଙ୍କ ଶ୍ରୀସଦାଶିବ ପରିସର ପରିଦର୍ଶନ



ପୁରୀ,୮।୪(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ସ୍ପେଶାଲ ମନିଟର ପ୍ରଫେସର କହ୍ନେୟା ତ୍ରିପାଠୀ ମୁଖ୍ୟଅତିଥି ଭାବେ ପରିସର ପରିଦର୍ଶନ କରିଥିଲେ। ତାଙ୍କ ସହିତ ଉଚ୍ଚଶିକ୍ଷା ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର ଜ୍ୟୋତିରଞ୍ଜନ ଦାସ ମଧ୍ୟ ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସେ ପରିସରର ଶିକ୍ଷାଦାନ ପଦ୍ଧତି ଓ ସାଂସ୍କୃତିକ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଓମ୍ ନାରାୟଣ ମିଶ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂଯୋଜନା କରିଥିଲେ। ଡ. ସୁଶାନ୍ତ କୁମାର ରାୟ ସ୍ୱାଗତ ଭାଷଣ ଦେବା ସହ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଚ୍ଛୱା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଗସ୍ତ ସମୟରେ ବିଭିନ୍ନ ଶୈକ୍ଷିକ ଓ ପ୍ରଶାସନିକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ପରିସରର ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।

## ଚାପ ଡଙ୍ଗାରେ ବସି ରିଲ୍ସକୁ ବିରୋଧ

ପୁରୀ,୮।୪(ସମିସ): ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳ ପାଇଁ ରହିଥିବା ଡଙ୍ଗାରେ ବସି ରିଲ୍ସ କରିଛନ୍ତି ଦୁଇଜଣ ଯୁବକ ଯୁବତୀ। ରିଲ୍ସ ନିଶାରେ ଆମ ସଂସ୍କୃତି, ପରମ୍ପରାକୁ ଭୁଲିଯିବା ଠିକ୍ ନୁହେଁ ବୋଲି ବୁଦ୍ଧିଜୀବୀ କହିବା ସହ ସେହି ଯୁବକ ଯୁବତୀଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରିଛନ୍ତି। ସୂଚନା ଅନୁଯାୟୀ, ଆସନ୍ତା ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନଠାରୁ ଆରମ୍ଭ ହେବ ଚନ୍ଦନ ଯାତ୍ରା। ନରେନ୍ଦ୍ରରେ ପଞ୍ଚ ମହାଦେବଙ୍କ ସହ ମିଶି ଚାପ ଖେଳିବେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ନନ୍ଦା, ଭଦ୍ରା ଚାପ ପ୍ରସ୍ତୁତ ପାଇଁ ନରେନ୍ଦ୍ର କୂଳରେ ୫ଟି ଡଙ୍ଗା ରଖାଯାଇଛି।



ବୁଧବାର ଏହି ଡଙ୍ଗାରେ ବସି ଦୁଇଜଣ ଯୁବକ ଯୁବତୀ ଆଧୁନିକ ଗୀତରେ ରିଲ୍ସ କରିବାର ଭିଡିଓ ଭାଇରାଲ ହେବାରେ ଏହାକୁ ନିନ୍ଦା କରିଛନ୍ତି ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ପାଇଁ ଅନୁରୋଧ କରିଛନ୍ତି।

**ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ**

## ଜୀବନରେ ହତୋତ୍ସାହିତ ନ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ




ପୁରୀ,୮।୪(ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍) ମହାବିଦ୍ୟାଳୟରେ ଅନୁଷ୍ଠାନର ପୂର୍ବତନ ଚେୟାରମ୍ୟାନ୍ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଗ୍ରାମବାସୀଙ୍କ ସମେତ କଲେଜ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ଏଥିସହ କଲେଜ ପ୍ରେକ୍ଷାଳୟରେ ସ୍ୱର୍ଗତ ମିଶ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭେଷଜ ବିଶେଷଜ୍ଞ ଡା. ଏମ୍.ଆର୍. ମହାନ୍ତି, ହୋମିଓପାଥି ଔଷଧ ବିଶେଷଜ୍ଞ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅନୁଷ୍ଠାନର ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶୀ, ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ ଓ ଅଧ୍ୟକ୍ଷ ଡ. ନିକୁଞ୍ଜ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିବା ସହିତ ସମାଜ ପ୍ରତି ତାଙ୍କ ଅବଦାନକୁ ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ମିଶ୍ର ୧୯୮୬ରେ ସିପିଏସ୍ ଭଳି ଫାର୍ମାସୀ କଲେଜ ପ୍ରତିଷ୍ଠା କରିବା ସହିତ ସମାଜରୁ ନିରକ୍ଷରତା, କୁସଂସ୍କାର ଓ ଅନ୍ଧବିଶ୍ୱାସ ଭଳି ବ୍ୟାଧିକୁ ଦୂର କରିବା ଲାଗି ଛୋଟରୁ ବଡ଼ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସ୍କୁଲ ଓ କଲେଜ ପ୍ରତିଷ୍ଠା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶୀ ଜୀବନରେ କେବେ ହତୋତ୍ସାହିତ ନ ହୋଇ କଠିନ ପରିଶ୍ରମ ଦ୍ୱାରା ସମସ୍ତ ଅସୁବିଧାକୁ ସାହସର ସହିତ ସାମ୍ନା କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନାଚକ୍ରକୁ ଅଧ୍ୟାପିକା ଡ. ରୋଜି ପ୍ରିୟଦର୍ଶିନୀ, ଅଧ୍ୟାପକ ଯଶସ୍ୱୀ ରାୟ, ଅସିତ୍ କୁମାର ଷଡ଼ଙ୍ଗୀ ଓ ସିଦ୍ଧେଶ୍ୱର ପ୍ରସାଦ ପାଟଯୋଶୀ ପ୍ରମୁଖ ପରିଚାଳନା କରିଥିବାବେଳେ ଅଧ୍ୟାପିକା ବିଦୁସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ନିରାଶ୍ରିତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ପୁରୀ,୮।୪(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ମଙ୍ଗଳବାର ଓଡ଼ିଶା ପତିତା ଉଦ୍ଧାର ସମିତି (ଓପସ) ପକ୍ଷରୁ ନିରାଶ୍ରିତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ମଣିପାଲ ହସ୍ପିଟାଲ ସହଯୋଗରେ ବାଙ୍ଗରସ୍ଥିତ ଇଣ୍ଟିଗ୍ରେଟେଡ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର କମ୍ପ୍ଲେକ୍ସ (ଆଇଆଇସି) ପରିସରରେ ଏହି ଶିବିର ଆୟୋଜନ କରାଯାଇଥିଲା। ଆଇଆଇସି ପରିସରରେ ରହୁଥିବା ଦୁଇଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କର ରକ୍ତଚାପ, ମଧୁମେହ ପରୀକ୍ଷା ସହ ଡାକ୍ତର ପରାମର୍ଶ ଯୋଗାଇ ଦିଆଯାଇଥିଲା। ମଣିପାଲ ହସ୍ପିଟାଲର ଡାକ୍ତର ସୌଭାଗ୍ୟ ସେନାପତି ଅନ୍ତେବାସୀଙ୍କୁ ପରାମର୍ଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପସ୍‌ର ମାତୃମୟୀ ପ୍ରିୟଦର୍ଶିନୀ, ହସ୍ପିଟାଲର ଶୁଭ୍ରଜିତ ସୁନ୍ଦରାୟ, ଶୀତଲ ସୋନି ନାୟକ, ରୋଜାଲିନ ସାହୁ, ଆଇଆଇସିର ସୁପରିଣ୍ଟେଣ୍ଡେଣ୍ଟ ପାର୍ଥସାରଥୀ ପରିଡ଼ା ପ୍ରମୁଖ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଓପସ୍‌ର ଲୋପାମୁଦ୍ରା ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଶ୍ରୟସ୍ଥଳୀର ମ୍ୟାନେଜର କାଜଲ ନାୟକ, ସେଣ୍ଟର ଇନ୍‌ଚାର୍ଜ ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଆ ପକ୍ଷ ପାଳନରେ ରକ୍ତଦାନ ଶିବିର

ପୁରୀ,୮।୪(ସମିସ): ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ବୁଧବାର ପୁରୀ ଜିଲ୍ଲା ପ୍ରଶାସନ ରେଡ୍‌କ୍ରସ ଶାଖା ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାନ ଏକ ମହତ୍ ଦାନ। ଏଥିପାଇଁ ରକ୍ତଦାନ କରି ପ୍ରମାଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ରକ୍ତର ସବୁବେଳେ ଆବଶ୍ୟକତା ରହିଛି। ଅନେକ ଅମୂଲ୍ୟ ଜୀବନ ରକ୍ତ ଅଭାବରୁ ନଷ୍ଟ ହୋଇଯାଉଛି। ବର୍ତ୍ତମାନ ଗୋଟିଏ ୟୁନିଟ୍ ରକ୍ତରୁ ପୃଥକୀକରଣ ମାଧ୍ୟମରେ ଏକାଧିକ ଜୀବନ ରକ୍ଷା କରାଯାଇ ପାରୁଛି। ତେଣୁ ପ୍ରତ୍ୟେକ ରକ୍ତଦାନ କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ। ଶିବିରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, ରକ୍ତ ଭଣ୍ଡାର ଅଧିକାରୀ ଦୀପକ ସାହୁ, ସାମାଜିକ ଅନୁଷ୍ଠାନ ସମର୍ପଣର ସମ୍ପାଦିକା ଜୟନ୍ତୀ ମହାପାତ୍ର, ସମ୍ପର୍କର ସମ୍ପାଦକ ସୌମେନ୍ଦ୍ର ଦାସ, ସୁକାନ୍ତ ଦାଶ, ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି, ବାଇଧର ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଶିବିରରେ ସୂରଜମଲ୍ଲ ସାହା, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ସେଣ୍ଟ ଜନ୍ ଆମ୍ବୁଲାନ୍ସର ମାଷ୍ଟର ଟ୍ରେନର ଗଣେଶ ବାରିକ ପ୍ରାଥମିକ ଚିକିତ୍ସା ସଚେତନତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।



## ମେଡିକାଲ କଲେଜକୁ ମାଆଙ୍କ ମରଶରୀର ଦାନକଲେ ଶିକ୍ଷାବିତ୍

ପୁରୀ,୮।୪(ସମିସ)



ଏକ ସାର୍ବଜନୀନ ମହତ୍ ଉଦ୍ଦେଶ୍ୟରେ ମେଡିକାଲ କଲେଜରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ନିଜ ମାଆଙ୍କ ମୃତଶରୀର ଦାନ କରିଛନ୍ତି ପୁରୀ ସହରର ଜଣେ ଶିକ୍ଷାବିତ୍। ପୁରୀ ଉପର ନୂଆସାହି ନିବାସୀ ସ୍ୱର୍ଗତ ବୈଦ୍ୟନାଥ ମହାନ୍ତିଙ୍କ ଧର୍ମପତ୍ନୀ ରାଧାମଣି ମହାନ୍ତିଙ୍କର ଏପ୍ରିଲ ୬ ତାରିଖ ସନ୍ଧ୍ୟାରେ ପରଲୋକ ହେବା ପରେ ତାଙ୍କ ପରିବାର ପକ୍ଷରୁ ମୃତ ଶରୀରକୁ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶରୀର ସର ନା (ଆନାଟୋମି) ବିଭାଗରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଦାନ କରାଯାଇଛି। ନିଜ ମୃତଶରୀର ଦାନ ପାଇଁ ରାଧାମଣିଙ୍କ ସମେତ ତାଙ୍କ ୪ ପୁତ୍ର ଆଗ୍ରହ ପ୍ରକାଶ କରିବା ସହ ଗତ ଅକ୍ଟୋବର ମାସରେ କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଇଚ୍ଛାପତ୍ର ପ୍ରଦାନ କରିଥିଲେ। ଗତ ସୋମବାର ସନ୍ଧ୍ୟାରେ ମୃତ୍ୟୁ ପରେ ତାଙ୍କ ପୁତ୍ର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫୁଲ୍ଲ କୁମାର ମହାନ୍ତି, ଶରତ ମହାନ୍ତି, ବସନ୍ତ ମହାନ୍ତି, ରମେଶ ମହାନ୍ତି, କନ୍ୟା ଅନୁପମା ଦାସ ଓ ଅନ୍ୟ ପରିବାର ସଦସ୍ୟ ରାଧାମଣିଙ୍କ ମରଶରୀରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଆନାଟୋମି ବିଭାଗ ମୁଖ୍ୟ ତଥା ଉପାଧ୍ୟକ୍ଷ ପ୍ରଫେସର ଡା. ଲଲାଟେନ୍ଦୁ ସାଇଁଙ୍କୁ ହସ୍ତାନ୍ତର କରିଥିଲେ। ଏହି ସମୟରେ କଲେଜର ନୀତି ତାତ୍ତ୍ୱିକ ଭେଷଜ ଓ ବିଷବିଜ୍ଞାନ (ଏଫ୍‌ଏମ୍‌ଟି) ବିଭାଗ ମୁଖ୍ୟ ପ୍ରଫେସର ଡା. ଅମରେନ୍ଦ୍ର ନାୟକ, ବରିଷ୍ଠ ଡାକ୍ତର ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ଏହି ମରଶରୀରକୁ ବିଭିନ୍ନ ରସାୟନ ପ୍ରୟୋଗ କରି ସଂରକ୍ଷିତ କରାଯାଇଥିବା ବେଳେ ଆଗାମୀ ଦିନରେ ଏହା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟବହୃତ ହେବ।

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପାଇଁ ଏହା ପ୍ରଥମ ମୃତଶରୀର ଦାନ ଘଟଣା ବୋଲି ଡିନ୍ ପ୍ରଫେସର୍ ଡା. ସବିତା ମହାପାତ୍ର ଓ ଆନାଟୋମି ବିଭାଗ ମୁଖ୍ୟ ପ୍ରଫେସର ଡା. ଲଲାଟେନ୍ଦୁ ସାଇଁ କହିଛନ୍ତି। ସାମାଜିକ ସଂସ୍କାର ଓ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଶିକ୍ଷାର ବିକାଶ ଉଦ୍ଦେଶ୍ୟରେ ନିଜ ମାଆଙ୍କ ମରଶରୀର ଦାନ କରିଥିବା ପରିବାର ସଦସ୍ୟମାନେ ପ୍ରକାଶ କରିଥିବାବେଳେ ଏଭଳି ସାଧୁ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଅସରାଏ ବର୍ଷାରେ ଯାତାୟାତ ଠପ୍; ଛାତ୍ରଛାତ୍ରୀ ହନ୍ତସନ୍ତ

ଅସୁରାଳି,୮।୪(ସମିସ)



ଧାମନଗର ବ୍ଲକ୍‌ର ଧୂଷୁରୀରୁ ପଙ୍ଗଟା ଛକ ଦେଇ ହସନାବାଦ ରାସ୍ତା ଜିଲ୍ଲାର ଏକ ବ୍ୟସ୍ତବହୁଳ ପ୍ରମୁଖ ରାସ୍ତା। ଉକ୍ତ ରାସ୍ତାର ଅବସ୍ଥା ଏବେ କହିଲେ ନସରେ। ୨ବର୍ଷ ହେବ ନିର୍ମାଣ କରାଯାଇଥିବା ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତା ପୂର୍ଣ୍ଣାଙ୍ଗ ହୋଇ ନ ଥିବାବେଳେ ଏବେ ମଝି ରାସ୍ତାରେ ନିର୍ମାଣାଧୀନ ଥିବା ବାଲିଘାଇ ଚତର କଲ୍‌ଭର୍ଟର ଡାଇଭର୍ସନ ପାଇଁ ସ୍ଥାନୀୟ ଲୋକେ ଯିବାଆସିବା ପାଇଁ କଲବଲ ହେଉଛନ୍ତି। କଲ୍‌ଭର୍ଟ ନିର୍ମାଣ କରୁଥିବା ଠିକାଦାର ଡାଇଭର୍ସନ ରୋଡ୍‌କୁ ଠିକ୍ ଭାବେ ନିର୍ମାଣ କରିନାହାନ୍ତି। ଏହି ଡାଇଭର୍ସନ ରୋଡ୍‌ରେ ମୋରମ୍ କିମ୍ବା ପଥର ଡଷ୍ଟ ପକାଯାଇ ନାହିଁ। ଫଳରେ ଅସରାଏ ବର୍ଷା ଯୋଗୁଁ ଯିବାଆସିବା ଠପ୍ ହୋଇଯାଇଛି। ବିଶେଷ କରି ବାଇକ୍ ଚାଳକମାନେ ଉଠାଣି କିମ୍ବା ଗଡ଼ାଣିରେ କାଦୁଅ ପାଇଁ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ଗାଡ଼ି ଯାଇ ନ ପାରିବାରୁ ବିଦ୍ୟାଳୟରେ ଅନୁପସ୍ଥିତ ରହିଲେ ଅନେକ ଛାତ୍ରଛାତ୍ରୀ। ଆଣ୍ଠୁଏ ପାଣିକୁ ଆଣ୍ଠୁଏ କାଦୁଅରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ଜନସାଧାରଣ। ପୁଣି ଖରା ହେଲେ ଆଣ୍ଠୁଏ ଲେଖାଏଁ ଧୂଳିରେ ଆଖି କାନ ଫୁଟିଯାଉଛି। ଏହି ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି। ସ୍ଥାନୀୟ ଲୋକେ ଠିକାଦାରଙ୍କଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ଦୁର୍ଘଟଣା ବିଷୟରେ ଜଣାଇଥିଲେ ବି କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ଡାଇଭର୍ସନ ରୋଡ୍ ନିର୍ମାଣରେ ଠିକାଦାର ଆନ୍ତରିକତା ଦେଖାଇ ନାହାନ୍ତି ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି।

୪/୫ ଦିନ ହେବ କାଳବୈଶାଖୀ ଯୋଗୁଁ ଉକ୍ତ ସ୍ଥାନରେ ପ୍ରବଳ ବର୍ଷା ହେବା ଫଳରେ ଡାଇଭର୍ସନଗୁଡ଼ିକରେ ଆଣ୍ଠୁଏ ପାଣି ଜମି କାଦୁଅ ହୋଇଯିବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ରୂପେ ବ୍ୟାଘାତ ହେଉଛି। ସ୍ଥାନୀୟ ଲୋକେ ଉକ୍ତ ସମସ୍ୟା ବିଷୟରେ ବିଭାଗୀୟ ଯନ୍ତ୍ରୀ ରୂପକୁମାର ମୁଣ୍ଡାଙ୍କୁ ଅବଗତ କରାଇବା ସହିତ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ଉକ୍ତ ରାସ୍ତା ବିଷୟରେ ଅବଗତ କରାଇଥିଲେ ଏବଂ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଠିକାଦାରଙ୍କୁ କହିଥିଲେ। ତୁରନ୍ତ ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଠିକାଦାର ବାଲି, ପଥର ଏବଂ ଡଷ୍ଟ ପକାଇ ଡାଇଭର୍ସନକୁ ସଠିକ ଭାବେ ମରାମତି କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୫ଦିନ ଧରି ଗାଁ ଅନ୍ଧାର; ପ୍ରତିବାଦରେ ରାସ୍ତାରୋକ



ଭଦ୍ରକ,୮।୪(ସମିସ): କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିବା ଯୋଗୁଁ ୫ଦିନ ଧରି ଗାଁ ଅନ୍ଧାର। ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ କିଛି ସୁଧାର ନ ହେବାରୁ ବୁଧବାର ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ଏଭଳି ଘଟଣା ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ବିଦେଇପୁର ଗାଁରେ ଦେଖିବାକୁ ମିଳିଛି। ଶତାଧିକ ଗ୍ରାମବାସୀ ଧାମରା ରାସ୍ତାର କଣ୍ଟିଆନାଳୀଠାରେ ମୁଖ୍ୟ ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ପକାଇ ରାସ୍ତା ଅବରୋଧ କରିଛନ୍ତି। ରାସ୍ତାରୋକ ଯୋଗୁଁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ପଞ୍ଚାୟତରେ ଦିଜ ମଳିକ ଘରବାରିରେ ପୋଲ୍ ବସିଥିଲା। କାଳବୈଶାଖୀ ମାଡ଼ରେ ଖୁଣ୍ଟ ଭାଙ୍ଗି ପଡ଼ିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସଜାଡ଼ିବାକୁ କର୍ମଚାରୀ ଉଦ୍ୟମ ବେଳେ ଜାଗା ମାଲିକ ବିରୋଧ କରିଛନ୍ତି। ପୂର୍ବରୁ ମାଲିକ ତାଙ୍କ ଜାଗାରୁ ଉକ୍ତ ଖୁଣ୍ଟ ଉଠାଇବା ପାଇଁ ଅଭିଯୋଗ କରିଥିଲେ। ଖୁଣ୍ଟ ଭାଙ୍ଗି ପଡ଼ିବା ପରେ ସେହି ସ୍ଥାନରେ ଖୁଣ୍ଟ ବସାଇବାକୁ ବାରଣ କରିବାରୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିଲା। ଅନ୍ୟପଟେ ଗ୍ରାମବାସୀ ବିଦ୍ୟୁତ୍ ସେବା ନ ପାଇ ହଇରାଣ ହେବା ପରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଖବର ପାଇ ବାସୁଦେବପୁର ପ୍ରଶାସନ ଘଟଣାର ତର୍ଜମା କରୁଛନ୍ତି।

## ଶିକ୍ଷା ସଚେତନତା ରଥକୁ ସ୍ୱାଗତ



ଅସୁରାଳି,୮।୪(ସମିସ): ଚଳିତ ଶିକ୍ଷାବର୍ଷରେ ନୂତନ ଛାତ୍ରଛାତ୍ରୀମାନଙ୍କ ନାମଲେଖା ଓ ଶିକ୍ଷା ସଚେତନତା ପାଇଁ ଧାମନଗର ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ବାହାରି ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରିଛି। ଏହି ସଚେତନତା ରଥକୁ କୋରୁଆ ଆଞ୍ଚଳିକ ସାଧନ କେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରେ ସ୍ୱାଗତ କରାଯାଇଛି। ଏହି ସଚେତନତା ରଥ କୋରୁଆ ସାଧନ କେନ୍ଦ୍ର ଅଧୀନସ୍ଥ କୋରୁଆ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, କୋରୁଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟ ପହଞ୍ଚିଲା ପରେ ପୂଜାର୍ଚ୍ଚନା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ସଭିଏଁ ସ୍କୁଲ ଯିବା, ପାଠ ପଢ଼ିବା ସଚେତନତା ବାର୍ତ୍ତା ପ୍ରଦାନ କରାଯିବା ସହ ଶିକ୍ଷା ସଚେତନତା ଉପରେ ଅବଗତ କରାଯାଇଥିଲା। ସିଆର୍‌ସିସି ନୃସିଂହ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଯଥା- ରମାକାନ୍ତ ମଲ୍ଲିକ, ଉଦୟକର ଦାସ, ଶରତ ଚନ୍ଦ୍ର ବେହେରା ଏବଂ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କୁଆପଥର ମାଡ଼ରେ ଡାଲୁଅ ଧାନ ନଷ୍ଟ





ସହିଦନଗର,୮।୪(ସମିସ): ମଙ୍ଗଳବାର ଅଦିନିଆ ପ୍ରବଳ ବର୍ଷା, ପବନ ସହ କୁଆପଥର ବୃଷ୍ଟି ଫଳରେ ଧାମନଗର ବ୍ଲକ୍ ଅଞ୍ଚଳରେ ବ୍ୟାପକ ଭାବେ ଡାଲୁଅ ଧାନ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ସହିଦନଗର, ଫତେପୁର, କୋଠାର, କାସିମପୁର, ବମକୁରା ଓ ଧୂଷୁରୀ ଆଦି ବିଭିନ୍ନ ସ୍ଥାନରେ ବ୍ୟାପକ ଭାବେ ଚାଷ ହୋଇଥିବା ଡାଲୁଅ ଧାନ କ୍ଷତି ଘଟିଛି। ଆଉ ଅଳ୍ପଦିନ ପରେ ଧାନ ଅମଳ ହୋଇଥା'ନ୍ତା। କିଛି ଧାନ ପାଚି ଯାଇଥିବାବେଳେ କିଛି ଧାନ ଥୋଡ଼ ବାହାରୁଛି। ତେବେ ପ୍ରବଳ କୁଆପଥର ମାଡ଼ରେ ଧାନର କଣ୍ଡା ଭାଙ୍ଗି ଯାଇଛି ଓ ପାଚିଲା ଧାନ ଖସି ପଡ଼ିଛି। ଏହା ଦ୍ୱାରା ଚାଷୀଙ୍କର ପ୍ରଭୁତ କ୍ଷତି ଘଟିଛି। ସାଧାରଣତଃ ରବି ଚାଷ ସମୟରେ ଚାଷୀମାନେ ଫସଲ ବୀମା କରନ୍ତି ନାହିଁ। ଏହାଦ୍ୱାରା ପ୍ରାୟ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ରହିବେ। କିନ୍ତୁ ବହୁଳ ଭାବେ ଚାଷ ହେଉଥିବା ଅଣ୍ଡିରା ମାଇ ଧାନ ଚାଷରେ କିଛି ଚାଷୀ କମ୍ପାନୀ ମାଧ୍ୟମରେ ଚାଷ କରିଥିବାରୁ ବୀମା ମାଧ୍ୟମରେ କିଛି ମାତ୍ରରେ ଉପକୃତ ହୋଇପାରନ୍ତି। ଏହା ଦ୍ୱାରା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିବା ପରିଲକ୍ଷିତ ହୋଇଛି।

## କୁଆପଥର ମାଡ଼ରେ ଦୁଇ ସାହିରେ ଭାଙ୍ଗିଲା ୬୦ ଘର

### ଘଟଣାସ୍ଥଳରେ ପହଞ୍ଚିଲା କଂଗ୍ରେସ ଟିମ୍



ତିହିଡ଼ି,୮।୪(ସମିସ): କାଳବୈଶାଖୀ ତା'ର ତାଣ୍ଡବ ଦେଖାଇଛି। ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ହେବା ଫଳରେ ତିହିଡ଼ି ବ୍ଲକ୍ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତରେ ବହୁ କ୍ଷୟକ୍ଷତି ଘଟିଛି। ଫଳରେ ମାଝୀସାହି ଓ ସାମଲସାହିରେ ଆଜ୍‌ବେଷ୍ଟସ ଛପର ଫାଟି ଯାଇଛି। ବାହାରେ ଥିବା ଗାଡ଼ି ମୋଟର ଓ ଅନ୍ୟାନ୍ୟ ଜିନିଷ ଭାଙ୍ଗିରୁଜି ଯାଇଛି। ଜ୍ଞାନେନ୍ଦ୍ର ମାଝୀ, କୈଳାସ ମାଝୀ, ନିରଞ୍ଜନ ମାଝୀ, ସହଦେବ ମାଝୀ, ସନ୍ଥ ବେହେରା, ରାଜେନ୍ଦ୍ର ବେହେରା, ରମାକାନ୍ତ ମାଝୀ, ରାଜେନ୍ଦ୍ର ମାଝୀ, ବାବାଜୀ ମାଝୀ, ଶମ୍ଭୁନାଥ ମାଝୀ ପ୍ରମୁଖ ୫୯ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ନରେନ୍ଦ୍ରପୁର ପଞ୍ଚାୟତରେ ଥିବା ବାବା ଗୋସାଇଁ ଗାଦିପୀଠ ଓ ସୀତାରାମ ଆଶ୍ରମରେ ଥିବା ଆଜ୍‌ବେଷ୍ଟସ ଘରଗୁଡ଼ିକ ଭାଙ୍ଗିବା ସହ ଘର ଭିତରେ ପାଣି ପଶି ଆଶ୍ରମରେ ଥିବା ସାମଗ୍ରୀ ନଷ୍ଟ ହୋଇଯାଇଛି। ସରପଞ୍ଚ ମଧ ଘଟଣାସ୍ଥଳ ବୁଲି ଦେଖିଛନ୍ତି। ଏହି ଖବର ପାଇବା ପରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ସୁଭାଶିଷ ମଲ୍ଲିକ, ଦିଗମ୍ବର ଦାଶ, ଲକ୍ଷ୍ମୀ ମାଝୀ, ସୁଦର୍ଶନ ସ୍ୱାଇଁ, ଗଙ୍ଗାଧର ବାରିକ, ଭରତ ସୂତାର, ବସନ୍ତ ନାୟକ, ଅଭୟ ବିଶ୍ୱାଳ, ରମେଶ ବାରିକ ଓ ଶକ୍ତିପ୍ରସାଦ ବିଶ୍ୱାଳ ପ୍ରମୁଖ ବୁଧବାର ଅପରାହ୍ଣରେ ଘଟଣାସ୍ଥଳରେ ପହଞ୍ଚି ବିପନ୍ନମାନଙ୍କୁ ସମବେଦନା ଜଣାଇଛନ୍ତି।

## ଫଳପୁର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଅସୁରାଳି,୮।୪(ସମିସ): ଧାମନଗର ବ୍ଲକ୍ ଅଧୀନ ଫଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାର୍ଥୀ ବିହାରର ଏକାଦଶତମ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୟାଧର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବରିଷ୍ଠ ଚିକିତ୍ସକ ଡା. ସୁଧୀରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ଦେବେନ୍ଦ୍ର ମହାଳିକ, ସାଗର ଭାରତୀ ସୀମା ସୁରକ୍ଷା ମଞ୍ଚର ଜିଲ୍ଲା ଉପସଭାପତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ହରିହର ବେହେରା, ଅଧିବକ୍ତା ଶିବ ପ୍ରସାଦ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ହାସ୍ୟାଭିନେତା ସୁବାସ ଚନ୍ଦ୍ର ଦାସ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଝରଣା ନନ୍ଦ ଏବଂ ସହଯୋଗ କରିଥିଲେ ବିଦ୍ୟାଳୟର ରଶ୍ମିତା ଗୁରୁମା', ଶତାବ୍ଦୀ ଗୁରୁମା', ଶଶି ଗୁରୁମା', ଭାଗ୍ୟଶ୍ରୀ ଗୁରୁମା', ପୂର୍ଣ୍ଣିମା ଗୁରୁମା', ସ୍ମିତି ଗୁରୁମା', ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ଅଭିଭାବକ ବୃନ୍ଦ। ଏଥିରେ ବିଦ୍ୟାଳୟର କୁନିକୁନି ପିଲାମାନେ ନୃତ୍ୟ ଓ ନାଟକ ମାଧ୍ୟମରେ ସମସ୍ତଙ୍କ ମନକୁ ମୋହିନେଇଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିହିଡ଼ି,୮।୪(ସମିସ): ଜଣେ ଶିକ୍ଷୟିତ୍ରୀଙ୍କର ଅବସର ନ ଥାଏ। ଚାକିରିରେ ଥିବାବେଳେ ବା ଅବସରଗ୍ରହଣ କରିବା ପରେ ବି ତାଙ୍କ ଭିତରେ ଶିକ୍ଷା ପ୍ରଦାନ କରିବାର ଆନ୍ତଃ ପ୍ରେରଣା ଥାଏ ବୋଲି ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ଭଗବତୀ ବାଳିକା ଶିକ୍ଷାୟତନର ଶିକ୍ଷୟିତ୍ରୀ ଜୟନ୍ତୀ ଖୁଣ୍ଟିଆଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ନିରୁପମା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟ ଅତିଥି, ତିହିଡ଼ି ବ୍ଲକ୍ ଓଷ୍ଟା ସଂଘ ସମ୍ପାଦକ ବିଶ୍ୱନାଥ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଅମରନାଥ ଶତପଥି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରଘୁନାଥ ପଶୁପାଳକ, ସମାଜସେବୀ ଅମର ନାୟକ, ଶିକ୍ଷକ ଅଭୟ ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ରୀମତୀ ଖୁଣ୍ଟିଆ ଛାତ୍ରୀମାନଙ୍କୁ ଉଭୟ ମାଆ ଓ ଶିକ୍ଷୟିତ୍ରୀର ସ୍ନେହ ପ୍ରଦାନ କରିଆସୁଥିଲେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜଶ୍ରୀ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା, ମନୋରମା ଦାସ ଅତିଥି ପରିଚୟ ଓ ବିମଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜୟନ୍ତୀ ଖୁଣ୍ଟିଆଙ୍କୁ ମାନପତ୍ର, ଉପଢ଼ୌକନ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାଞ୍ଚନ ରାଉଳ, ମହେଶ୍ୱର ସାହୁ, କୈଳାଶ ଚନ୍ଦ୍ର ବାରିକ, ଅନ୍ନପୂର୍ଣ୍ଣା ନାୟକ, ଜ୍ୟୋତ୍ସ୍ନାରାଣୀ ପାତ୍ର ଓ ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମ ଗୁରୁଙ୍କ ଅବତରଣ ଦିବସ

ଭଦ୍ରକ,୮।୪(ସମିସ): ଭଦ୍ରକ ଚରମ୍ପା ନିକଟସ୍ଥ କୋଡ଼ବରୁଆ ଆଶ୍ରମଠାରେ ସନ୍ଥ ଆଶାରାମଜୀ ବାପୁଜୀଙ୍କ ୯୦ତମ ଅବତରଣ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ସଭାପତି ଶିକ୍ଷାବିତ୍ ଦୈତାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଗୁରୁ ବନ୍ଦନା ଓ ଶ୍ରୀଆଶା ରାମାୟଣ ପାଠ ସହିତ ସଦ୍‌ଗୁରୁ ଆଶା ରାମ୍‌ଜୀଙ୍କ ସୁସ୍ଥ ଏବଂ ଦୀର୍ଘ ଆୟୁଷ ପ୍ରାର୍ଥନା କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାଛଡ଼ା ଆଶାରାମଙ୍କ ଶୁଭ ମନାସୀ ମୈତାପୁର ଗୋ-ଶାଳାଠାରେ ସମିତି ପକ୍ଷରୁ ସେବା ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ସମେତ ଧାମନଗର, ଭଣ୍ଡାରିପୋଖରୀ, ବାସୁଦେବପୁର, ତିହିଡ଼ି ପ୍ରମୁଖ ଅଞ୍ଚଳର ଅନୁଗତ ଗୁରୁ ଭାଇଭଉଣୀମାନେ ଯୋଗଦେଇଥିଲେ। ଅବତରଣ ଦିବସ ଉତ୍ସବକୁ ଅଶୋକ କୁମାର ମିଶ୍ର, ସୁକାନ୍ତ ନାୟକ, ପବନ ନାୟକ, ତପନ କୁମାର ଓଝା, ଅମରିଶ ମହାନ୍ତି, ଚନ୍ଦନ ଦାଶ, ରାମକୃଷ୍ଣ ବାରିକ, ବେଣୁଧର ମହାପାତ୍ର, ଦୁର୍ଯ୍ୟୋଧନ ଲେଙ୍କା, ମନୋଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର



ଭଦ୍ରକ,୮।୪(ସମିସ): ଓଡ଼ିଆ ପକ୍ଷ ପାଳନ-୨୦୨୬ ଅବସରରେ ବୁଧବାର ପୂର୍ବାହ୍ଣରେ ପଲ୍ଲୀ ଆଞ୍ଚଳିକ ସହଯୋଗ ସଂସ୍କୃତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶିକ୍ଷାବିତ୍ ମହେଶ୍ୱର ସେନାପତି, ଡା. ଇତିଶ୍ରୀ ଦାଶ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଜ୍ଞାନପ୍ରକାଶ ପାଣି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ଗୋକୁଳାନନ୍ଦ ପେଡ଼ା ପ୍ରଥମେ ରକ୍ତଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଲଳିତ ମୋହନ ନାୟକ (ଇଂରାଜୀ ବିଭାଗ) ଓଡ଼ିଆ ପକ୍ଷ ପାଳନ କମିଟିର ଉପଦେଷ୍ଟା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ରଘୁନାଥ ନାୟକ, ରମାକାନ୍ତ ଦୀକ୍ଷିତ, କୃପାସିନ୍ଧୁ ପାଣିଗ୍ରାହୀ, ଅଧ୍ୟାପକ ନିରଞ୍ଜନ ସାମଲ, ପ୍ରଭାସିନୀ ବଳ, ଅଣଶିକ୍ଷକ କର୍ମଚାରୀ ଅଶୋକ ମିଶ୍ର ଓ ଗୁରୁଦେବ ପାଣି। ସମ୍ଭବ ଫାଉଣ୍ଡେସନର ପିଲାମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପରମାନନ୍ଦ ପଣ୍ଡା କାର୍ଯ୍ୟକ୍ରମର ତଦାରଖ କରିଥିଲେ।

## ଚଇତି ପର୍ବ ଉଦ୍‌ଯାପିତ



ବାରିକପୁର,୮।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ଚୁତୁର୍ଭୁଜପୁରଠାରେ କୈବର୍ତ୍ତ ସମାଜ ପକ୍ଷରୁ ଆୟୋଜିତ ହୋଇଥିବା ଚଇତି ପର୍ବ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମରେ କିଛି ଶ୍ରଦ୍ଧାଳୁ ମୃଣ୍ମୟୀ ଘୋଡ଼ାକୁ ମା' ବାଶୁଳାଇ ରୂପରେ ପୂଜା କରି ମାଛ ଓ ସୁରା ଭୋଗ ଅର୍ପଣ କରିଥା'ନ୍ତି। ସେହିଭଳି ଅନ୍ୟ ଶ୍ରଦ୍ଧାଳୁମାନେ ଲକ୍ଷ୍ମୀ-ନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରି ପର୍ବ ପାଳନ କରିଥା'ନ୍ତି। ପୂଜକ ଭାବେ ଶଙ୍କର୍ଷଣ ତ୍ରିପାଠୀ ଓ ବିଜୟ ତ୍ରିପାଠୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସପ୍ତାହେବ୍ୟାପୀ ଚାଲିଥିବା ଉତ୍ସବକୁ କାଶିନାଥ ପରିଡ଼ା, ଖଗେଶ୍ୱର ପରିଡ଼ା, ମୋହନ ପରିଡ଼ା, ଧ୍ରୁବଚରଣ ପରିଡ଼ା, ଅଭିରାମ ପରିଡ଼ା, ପ୍ରହ୍ଲାଦ ପରିଡ଼ା, ଭାଗିରଥୀ ପରିଡ଼ା, ଅଦ୍ୱୈତ ପରିଡ଼ା, ହରିହର ପରିଡ଼ା, ରମେଶ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବି



ବାରିକପୁର,୮।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ବେଲଗଡ଼ିଆ ଗ୍ରାମରେ ଥିବା ଏକ ବିପଦପୂର୍ଣ୍ଣ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଜନୈକ ବ୍ୟକ୍ତି ଦାବି କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଗ୍ରାମର ଆନନ୍ଦ ଚନ୍ଦ୍ର ରାଉତଙ୍କ ଘରବାରି ଜାଗାରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମରଟି ରହିଛି। ଏଥିରୁ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ହେଉଛି। ଗୃହସ୍ଥ ଜଣକ ଉକ୍ତ ସ୍ଥାନରେ ବାସଗୃହ ନିର୍ମାଣ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଥରେ ନୁହେଁ ଅନେକ ବାର ଜଣାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କିମ୍ବା ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଏହା ଉପରେ ଦୃଷ୍ଟି ଦେଉନାହିଁ। ଏପଟେ ବିପଦସଙ୍କୁଳ ତାର ଏବଂ ଟ୍ରାନ୍ସଫର୍ମର ଯୋଗୁଁ ଆନନ୍ଦ ବାସଗୃହ ନିର୍ମାଣ କରିପାରୁ ନାହାନ୍ତି। ତୁରନ୍ତ ଏହା ଉପରେ ଦୃଷ୍ଟି ନ ଦେଲେ ସେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।

## ତିହିଡ଼ି ଥାନାରେ ପ୍ରଥମ ମହିଳା ଥାନାଧିକାରୀ ଲୋପାମୁଦ୍ରା



ତିହିଡ଼ି,୮।୪(ସମିସ): ତିହିଡ଼ି ଥାନାରେ ନୂତନ ତଥା ପ୍ରଥମ ଥାନାଧିକାରିଣୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ଲୋପାମୁଦ୍ରା ନାୟକ। ସେ ବାସୁଦେବପୁର ଥାନାଧିକାରୀ ଭାବେ ସୂଚାରୁ ରୂପେ କାର୍ଯ୍ୟଭାର ତୁଲାଇ ବେଶ୍ ପରିଚିତି ହୋଇଛନ୍ତି। ତିହିଡ଼ିରେ ଚୋରା କୋଇଲା, ଜୁଆ ଖେଳ, ଦେଶୀ, ବିଦେଶୀ ମଦ କାରବାର ଓ ଆଇନ ଶୃଙ୍ଖଳା ରକ୍ଷା ତିହିଡ଼ିର ମୁଖ୍ୟ ସମସ୍ୟା ହେଇଥିବାରୁ ନୂତନ ଥାନାଧିକାରୀଙ୍କ ପାଇଁ ଏହା ଚ୍ୟାଲେଞ୍ଜ ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ପରିବା ଜମିରେ ଲହଡ଼ି ଭାଙ୍ଗୁଛି ବର୍ଷା ଜଳ

### ଫସଲ ଉଜାଡ଼ି ଦେଲା କାଳବୈଶାଖୀ; ଚାଷୀ ମୁଣ୍ଡରେ ଚଡ଼କ

ବାସୁଦେବପୁର,୮।୪(ସମିସ)





ଗତ ୩ ଦିନ ଧରି ଲାଗି ରହିଛି କାଳବୈଶାଖୀର ପ୍ରଭାବ। ମଙ୍ଗଳବାର ଅପରାହ୍ଣ ୪ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ଫଳରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ପଡ଼ିଥିଲା। ବୁଧବାର ସକାଳେ ପୁଣି ଦେଢ଼ ଘଣ୍ଟା ଧରି ବର୍ଷା ଲାଗି ରହିଥିଲା। କାଳବୈଶାଖୀ ଝଡ଼ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାସୁଦେବପୁର ବ୍ଲକ୍ ଓ ପୌରପାଳିକାର ବିଭିନ୍ନ ସ୍ଥାନରେ ଜଳମଗ୍ନ ହୋଇ ପଡ଼ିଛି। ଉହାଡ଼ ଗ୍ରାମର ଶହଶହ ଏକର ସୂର୍ଯ୍ୟମୁଖୀ ଗଛ ଧରାଶାୟୀ ହୋଇ ପଡ଼ିଛି। ପରିବା ଜମିରେ ବର୍ଷା ଜଳ ଲହଡ଼ି ଖେଳୁଛି। ବିଲରେ ପରିବା ପଚିଗଲାଣି। ଜଳ ନିଷ୍କାସନ ହୋଇ ନ ପାରିବାରୁ ବର୍ଷା ଜଳ ଜମି ରହୁଛି। କୁଆପଥର ମାଡ଼ରେ ଏକର ଏକର ଜମିରେ ପରିବା ନଷ୍ଟ ହୋଇଛି। ବାସୁଦେବପୁର ଉହାଡ଼ ଗ୍ରାମର କଖାରୁ, ପୋଇ, ଭେଣ୍ଡି, କଲରା, ଲଙ୍କା, ମକା, ବାଇଗଣ, ବନ୍ଧାକୋବି ଜମିରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ଜମିରହି ପରିବା ନଷ୍ଟ ହୋଇଯାଉଛି। ଚାଷୀ ଋଣ କରି ପରିବା ଚାଷ କରିଥିବାବେଳେ ବର୍ଷକର ଭାତହାଣ୍ଡି ଉଜାଡ଼ି ଦେଇଛି କାଳବୈଶାଖୀ। ଉହାଡ଼ ଗାଁ ହରେକୃଷ୍ଣ ବେହେରା ଆଦି ପରିବା ଚାଷୀଙ୍କ ଏକର ଏକର କ୍ଷତିଗ୍ରସ୍ତ ଜମିକୁ ହର୍ଟିକଲ୍‌ଚର କ୍ଷେତ୍ର ପରିଦର୍ଶକ କର୍ମଚାରୀ କିଶୋର ଚନ୍ଦ୍ର କଳସ ଓ ଉଦ୍ୟାନ ସାଥୀ ମନୋରଞ୍ଜନ ମିଶ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଥିଲେ। ଏହା ସହିତ ଆଖପାଖ ପରିବା ଚାଷୀଙ୍କ ଜଳମଗ୍ନ ଜମିକୁ ବୁଲି ଦେଖିଥିଲେ।

## ବେଆଇନ ଗୋ-ଚାଲାଣ; ବଜରଙ୍ଗ ସେନାର ଏସ୍‌ପିଙ୍କୁ ଦାବିପତ୍ର



ଭଦ୍ରକ,୮।୪(ସମିସ): ପ୍ରତିଦିନ ଯେଉଁ ଭଳି ଭାବେ ଅତି ଅକଥନୀୟ, ଅମାନବୀୟ, ବର୍ବରତାର ସହ ନୃଶଂସ ଭାବେ ବେଧଡ଼କ ଦିବାରାତ୍ର ଗୋ-ମାଫିଆ ଓ ଗୋ-ଦଲାଲମାନେ ଗୋମାତାଙ୍କ ବେଆଇନ ଚାଲାଣ ଓ ହତ୍ୟା ସହ ଗୋ-ରକ୍ଷକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି ତାହା ସମସ୍ତ ହିନ୍ଦୁଙ୍କ ଧର୍ମୀୟ ଭାବନା ଓ ଭାବାବେଗକୁ ଗଭୀର ଭାବେ କ୍ଷତାକ୍ତ କରୁଛି। ବଜରଙ୍ଗ ସେନା ଏକ ରାଷ୍ଟ୍ରୀୟ ସଂଗଠନ ଯାହା ପୂରା ଭାରତ ବର୍ଷରେ ଗୋମାତା ସୁରକ୍ଷା ନିମିତ କାର୍ଯ୍ୟରତ ଅଛି। ଦୀର୍ଘ ଦିନ ହେବ ଭଦ୍ରକ ଜିଲ୍ଲାର ଅନେକ ଅଞ୍ଚଳରୁ ବେଆଇନ ଭାବେ ଗୋମାତାଙ୍କ ଚାଲାଣ ହେଉଥିବା ସହ କିଛି ଗୋ-ଦଲାଲ ବେଆଇନ ଗୋ-ଚାଲାଣକୁ ସହାୟତା କରୁଛନ୍ତି। ଉକ୍ତ ଗୋ-ଦଲାଲ ଓ ବେଆଇନ ଗୋ-ଚାଲାଣ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସଂଗଠନର ଜିଲ୍ଲା ସାଧାରଣ ସମ୍ପାଦକ ଚିରଞ୍ଜିବୀ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନିକଟରେ ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୋ-ଚାଲାଣରେ ସମ୍ପୃକ୍ତ ଗୋ-ଦଲାଲଙ୍କ ଘରେ ଚଢ଼ଉ କରି ୬ ଜଣଙ୍କୁ ଗିରଫ କରିବା ସହ ବେଆଇନ ଭାବେ ବ୍ୟବହୃତ ହେଉଥିବା ବିଭିନ୍ନ ମାରଣାସ୍ତ୍ର, ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଜବତକୁ ସଂଗଠନ ପ୍ରଶଂସା କରିଛି।

## ଅସୁରକ୍ଷିତ ମାର୍କେଟ କମ୍ପ୍ଲେକ୍ସ

# ଛାତରୁ ଖସୁଛି ପ୍ଲାଷ୍ଟର

ପାରାଦୀପ,୮।୪(ସମିସ)






ପାରାଦୀପ ନେହୁରୁ ବଙ୍ଗଳା ମାର୍କେଟ କମ୍ପ୍ଲେକ୍ସ ଏବେ ଅସୁରକ୍ଷିତ ହୋଇପଡିଛି। ଦିନ ରାତି କେଉଁ ମୁହୂର୍ତ୍ତରେ ବି ଛାତରୁ ଖସୁଛି ପ୍ଲାଷ୍ଟର ତାହା ଜାଣିବା କଷ୍ଟକର। ତେବେ ଏନେଇ ବ୍ୟବସାୟୀମାନେ ଭୟଭୀତ ହୋଇ ପଡିଛନ୍ତି। କେତେବେଳେ କେଉଁ ମୁହୂର୍ତ୍ତରେ ଭାଙ୍ଗି ପଡିବ କିଛି କହି ହେବନି। ଦୀର୍ଘ ୨୬ ବର୍ଷ ହେବ ଏହି ମାର୍କେଟ କମ୍ପ୍ଲେକ୍ସରେ ବେପାର କରି ନିଜର ପରିବାର ପୋଷୁଛନ୍ତି ବ୍ୟବସାୟୀ। ଆଜି ଏହି ମାର୍କେଟ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ପର୍ଯ୍ୟଟନ ଋତୁରେ ହଜାର ହଜାର ପର୍ଯ୍ୟଟକ ନେହୁରୁବଙ୍ଗଳା ବୁଲି ଆସିଲେ ଆବଶ୍ୟକୀୟ ସାମଗ୍ରୀ ଏଇଠୁ ହିଁ କିଣନ୍ତି। ତା' ସହିତ ପ୍ରତିଦିନ ମାଛଧରା ବନ୍ଦରରେ କାମ କରୁଥିବା ହଜାର ହଜାର ମତ୍ସ୍ୟଜୀବୀ ରାତି ପହିଲେ ଏହି ମାର୍କେଟ ଉପରେ ହିଁ ନିର୍ଭର କରିଥାନ୍ତି। ହେଲେ ମାର୍କେଟ ଦୋକାନ ଘର ଗୁଡିକର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ କେହିବି ଆନ୍ତରିକତା ଦେଖାଉନାହାନ୍ତି। ଅନେକ ଜାଗାରେ ଛାତ ଫାଟିଲଣି, ହେଲେ ପୋର୍ଟ ପ୍ରଶାସନକୁ ବାରମ୍ବାର ଚିଠି ଲେଖିଲାଣି ବ୍ୟବସାୟୀ। ହେଲେ କେହି ସେମାନଙ୍କ କଥା ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବ୍ୟବସାୟୀ। ଏହି ମାର୍କେଟ କମ୍ପ୍ଲେକ୍ସରେ ପାଖାପାଖି ୨୪ରୁ ଊର୍ଦ୍ଧ୍ୱ ଦୋକାନୀ ବ୍ୟବସାୟୀ କରୁଛନ୍ତି। ଏଥିପାଇଁ ପୋର୍ଟ ପ୍ରଶାସନ ନିକଟରେ ମାସିକ ଟଙ୍କା ମଧ୍ୟ ଡିପୋଜିଟ୍ କରୁଛନ୍ତି। ହେଲେ ପୋର୍ଟ ପ୍ରଶାସନ ଦୋକାନର ମରାମତି କରୁନାହାନ୍ତି। ଯାହା ଫଳରେ ଅନେକ ସମୟରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବ୍ୟବସାୟୀ ବୋଲି ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି ସ୍ଥାନୀୟ ବ୍ୟବସାୟୀ ଅଭୟ କୁମାର ବରାଳ ଓ ନରେଶ ଚନ୍ଦ୍ର ସାହୁ। ବର୍ଷା ଦିନେ ବେପାର କରିବା କଷ୍ଟକର ହୋଇପଡ଼େ। ଛାତ ଫାଟିଥିବାରୁ ବର୍ଷା ପାଣି ପଡିବାରୁ ଅନେକ ଜିନିଷପତ୍ର ମଧ୍ୟ ନଷ୍ଟ ହୁଏ। ଖାଲି ସେତିକି ନୁହେଁ ଏହି ମାର୍କେଟ କମ୍ପ୍ଲେକ୍ସ ଭିତରକୁ ଆଣ୍ଠୁଏ ପାଣିରେ ପଶି ଭିତରକୁ ଆସିବାକୁ ପଡେ। ବ୍ୟବସାୟୀ ମାନେ କହିଛନ୍ତି ପୋର୍ଟ ଆମଠାରୁ ଟଙ୍କା ନେଉଛି ସତ ହେଲେ ମରାମତି କରିବାର ନା ଧରୁନି। ଯଦି ଏହାର ମରାମତି ନହୁଏ ତାହେଲେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ। ନେହେରୁ ବଙ୍ଗଳାରେ ରହୁଥିବା ପାଖାପାଖି ଦଶହଜାରରୁ ଊର୍ଦ୍ଧ୍ୱ ଲୋକ ରାତି ପହିଲେ ଏହି ମାର୍କେଟ କମ୍ପ୍ଲେକ୍ସ ଉପରେ ନିର୍ଭର କରିଥାନ୍ତି। ହେଲେ ଏହାର ଯେମିତି ଉନ୍ନତି ହେବା କଥା ସେଭଳି ଉନ୍ନତି ହୋଇନାହିଁ। ପର୍ଯ୍ୟଟକ ମାନେ ମାର୍କେଟ କମ୍ପ୍ଲେକ୍ସର ଅବସ୍ଥା ଦେଖି ମଧ୍ୟ ମୁହଁ ଫେରାଉଛନ୍ତି। ୨୦୦୦ ମସିହାରେ ତିଆରି କରାଯାଇଥିବା ଏହି ମର୍କେଟ କମ୍ପ୍ଲେକ୍ସ ଏବେ ଅସୁରକ୍ଷିତ ହୋଇପଡ଼ିଛି ବୋଲି କହିଛନ୍ତି ବିଶିଷ୍ଟ ବ୍ୟବସାୟୀ କୈଳାସ ଚନ୍ଦ୍ର ପ୍ରଧାନ। ବ୍ୟବସାୟୀ ମାନେ ବ୍ୟବସାୟୀ କରିବାକୁ ଡରୁଛନ୍ତି।

## ଅପରିଚିତ ଯୁବକ ତିର୍ତ୍ତୋଲ ପୁଲିସ ଦ୍ୱାରା ଉଦ୍ଧାର




ତିର୍ତ୍ତୋଲ,୮।୪(ସମିସ): ତିର୍ତ୍ତୋଲ ପୁଲିସ ଦ୍ୱାରା ଜଣେ ଅପରିଚିତ ମାନସିକ ଭିନ୍ନକ୍ଷମ ଯୁବକଙ୍କୁ ଉଦ୍ଧାର କରାଯିବା ସହ ତାଙ୍କର ଥଇଥାନ କରାଯାଇଛି। ଆଜି ଜଣେ ଅପରିଚିତ କଥା କହି ପାରୁନଥିବା ମାନସିକ ଭିନ୍ନକ୍ଷମ ଯୁବକ ବୟସ ପ୍ରାୟ ୨୦ ବର୍ଷ ହେବ ତିର୍ତ୍ତୋଲ ଥାନା ପରିସରକୁ ଚାଲି ଆସିଥିଲା। ଯୁବକଙ୍କୁ ନେଇ ଥାନା କର୍ମଚାରୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ତର୍ଜମା ଓ ଅନୁସନ୍ଧାନ ପରେ ଯୁବକଙ୍କ ପାଖରେ ଥିବା ଛିଣ୍ଡା ବ୍ୟାଗରୁ ପ୍ରାପ୍ତ ଆଧାରକାର୍ଡରୁ ତାଙ୍କ ପରିଚୟ ଅବଗତ ହେବା ପରେ ସହୃଦୟ ଯୁବକଙ୍କ ଥଇଥାନ ସମ୍ପର୍କରେ ଚିନ୍ତା କରିଥିଲେ। ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ ଏପରି ଅସହାୟ ବ୍ୟକ୍ତି ବିଶେଷଙ୍କୁ ଉଦ୍ଧାର ଓ ଥଇଥାନ ଦିଗରେ କାର୍ଯ୍ୟ କରୁଥିବା ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଯୋଗଯୋଗ କରାଇଥିଲେ। ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକଙ୍କ ସହ ଯୋଗାଯୋଗ କରି ତିର୍ତ୍ତୋଲ ପୁଲିସ ଓ ଦେବଦୂତ ସଡ଼କ ସୁରକ୍ଷା ବହିନୀର ସଭାପତି ପଙ୍କଜ ତରାଇଙ୍କ ସହାୟତାରେ ଜଗତସିଂହପୁରସ୍ଥିତ ଆଶ୍ରା ସଂଗଠନରେ ଯୁବକଙ୍କୁ ଆସ୍ଥାୟୀ ଭାବେ ଥଇଥାନ କରାଯାଇଥିଲା। ଅଳ୍ପ ଦିନ ମଧ୍ୟରେ ଯୁବକଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନ କଣାସରେ ଅବସ୍ଥାପିତ କରାଯିବ ବୋଲି ଶ୍ରୀମତୀ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ଶିକ୍ଷକ ରବୀନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର/ଏରସମା,୮।୪(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅଧୀନସ୍ଥ ମାର୍କଣ୍ଡ ବିଦ୍ୟାପୀଠ, ଗଡ଼ହରିଶପୁରର ସହକାରୀ ଶିକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁଙ୍କୁ ବିଦ୍ୟାଳୟର ପୂରାତନ ଛାତ୍ର ସଂସଦ ଓ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ମନୋଜ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟା ରାଣୀ ଟୁଡୁ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବରେ ବୀଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ଶିକ୍ଷାବିତ ଗୋପବନ୍ଧୁ ନାୟକ, ସ୍ଥାନୀୟ ସରପଞ୍ଚ ପାର୍ବତୀ ଗୁଡ଼ିଆ, ସମିତିସଭ୍ୟା ପ୍ରିୟତମା ରାଉତ, ବୀଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ଲେଙ୍କା, ପୋଖାରିଆପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନା, ମୟୁରଲାଞ୍ଜି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଜେନା, ପୂରାତନ ଛାତ୍ର ସଂସଦର ଦିଲ୍ଲିପ ପାତ୍ର, ଗୌରାଙ୍ଗ ଜେନା, ସମ୍ଭୁ ରାମ ମୈତି, ସିଆରସି ନିତ୍ୟଲାଲ୍ ଜେନା, ଶିକ୍ଷକ ନେତା ଲୋକନାଥ ମହାନ୍ତି ଓ ଦିବ୍ୟ ଜୀବନ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଅଭିଜିତ ଜିଲ୍ଲା କଂଗ୍ରେସ ମୁଖପାତ୍ର



ଜଗତସିଂହପୁର,୮।୪(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିର ନୂତନ ମୁଖପାତ୍ର ଭାବେ ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ଗ୍ରାମ ପଞ୍ଚାୟତର ଯୁବ ନେତା ଅଭିଜିତ ସାହୁଙ୍କୁ ନିଯୁକ୍ତ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ମିଡିଆ ଓ କମ୍ୟୁନିକେସନ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏହି ଘୋଷଣା କରିଥିବା ଜିଲ୍ଲା କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

## ସମୁଦ୍ରରେ ଭାସୁଛି ମହିଳାଙ୍କ ଗଳିତ ମୃତଦେହ



ପାରାଦୀପ,୮।୪(ସମିସ): ପାରାଦୀପ ଉପକଣ୍ଠ ସାଉଥଗେଟ୍ ସମୁଦ୍ର କୂଳ ନିକଟରେ ଏକ ଗଳିତ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଦିନ ପାଖାପାଖି ୧୨.୩୦ରେ ସ୍ଥାନୀୟ କିଛି ଲୋକ ଏ ଭଳି ଶବ ଭାସୁଥିବା ନେଇ ପାରାଦୀପ ଜଟାଧାରୀ ମୁହାଣ ମେରାଇନ ଥାନାକୁ ଜଣାଇଥିଲେ। ଶବଟିରେ ଶାଢ଼ି ଗୁଡ଼ାଇ ହୋଇଥିବାରୁ ଏହା ମହିଳାଙ୍କ ମୃତଦେହ ବୋଲି ସନ୍ଦେହ କରାଯାଉଥିବା ବେଳେ, କିଏ ଓ କାହାର ଗଳିତ ମୃତଦେହ ଏହିଭଳି ଭାବରେ ସମୁଦ୍ରରେ ଭାସୁଛି ତାହା ଜଣାପଡ଼ିନାହିଁ। କିଛି ସ୍ଥାନୀୟ ଯୁବକ ସମୁଦ୍ର କୂଳରେ ବୁଲୁଥିବା ବେଳେ ଏହି ମୃତଦେହ ସମୁଦ୍ର ପାଣିରେ ଭାସୁଥିବା ବେଳେ ଏଥିରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବା କହିଛନ୍ତି। ତେବେ ପୁଲିସ ସେଠାରେ ପହଞ୍ଚି ଶବକୁ ଜବତ କରି ଥାନାରେ ଏକ ମାମଲା ରୁଜୁ କରିଛି। ଶବଟି ପଚିସଢ଼ି ଯାଇଥିବା ବେଳେ ଏହି ଗଳିତ ଶବର ଗୋଟିଏ ହାତରେ ଜାନକୀ ବୋଲି ଲେଖାଯାଇଥିବା ଦେଖିବାକୁ ମିଳିଛି। ଯାହା ଏହି ଗଳିତ ଶବଟି ଜଣେ ମହିଳାଙ୍କର ହୋଇଥିବା ସ୍ପଷ୍ଟ ହୋଇଛି। ଏହି ଅଞ୍ଚଳ ଜଟାଧାର ପୁଲିସ ଅଧୀନରେ ଯାଉଥିବା ନେଇ ସୂଚନା ମିଳିଥିବା ବେଳେ ପୁଲିସ ଶବ ଉଦ୍ଧାର କରିବା ପରେ ତଦନ୍ତ ଆରମ୍ଭ କରିଛି।

## ଅନନ୍ତ ଗୋସ୍ୱାମୀ ଯାଦବ ସଂଘର କାଠି ଲଉଡ଼ି ଉତ୍ସବ



ଜଗତସିଂହପୁର/ବାଲିକୁଦା,୮।୪(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତ ବୁଦ୍ଧିସାହି ଗ୍ରାମର ରାଧାକୃଷ୍ଣ ମନ୍ଦିର ପରିସରରେ ଅନନ୍ତ ଗୋସ୍ୱାମୀ ଯାଦବ ସଂଘ ଆନୁକୂଲ୍ୟରେ ବାର୍ଷିକ କାଠି ଲଉଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳର କାଠି ଲଉଡ଼ି ଦଳ ଯଥା ବୁଦ୍ଧିସାହି, ହରିଶପୁର, ଖଣ୍ଡାସାହି, ନାକୋଲି, ଦଣ୍ଡାସାହି, ନରଣପୁର ଆଦି ପ୍ରଭୃତି ଅଞ୍ଚଳରୁ ଲଉଡ଼ି ସଂଗଠନ ମାନେ ଯୋଗଦେଇ ସେମାନଙ୍କର ପାରମ୍ପରିକ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ସମ୍ପାଦକ ସୌମେନ୍ଦ୍ର ଦାସ, ବିଶ୍ୱନାଥ ପରିଡ଼ା, ନିତ୍ୟାନନ୍ଦ ବେହେରା, ଅନନ୍ତ ଗୋସ୍ୱାମୀ ଆଞ୍ଚଳିକ ଯାଦବ ସଂଘର ସଭାପତି ପ୍ରଫୁଲ୍ଲ କୁମାର ବେହେରା, ପ୍ରମୋଦ ଚୌଧୁରୀ, ନୃସିଂହ ଦାସ, ଶଙ୍କର ବହିରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଯାଦବ ସମାଜର ଏହି କାଠି ଲଉଡ଼ି ପ୍ରତିଯୋଗୀତା କାହିଁ କେଉଁ କାଳରୁ ଏକ ଆଧ୍ୟାମିକ ପରମ୍ପରା ବହନ କରେ ବୋଲି କହିବା ସହିତ ଏହାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ପରିଡ଼ା, ଶରତ ଚନ୍ଦ୍ର ପରିଡ଼ା, ଚୈତନ୍ୟ ପରିଡ଼ା, ଗୁନ ପରିଡ଼ା, ବିକାଶ ପରିଡ଼ା, ସାଗର ପରିଡ଼ା ପ୍ରମୁଖଙ୍କ ସହିତ ଗହିରପଡା ଓ ବୁଦ୍ଧି ସାହିର ସମସ୍ତ ଜନସାଧାରଣ ମିଳିମିଶି ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।

## 'ଶଶୀ ଭୂଷଣ ଷଡ଼ଙ୍ଗୀ ଥିଲେ ସତ୍ୟସନ୍ଧାନର ଅଗ୍ରଦୂତ'




କୁଜଙ୍ଗ,୮।୪(ସମିସ): ଓଡ଼ିଶାର ଲୋକପ୍ରିୟ ସମ୍ବାଦ ଓ ସାହିତ୍ୟ ଭିତ୍ତିକ ସାପ୍ତାହିକ 'ପଲ୍ଲୀବନ୍ଧୁ'ର ସଂପାଦକ ତଥା ଗାନ୍ଧୀବାଦୀ ଶଶୀଭୂଷଣ ଷଡ଼ଙ୍ଗୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ନିଜ ଗ୍ରାମ କୁଜଙ୍ଗ ଅନ୍ତର୍ଗତ ମାଣପୁରଠାରେ ଡ. ରଘୁନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥ ôଭାବରେ ଯୋଗ ଦେଇ ବାଲିକୁଦା ଏରସମା ବିଧାୟକ ସାରଦାପ୍ରସନ୍ନ ଜେନା ସ୍ୱାଧୀନତା ପରବର୍ତ୍ତି ଷାଠିଏ ଦଶକରୁ ସାହିତ୍ୟ, ସାମ୍ବାଦିକ ଓ ସମାଜସେବା କ୍ଷେତ୍ରରେ ଶଶୀଭୂଷଣ ଷଡ଼ଙ୍ଗୀଙ୍କ ଉତ୍ସର୍ଗୀକୃତ ଜୀବନର ତ୍ୟାଗ ଓ ସମାଜପ୍ରତି ଅବଦାନ ଆଗାମୀ ପିଢ଼ି ପାଇଁ ଉଦାହରଣ ହୋଇ ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ପୀତାମ୍ବର ତରାଇ ଭଲମଣିଷ ମାନଙ୍କ ଯୁଗ ସରି ଆସୁଥିବାବେଳେ ସେଥି ମଧ୍ୟରେ ଶଶୀଭୂଷଣ ଷଡଙ୍ଗୀ ଥିଲେ ଅନ୍ୟତମ। ଜଣେ ଗାନ୍ଧୀବାଦୀ ଭାବରେ ସେ ଅନ୍ୟ ପାଇଁ ଜଣେ ଆଦର୍ଶ ପୁରୁଷ ଭାବରେ ଜନମାନସରେ ବଞ୍ଚି ରହିବେ ବୋଲି କହିଥିଲେ। ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବାବୁରାମ ଚୌଧୁରୀ, ବିଜୟ ଖଟେଇ, ପ୍ରଶାନ୍ତ ମହାପାତ୍ର, ଅଧ୍ୟାପିକା ସଂଯୁକ୍ତା ତ୍ରିପାଠୀ, ଡମ୍ବରୁଧର ସ୍ୱାଇଁ, କବି ରବୀନ୍ଦ୍ରନାଥ ମଲ୍ଲ, କ୍ଷୀରୋଦ ପରିଡା ପ୍ରମୁଖ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ତ୍ୟାଗପୂତ ଜୀବନର ନାନା ଦିଗ ଉପରେ ଆଲୋକପାତ କରିଥିଲେ। କବି ନବୀନ କୁମାର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସ୍ତମ୍ଭକାର ସୁଧାଂଶୁ ମୋହନ ଶତପଥୀ ଅତିଥି ପରିଚୟ ସହିତ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲା ବେଳେ କବି ବିଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପୁତ୍ର ସଂଗ୍ରାମ ଷଡ଼ଙ୍ଗୀ, ସଂଜୟ ଷଡ଼ଙ୍ଗୀ, ସୁଶୀଲ ଷଡ଼ଙ୍ଗୀ ସଭା ପରିଚାଳନା କରିଥିଲେ।

## ଶ୍ରୀରାମ ଦୟା ପରିଷଦର ରାମ ଚରିତ ପାରାୟଣ

କୁଜଙ୍ଗ,୮।୪(ସମିସ): କୁଜଙ୍ଗ ବ୍ଲକ ଗରେଇ ଶାସନସ୍ଥିତ ଶ୍ରୀରାମ ଦୟା ପରିଷଦର ୩୫ ତମ ବାର୍ଷିକ ଅଧିବେଶନ ଶ୍ରଦ୍ଧା ଓ ଭକ୍ତି ସହକାରେ ଅନୁଷ୍ଠିତ ହୋଇଯାଇଛି। ଗତ ମାର୍ଚ୍ଚ ୨୭ରୁ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ଜ୍ଞାନ ଯଜ୍ଞ ଅରମ୍ଭ ହେବା ସହ ପ୍ରତିଦିନ ପାରାୟଣ ଓ ଅନ୍ୟାନ କାର୍ଯ୍ୟକ୍ରମ, ସନ୍ଧ୍ୟାରେ ପ୍ରବଚନ ଆଦି ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ଗରେଇ ଶାସନ ବାରୁଣୀ ପଡିଆ ସ୍ଥିତ କନକଦୁର୍ଗା, ହନୁମାନ ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠାନର ସମ୍ପାଦକ ପଣ୍ଡିତ ଭାବଗ୍ରାହୀ ମିଶ୍ରଙ୍କ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏହି ନବ ଦିନାତ୍ମକ କାର୍ଯ୍ୟକ୍ରମରେ ବ୍ୟାସ ରୂପେ ପ୍ରେମାନନ୍ଦ ପାଣିଗ୍ରାହୀ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଭା ମିଶ୍ରଙ୍କ ଦ୍ୱାରା ପ୍ରତ୍ୟହ ଗୀତା ପାଠ, ହନୁମାନ ଚାଳିଶା ଓ ଭଜନ କୀର୍ତ୍ତନ ସହ ଏହି କାର୍ଯ୍ୟକ୍ରମକୁ ସ୍ୱାମୀ ସ୍ମୃତି ସାଗାନନ୍ଦ ସରସ୍ୱତୀ ମହାରାଜ ଶୁଭ ଉଦ୍‌ଘାଟନ କରିଥିଲେ। ଏହା ପରେ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବ ସଚ୍ଚିଦାନନ୍ଦ ମହାରାଜ, ମାନସତତ୍ତ୍ୱବିତ୍ ଭରତ ଚନ୍ଦ୍ର ନାୟକ, ବେଦାଚାର୍ଯ୍ୟ ପଣ୍ଡିତ ବ୍ରଜ କିଶୋର ମହାନ୍ତି, ମାନସ ରଞ୍ଜନ ପାତ୍ର ଓ ପ୍ରେମାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇ ଭଗବାନ ରାମଙ୍କ ଦିବ୍ୟଲୀଳା ଓ ମାନବ ସମାଜ ପାଇଁ ଥିବା ସନ୍ଦେଶକୁ ପ୍ରାଞ୍ଜଳ ଭାବେ ଉପସ୍ଥିତ ଶହ ଶହ ଶ୍ରଦ୍ଧାଳୁଙ୍କୁ ଅବଗତ କରାଇଥିଲେ। ଏହି ଅଧ୍ୟାତ୍ମିକ କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ପୀୟୁଷ କୁମାର ମିଶ୍ର ଓ ପାରାମିତା ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଶ୍ରୀରାମ ଦୟା ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏରସମା ବାର୍ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ପାରାଦୀପ,୮।୪(ସମିସ): ଏରସମା ବାର୍ ଆସୋସିଏସନ୍‌ର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଆଇନଜୀବୀ ଅକ୍ଷୟ କୁମାର ସ୍ୱାଇଁ, ଉପସଭାପତି ଭାବେ ରାଜେନ୍ଦ୍ର ନାରାୟଣ ସାହୁ, ସମ୍ପାଦକ ମୁରଲୀଧର ମଲ୍ଲିକ, ସହ ସମ୍ପାଦକ ସୁବୋଧ ପ୍ରଧାନ, ଯୁଗ୍ମ ସମ୍ପାଦକ ମିତ୍ରଭାନୁ ମଲ୍ଲ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଭୋଳ ଓ ପାଠାଗାର ସମ୍ପାଦକ ବିଦ୍ୟାଧର ମଲ୍ଲିକ ପ୍ରମୁଖ ମନୋନୀତ ହୋଇଥିବ ବେଳେ ହରପ୍ରସାଦ ଦାସ ଓ ସତ୍ୟବ୍ରତ ମିଶ୍ର କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ଏକ ଭବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା କୁଜଙ୍ଗ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ବେହେରା ଯୋଗଦେଇ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ଓକିଲ ସଂଘ ସଭ୍ୟ ପ୍ରଶାନ୍ତ କୁମାର ବାରିକ ଓ ପ୍ରମୋଦ କୁମାର ବେହେରା ପ୍ରମୁଖ ଯୋଗଦେଇ ମିଳିମିଶି ଓକିଲ ମାନଙ୍କ ସ୍ୱାର୍ଥପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୁରେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ମିତ୍ରଭାନୁ ମଲ୍ଲ ଧନ୍ୟବାଦ ଦେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଜଗତସିଂହପୁର,୮।୪(ସମିସ): 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଆଜି ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓତା ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍, ରେଡକ୍ରସ ଏବଂ ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାରର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଏସଭିଏମ ସ୍ୱୟଂଶାସିତ ମହାବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହାୟତାରେ ରକ୍ତ ସଂଗ୍ରହ କରାଯାଇଥିଲା। ଦିନକ ମଧ୍ୟରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି।

## ବର୍ଷା ଯୋଗୁଁ ପିସିଏଲ୍ ବାତିଲ୍

ପାରାଦୀପ,୮।୪(ସମିସ): ପାରାଦୀପ କ୍ରିକେଟକ ଲିଗ୍‌ର ଆଜିର ମ୍ୟାଚ୍ ବର୍ଷା ଯୋଗୁଁ ହୋଇପାରିନାହିଁ। ଆଜିର ପ୍ରଥମ ମ୍ୟାଚ ଜେସିସି ୱାରିଅର୍ଶ ଏବଂ ମହାକାଳ ୱାରିଅର୍ସ ମଧ୍ୟରେ ଥିଲା। ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ପିସିଏଲ କମିଟି ଜେସିସି ୱାରିଅର୍ସ ଦଳକୁ ବିଜୟୀ ଘୋଷିତ କରିଥିଲେ। ଯହାଦ୍ୱାରା ଜେସିସି ୱାରିଅର୍ସ ୨ ପଏଣ୍ଟ ପାଇ ଷଷ୍ଠ ସ୍ଥାନ ଅକ୍ତିଆର କରିଛି। ଆଜି ହେବାକୁ ଥିବା ୨ୟ ମ୍ୟାଚ ବାବାସାଇ ଡାଇମଣ୍ଡିଆନ୍ସ ଏବଂ ଜିପିସିଆଇ ହିରୋଜ୍ ମଧ୍ୟ ବର୍ଷା ପାଇଁ ବାତିଲ ହୋଇଛି। ଉଭୟ ଦଳକୁ ୧ପଏଣ୍ଟ ଲେଖାଏଁ ଦିଆଯାଇଛି। ଜିପିସିଆଇ ହିରୋଜ୍ ୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ନିଜକୁ ପକ୍କା କରିଛି। ଆସନ୍ତାକାଲି ଜିଡିସି ବ୍ଲାଷ୍ଟର୍ସ ଏବଂ ପାରାଦୀପ ସୁପର୍ କିଙ୍ଗସ୍ ମଧ୍ୟରେ ଏକ ନିର୍ଣ୍ଣାୟକ ମ୍ୟାଚ ହବାକୁ ଯାଉଛି। ଏହି ମ୍ୟାଚର ଫଳାଫଳ ଚତୁର୍ଥ ଦଳକୁ ମନୋନୀତ କରିବ।

ପଏଣ୍ଟ ଭାଗଭାଗ



## ଆନ୍ତଃବିଭାଗ ଓ କର୍ପୋରେଟ୍ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ



ପାରାଦୀପ, ୮।୪ (ସମିସ): ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ଆଜି ଷଷ୍ଠ ଆନ୍ତଃ-ବିଭାଗ କ୍ରିକେଟ୍ ପ୍ରତିଯୋଗିତା ଏବଂ ପଞ୍ଚମ କର୍ପୋରେଟ୍ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ପିପିଏର ଉପାଧ୍ୟକ୍ଷ ଟି. ଭେଣୁଗୋପାଳ, ପିପିଏର ପରାମର୍ଶଦାତା (ଟ୍ରାଫିକ୍) ଏକେ ବୋଷ, ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଏହି ଆନ୍ତଃ-ବିଭାଗ ଟୁର୍ଣ୍ଣାମେଣ୍ଟରେ ପ୍ରଶାସନ, ସତର୍କତା, ଅର୍ଥ, ଇଞ୍ଜିନିୟରିଂ, ଚିକିତ୍ସା, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ, ଟ୍ରାଫିକ୍ ଏବଂ ମେରାଇନ୍ ସମେତ ବିଭିନ୍ନ ବିଭାଗ ଅଂଶଗ୍ରହଣ କରୁଛନ୍ତି। କର୍ପୋରେଟ୍ ଟୁର୍ଣ୍ଣାମେଣ୍ଟରେ ଆଇଓସିଏଲ, ଇଫ୍‌କୋ, ଆଦାନୀ ୱିଲମାର, ଭାରତୀୟ ତଟରକ୍ଷୀ ବାହିନୀ, ପାରାଦୀପ ପୁଲିସ, ରେଳବାଇ (ପାରାଦୀପ) ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଭଳି ପ୍ରମୁଖ ସଂଗଠନର ଦଳଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି। ଗୋପବନ୍ଧୁ କ୍ରୀଡା ସଂସଦ ଦ୍ୱାରା ଆୟୋଜିତ, ମ୍ୟାଚ୍‌ଗୁଡ଼ିକ ସନ୍ଧ୍ୟାରେ ଫ୍ଲଡ୍ ଲାଇଟ୍ ତଳେ ଅନୁଷ୍ଠିତ ହେଉଛି। ଆନ୍ତଃ-ବିଭାଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୧୩ ଏପ୍ରିଲରେ ଶେଷ ହେବ। ଉଭୟର ଉଦ୍‌ଯାପନୀ ସମାରୋହ ୧୯ ଏପ୍ରିଲରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ଏଚ୍‌ଏସ୍ ରାଉତ, ମୁଖ୍ୟ ଇଞ୍ଜିନିୟର ଏବଂ ସଭାପତି, ଜିକେଏସ ଏବଂ ଡ. ଡିପି ସେଠୀ, ବରିଷ୍ଠ ଉପ-ସିଏମଓ ଏବଂ କାର୍ଯ୍ୟକାରୀ ସଭାପତି, ଜିକେଏସଙ୍କ ନେତୃତ୍ୱରେ ପରିଚାଳିତ ହେଉଛି।

## ଜିଲ୍ଲା ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଜଗତସିଂହପୁର,୮।୪(ସମିସ)




ଜଗତସିଂହପୁର ଜିଲ୍ଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟ/ସଦସ୍ୟା ମାନେ ଆଜି ଶପଥ ଗ୍ରହଣ କରିଛନ୍ତି। ପ୍ରାରମ୍ଭରେ ପୂର୍ବତନ ସଂପାଦକ ପ୍ରସନ୍ନ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ନନ୍ଦ ଫଳାଫଳ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାର୍ କାଉନସିଲ୍ ଓଡ଼ିଶାର ମେମ୍ବର ଆଇନଜୀବୀ ଦୀନେଶ୍ ଚନ୍ଦ୍ର ରାୟ ଯୋଗ ଦେଇଥିଲେ। ପୂର୍ବତନ ସଭାପତି ସୁବାସ ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି, ଗୋରାଚାନ୍ଦ କାନୁନଗୋ ଏବଂ ଅତୁଲ୍ୟ ଚନ୍ଦ୍ର ଦାସ ପ୍ରମୁଖ ଶପଥ ପାଠ କରାଇବା ସହ ଅଭିଭାଷଣ ରଖିଥିଲେ। ନୂତନ ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ ଏବଂ ଅନ୍ୟ କର୍ମକର୍ତ୍ତାମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ନୂତନ ସଂପାଦକ ସରୋଜ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ଜିଲ୍ଲା ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଓକିଲ ରବୀନ୍ଦ୍ର କୁମାର ସ୍ୱାଇଁ ଏବଂ ସମ୍ପାଦକ ଭାବେ ଯୁବ ଓକିଲ ସରୋଜ କୁମାର ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ସେହିପରି ଉପ ସଭାପତି ଭାବେ ସୂର୍ଯ୍ୟନାରାୟଣ ଦାସ, ଯୁଗ୍ମ ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ରାଉତ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରକାଶ ଚନ୍ଦ୍ର ରାୟ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଦିତ୍ୟ କୁମାର ବେହେରା, ରୋଜାଲୀନ ସାହୁ, ରୋଜାଲୀନ ଲେଙ୍କା, କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ ଏବଂ ରାଜଶ୍ରୀ ମହାନ୍ତି ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶେଖ ଖୁର୍ସିଦ ଅଲ୍ଲୀ, ପାର୍ଥ ସାରଥୀ ଦାସ, ଯଦୁମଣି ବିଶ୍ୱାଳ, ଚନ୍ଦ୍ରଶେଖର ନାୟକ ଏବଂ ତ୍ରିଲୋଚନ ସାହୁ ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।